ପୃଷ୍ଠା-୮+୮ 48 ୪୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୨/୨୦୨୧ (୮+୮=୧୬ ପୃଷ୍ଠା) | Bhubaneswar, Thursday, December 2/2021 | ★★★★

୪୮ଶ ଭାଗ ୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-



**ଟେଷ୍ଟ ର୍ୟାଙ୍କିଙ୍ଗ୍‌ରେ ଆୟାରଙ୍କ ଏଣ୍ଟ୍ରି**

ଭାରତର ଶ୍ରେୟାସ ଆୟାର ପ୍ରଥମଥର ପାଇଁ ଆଇସିସି ଟେଷ୍ଟ ର୍ୟାଙ୍କିଙ୍ଗ୍‌ର ବ୍ୟାଟିଂ ତାଲିକାରେ ସ୍ଥାନ ପାଇଛନ୍ତି।

୦୮

୦୪

**ୟୁପିରେ ଜୁକରବର୍ଗଙ୍କ ବିରୋଧରେ ମାମଲା ରୁଜୁ**

ଏସ୍‌ପି ମୁଖ୍ୟ ଅଖିଳେଶ ଯାଦବଙ୍କ ବିରୋଧରେ ଏକ ପୋଷ୍ଟକୁ ନେଇ ଫେସ୍‌ବୁକ୍ ସିଇଓ ମାର୍କ ଜୁକରବର୍ଗଙ୍କ ନାଁରେ ୟୁପିର ଏକ କୋର୍ଟରେ ମାମଲା ରୁଜୁ କରାଯାଇଛି।



## ୧୫ରୁ ଉଡ଼ିବନି ଅନ୍ତର୍ଜାତୀୟ ବିମାନ



**ସ୍ଥଗିତ ରହିଲା ପୂର୍ବ ଘୋଷଣା**

ନୂଆଦିଲ୍ଲୀ, ୧।୧୨(ପି.ଟି.)

ଡିସେମ୍ବର ୧୫ରୁ ଅନ୍ତର୍ଜାତୀୟ ବିମାନ ସେବା ସ୍ୱାଭାବିକ କରିବା ଲାଗି ସରକାର ପୂର୍ବରୁ ଘୋଷଣା କରିଥିଲେ। ଏବେ କୋଭିଡ୍-୧୯ର ଓମିକ୍ରନ୍ ଭାରିଆଣ୍ଟକୁ ନେଇ ଚିନ୍ତା ବଢ଼ିଥିବାରୁ ଅନ୍ତର୍ଜାତୀୟ ବିମାନ ଚଳାଚଳ ନିଷ୍ପତ୍ତିକୁ ସ୍ଥଗିତ ରଖିବା ଲାଗି ବୁଧବାର ସରକାର ନିଷ୍ପତ୍ତି ନେଇଛନ୍ତି। ଅନ୍ତର୍ଜାତୀୟ ଯାତ୍ରୀ ସେବା କେବେ ଆରମ୍ଭ ହେବ ତାହା ଉପଯୁକ୍ତ ସମୟରେ ବିଜ୍ଞପ୍ତି ଜରିଆରେ ଜଣାଇ ଦିଆଯିବ ବୋଲି ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ପକ୍ଷରୁ କୁହାଯାଇଛି। କରୋନା ମହାମାରୀ ଯୋଗୁ ୨୦୨୦ ମାର୍ଚ୍ଚ ୨୩ରୁ ଅନ୍ତର୍ଜାତୀୟ ବିମାନ ସେବା ବନ୍ଦ ରହିଥିଲା। ଜୁଲାଇରୁ ଅଳ୍ପ କେତେକ ଦେଶ ସହ ସ୍ୱତନ୍ତ୍ର ଆୟୋଜନରେ ଅସ୍ଥାୟୀ ଭାବେ ଅନ୍ତର୍ଜାତୀୟ ବିମାନ ସେବା ଆରମ୍ଭ ହୋଇଥିଲା। ଏବେ ୩୧ଟି ଦେଶ ସହ କଟକଣା ମଧ୍ୟରେ ଏଭଳି ବିମାନ ଚଳାଚଳ ଜାରି ରହିଛି। ଦକ୍ଷିଣ ଆଫ୍ରିକାରେ ପ୍ରଥମେ ଚିହ୍ନଟ ☞ପୃଷ୍ଠା-୪

# ବିଧାନସଭାରେ ମମିତା ତାତି

- ଗୃହ ରାଷ୍ଟ୍ରମନ୍ତ୍ରୀଙ୍କୁ ବିରୋଧ
- ପ୍ରବେଶ ଦ୍ୱାରରେ ତାଲା ପକାଇ ଜଗିଲା କଂଗ୍ରେସ

ଭୁବନେଶ୍ୱର, ୧।୧୨(ବ୍ୟୁରୋ)





ମମିତା ହତ୍ୟା ମାମଲାରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ବରଖାସ୍ତ ଓ ଗିରଫ ଦାବିରେ ବିଧାନସଭା ପ୍ରବେଶ ଦ୍ୱାରରେ କଂଗ୍ରେସ ସଦସ୍ୟଙ୍କ ଧରଣା।

କଳାହାଣ୍ଡି ମହାଲିଙ୍ଗ ସ୍କୁଲ ଅଧକ୍ଷା ମମିତା ମେହେର ହତ୍ୟା ଘଟଣାକୁ ନେଇ ବୁଧବାର ବିଧାନସଭା ହୁଲସ୍ଥୁଲ ହୋଇଛି। ଶୀତକାଳୀନ ଅଧିବେଶନ ଆରମ୍ଭରୁ ଏକ ଭିନ୍ନ ପରିବେଶ ଦେଖିବାକୁ ମିଳିଥିଲା। ପୂର୍ବ ଘୋଷଣା ଅନୁଯାୟୀ କଂଗ୍ରେସ ସଦସ୍ୟମାନେ ୧୦ଟା ୩୦ ମିନିଟ୍ ପୂର୍ବରୁ ଆସି ବିଧାନସଭାର ଦୁଇଟି ମୁଖ୍ୟ ପ୍ରବେଶ ଦ୍ୱାରକୁ ବନ୍ଦ କରି ହାତରେ ପ୍ଲାକାର୍ଡ ଧରି ଗୃହ ରାଷ୍ଟ୍ରମନ୍ତ୍ରୀଙ୍କୁ ଜଗି ରହିଥିଲେ। ସମ୍ମୁଖ ଗେଟ୍ ଆଗରେ ବିଧାୟକ ସୁରେଶ ରାଉତରାୟ, ସନ୍ତୋଷ ସିଂ ସାଲୁଜାଙ୍କ ସମେତ ୪ଜଣ ସଦସ୍ୟ ଜଗି ରହିଥିବା ବେଳେ ପଛ ଗେଟ୍‌ରେ ରମେଶ ଜେନା, ମହମ୍ମଦ ମୋକିମ, ତାରାପ୍ରସାଦ ବାହିନୀପତି ପ୍ଲାକାର୍ଡ ଧରି ବସି ରହିଥିଲେ। ସେମାନେ ମନ୍ତ୍ରୀ ଓ ସରକାରଙ୍କ ବିରୋଧରେ ନାରାବାଜି ଦେଇଥିଲେ। ଏପରି କି ବିଧାନସଭା ପ୍ରବେଶ ଦ୍ୱାରକୁ ତାଲା ପକାଇ ଦେଇଥିଲେ। ପରିସ୍ଥିତି ଏପରି ହୋଇଥିଲା ଯେ, ବିଧାନସଭା ଭିତରକୁ କୌଣସି ସଦସ୍ୟ କିମ୍ବା କର୍ମଚାରୀ ପ୍ରବେଶ କରିପାରି ନ ଥିଲେ। ଶେଷରେ କର୍ମଚାରୀମାନେ ତାଲା ଭାଙ୍ଗି ଗେଟ୍ ଖୋଲିଥିଲେ। ଅନ୍ୟପକ୍ଷରେ ଭାଜପା ସଦସ୍ୟମାନେ ମନ୍ତ୍ରୀ ଦିବ୍ୟଶଙ୍କରଙ୍କୁ ବିଧାନସଭାକୁ ଆସିବା ପାଇଁ ଅନୁମତି ନ ଦେବାକୁ ବାଚସ୍ପତିଙ୍କୁ ସାକ୍ଷାତ କରି ଅନୁରୋଧ କରିଥିଲେ। ପୂର୍ବାହ୍ନ ୧୧ଟାରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ସ୍ୱର୍ଗତ ପୂର୍ବତନ ଉପବାଚସ୍ପତି ପ୍ରହ୍ଲାଦ ଦୋରାଙ୍କ ସମେତ ପୂର୍ବତନ ସଦସ୍ୟ, ସିପାହୀ ଏବଂ କରୋନା ଯୋଦ୍ଧାଙ୍କ ବିୟୋଗରେ ଶୋକ ପ୍ରସ୍ତାବ ଆଗତ କରିଥିଲେ। ଶୋକ ପ୍ରସ୍ତାବ ଥିବାରୁ ବିରୋଧୀ ସଦସ୍ୟମାନେ ହଟ୍ଟଗୋଳ କରି ନ ଥିଲେ। ଶୋକ ପ୍ରସ୍ତାବ ଆଲୋଚନା ପରେ ବାଚସ୍ପତି ଗୃହକୁ ୧୧ଟା ୨୦ରୁ ଅପରାହ୍ନ ୫ଟା ଯାଏ ମୁଲତବୀ ଘୋଷଣା କରିଥିଲେ। ଫଳରେ ପ୍ରଥମାର୍ଦ୍ଧରେ ଗୃହ ଭିତରେ ଗର୍ଜନ କରିବାକୁ ବିରୋଧୀଙ୍କୁ ମୌକା ମିଳି ନ ଥିଲା। ☞ପୃଷ୍ଠା-୪

# ୨ ମିନିଟ୍‌ରେ ୨୦ ହଜାର କୋଟିର ଅତିରିକ୍ତ ବଜେଟ

- ପ୍ରବଳ ହଟ୍ଟଗୋଳ ମଧ୍ୟରେ ଆଗତ ହେଲା
- ପାନୀୟ ଜଳ, ଭିତ୍ତିଭୂମି, ସାମାଜିକ ସୁରକ୍ଷାକୁ ଗୁରୁତ୍ୱ
- ପ୍ରଶାସନିକ ଖର୍ଚ୍ଚ ୪,୫୭୭ କୋଟି
- କାର୍ଯ୍ୟକ୍ରମ ବାବଦରେ ୧୩,୫୬୮ କୋଟି
- ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ପାଇଁ ୧,୬୮୨ କୋଟି
- କୃଷକ କଲ୍ୟାଣ ଲାଗି ୨,୧୪୭ କୋଟି
- କାଳିଆ ଯୋଜନାକୁ ୨୭.୮୫ କୋଟି

ଭୁବନେଶ୍ୱର, ୧।୧୨(ବ୍ୟୁରୋ)

ଓଡ଼ିଶା ବିଧାନସଭାର ଶୀତକାଳୀନ ଅଧିବେଶନର ପ୍ରଥମ ଦିନ ବୁଧବାର ଆଗତ ହୋଇଛି ୨୦ ହଜାର କୋଟି ଟଙ୍କାର ଅତିରିକ୍ତ ବଜେଟ୍। ମମିତା ମେହେର ହତ୍ୟାକାଣ୍ଡ ଘଟଣାରେ ବିରୋଧୀଙ୍କ ହଟ୍ଟଗୋଳରେ ଗୃହ କମ୍ପୁଥିବାବେଳେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଅପରାହ୍ନରେ ଏହାକୁ ଉପସ୍ଥାପନ କରିଥିଲେ। ବିନା ଆଲୋଚନାରେ ମାତ୍ର ୨ ମିନିଟ୍ ମଧ୍ୟରେ ଏହାକୁ ଉପସ୍ଥାପନ କରାଯାଇଥିଲା। ରାଜ୍ୟ ସରକାର ୨୦୨୧-୨୨ ଆର୍ଥିକ ବର୍ଷ ଲାଗି ୧୯ ହଜାର ୮୩୩ କୋଟି ଟଙ୍କାର ଅତିରିକ୍ତ ବଜେଟ ପ୍ରସ୍ତୁତ କରିଛନ୍ତି। ୨୦୨୧-୨୨ ଆର୍ଥିକ ବର୍ଷର ମୂଳ ବଜେଟ ୧.୭ ଲକ୍ଷ କୋଟି ଟଙ୍କା ହୋଇଥିବା ବେଳେ ଅତିରିକ୍ତ ବଜେଟର ଆକାର ଏହାର ୧୧.୬୭%। ଆଗାମୀ ପଞ୍ଚାୟତ, ପୌର ନିର୍ବାଚନକୁ ଫୋକସ କରି ରାଜ୍ୟ ସରକାର ଉଭୟ ସହର ଏବଂ ଗ୍ରାମାଞ୍ଚଳର ଭିତ୍ତିଭୂମି, ପାନୀୟ ଜଳ, ଜୀବନଜୀବିକା ଉପରେ ଗୁରୁତ୍ୱ ଦେଇଛନ୍ତି। ଏଥିସହିତ କୃଷି, ଖାଦ୍ୟ ନିରାପତ୍ତା, ଜଳସେଚନ, ଆଦିବାସୀଙ୍କ ବିକାଶ, ବୈଷୟିକ ଜ୍ଞାନ କୌଶଳ, ଐତିହ୍ୟର ବିକାଶକୁ ମଧ୍ୟ ପ୍ରାଧାନ୍ୟ ଦିଆଯାଇଛି। ଆଗତ ହୋଇଥିବା ଅତିରିକ୍ତ ବଜେଟରେ ପ୍ରଶାସନିକ ଖର୍ଚ୍ଚ ପାଇଁ ୪,୫୭୭ କୋଟି, ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** | ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଅସମାନତା



# 'ରାୟଗଡ଼ା, କୋରାପୁଟକୁ ଭିଷ୍ଟାଡୋମ୍ କୋଚ୍ ଦିଅ'

## କେନ୍ଦ୍ରକୁ ମାଗିଲେ ସପ୍ତଗିରି

**ନୂଆଦିଲ୍ଲୀ,୧।୧୨**

କୋରାପୁଟ୍ ଓ ରାୟଗଡ଼ା ଜିଲାରେ ପର୍ଯ୍ୟଟନର ବିକାଶ ଲାଗି ଭିଷ୍ଟାଡୋମ୍ କୋଚ୍ ଚଳାଚଳ କରାଇବା ଜରୁରୀ। ତେଣୁ ରେଳ ମନ୍ତ୍ରଣାଳୟ ଏହି ଦୁଇ ଜିଲା ପାଇଁ ଭିଷ୍ଟାଡୋମ୍ କୋଚ୍ ଦେଉ ବୋଲି ବୁଧବାର ଲୋକ ସଭାରେ କୋରାପୁଟର କଂଗ୍ରେସ ସଦସ୍ୟ ସପ୍ତଗିରି ଉଲ୍ଲାକା ଦାବି କରିଛନ୍ତି। ଲୋକ ସଭାରେ ଶୂନ୍ୟକାଳରେ ଉଲ୍ଲାକା କହିଥିଲେ, କୋରାପୁଟ ଓ ରାୟଗଡ଼ା ଜିଲାର ପ୍ରାକୃତିକ ସ୍ଥାନଗୁଡ଼ିକରେ ଜଳପ୍ରପାତ ଏବଂ ସବୁଜିମା ଭରି ରହିଛି। ଭିଷ୍ଟାଡୋମ୍ କୋଚ୍ ଚଳାଇଲେ ଏହି ସ୍ଥାନଗୁଡ଼ିକର ପର୍ଯ୍ୟଟନ ବିକଶିତ ହୋଇପାରିବ। ବର୍ତ୍ତମାନ ବିଶାଖାପାଟଣା-ଆରାକୁ ଭିଷ୍ଟାଡୋମ୍ କୋଚ୍ ଚାଲୁଛି। ଏହାକୁ କୋରାପୁଟ ପର୍ଯ୍ୟନ୍ତ ଚଳାଇବା ପାଇଁ ଆମେ ରେଳ ମନ୍ତ୍ରଣାଳୟକୁ ଅନୁରୋଧ କରିଛୁ। ସେହିପରି ଗୁଣପୁର-ଥେରୁବାଲି ରେଳପଥକୁ ନୂଆକରି ବିକଶିତ କରାଯାଉ। ଏହି ପ୍ରକଳ୍ପକୁ ପାଣ୍ଠି ଯୋଗାଣରେ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ମଧ୍ୟରେ ମତଭେଦ ରହିଛି। ଯଥାଶୀଘ୍ର ସମ୍ଭବ ଏହାକୁ ଅନୁମୋଦନ କରି ରାଜ୍ୟ ସରକାରଙ୍କ ପକ୍ଷରୁ ଏକ କମିଟି ଗଠନ କରାଯାଉ। ଦୀର୍ଘଦିନରୁ ପଡ଼ିରହିଥିବା ରାୟଗଡ଼ା ରେଲୱେ ଡିଭିଜନ୍ କାର୍ଯ୍ୟ ଆରମ୍ଭ କରାଯାଉ ବୋଲି ସପ୍ତଗିରି ଦାବି କରିଥିଲେ।


ସପ୍ତଗିରି ଉଲ୍ଲାକା

## ଶୀତଳାପଲ୍ଲୀ ରେଳୱାଗନ୍ ୟୁନିଟ୍ ପ୍ରସ୍ତାବ ପଥଚ୍ୟୁତ

**ନୂଆଦିଲ୍ଲୀ,୧।୧୨**

ଗଞ୍ଜାମ ଜିଲାର ଶୀତଳାପଲ୍ଲୀଠାରେ ଏକ ରେଳୱାଗନ୍ କାରଖାନା ପ୍ରତିଷ୍ଠା ପାଇଁ ୨୦୧୧-୧୨ରେ ତତ୍କାଳୀନ ରେଳମନ୍ତ୍ରୀ ମମତା ବାନାର୍ଜୀ ପ୍ରସ୍ତାବ ଦେଇଥିଲେ। ୱାଗନ୍‌ର ଚାହିଦା ନ ଥିବାରୁ ୨୦୧୭ରେ ଏହି ପ୍ରକଳ୍ପ ପଥଚ୍ୟୁତ ହୋଇଯାଇଛି। କାରଣ କେନ୍ଦ୍ର ସରକାର ଏହାକୁ ନେଇ ୟୁ-ଟର୍ନ କରିଛନ୍ତି। ଲୋକ ସଭାରେ ବୁଧବାର ବିଜେଡି ଏମ୍‌ପି ଅଚ୍ୟୁତାନନ୍ଦ ସାମନ୍ତଙ୍କ ପ୍ରଶ୍ନର ଉତ୍ତରରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଶୀତଳାପଲ୍ଲୀରେ ରେଳୱାଗନ୍ କାରଖାନା ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାରଙ୍କ କୌଣସି ଯୋଜନା ନାହିଁ। ରେଳପଥ ପାଇଁ ୱାଗନ୍‌ର ଚାହିଦା ନ ଥିବାରୁ ଏହାର ଆବଶ୍ୟକତା ମଧ୍ୟ ନାହିଁ। ବର୍ତ୍ତମାନ ଦେଶରେ ୱାଗନ୍ ନିର୍ମାଣ କ୍ଷମତା ପର୍ଯ୍ୟାପ୍ତ ରହିଛି। ପ୍ରକାଶ ଯେ, ଗତ ସେପ୍ଟେମ୍ବରରେ ରେଳମନ୍ତ୍ରୀ ବୈଷ୍ଣବଙ୍କ ବ୍ରହ୍ମପୁର ଗସ୍ତବେଳେ ବିଭିନ୍ନ ସଙ୍ଗଠନ ଓ ସ୍ଥାନୀୟ ବୁଦ୍ଧିଜୀବୀମାନେ ଶୀତଳାପଲ୍ଲୀରେ ରେଳୱାଗନ୍ କାରଖାନା ପ୍ରତିଷ୍ଠା ପାଇଁ ଦାବି କରିଥିଲେ। ଫଳରେ ଏହି ଦଶନ୍ଧି ପୁରୁଣା ପ୍ରକଳ୍ପ ଉପରେ ବିଚାର କରିବାକୁ ମନ୍ତ୍ରଣାଳୟ ନିଷ୍ପତ୍ତି ନେଇଥିଲା।

## ପାର୍ଲାମେଣ୍ଟରେ ଅଚଳାବସ୍ଥା ଜାରି

୧୨ ଏମ୍‌ପିଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହାର ଦାବିରେ କ୍ରମାଗତ ତୃତୀୟ ଦିନ ଧରି ଉଭୟ ଲୋକ ସଭା ଓ ରାଜ୍ୟ ସଭାରେ ଅଚଳାବସ୍ଥା ଜାରି ରହିଛି। ବିରୋଧୀଙ୍କ ହଟ୍ଟଗୋଳ ମଧ୍ୟରେ ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖଲାଲ୍ ମାଣ୍ଡବ୍ୟ ନିମ୍ନ ସଦନରେ କ୍ଲିନିକ୍‌ଗୁଡ଼ିକୁ ନିୟନ୍ତ୍ରଣ କରିବା ପାଇଁ ଉଦ୍ଦିଷ୍ଟ ଆସିଷ୍ଟେଡ୍ ରିପ୍ରଡକ୍ଟିଭିଟି ଟେକ୍ନୋଲୋଜି ବିଲ୍ ଆଗତ କରିଥିଲେ। ଉକ୍ତ ବିଲ୍‌କୁ ୨୦୨୦ ସେପ୍ଟେମ୍ବରରେ ଆଗତ କରାଯାଇଥିବାବେଳେ ଗୃହ ଷ୍ଟାଣ୍ଡିଂ କମିଟିକୁ ପଠାଇଦେଇଥିଲା। ଗତ ମାର୍ଚ୍ଚରେ ଷ୍ଟାଣ୍ଡିଂ କମିଟି ରିପୋର୍ଟ ଦାଖଲ କରିଥିଲା। ଶୂନ୍ୟକାଳରେ ଭାଜପା ସଦସ୍ୟ ନିଶିକାନ୍ତ ଦୁବେ ଦେଶରେ ଏକକ ଦେୱାନୀ ସଂହିତା ଲାଗୁ କରିବାକୁ ଦାବି କରିଥିଲେ। ରାଜ୍ୟ ସଭାରେ ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀ ସଦସ୍ୟମାନେ ୧୨ ନିଲମ୍ବିତ ଏମ୍‌ପିଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହାର ଦାବିରେ ପ୍ରବଳ ହଟ୍ଟଗୋଳ କରିଥିଲେ। ଫଳରେ ଗୃହକାର୍ଯ୍ୟକୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଥିଲା। ରାଜ୍ୟ ସଭାରେ ଜଳଶକ୍ତିମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ୍ ଡ୍ୟାମ୍ ସୁରକ୍ଷା ବିଲ୍, ୨୦୧୯ ଆଗତ କରି ବକ୍ତବ୍ୟ ରଖୁଥିବାବେଳେ ବିରୋଧୀ ସଦସ୍ୟମାନେ ତାଙ୍କୁ କହିବାକୁ ଦେଇ ନ ଥିଲେ। ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ କହିଥିଲେ, ନିଲମ୍ବନ ନ ହଟାଇବା ଯାଏ କୌଣସି ପ୍ରସଙ୍ଗ ଉଠାଯାଇପାରିବ ନାହିଁ। ଗୃହର ଅଧ୍ୟକ୍ଷ ଏମ୍. ଭେଙ୍କାୟା ନାଇଡୁ କହିଥିଲେ, ସେମାନଙ୍କ କାର୍ଯ୍ୟ ଅଗଣତାନ୍ତ୍ରିକ ହୋଇଥିବାରୁ ନିଲମ୍ବନ ପ୍ରତ୍ୟାହାର କରାଯିବ ନାହିଁ।

# ବଙ୍ଗୋମୁଣ୍ଡା ଥାନା ଅଧିକାରୀ ଗିରଫ

**ବଲାଙ୍ଗୀର ଅଫିସ, ୧।୧୨**

ଭିଜିଲାନ୍ସ ହାବୁଡ଼ରେ ପଡ଼ିଥିବା ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ଥାନାଧିକାରୀ ବିନୋଦ ବିହାରୀ ନାୟକଙ୍କୁ ବୁଧବାର ଗିରଫ କରାଯାଇଛି। ମଙ୍ଗଳବାର ବରଗଡ଼ ବରହାଗୋଡ଼ା ଚେକ୍‌ଗେଟ୍ ନିକଟରେ ଥାନାଧିକାରୀ ନାୟକଙ୍କ କାର୍‌କୁ ଅଟକାଇ ଭିଜିଲାନ୍ସ ଟିମ୍ ଯାଞ୍ଚ କରିବା ପରେ ସିଟ୍ ତଳୁ ୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜବତ ହୋଇଥିଲା। ଉକ୍ତ ଟଙ୍କା ସମ୍ପର୍କରେ ସେ କୌଣସି ସନ୍ତୋଷଜନକ ସୂଚନା ଦେଇପାରି ନ ଥିଲେ। ମଙ୍ଗଳବାର ରାତିରୁ ଭିଜିଲାନ୍ସ ଟିମ୍ ପକ୍ଷରୁ ତାଙ୍କ ବଙ୍ଗୋମୁଣ୍ଡା ସରକାରୀ ବାସଭବନରେ ଚଢ଼ାଉ କରାଯାଇଥିଲା। ବୁଧବାର ସନ୍ଧ୍ୟା ସୁଦ୍ଧା ନାୟକଙ୍କ ସରକାରୀ ବାସଭବନରୁ ଭିଜିଲାନ୍ସ ଟିମ୍ ୩ ଲକ୍ଷ ୮୦ ହଜାର ଟଙ୍କା ଜବତ କରିଛି। କେଉଁଠାରୁ ଥାନାଧିକାରୀ ଏତେ ପରିମାଣର ଟଙ୍କା ପାଇଥିଲେ ତାହା ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ବେଆଇନ ଭାବେ ଦାଦନ ଶ୍ରମିକ ଚାଲାଣ କରିବା ପାଇଁ ଜଣେ ଦାଦନ ସର୍ଦ୍ଦାରଙ୍କଠାରୁ ମୋଟା ଅଙ୍କର ଟଙ୍କା ଗ୍ରହଣ କରିଥିବା ଚର୍ଚ୍ଚାର ବିଷୟ ହୋଇଛି। ଏ ସଂକ୍ରାନ୍ତରେ ଭିଜିଲାନ୍ସ ବିଭାଗ ନିର୍ଦ୍ଦିଷ୍ଟ ଖବର ପାଇବା ପରେ ଥାନାଧିକାରୀ ନାୟକଙ୍କ ଉପରେ କଡ଼ା ନଜର ରଖିଥିଲା। ନାୟକଙ୍କ କାର୍‌ରୁ ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜବତ ହେବା ପରେ ବଙ୍ଗୋମୁଣ୍ଡା, ସମ୍ବଲପୁର ଜିଲା କୁଚିଣ୍ଡାସ୍ଥିତ ବାସଭବନ ଓ ଦେବଗଡ଼ ଜିଲା ରିଆମାଳସ୍ଥିତ ତାଙ୍କ ପୈତୃକ ଘରେ ଏକକାଳୀନ ଚଢ଼ାଉ କରିଥିଲା।


ବିନୋଦ ବିହାରୀ ନାୟକ


ଆସନ୍ତା ନବବର୍ଷ ୨୦୨୨ ନୟାଗଡ଼ ଜିଲାବାସୀଙ୍କ ପାଇଁ ସୁଖ, ସମୃଦ୍ଧି, ପ୍ରଗତିର ବର୍ଷ ହେଉ। ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଲକ୍ଷ୍ମୀଧର ନାୟକ
ଲେଙ୍କୁଡ଼ିପଡ଼ା, ନୟାଗଡ଼

'ଧରିତ୍ରୀ'ର ୪୮ତମ ଜନ୍ମ ବାର୍ଷିକୀ ଉପଲକ୍ଷେ ଆନ୍ତରିକ ଶୁଭେଚ୍ଛା।
ଏ ଅବସରରେ ବୁଗୁଡ଼ା ବ୍ଲକ୍‌ର ସମସ୍ତ ଜନସାଧାରଣଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ।
ବିଜୁ ଜନତା ଦଳ
ଶ୍ରୀମତୀ ମାମି ସେନାପତି
ବୁଗୁଡ଼ା ବ୍ଲକ୍ ଅଧ୍ୟକ୍ଷା, ବୁଗୁଡ଼ା(ଗଞ୍ଜାମ)

Best wishes to 48th Birth Anniversary of Dharitri Oriya Daily Newspaper
Admission Start from L.K.G. to Class 9th for 2022-23.
SOVANIYA PUBLIC SCHOOL 2013 BUGUDA (GM)
Sri U. Aurobinda Patro
Secretary
Sovaniya Public School
Buguda, Motabadi Road
Contact No.: 9937025014

ନିରପେକ୍ଷ ଦୈନିକ ଓଡ଼ିଆ ଖବରକାଗଜ ଧରିତ୍ରୀର ୪୮ତମ ସ୍ୱନକ୍ଷତ୍ର ଦିବସ ଅବସରରେ ବରୀ ଅଞ୍ଚଳର ସମସ୍ତ ଶିକ୍ଷାବିତ୍, ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କୁ ଅନେକ ଅନେକ ଅଭିନନ୍ଦନ।
ସୁଦର୍ଶନ ମଲ୍ଲିକ
ଶିକ୍ଷା ମଣ୍ଡଳ ଅଧିକାରୀ, ବରୀ

ଇନ୍ଦ୍ରମଣି ମଲ୍ଲିକ (ବାପି)
ଯୁବ ସମାଜସେବୀ
ଅନ୍ୟାସୀପୁର ଗ୍ରାମପଞ୍ଚାୟତ
ଧରିତ୍ରୀର ୪୮ତମ ଜନ୍ମ ବାର୍ଷିକୀ ଅବସରରେ ଅନ୍ୟାସୀପୁର ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।

ଧରିତ୍ରୀର ସ୍ୱନକ୍ଷତ୍ର ଦିବସ ଅବସରରେ ବାଲିଆ ଗ୍ରା.ପ.ର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ରତିରଞ୍ଜନ ଜେନା(ଟୁକୁଲି)
ବାଲିଆ ଗ୍ରା.ପ.

ନିରପେକ୍ଷ ଖବରକାଗଜ ଧରିତ୍ରୀର ୪୮ତମ ସ୍ୱନକ୍ଷତ୍ର ଦିବସ ପାଳନ ଉପଲକ୍ଷେ ମନ୍ଦାରୀ ପଞ୍ଚାୟତର ସମସ୍ତ ଗୁରୁଜନ ଓ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।
ବିଜୁ ଜନତା ଦଳ
କବିତା ପଣ୍ଡା, ସରପଞ୍ଚ
ମନ୍ଦାରୀ ଗ୍ରାମ ପଞ୍ଚାୟତ
ସୁନନ୍ଦା ଦାସ

ମାନ ଗୋବିନ୍ଦ ସାମଲ (କୁନୁ)
ଯୁବ ସମାଜସେବୀ,
ବାଲିବିଲ ଗ୍ରାମ ପଞ୍ଚାୟତ
ବିଜୁ ଜନତା ଦଳ
ବିଶ୍ୱରଞ୍ଜନ ମଲ୍ଲିକ
ଦୈନିକ ଓଡ଼ିଆ ଖବରକାଗଜ ଧରିତ୍ରୀର ପବିତ୍ର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ବାଲିବିଲ ଗ୍ରାମପଞ୍ଚାୟତର ସମସ୍ତ ଭାଇ, ଭଉଣୀ ଓ ଗୁରୁଜନମାନଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ।

'ଧରିତ୍ରୀ' ଖବରକାଗଜର ୪୮ତମ ସ୍ୱନକ୍ଷତ୍ର ଅବସରରେ ଧରିତ୍ରୀ ପରିବାରକୁ ହାର୍ଦ୍ଦିକ ଶୁଭେଚ୍ଛା। ଏହି ଅବସରରେ ଖୋଲଖାଲି ପଞ୍ଚାୟତର ସର୍ବସାଧାରଣଙ୍କୁ ଆନ୍ତରିକ ଅଭିନନ୍ଦନ।
ବିଜୁ ଜନତା ଦଳ
ଶ୍ରୀ ସୂର୍ଯ୍ୟମଣି ଗୌଡ଼
ସରପଞ୍ଚ
ଖୋଲଖାଲି ଗ୍ରାମପଞ୍ଚାୟତ (ବୁଗୁଡ଼ା ବ୍ଲକ୍)

୪୮ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଧରିତ୍ରୀର ଉତ୍ତରୋତ୍ତର କାମନା କରୁଛି। ଏଥିସହ କଲେଜର ସମସ୍ତ ଛାତ୍ରୀଛାତ୍ର, ଅଧ୍ୟାପକ, କର୍ମଚାରୀ, ଛାତ୍ର ଅଭିଭାବକ ଓ ଶିକ୍ଷାପ୍ରେମୀ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜ୍ଞାପନ କରୁଛି। ରାଜ୍ୟରେ କଲେଜକୁ ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବରେ ଗଢ଼ି ତୋଳିବା ପାଇଁ ଆପଣମାନଙ୍କ ସହଯୋଗ କାମନା କରୁଛି।
ଅଧ୍ୟକ୍ଷ ମଧୁବନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ
ମଧୁବନହାଟ, ରସୁଲପୁର ବ୍ଲକ୍, ଜି-ଯାଜପୁର

'ଧରିତ୍ରୀ'ର ୪୮ତମ ଜନ୍ମ ବାର୍ଷିକୀ ଉପଲକ୍ଷେ ହାର୍ଦ୍ଦିକ ଶୁଭେଚ୍ଛା।
ଏହି ଅବସରରେ ଭାମଶିଆଳି ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଆନ୍ତରିକ ଅଭିନନ୍ଦନ।
ଶ୍ରୀମତୀ ଜ୍ୟୋତିର୍ମୟୀ ବେହେରା
ସରପଞ୍ଚ
ଭାମଶିଆଳି ଗ୍ରାମପଞ୍ଚାୟତ
ବୁଗୁଡ଼ା ବ୍ଲକ୍

'ଧରିତ୍ରୀ'ର ୪୮ତମ ଜନ୍ମଜୟନ୍ତୀ ଶୁଭ ଅବସରରେ ଧରିତ୍ରୀର ସମସ୍ତ ପାଠିକାପାଠକ ଏବଂ ଶୁଭେଚ୍ଛୁଙ୍କୁ ହାର୍ଦ୍ଦିକ ଅଭିନନ୍ଦନ। ଧରିତ୍ରୀ ଓଡ଼ିଆ ଜାତିର ସ୍ୱାଭିମାନ ରକ୍ଷା ଦିଗରେ ଅଗ୍ରସର ହେଉ ଏତିକି ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା।
ଛବି ପାଇକରାୟ
ସମାଜସେବୀ ତଥା କୋଷାଧ୍ୟକ୍ଷ
ମହାତ୍ମା ଗାନ୍ଧୀ-ଲାଲବାହାଦୁର ଶାସ୍ତ୍ରୀ ସ୍ମୃତି କମିଟି, ଜଟଣୀ

ଦୈନିକ ଓଡ଼ିଆ ଖବରକାଗଜ ଧରିତ୍ରୀର ୪୮ତମ ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ଏହାର ସମସ୍ତ ସାମ୍ବାଦିକ, କର୍ମକର୍ତ୍ତା ଓ ଓଡ଼ିଶାର ସମସ୍ତ ଗୁରୁଜନମାନଙ୍କୁ ମୋର ପ୍ରଣାମ। ଆଗାମୀ ଦିନରେ ଧରିତ୍ରୀ ନିଜର ନିରପେକ୍ଷତା ବଜାୟ ରଖିବା ସହ ଅଧିକରୁ ଅଧିକ ଲୋକଙ୍କ ପାଖରେ ପହଞ୍ଚି ସେମାନଙ୍କ "ସ୍ୱର"ର ନେତୃତ୍ୱ ନେଉ ଏହା ହିଁ ଜଗତରନାଥ ଜଗନ୍ନାଥଙ୍କ ନିକଟରେ ମୋର କାମନା।
ଶୁଭେଚ୍ଛା ସହ
ଜୁହି

ଓଡ଼ିଆ ଖବରକାଗଜ ଧରିତ୍ରୀର ୪୮ତମ ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ଧରିତ୍ରୀର ସମସ୍ତ ପାଠକ ପାଠିକା ଓ କଳାମାଟିଆ ଗ୍ରାମ ପଞ୍ଚାୟତର ଜନସାଧାରଣଙ୍କୁ ଅଭିନନ୍ଦନ।
ଲିପିକା ପଣ୍ଡା
କଳାମାଟିଆ ଗ୍ରାମପଞ୍ଚାୟତ

ଦୈନିକ ଖବରକାଗଜ ଧରିତ୍ରୀର ପବିତ୍ର ଜନ୍ମ ବାର୍ଷିକୀ ଉପଲକ୍ଷେ କଳାମାଟିଆ ଗ୍ରାମ ପଞ୍ଚାୟତର ସମସ୍ତ ଭାଇ, ଭଉଣୀ ଓ ଗୁରୁଜନମାନଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ।
ବିଜୁ ଜନତା ଦଳ
ବିଶ୍ୱରଞ୍ଜନ ମଲ୍ଲିକ
କିରଣବାଳା ରାଉତ
କଳାମାଟିଆ ଗ୍ରାମ ପଞ୍ଚାୟତ

'ଧରିତ୍ରୀ'ର ୪୮ତମ ଜନ୍ମଦିବସ ଶୁଭ ଅବସରରେ ଜଟଣୀ ଓ ଓଡ଼ିଶାର ଅଗଣିତ ପାଠିକାପାଠକ ଓ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।
ବ୍ରହ୍ମା କନ୍‌ଷ୍ଟ୍ରକ୍‌ସନ
ଛଣଘର କୁଶମାଟି, ଜଟଣୀ, ଖୋରଧା-୭୫୨୦୫୦
E-mail: brahmaconstruction2004gmail.com

With Best Compliments From:-
JODA TRUCK OWNER'S ASSOCIATION
Regd. No.: 2790-154/97-98
Office : Joda, Dist : Keonjhar-758034 (Odisha)
Phone : 06767-218450, E-mail : jtoajoda.kjr@gmail.com
Secretary
Susanta Kumar Barik
President
Mata Prasad Jaiswal

'ଧରିତ୍ରୀ'ର ୪୮ତମ ସ୍ୱନକ୍ଷତ୍ର ଶୁଭ ଅବସରରେ ଜଟଣୀର ସମସ୍ତ ଭାଇ-ଭଉଣୀ, ଛାତ୍ରୀଛାତ୍ର, ଯୁବତୀଯୁବକମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ଜଟଣୀ ଲୟର୍ସ ଆସୋସିଏଶନ
ରାମଚନ୍ଦ୍ରପୁରବଜାର, ଜଟଣୀ, ଖୋରଧା
ସୁଶୀଲ କୁମାର ମହାନ୍ତି
ସଭାପତି-ଜଟଣୀ ଲୟର୍ସ ଆସୋସିଏଶନ
ଅରୁଣ କୁମାର ସାହୁ
କୋଷାଧ୍ୟକ୍ଷ, ଜଟଣୀ ଲୟର୍ସ ଆସୋସିଏଶନ

## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୬,୩୩,୩୭,୨୬୧ | ୫୨,୩୭,୬୬୬ | ୨୩,୭୭,୭୧,୪୧୨ |
| ଭାରତ | ୩,୪୫,୯୬,୭୭୬ | ୪,୬୯,୨୪୭ | ୩,୪୦,୨୮,୫୦୬ |
| ଓଡ଼ିଶା | ୧୦,୪୯,୩୪୫ | ୮୪୧୩(+୫୩) | ୧୦,୩୮,୫୦୯ |

ବୁଧବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର



ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି, କୃଷକ ବୀମା ଲାଗୁ ଆଦି କେତେକ ଦାବି ନେଇ ବରଗଡ଼ ଓ କଟକ ଜିଲାର କୃଷକମାନେ ଭୁବନେଶ୍ୱର ଲୋୟର ପିଏମ୍‌ଜି ଧାରଣାସ୍ଥଳରେ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।



ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଓଡ଼ିଶା ପ୍ରତି ଅବହେଳା ବିରୋଧରେ ବିଜେଡି ପକ୍ଷରୁ ବୁଧବାର ରାଜଭବନ ସମ୍ମୁଖରେ ଧାରଣା। ଏହି ଅବସରରେ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ।



ପଞ୍ଚାୟତ ବଦଳରେ ବ୍ଲକ୍‌ର ଦରମା, ଏସ୍‌ଇଏମ୍ ପଦ ଉଚ୍ଛେଦ କରି ଗ୍ରାମୀଣ ଜଳଯୋଗାଣ କର୍ମଚାରୀ ମାନ୍ୟତା ଆଦି ଦାବି ନେଇ ଏସ୍‌ଇଏମ୍ ଓ ଗ୍ରାମୀଣ ଜଳଯୋଗାଣ କର୍ମଚାରୀ ମହାସଂଘ ପକ୍ଷରୁ ବୁଧବାର ବିଧାନସଭା ସମ୍ମୁଖରେ ଧାରଣା।

# ‘ଶିକ୍ଷାବିତ୍ ବିବେକାନନ୍ଦ ଥିଲେ ସୁଦକ୍ଷ ବିନ୍ଧାଣି’



ଆୟୋଜିତ ରକ୍ତଦାନ ଶିବିରରେ ଯୋଗ ଦେଇଥିବା ଅତିଥିମାନେ।

**ବାରିପଦା ଅଫିସ, ୧।୧୨:** ମୟୂରଭଞ୍ଜ ଜିଲା ଗୋପବନ୍ଧୁନଗର ବ୍ଲକ ଅଧୀନ ଆରପଟା ଗ୍ରାମରେ ଭିଜନଟେକ୍ କନସଲ୍‌ଟାନ୍ସି ସର୍ଭିସର ନିର୍ଦ୍ଦେଶକ ତଥା ବିଶିଷ୍ଟ ଶିକ୍ଷାବିତ୍ ସ୍ୱର୍ଗତ ବିବେକାନନ୍ଦ ପରିଡ଼ାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ବୁଧବାର ପାଳିତ ହୋଇଯାଇଛି। ଏହି ଅବସରରେ ପୁଅ କୁମାର ରଞ୍ଜନ ଓ ରମଣୀ ରଞ୍ଜନଙ୍କ ତତ୍ତ୍ୱାବଧାନରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ଏସ୍‌ଡିସିର ଅଧକ୍ଷ ଦେବାଶିଷ ମାରାଣ୍ଡି, ପ୍ରାକ୍ତନ ବିଧାୟକ ଶ୍ରୀନାଥ ସୋରେନ, ଗଣେଶ୍ୱର ପାତ୍ର, ମନୋରଞ୍ଜନ ମଲ୍ଲିକ, ଭାରତୀ ହାଁସଦା, ସନାତନ ନାଏକ, ଅମର ସେଠୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ବିବେକାନନ୍ଦ ଗ୍ରାମରେ ଏକ ହାଇସ୍କୁଲ ପ୍ରତିଷ୍ଠା କରି ଶିକ୍ଷାକ୍ଷେତ୍ରରେ ଅଞ୍ଚଳର ବହୁ କୃତୀ ଛାତ୍ରୀଛାତ୍ରଙ୍କୁ ଭଲ ମଣିଷ କରି ଗଢ଼ିବାରେ ସୁଦକ୍ଷ ବିନ୍ଧାଣି ସାଜିଥିବା ନେଇ ବକ୍ତାମାନେ କହିଥିଲେ। ଦୀନଦରିଦ୍ର ଓ ଭିନ୍ନକ୍ଷମମାନଙ୍କୁ ସହଯୋଗର ହାତ ବଢ଼ାଉଥିବା ବିବେକାନନ୍ଦ ଜଣେ ଦରଦୀ ମଣିଷ ଭାବେ ବେଶ୍ ପରିଚିତ ଥିଲେ। ଏହି ଅବସରରେ ‘ବରେଣ୍ୟ ବିବେକାନନ୍ଦ’ ପୁସ୍ତକ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ପ୍ରାରମ୍ଭରେ ବିବେକାନନ୍ଦ ସ୍ମୃତି କମିଟି ଓ ଜୀବନ ବିନ୍ଦୁ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୧୪୮ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିବା ବେଳେ ବାରିପଦା ଓ ଉଦଳା ରକ୍ତ ଭଣ୍ଡାର କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ। ଶେଷରେ ଅଞ୍ଚଳର ଭିନ୍ନକ୍ଷମ, ଦରିଦ୍ର, ବୃଦ୍ଧ ଓ ରୋଗୀଙ୍କୁ ମିଶାଇ ୩୦ଜଣଙ୍କୁ ୨ହଜାର ଟଙ୍କା ଲେଖାଏ ସହାୟତା ପ୍ରଦାନ କରାଯାଇଥିଲା। ସୁଧୀର ସିଂ, ଦିବାକର ଦାସ, ହରେକୃଷ୍ଣ ପାତ୍ର, ଜଗନ୍ନାଥ ସିଂ, ପ୍ରତାପ ସାହୁ, ଅରୁଣ କୁମାର, ହରେକୃଷ୍ଣ ଦାସ, ଜ୍ଞାନରଞ୍ଜନ ନାୟକ, ପ୍ରକାଶ କୁମାର ମିଶ୍ର, ପଙ୍କଜ କବି ଓ ଅଜିତ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସ୍ୱର୍ଗତଙ୍କ ସ୍ମୃତିରେ ବିଧାନସଭା ଅଧାଓଳି ବନ୍ଦ

**ଭୁବନେଶ୍ୱର, ୧।୧୨ (ବ୍ୟୁରୋ)**

ପୂର୍ବତନ ଉପବାଚସ୍ପତି, ପୂର୍ବତନ ସଦସ୍ୟ ଓ କୋଭିଡ୍ ଯୋଦ୍ଧାଙ୍କ ବିୟୋଗରେ ବୁଧବାର ବିଧାନସଭାରେ ଶୋକ କରାଯାଇଛି। ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ପୂର୍ବାହ୍ନ ୧୧ ଟାରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ପରଲୋକଗତ ପୂର୍ବତନ ଉପବାଚସ୍ପତି ପ୍ରହ୍ଲାଦ ଦୋରା, ପୂର୍ବତନ ସଦସ୍ୟ ଉମେଶ ଚନ୍ଦ୍ର ସ୍ୱାଇଁ, ରାମରାୟ ମୁଣ୍ଡା, ପୂର୍ବତନ ସିପାହି ସୀତାରାମ ମୁର୍ମୁ ଏବଂ କରୋନାରେ ରାଜ୍ୟବାସୀଙ୍କ ସେବାରେ ନିୟୋଜିତ କରୋନା ଯୋଦ୍ଧାଙ୍କ ସ୍ମୃତିରେ ଶୋକ ପ୍ରସ୍ତାବ ଆଗତ କରିବାକୁ ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କହିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ନିବାସରୁ ଭିଡିଓ କନ୍‌ଫରେନ୍ସ ଜରିଆରେ ବିଧାନସଭାରେ ଶୋକ ପ୍ରସ୍ତାବ ଆଗତ କରିଥିଲେ। ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଉପବାଚସ୍ପତି ଏବଂ ଅନ୍ୟମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ସେମାନଙ୍କ ଜୀବନୀ ଉପରେ ସୂଚନା ଦେଇଥିଲେ। ପରଲୋକଗତ ସଦସ୍ୟଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗୃହର ସମବେଦନା ଜଣାଇଥିଲେ।

ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଗତ ଶୋକ ପ୍ରସ୍ତାବକୁ ବିରୋଧୀ ଦଳ ଉପନେତା ବିଷ୍ଣୁ ଚରଣ ସେଠୀ ଏବଂ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ସମର୍ଥନ କରିବା ସହ ସ୍ୱର୍ଗତ ସଦସ୍ୟଙ୍କ ସ୍ମୃତିଚାରଣ କରିଥିଲେ। ପରଲୋକଗତ ସଦସ୍ୟଙ୍କ ସ୍ମୃତିରେ ଗୃହରେ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଶୋକ ପ୍ରସ୍ତାବ ୨୦ ମିନିଟ୍ ଧରି ଆଲୋଚନା ହୋଇଥିଲା। ଶେଷରେ ବାଚସ୍ପତି ବିଧାନସଭାର ସ୍ୱର୍ଗତ ସଦସ୍ୟମାନଙ୍କୁ ସମ୍ମାନ ଜଣାଇ ଗୃହକାର୍ଯ୍ୟକୁ ପୂର୍ବାହ୍ନ ୧୧ଟା ୨୦ମିନିଟରୁ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିଥିଲେ।

# ପୋଲିସ-ଢିଙ୍କିଆ ଗ୍ରାମବାସୀ ମୁହାଁମୁହିଁ



ମାହାଳ ସୀମା ନିର୍ଦ୍ଧାରଣ ସମୟରେ ପୋଲିସ ଫୋର୍ସ ଓ ଢିଙ୍କିଆ ଗ୍ରାମବାସୀ ମୁହାଁମୁହିଁ ଅବସ୍ଥାରେ।

## ମାହାଳ ସୀମା ନିର୍ଦ୍ଧାରଣକୁ ବିରୋଧ

**କୁଜଙ୍ଗ, ୧।୧୨ (ଡି.ଏନ.ଏ.)**

ଜଗତ୍‌ସିଂହପୁର ଜିଲା ଏରସମା ତହସିଲ ଅନ୍ତର୍ଗତ ଢିଙ୍କିଆ ଗ୍ରାମର ଦୁଇ ପଡା ପାଟଣା ଓ ମାହାଳକୁ ନୂତନ ରାଜସ୍ୱ ଗ୍ରାମର ମାନ୍ୟତା ମିଳିଛି। ଏହାକୁ ଢିଙ୍କିଆ ଗ୍ରାମବାସୀଙ୍କ ପକ୍ଷରୁ ତୀବ୍ର ବିରୋଧ କରାଯାଇ ଆସୁଛି। ଏହିକ୍ରମରେ ବୁଧବାର ତହସିଲ ପ୍ରଶାସନ ପୋଲିସ ଫୋର୍ସ ସହ ଜଟାଧାର ମୁହାଣ ନିକଟ ସମୁଦ୍ର କୂଳ ପଟୁ ମାହାଳ ସୀମା ନିର୍ଦ୍ଧାରଣ କାର୍ଯ୍ୟ ଆରମ୍ଭ କରିଥିଲା। ହେଲେ ଢିଙ୍କିଆ ଗ୍ରାମର ଶତାଧିକ ମହିଳାପୁରୁଷ ପଟୁଆରରେ ଯାଇ କର୍ତ୍ତିକନ୍ଧା ଟିକିରା ନିକଟରେ ପହଞ୍ଚି ସୀମା ନିର୍ଦ୍ଧାରଣ ପ୍ରକ୍ରିୟାକୁ ବିରୋଧ କରିଥିଲେ। ଫଳରେ ପୋଲିସ ଓ ଗ୍ରାମବାସୀ ମୁହାଁମହିଁ ହୋଇଥିଲେ। କିଛି ସମୟ ପାଇଁ ପୋଲିସ ଓ ଉପସ୍ଥିତ ମହିଳାଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ପରେ ପୋତା ଯାଇଥିବା ସୀମା ନିର୍ଦ୍ଧାରଣ ଖୁଣ୍ଟକୁ ବିରୋଧୀମାନେ ଉପାଡି ଫୋପାଡି ଦେଇଥିଲେ। ପରିସ୍ଥିତି ଅଶାନ୍ତ ହେବାରୁ ପ୍ରଶାସନ ସୀମା ନିର୍ଦ୍ଧାରଣ ପ୍ରକ୍ରିୟାକୁ ବନ୍ଦ କରି ଫେରି ଆସିଥିଲା।

ସୂଚନାଯୋଗ୍ୟ, ପୂର୍ବରୁ ତହସିଲ ପ୍ରଶାସନ ପକ୍ଷରୁ ଉକ୍ତ ଦୁଇ ରାଜସ୍ୱ ଗ୍ରାମର ସୀମା ନିର୍ଦ୍ଧାରଣ ପାଇଁ ୨ ଥର ନୋଟିସ୍ କରାଯାଇଥିଲା। ବିରୋଧ ଯୋଗୁ ତାହା ହୋଇ ପାରି ନ ଥିଲା। ଅଖଣ୍ଡ ଢିଙ୍କିଆର ନାରା ଦେଇ ଗ୍ରାମବାସୀ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକୁ ବିରୋଧ କରି ଆସୁଥିଲେ। ପରେ ପାଟଣା ଓ ମାହାଳ ଗ୍ରାମବାସୀଙ୍କୁ ପ୍ରଶାସନ ମନେଇ ଉନ୍ନୟନମୂଳକ କାର୍ଯ୍ୟ କଲା ପରେ ମଙ୍ଗଳବାର ପାଟଣା ଗ୍ରାମର ସୀମା ନିର୍ଦ୍ଧାରଣ ହୋଇଥିଲା। ମଙ୍ଗଳବାର ନୋଟିସ୍ ଅନୁଯାୟୀ ବୁଧବାର ମାହାଳ ସୀମା ନିର୍ଦ୍ଧାରଣ କରାଯାଉଥିଲା। ଢିଙ୍କିଆ ସମିତିସଭ୍ୟ ଦେବେନ୍ଦ୍ର ସ୍ୱାଇଁ ସୀମା ନିର୍ଦ୍ଧାରଣକୁ ବିରୋଧ କରିବାର ନେତୃତ୍ୱ ନେଇଥିଲେ। ତାଙ୍କ କହିବା କଥା ପ୍ରଶାସନ ଏକପାଖିଆ ଭାବେ ନୂତନ ଭାବେ ଗଠିତ ମାହାଳ ଗ୍ରାମବାସୀଙ୍କୁ ସୀମା ନିର୍ଦ୍ଧାରଣ ପାଇଁ ନୋଟିସ୍ କରିଛି। ହେଲେ ମୂଳ ଗ୍ରାମ ଢିଙ୍କିଆକୁ ନୋଟିସ୍ କରାଯାଇ ନ ଥିଲା। ତେଣୁ ଢିଙ୍କିଆବାସୀ ତାଙ୍କର ପ୍ରକୃତ ସୀମା କିପରି ଜାଣିବେ ବୋଲି ସ୍ୱାଇଁ କହିଛନ୍ତି। ଏ ସମ୍ପର୍କରେ ଏରସମା ତହସିଲଦାର ପ୍ରଜ୍ଞାନନ୍ଦ ଦାସ ଜନସାଧାରଣଙ୍କ ବିରୋଧକୁ ସ୍ୱୀକାର କରିବା ସହ ସୀମା ନିର୍ଦ୍ଧାରଣ କରି ନ ପାରି ଫେରି ଆସିଥିବା କହିଛନ୍ତି। ସୀମା ନିର୍ଦ୍ଧାରଣ ବେଳେ ଏରସମା ତହସିଲଦାରଙ୍କ ସହ କୁଜଙ୍ଗ ତହସିଲଦାର ପ୍ରୀତିପର୍ଣ୍ଣା ମିଶ୍ର, ପାରାଦୀପର ଅତିରିକ୍ତ ଏସ୍‌ପି ନିମାଇଁ ଚରଣ ସେଠୀଙ୍କ ସମେତ ରାଜସ୍ୱ କର୍ମଚାରୀ ଓ ୫ ପ୍ଲାଟୁନ ପୋଲିସ ଫୋର୍ସ ଉପସ୍ଥିତ ଥିଲେ।






**ଆଜିର ମନ୍ତବ୍ୟ**

"ଉତ୍ତର ପ୍ରଦେଶବାସୀ ଭାଜପାର ଏକଚ୍ଛତ୍ରବାଦ ଶାସନରେ ଆତଙ୍କିତ ହୋଇଯାଇଥିବାବେଳେ ଏସ୍‌ପି ଏବଂ ବିଏସ୍‌ପି ଗୈରିକ ଦଳର ସମର୍ଥନରେ ସାଲିସ କରୁଛନ୍ତି।" –**ଭୂପେଶ ବଘେଲ, ଛତିଶଗଡ଼ ମୁଖ୍ୟମନ୍ତ୍ରୀ**


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଶ୍ରେହାନ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଫଳ ଘେନି ବୃକ୍ଷ ନମଇ ପୁଣ**
**ଗୁଣି ହେବ ଯଦି ଶିଖ ତା' ଗୁଣ ।**

ବିନୟ ଭାବ ହିଁ ବଡ଼ ହେବାକୁ ଶିକ୍ଷା ଦେଇଥାଏ। ବୃକ୍ଷ ଯେମିତି ଫଳ ଭାରାରେ ନଇଁ ସମସ୍ତଙ୍କୁ ଆକୃଷ୍ଟ କରିପାରୁଛି ଠିକ୍ ସେମିତି ମଣିଷ ନିଜ ଗୁଣ ବଳରେ ଦୁନିଆକୁ ଆକୃଷ୍ଟ କରିବା ଲାଗି ପ୍ରଯତ୍ନ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଫୁଲେଇ ନାଇଚି ଚୁଡ଼ି**
**ବୁଲେଇ ଦେଖୁଛି ମଡ଼ି ।**

ସାଧାରଣତଃ ମହିଳାମାନେ ଗହଣାପ୍ରିୟ ହୋଇଥିବା ବେଳେ ଗହଣା ପିନ୍ଧି ଅନ୍ୟ ଆଗରେ ନିଜକୁ ଦେଖେଇହେବାରେ ଆନନ୍ଦ ପାଇଥାନ୍ତି। ଚୁଡ଼ି ପିନ୍ଧିଥିବା ଫୁଲେଇ ନାରୀକୁ ଆଉ ଜଣେ ବେରସିକା ନାରୀ ବୁଲି ପଡ଼ି ଦେଖିବା ଅବସରରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

# ଜୁକରବର୍ଗଙ୍କ ନାଁରେ ମାମଲା

### ଫେସ୍‌ବୁକ୍‌ରେ 'ବୁଆ ବବୁଆ'

**ଲକ୍ଷ୍ନୌ,୧।୧୨**

ସମାଜବାଦୀ ପାର୍ଟି (ଏସ୍‌ପି) ଅଧ୍ୟକ୍ଷ ଅଖିଳେଶ ଯାଦବଙ୍କ ବିରୋଧରେ ଫେସ୍‌ବୁକ୍‌ରେ ଏକ ବିବାଦୀୟ ପୋଷ୍ଟ ସାମ୍ନାକୁ ଆସିବା ପରେ ଏହାର ସିଇଓ ମାର୍କ ଜୁକରବର୍ଗଙ୍କ ନାଁରେ ଉତ୍ତର ପ୍ରଦେଶର କନୌଜସ୍ଥିତ ଏକ କୋର୍ଟରେ ମାମଲା ରୁଜୁ କରାଯାଇଛି। ଜୁକରବର୍ଗଙ୍କ ସହ ଅନ୍ୟ ୪୯ ଜଣଙ୍କୁ ଏଥିରେ ଅଭିଯୁକ୍ତ ଦର୍ଶାଯାଇଛି। ଜୁକରବର୍ଗ ନିଜେ ଏହାକୁ ପୋଷ୍ଟ କରି ନ ଥିଲେ ହେଁ ତାଙ୍କ ପ୍ଲାଟ୍‌ଫର୍ମକୁ ଆପତ୍ତିଜନକ ମନ୍ତବ୍ୟ ପାଇଁ ବ୍ୟବହାର କରାଯାଇଥିବାରୁ ତାଙ୍କୁ ପକ୍ଷଭୁକ୍ତ କରାଯାଇଛି।

ରିପୋର୍ଟ ଅନୁସାରେ କନୌଜ ଜିଲା ସରାହାତୀ ଗ୍ରାମ ବାସିନ୍ଦା ଅମିତ କୁମାର ଜୁକରବର୍ଗ ଓ ଅନ୍ୟ ୪୯ ଜଣଙ୍କ ବିରୋଧରେ ମାମଲା ପାଇଁ ପିଟିଶନ ଦାଏର କରିଛନ୍ତି। ଏସ୍‌ପି ମୁଖ୍ୟ ଅଖିଳେଶଙ୍କ ଛବି ଖରାପ କରିବା ପାଇଁ ଫେସ୍‌ବୁକ୍ ପେଜ୍ 'ବୁଆ ବବୁଆ'ରେ ଉଦ୍ୟମ ହୋଇଥିବା ନିଜ ଆବେଦନରେ ସେ ଦର୍ଶାଇଛନ୍ତି। ଅମିତ ଗତ ମେ' ୨୫ରେ ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ଅଭିଯୋଗ କରିଥିଲେ । ହେଲେ ପୋଲିସ



ମାର୍କ ଜୁକରବର୍ଗ

ନ ଶୁଣିବାରୁ ସେ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ବିଚାର ବିଭାଗୀୟ ମୁଖ୍ୟ ମାଜିଷ୍ଟ୍ରେଟ୍ ଧରମବୀର ସିଂଙ୍କ ନିର୍ଦ୍ଦେଶକ୍ରମେ ଏଫ୍‌ଆଇଆର୍ କରାଯାଇଛି। ଉକ୍ତ ପେଜ୍‌ର ଆଡ୍‌ମିନିଷ୍ଟ୍ରେଟରଙ୍କ ବିରୋଧରେ ତଦନ୍ତ ଚାଲିଛି ବୋଲି ଜଣେ ବରିଷ୍ଠ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ୨୦୧୯ରେ ୟୁପିରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ସମାଜବାଦୀ ପାର୍ଟି ଏବଂ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ମେଣ୍ଟ ଗଢ଼ି ସାଧାରଣ ନିର୍ବାଚନ ଲଢ଼ିଥିଲେ। ସେହି ସମୟରେ ବିଏସ୍‌ପି ସୁପ୍ରିମୋ ମାୟାବତୀ ଏବଂ ଏସ୍‌ପି ମୁଖିଆ ଅଖିଳେଶଙ୍କୁ ନେଇ 'ବୁଆ ବବୁଆ' ପଦ ସୃଷ୍ଟି ହୋଇଥିଲା।

**ପ୍ରଥମ ପୃଷ୍ଠାରୁ...**

## ବିଧାନସଭାରେ ମମିତା ...

ତେବେ ଅପରାହ୍ନରେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀ ଭାଜପା ସଦସ୍ୟମାନେ କଳାଗାମୁଛା କାନ୍ଧରେ ପକାଇ ହାତରେ ପ୍ଲାକାର୍ଡ ଧରି ଏବଂ କଂଗ୍ରେସ ସଦସ୍ୟମାନେ ବ୍ୟାନର ଓ ପ୍ଲାକାର୍ଡ ଦେଖାଇ ସରକାର ଓ ମନ୍ତ୍ରୀଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ଦିବ୍ୟଶଙ୍କର ମିଶ୍ର ଇସ୍ତଫା ଆମର ଦାବି... ଆମର ଦାବି ... ସ୍ଲୋଗାନ ଦେଇଥିଲେ। ବିରୋଧୀଙ୍କ ହଟ୍ଟଗୋଳରେ ବିଧାନସଭା ପ୍ରକମ୍ପିତ ହୋଇଥିଲା। ବାଚସ୍ପତି ତରବରିଆ ଭାବେ ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ଅତିରିକ୍ତ ବଜେଟ ଉପସ୍ଥାପନ କରିବାକୁ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କୁ ଅନୁମତି ଦେଇଥିଲେ। ମାତ୍ର ଦୁଇ ମିନିଟରେ ସେ ବଜେଟ ଉପସ୍ଥାପନ କାର୍ଯ୍ୟ ଶେଷ କରିଥିଲେ। ପରେ ବାଚସ୍ପତି ଗୃହକୁ ଗୁରୁବାର ପୂର୍ବାହ୍ନ ୧୦ଟା ୩୦ ମିନିଟ ଯାଏ ମୁଲତବୀ ଘୋଷଣା କରିଥିଲେ। ବିଧାନସଭା ବାହାରେ ପ୍ରତିକ୍ରିୟାରେ ସାଲୁଜା କହିଛନ୍ତି ଯେ, କଳଙ୍କିତ ମନ୍ତ୍ରୀଙ୍କୁ ଗୃହରେ ପୂରାଇ ଦେବୁନାହିଁ। ହତ୍ୟା ଘଟଣାରେ ମନ୍ତ୍ରୀ ପୂରା ସାମିଲ ଅଛନ୍ତି। କିନ୍ତୁ ଏ ସରକାର କିଛି କରୁନାହିଁ। ତାଙ୍କ ବାବଦରେ ତଦନ୍ତ କରାଯାଉନାହିଁ। ଯେ ପର୍ଯ୍ୟନ୍ତ ସରକାର ତାଙ୍କୁ ମନ୍ତ୍ରିମଣ୍ଡଳରୁ ବାହାର କରିନାହାନ୍ତି ସେ ପର୍ଯ୍ୟନ୍ତ ତାଙ୍କୁ ପବିତ୍ର ଗୃହରେ ପ୍ରବେଶ କରାଇ ଦିଆଯିବ ନାହିଁ। ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି କହିଛନ୍ତି, ମମିତା ହତ୍ୟା ଘଟଣାରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ରଙ୍କ ସମ୍ପୃକ୍ତି ରହିବା ବେଳେ ରାଜ୍ୟ ସରକାର ଜାଣିଶୁଣି ଗୃହ ତାଙ୍କୁ ସୁରକ୍ଷା ଦେଉଛନ୍ତି। ମନ୍ତ୍ରୀଙ୍କୁ ବହିଷ୍କାର ସହ ଏହି ଘଟଣାର ତଦନ୍ତ ସିବିଆଇକୁ ଦିଆଯାଉ ବୋଲି ଆମେ ବାରମ୍ବାର ଦାବି କରି ଆସୁଛୁ।

## ୧୫ରୁ ଉଡ଼ିବନି ...

ହୋଇଥିବା ନୂଆ ଭାରିଆଣ୍ଟ ଓମିକ୍ରନ୍ ସଂକ୍ରମଣକୁ ନେଇ ସାରା ବିଶ୍ୱରେ ଭୟର ବାତାବରଣ ସୃଷ୍ଟି ହୋଇଥିବାବେଳେ ଅନ୍ତର୍ଜାତୀୟ ବିମାନ ସେବା ଆରମ୍ଭ ଯୋଜନାର ସମୀକ୍ଷା କରିବା ଲାଗି ନଭେମ୍ବର୨୭ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିମାନ ଚଳାଚଳ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଥିଲେ। ଓମିକ୍ରନ୍ ଭାରିଆଣ୍ଟ ୧୫ଟି ଦେଶକୁ ବ୍ୟାପିଥିବାବେଳେ ଭାରତରେ ଏପର୍ଯ୍ୟନ୍ତ ଠାବ ହୋଇନାହିଁ। ତେବେ ସଂକ୍ରମଣର ଗମ୍ଭୀରତାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ବିଭିନ୍ନ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯାଉଛି। ବିଦେଶରୁ ଆସୁଥିବା ଯାତ୍ରୀମାନଙ୍କର ଆର୍‌ଟି-ପିସିଆର୍ ପରୀକ୍ଷା କରାଯିବା ସହ ଓମିକ୍ରନ ଦେଖାଦେଇଥିବା ଦେଶରୁ ଆସୁଥିବା ଯାତ୍ରୀଙ୍କର କୋଭିଡ୍ ପରୀକ୍ଷା ସହ ଜିନୋମ ସିକ୍ୱେନ୍ସିଂ କରାଯାଉଛି। ରାଜ୍ୟ ସଭାରେ ଏକ ଲିଖିତ ପ୍ରଶ୍ନର ଉତ୍ତର ଦେଇ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ କହିଛନ୍ତି, ସାରା ବିଶ୍ୱରେ କୋଭିଡ୍ ଟିକାକରଣ ବୃଦ୍ଧି ପାଇଥିବାରୁ ଡିସେମ୍ବର ୧୫ରୁ ଅନ୍ତର୍ଜାତୀୟ ବିମାନ ସେବା ଆରମ୍ଭ କରିବା ଲାଗି ନିଷ୍ପତ୍ତି ହୋଇଥିଲା। ବର୍ତ୍ତମାନର ଚିନ୍ତାଜନକ ଭାରିଆଣ୍ଟ କାରଣରୁ ସ୍ଥିତିର ସମୀକ୍ଷା କରାଯିବା ସହିତ ବିଭିନ୍ନ ମନ୍ତ୍ରଣାଳୟ ସହ ପରାମର୍ଶ କରି ଏହାକୁ ସ୍ଥଗିତ ରଖାଯାଇଛି।

## ୨ ମିନିଟ୍‌ରେ ୨୦ ...

ବିଭିନ୍ନ କାର୍ଯ୍ୟକ୍ରମ ବାବଦରେ ୧୩,୫୬୮ କୋଟି, ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ପାଇଁ ୧,୬୮୨ କୋଟି ବ୍ୟୟବରାଦ କରାଯାଇଛି। ମୋଟ ବ୍ୟୟ ମଧ୍ୟରୁ ୬,୧୩୭ କୋଟି ସହବନ୍ଧିତ ସମ୍ବଳ ଏବଂ ୭,୪୩୧ କୋଟି ଅତିରିକ୍ତ ନିଜସ୍ୱ ରାଜସ୍ୱରୁ ଭରଣା କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଅର୍ଥାତ୍ ରାଜ୍ୟ ସରକାର ଖଣି ଟିକସ ଉପରେ ନିର୍ଭର କରିଛନ୍ତି। ଋଣ ଭରଣା ପାଇଁ ୨ ହଜାର କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସେହିପରି ରାସ୍ତା ଓ ସେତୁ ମରାମତି ପାଇଁ ୨୪୧.୩୫ କୋଟି, ବିଶ୍ୱବିଦ୍ୟାଳୟ ଅନୁଦାନ ବାବଦରେ ୧୩୨.୩୦ କୋଟି, ସ୍ୱତନ୍ତ୍ର ଶିକ୍ଷା ଭିତ୍ତିଭୂମି ନିମନ୍ତେ ୧୨.୨୮ କୋଟି ମଞ୍ଜୁର ହୋଇଛି। ପଞ୍ଚମ ରାଜ୍ୟ ଅର୍ଥ କମିଶନଙ୍କ ସୁପାରିସ ଅନୁଯାୟୀ ପୌରସଂସ୍ଥାଗୁଡ଼ିକୁ ୫.୯୬ କୋଟି ଟଙ୍କା ଦେବାକୁ ଏଥିରେ ବ୍ୟବସ୍ଥା କରାଯାଇଛି। ସେହିପରି କୃଷକ କଲ୍ୟାଣ, ଖାଦ୍ୟ ନିରାପତ୍ତା ଓ ଜଳସେଚନ ସୁବିଧା ପାଇଁ ମୋଟ ୨,୧୪୭ କୋଟି ଖର୍ଚ୍ଚ କରାଯିବ। କୋଭିଡ୍ ସହାୟତା ଓ ବିପିଏଲ୍ ପରିବାରଙ୍କୁ ଚାଉଳ ଯୋଗାଣ ନିମନ୍ତେ ୧୧୦୫.୧୮ କୋଟି, କାଳିଆ ଯୋଜନା ପାଇଁ ୨୭.୮୫ କୋଟି, ପ୍ରଧାନମନ୍ତ୍ରୀ ଫସଲ ବୀମା ଦେୟ ବାବଦରେ ୧୦୦ କୋଟି, ଚାଷୀଙ୍କ ସୁଧ ବାବଦରେ ୨୮୦.୨୩ କୋଟି, ଦୁଗ୍ଧ ଚାଷୀଙ୍କୁ ପ୍ରୋତ୍ସାହନ ପାଇଁ ୧୧ କୋଟି, ମତ୍ସ୍ୟଚାଷର ବିକାଶ ପାଇଁ ୨୦ କୋଟି, ସମବାୟ ବ୍ୟାଙ୍କ ଅଂଶଧନ ବାବଦରେ ୧୫୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।

କରୋନା ସମୟରେ ସାମାଜିକ ନିରାପତ୍ତା ସମ୍ପର୍କିତ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରିବାକୁ ଏଥିରେ ଧ୍ୟାନ ଦିଆଯାଇଛି। ଏଥିଲାଗି ୫୮୪.୯୨ କୋଟି ଟଙ୍କା ବ୍ୟୟ କରାଯିବାକୁ ସ୍ଥିର କରାଯାଇଛି। ଦିବ୍ୟାଙ୍ଗଙ୍କ ଥଇଥାନ ପାଇଁ ୩.୯୪ କୋଟି ରହିଛି। ଅପରପକ୍ଷେ ଜନସ୍ୱାସ୍ଥ୍ୟ ପାଇଁ ୨୦୩୮.୧୬ କୋଟି ଟଙ୍କା ରଖାଯାଇଛି। ସେଥିରୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ପାଇଁ ୪୯୮.୫୧ କୋଟି, ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକର ଭିତ୍ତିଭୂମି ବିକାଶ ଲାଗି ୧୭୪.୨୬ କୋଟି, ଜାତୀୟ ସ୍ୱାସ୍ଥ୍ୟ ମିଶନରେ ରାଜ୍ୟ ଅଂଶ ବାବଦକୁ ୯୦୭.୮୩ କୋଟି, ମିଶନ ଶକ୍ତି ପାଇଁ ୮୪.୫ କୋଟି ଟଙ୍କା, ଅଙ୍ଗନୱାଡ଼ି କେନ୍ଦ୍ରରେ ଗ୍ୟାସ୍ ସଂଯୋଗ ପାଇଁ ୧୩୦.୮୧ କୋଟି, କୋଭିଡ୍‌ରେ ମା'ବାପାଙ୍କୁ ହରାଇଥିବା ଶିଶୁଙ୍କ ଯତ୍ନ ନିମନ୍ତେ ବିଜୁ ଶିଶୁ ସୁରକ୍ଷା ଯୋଜନାରେ ୩୫ କୋଟି ଟଙ୍କା ବ୍ୟୟ କରାଯିବ। ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁଙ୍କ ବିକାଶ ପାଇଁ ୧୩୪.୫୧ କୋଟି ଟଙ୍କା ବ୍ୟୟ କରାଯିବାକୁ ବଜେଟରେ ବ୍ୟବସ୍ଥା କରାଯାଇଛି। ଶିକ୍ଷା, କ୍ରୀଡ଼ା ଓ ଦକ୍ଷତା ବିକାଶ କ୍ଷେତ୍ର ପାଇଁ ୧୩୧୧.୧୭ କୋଟି ଟଙ୍କା ବଜେଟରେ ରହିଛି। ସେଥିରୁ ମୋ ସ୍କୁଲ ଅଭିଯାନ ପାଇଁ ୮୮୭ କୋଟି, ଆଦର୍ଶ ବିଦ୍ୟାଳୟ ପାଇଁ ୬୪.୫୯ କୋଟି, ସରକାରୀ ହାଇସ୍କୁଲ ପାଇଁ ୬୯.୪୯ କୋଟି, ଗ୍ରାମୀଣ ଭିତ୍ତିଭୂମି ପାଇଁ ୩୯୧୧.୮୧ କୋଟି ଏବଂ ସହରାଞ୍ଚଳ ବିକାଶ ପାଇଁ ୨୨.୫୩ କୋଟି ଟଙ୍କା ରହିଛି। ଭିତ୍ତିଭୂମି, ଶକ୍ତି, ସୂଚନା ଓ ପ୍ରଯୁକ୍ତି, ଅନୁସନ୍ଧାନ ଓ ବିକାଶ କ୍ଷେତ୍ରରେ ୨୫୦୫.୧୦ କୋଟି ଟଙ୍କା ଖର୍ଚ୍ଚ ହେବ। ତନ୍ମଧ୍ୟରୁ ଗ୍ରୀଡ୍‌କୋରେ ଅଂଶଧନ ବିନିଯୋଗ ବାବଦରେ ୨୦୩୯.୬୯ କୋଟି, କୋଭିଡ୍ ଯୋଗୁ ଓଏସ୍‌ଆର୍‌ଟିସି ବସ୍ ଚଳାଚଳ କ୍ଷତି ଭରଣା ନିମନ୍ତେ ୫୦କୋଟି, ଜାତୀୟ ସଡ଼କ ପାଣ୍ଠି ଅଧୀନରେ ସଡ଼କ ଓ ସେତୁ ନିର୍ମାଣ ପାଇଁ ୫୦ କୋଟି, ବିମାନବନ୍ଦର ନିର୍ମାଣ ପାଇଁ ୪୦ କୋଟି, ହାତୀ କରିଡର ଉନ୍ନତି ଲାଗି ୫୦ କୋଟି, ବାୟୋ ଟେକ୍ନୋଲୋଜି କ୍ଷେତ୍ର ବିକାଶ ପାଇଁ ୧୩ କୋଟି, ପ୍ଲାନେଟାରିୟମ ଓ ସଂଗ୍ରହାଳୟ ଲାଗି ୩୨.୫୮ କୋଟି ଏବଂ ଜିଲାସ୍ତରରେ ନିର୍ମାଣ ହେବାକୁ ଥିବା ବିଜ୍ଞାନ କେନ୍ଦ୍ର ପାଇଁ ୧୨.୫୮ କୋଟି ଟଙ୍କା ବରାଦ କରାଯାଇଛି। ସେହିପରି ସଂସ୍କୃତି ଓ ପର୍ଯ୍ୟଟନର ବିକାଶ ପାଇଁ ଅତିରିକ୍ତ ବଜେଟରେ ୧୧୪.୯୩ କୋଟି ଟଙ୍କା ରଖାଯାଇଛି। ସେଥିରେ ପର୍ଯ୍ୟଟନର ପ୍ରଚାର ଓ ପ୍ରସାର ପାଇଁ ୪୧ କୋଟି, କଳାମଣ୍ଡଳ ପ୍ରତିଷ୍ଠା ପାଇଁ ୪୧.୯୪ କୋଟି, ଆଦର୍ଶ ଐତିହ୍ୟ ଗ୍ରାମ ପ୍ରତିଷ୍ଠା ପାଇଁ ୬ କୋଟି ଟଙ୍କା ଖର୍ଚ୍ଚ କରାଯିବାକୁ ନିଷ୍ପତ୍ତି ହୋଇଛି। ବଜେଟ ଉପସ୍ଥାପନ କରି ଅର୍ଥମନ୍ତ୍ରୀ ପୂଜାରୀ କହିଛନ୍ତି, କୋଭିଡ୍‌ର ଦ୍ୱିତୀୟ ଲହର ଯୋଗୁ ବାଧାପ୍ରାପ୍ତ ହୋଇଥିବା ଅର୍ଥନୀତିରେ ସୁଧାର ଆସିବାରେ ଲାଗିଛି। ବିତ୍ତୀୟ ନିଅଣ୍ଟ ପରିମାଣକୁ ରାଜ୍ୟ ମୋଟ ଘରୋଇ ଉତ୍ପାଦ (ଜିଏସ୍‌ଡିପି)ର ୩% ମଧ୍ୟରେ ସୀମିତ ରଖାଯାଇଛି। ରାଜ୍ୟର ଋଣ ଭାର ମଧ୍ୟ ଜିଏସ୍‌ଡିପିର ୨୫% ମଧ୍ୟରେ ସୀମିତ ରହିବ। ଚଳିତ ଆର୍ଥିକ ବର୍ଷରେ ରାଜ୍ୟ ସରକାର ଅଧିକ ଖଣି ରାଜସ୍ୱ ପାଇବେ ବୋଲି ଅର୍ଥମନ୍ତ୍ରୀ ତାଙ୍କ ବଜେଟ ଅଭିଭାଷଣରେ ଉଲ୍ଲେଖ କରିଛନ୍ତି। ଅର୍ଥମନ୍ତ୍ରୀ ବଜେଟ ଉପସ୍ଥାପନ କରୁଥିବା ବେଳେ ବିରୋଧୀ ଭାଜପା ଓ କଂଗ୍ରେସ ସଦସ୍ୟମାନେ କାନ୍ଧରେ କଳାଗାମୁଛା ଏବଂ ହାତରେ ପ୍ଲାକାର୍ଡ ଧରି ଜୋରଦାର ବିରୋଧ କରିଥିଲେ। ବାଚସ୍ପତି ତରବରିଆ ଭାବେ ବଜେଟ ଆଗତ କରାଇବା ପରେ ବିଧାନସଭାକୁ ଗୁରୁବାର ପୂର୍ବାହ୍ନ ୧୦ଟା ୩୦ ଯାଏ ମୁଲତବୀ ଘୋଷଣା କରିଦେଇଥିଲେ।

| ଦାବି ନଂ | କେଉଁ ବିଭାଗକୁ କେତେ (କୋଟି ଟଙ୍କା ହିସାବରେ) | ୨୦୨୧-୨୨ (ବଜେଟ୍ ଅଟକଳ) | ଅତିରିକ୍ତ ବ୍ୟୟ ବରାଦ |
|---|---|---|---|
| (୧) | (୨) | (୩) | (୪) |
| ୧ | ସ୍ୱରାଷ୍ଟ୍ର ବିଭାଗ | ୫,୮୪୮ | ୫୫୧ |
| ୨ | ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ | ୪୭୧ | ୧୦୦ |
| ୩ | ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ | ୧,୨୭୯ | ୫୬ |
| ୪ | ଆଇନ ବିଭାଗ | ୪୯୧ | ୩୬ |
| ୫ | ଅର୍ଥ ବିଭାଗ | ୫୩,୮୪୬ | ୨,୫୧୯ |
| ୬ | ବାଣିଜ୍ୟ ବିଭାଗ | ୧୨୨ | ୯ |
| ୭ | ନିର୍ମାଣ ବିଭାଗ | ୬,୫୮୭ | ୧୦୯ |
| ୮ | ଓଡ଼ିଶା ବିଧାନସଭା | ୧୨୩ | ୧ |
| ୯ | ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ | ୧,୦୯୮ | ୧,୧୪୧ |
| ୧୦ | ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ | ୧୮,୨୮୦ | ୧,୬୦୫ |
| ୧୧ | ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ | ୩,୬୦୬ | ୧୯୭ |
| ୧୨ | ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ | ୯,୧୬୪ | ୨,୩୧୦ |
| ୧୩ | ଗୃହ ନିର୍ମାଣ ଓ ପୌର ଉନ୍ନୟନ ବିଭାଗ | ୫,୮୦୩ | ୩୯ |
| ୧୪ | ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗ | ୧୯୯ | ୨୨ |
| ୧୫ | କ୍ରୀଡ଼ା ଓ ଯୁବସେବା ବିଭାଗ | ୪୦୫ | ୧୯୫ |
| ୧୬ | ଯୋଜନା ଓ ସଂଯୋଜନ ବିଭାଗ | ୧,୪୬୮ | ୪ |
| ୧୭ | ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ | ୧୯,୮୦୦ | ୩,୬୨୪ |
| ୧୮ | ସାଧାରଣ ଅଭିଯୋଗ ଓ ପେନ୍‌ସନ୍ ପ୍ରଶାସନ | ୨ | ୦ |
| ୧୯ | ଶିଳ୍ପ ବିଭାଗ | ୪୦୬ | ୦ |
| ୨୦ | ଜଳ ସମ୍ପଦ ବିଭାଗ | ୮,୨୬୭ | ୪୦୫ |
| ୨୧ | ପରିବହନ ବିଭାଗ | ୮୪୦ | ୧୧୬ |
| ୨୨ | ଜଙ୍ଗଲ ଓ ପରିବେଶ ବିଭାଗ | ୯୮୯ | ୧୧୦ |
| ୨୩ | କୃଷି ଓ କୃଷକ ସଶକ୍ତିକରଣ ବିଭାଗ | ୫,୭୧୯ | ୧୭୬ |
| ୨୪ | ଇସ୍ପାତ ଓ ଖଣି ବିଭାଗ | ୧୩୫ | ୫ |
| ୨୫ | ସୂଚନା ଓ ଲୋକ ସମ୍ପର୍କ ବିଭାଗ | ୧୦୭ | ୮୪ |
| ୨୬ | ଅବକାରୀ ବିଭାଗ | ୧୨୯ | ୧୨ |
| ୨୭ | ବିଜ୍ଞାନ ଓ ବୈଷୟିକ ବିଭାଗ | ୬୩ | ୭୫ |
| ୨୮ | ଗ୍ରାମ୍ୟ ଉନ୍ନୟନ ବିଭାଗ | ୫,୪୮୯ | ୫୭୭ |
| ୨୯ | ସଂସଦୀୟ ବ୍ୟାପାର ବିଭାଗ | ୭୫ | ୮ |
| ୩୦ | ଶକ୍ତି ବିଭାଗ | ୧,୭୯୯ | ୨,୧୪୩ |
| ୩୧ | ହସ୍ତତନ୍ତ, ବୟନଶିଳ୍ପ ଓ ବିଭାଗ | ୧୬୩ | ୬ |
| ୩୨ | ପର୍ଯ୍ୟଟନ ବିଭାଗ | ୫୦୦ | ୪୨ |
| ୩୩ | ମତ୍ସ୍ୟ ଓ ପଶୁ ସମ୍ପଦ ଉନ୍ନୟନ ବିଭାଗ | ୧,୪୧୫ | ୮୦ |
| ୩୪ | ସମବାୟ ବିଭାଗ | ୧,୬୪୧ | ୫୫୩ |
| ୩୫ | ସରକାରୀ ଉଦ୍ୟୋଗ ବିଭାଗ | ୯ | ୦ |
| ୩୬ | ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି ବିଭାଗ | ୩,୯୦୬ | ୨୫୫ |
| ୩୭ | ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ | ୧୯୯ | ୧୧୮ |
| ୩୮ | ଉଚ୍ଚ ଶିକ୍ଷା ବିଭାଗ | ୨,୪୧୭ | ୧୯୦ |
| ୩୯ | ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ | ୬୬୪ | ୯ |
| ୪୦ | ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ | ୪୬୫ | ୪ |
| ୪୧ | ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ | ୨,୭୬୭ | ୫୮୭ |
| ୪୨ | ବିପର୍ଯ୍ୟୟ ପରିଚାଳନା | ୩,୧୧୦ | ୧,୬୮୪ |
| ୪୩ | ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ | ୧୩୫ | ୭୬ |
| | ସର୍ବ ମୋଟ | ୧,୭୦,୦୦୦ | ୧୯,୮୩୩ |

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଦୈହିକ ଦୁର୍ବଳତା ସାଙ୍ଗକୁ ଧୈର୍ଯ୍ୟହରା ଓ ନୈରାଶ୍ୟ ଆପଣଙ୍କୁ ବ୍ୟସ୍ତ ଓ ବିବ୍ରତ କରାଇପାରେ। କର୍ମକ୍ଷେତ୍ରରେ କୌଶଳପୂର୍ଣ୍ଣ ବ୍ୟବହାର ଅନ୍ୟମାନଙ୍କୁ ଆପଣାର କରିବାରେ ସାହାଯ୍ୟ କରିବ। ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ। କୃତ୍ତିକା ନକ୍ଷତ୍ର ସକାଶେ ଅଫିସରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡ଼ା ଲାଗିପାରେ।

**ବୃଷ**
କଥା କଥାକେ ମଉଜିଆ କଥା କହିବାକୁ ନେଇ କଳହ ଲାଗିପାରେ । ଅଫିସରେ ଅନ୍ୟମାନଙ୍କ ଉପରେ ବିରକ୍ତି ପ୍ରକାଶ କରି ସମସ୍ୟାକୁ ନିମନ୍ତ୍ରଣ କରିପାରନ୍ତି। କୃତ୍ତିକା ନକ୍ଷତ୍ରର ଅଟକି ରହିଥିବା କାମର ଚିନ୍ତା ଆଜି ମନକୁ ଆନ୍ଦୋଳିତ କରିପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ବେଶ୍ ଭଲରେ ଚାଲିବ।

**ମିଥୁନ**
ଉଦାରତା ଗୁଣରୁ ନିଜ ବନ୍ଧୁମାନଙ୍କୁ ଆପଣେଇ ନେବାରେ ସମର୍ଥ ହେବେ। ବିଭିନ୍ନ ଯୋଜନା, ସାଂଗଠନିକ କାର୍ଯ୍ୟ କ୍ଷେତ୍ରରେ ଅନୁକୂଳ ବାତାବରଣ ସୃଷ୍ଟି ହେବ। ପୁନର୍ବସୁର ପରିବାର ଭିତରେ ସମ୍ପର୍କ ହାନି ଫଳରେ ଚିନ୍ତା ପ୍ରକଟ କରିପାରନ୍ତି। ନିଜ ନିଜର କର୍ମକ୍ଷେତ୍ରରେ ସାଧାରଣ ପରିଶ୍ରମରେ ବେଶି ସଫଳତା ପାଇବେ।

**କର୍କଟ**
ଆଜି ବନ୍ଧୁଙ୍କ ସହ ବିବାଦ ଓ କିଛି ନୂତନ କାମରେ ପ୍ରତିବନ୍ଧକ ହେତୁ ଚିନ୍ତିତ ରହିବେ। ପରିବାରରେ ପୂର୍ବ ସମସ୍ୟା ସମାଧାନ ହେବାରେ କୌଣସି ନୀଚ ଜାତିର ବ୍ୟକ୍ତି ମୁଖ୍ୟ ଭୂମିକା ଗ୍ରହଣ କରିବେ। ପ୍ରତିକୂଳ ପରିସ୍ଥିତି ଯୋଗୁ ଯୋଜନାଗୁଡ଼ିକ ଠିକ୍‌ଭାବେ ସମ୍ପୂର୍ଣ୍ଣ ହେବ ନାହିଁ। ଅଶ୍ଳେଷା ନକ୍ଷତ୍ରଜାତ ବ୍ୟକ୍ତିମାନଙ୍କର ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବ।

**ସିଂହ**
ବନ୍ଧୁଙ୍କ ସାହାଯ୍ୟ ଓ ପାରସ୍ପରିକ ସହଯୋଗ ପାରିବାରିକ ଜୀବନକୁ ରସାଣିତ ଓ ମଧୁମୟ କରିବ। ମାତ୍ର କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିବେ। ଆଜି ସତକଥା କହି ବିବାଦ ଘେରରେ ପଡ଼ିପାରନ୍ତି। ପୂର୍ବାଫାଲ୍‌ଗୁନୀ ନକ୍ଷତ୍ର ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**କନ୍ୟା**
ଯେତେ ଭଲ କାମ କଲେ ମଧ୍ୟ ଶନିଙ୍କ ପ୍ରଭାବରୁ ସନ୍ଦେହ ଘେରରେ ରହିବେ। ଚିତ୍ରା ନକ୍ଷତ୍ର କର୍ମକ୍ଷେତ୍ରରେ ଲକ୍ଷ୍ୟ ପୂରଣ ଦିଗରେ ଅସହଯୋଗ, ଅସମ୍ମାନ ପାଇ ଦୁଃଖିତ ହେବେ। ଅର୍ଥ କିମ୍ବା ଦେବା ନେବାକୁ କେନ୍ଦ୍ରକରି ଝଗଡ଼ା ସୃଷ୍ଟି ହୋଇପାରେ। ଯାନ୍ତ୍ରିକ ଶିଳ୍ପ ଓ ପ୍ରଶାସନ ତଥା ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ।

**ତୁଳା**
ନୂତନ ବନ୍ଧୁ ସମ୍ପର୍କ ଓ ସୁଚିନ୍ତିତ କାର୍ଯ୍ୟଧାରାକୁ ଅଗ୍ରଗାମୀ କରାଇବାରେ ସାହାଯ୍ୟ କରିବ। ଜଣେ ପଡ଼ୋଶୀ କିମ୍ବା ବନ୍ଧୁଙ୍କ ଜରିଆରେ ଦୀର୍ଘଦିନର ଆଶା ଫଳବତୀ ହେବ। କୌଣସି ନିର୍ଦ୍ଦିଷ୍ଟ କାରଣ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ। ସ୍ୱାତୀ ନକ୍ଷତ୍ର ପ୍ରିୟ ବନ୍ଧୁଙ୍କର ଅନୁପସ୍ଥିତି ଓ ଦେଖାର ଅଭାବରୁ ବ୍ୟସ୍ତ ରହିବେ।

**ବିଛା**
ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବା ସକାଶେ ଦିନଟି ବହୁତ ଭଲ। କଳା,ସାହିତ୍ୟ,ସଭା ସମିତି ଓ ମନୋରଞ୍ଜନରେ ଆଗ୍ରହୀ ହେବେ। ନିଜେ ରହିବା ପରିସରରେ ସାଧାରଣ କଥାକୁ କେନ୍ଦ୍ରକରି ଅପରାହ୍ନରେ ଟେନସନ୍ ବଢ଼ିପାରେ। ଅନୁରାଧା ନକ୍ଷତ୍ର ମାତ୍ରାଧିକ ଭ୍ରମଣ ହେତୁକ କ୍ଳାନ୍ତି ଅନୁଭବ କରିପାରନ୍ତି।

**ଧନୁ**
ସହକର୍ମୀଙ୍କ ମନମୁଖି କାରବାର ହେତୁ କର୍ମକ୍ଷେତ୍ରରେ ଅସନ୍ତୋଷର ମାତ୍ରା ବୃଦ୍ଧି ପାଇବ। ଉତ୍ତରାଷାଢ଼ା ନକ୍ଷତ୍ର ଅତି ଦରକାରୀ ଜିନିଷଗୁଡ଼ିକ ପରକୁ ଦେଇ ଅପଦସ୍ତ ହୋଇପାରନ୍ତି। ବହୁ ଦିନରୁ ଚିନ୍ତା କରିଥିବା ଯୋଜନାଟିକୁ କାର୍ଯ୍ୟକାରୀ କରିବା ସକାଶେ ମନ ବଳାଇବେ। ବିବାଦୀୟ ଘଟଣାରେ ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନି।

**ମକର**
ସ୍ୱାସ୍ଥ୍ୟ ସମସ୍ୟା ବାରମ୍ବାର ଲାଗିରହୁଥିବାରୁ ମାନସିକ ସ୍ତରରେ ଅଶାନ୍ତି ଅନୁଭବ କରିବେ। ପରିବାରର ଆବଶ୍ୟକତାକୁ ନେଇ ଧାର କରଜ କରି କାମ ତୁଲାଇ ନେବାକୁ ବାଧ ହେବେ। ନିକଟ ସମ୍ପର୍କୀୟମାନେ କାଳେ ଦେବାକୁ ପଡିବ, ଏହି କାରଣରୁ ପାଖ ମାଡିବେ ନାହିଁ। ଶ୍ରବଣା ନକ୍ଷତ୍ରର ପିତା କିମ୍ବା ମାତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବ।

**କୁମ୍ଭ**
ଆଜିର ଯାତ୍ରା,ଶୁଭକାର୍ଯ୍ୟାରମ୍ଭ,ସତ୍‌ଚିନ୍ତା ଓ ଶୁଦ୍ଧଭାବନା ମନରେ ଭାବାନ୍ତର ସୃଷ୍ଟି କରିବ। କେତେକ ସାଧାରଣ ଅସୁବିଧାକୁ ବାଦ୍ ଦେଲେ ଦିନଟିରେ ବହୁତ ଭଲ କାମ କରିବେ। ଶତଭିଷା ନକ୍ଷତ୍ରର ନୂତନ ଜିନିଷ କ୍ରୟ କରିବା ସକାଶେ ପାଇଁ ମନ ବଳିବ। ପରିବାର ମଧ୍ୟରେ ଛୋଟକଥାକୁ ଧରିବସିଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି।

**ମୀନ**
ଆଜି କର୍ମକ୍ଷେତ୍ରରୁ ଫେରିଲା ସମୟକୁ ଘରର ଅଶାନ୍ତ ପରିବେଶ ଶାନ୍ତ ପଡ଼ିଯାଇଥିବ। ପୂର୍ବଭାଦ୍ରବ ନକ୍ଷତ୍ର ସଭାସମିତିରେ ମିଠା କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ। ବନ୍ଧୁଙ୍କୁ ଭେଟି କାଲିର ଯୋଜନା ପ୍ରସ୍ତୁତ କରି ପାରନ୍ତି। ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ ତଥାପି ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ।

## ପୁରାତନ ବିଧାନସୌଧର ବିକାଶ କରିବେ ସରକାର

ଭୁବନେଶ୍ୱର, ୧।୧୨(ବ୍ୟୁରୋ): ପୁରାତନ ବିଧାନସୌଧ ସର୍ଦ୍ଦାର ପଟେଲ ହଲର ଗୌରବମୟ ଐତିହ୍ୟର ସୁରକ୍ଷା ସହ ଏହାର ଯଥାର୍ଥ ବିକାଶ ପାଇଁ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ବୁଧବାର ଏ ସଂକ୍ରାନ୍ତରେ ବାଚସ୍ପତିଙ୍କ କକ୍ଷରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇ ବିଭିନ୍ନ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସର୍ଦ୍ଦାର ପଟେଲ ହଲର ସୌନ୍ଦର୍ଯ୍ୟକରଣ ସହ ଏହି ଗୃହର ଆବଶ୍ୟକ ମରାମତି କାର୍ଯ୍ୟ କରାଯିବ। ଏହାର ଚତୁଃପାର୍ଶ୍ୱରେ ଏକ ସୁନ୍ଦର ପାର୍କ ନିର୍ମାଣ ପାଇଁ ମଧ୍ୟ ବାଚସ୍ପତି ନିର୍ଦ୍ଦେଶ ଦେଇଛନ୍ତି।


# classifieds Everyday
0674-2580101, 2549302




**SALE**

ଘର ସହିତ ଜାଗା ବିକ୍ରି ଅଛି । ଇଟାମାଟି ବସ୍ଷ୍ଟାଣ୍ଡ କାଳୀପୂଜା ମଣ୍ଡପକୁ ଲାଗି ସମୁଦାୟ ଜାଗା ୦୮.୦୦ ଡିସିମିଲ। ଠିକଣା- ଇଟାମାଟି ବସ୍ଷ୍ଟାଣ୍ଡ, ଜିଲ୍ଲା- ନୟାଗଡ଼ । ଯୋଗାଯୋଗ ଫୋନ୍ ନମ୍ବର: 7008052113, 8018067313. D-22441

କଟକ-ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ ବୃହତ୍ତମ Commercial Hub Grand Bazar (NH-16) ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ SC/ General ପ୍ଲଟ୍ ଶସ୍ତାରେ କିଣନ୍ତୁ। 8249310759. D-71748

Layer poultry farm for Lease/Sale 70km. from Bhubaneswar. Contact: 7008566481. D-22420

ଘରବାଡ଼ି ପ୍ଲଟ୍ 30'road ସହିତ Sum Hospitalରୁ 4k.m. ଘଙ୍ଗାପାଟଣାରେ ମିଳୁଛି। Owner- 9090963952. D-71746

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥବଜାର sqft.-150/- (outright). 9439660381. D-22344

ଭୁବନେଶ୍ୱର, ପଟିଆ, ରଘୁନାଥପୁର, ନଖରା ପାଖରେ 1, 2, 3 BHK Simplex / Duplex ଅଛି । 8327785834, 9658122456. D-71731

Bhubaneswar ବରମୁଣ୍ଡାରୁ ୧୫କି.ମି. ଦୂରରେ ଘରବାଡ଼ି ପ୍ଲଟ୍ 2400 ବର୍ଗଫୁଟକୁ 15,60,000/- (୨୦ଟା ପ୍ଲଟ୍ ବିକ୍ରିହେବ)। 9938016295. D-71745

Boundarywall gharabari sthitiban corner plot sale near CV Raman Engg. College, Bhubaneswar. 7008643668. D-71747




To-Let 60000 sqft. Commercial Space between Cuttack and Bhubaneswar Highway. Contact 7008175963/ 9776050040. D-22211

544sqft. Shop for rent at "Grand Bazar" on 1st floor Bhubaneswar- Cuttack state highway. Contact: 9437012297. D-71328




One hour any therapy by expert therapist @800 only. 9078484455. D-71443

Newly open full body massage ladies and gents. 8327740003. D-71824

Newly open SPA Offer Price @ 599/-, positively health benefits. 8455987557. D-71445

Newly open SPA positively health benefit with expert. Contact: 7749976301. D-71914

Refreshing your mind and body with the best therapy. 7873794731. D-71913

Newly open SPA Offer Price @ 699/-, positively health benefits. 7846814019. D-71444

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମଣିଷର ସ୍ୱର୍ଗାରୋହଣ ନୁହେଁ- ବରଂ ତା'ର ଆତ୍ମା ମଧ୍ୟକୁ ଆରୋହଣ ଏବଂ ଆତ୍ମାରୁ ସ୍ୱାଭାବିକ ମାନବିକତା ଭିତରକୁ ଅବତରଣ ଓ ପାର୍ଥିବ ପ୍ରକୃତିର ରୂପାନ୍ତର ହିଁ ପ୍ରକୃତ ଚାବିକାଠି। କାରଣ ତାହା ହିଁ ମଣିଷ ପାଇଁ ପ୍ରକୃତ ପୁନର୍ଜନ୍ମ। -ଶ୍ରୀଅରବିନ୍ଦ



# ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଅସମାନତା



ଗର୍ଡନ ବ୍ରାଉନ୍

ଜଗାତର କୋଭିଡ୍-୧୯ର ନୂଆ ରୂପ ବିଶ୍ୱର ବ୍ୟାପକ କ୍ଷତି କରିଚାଲିଛି। ଏଇ ନିକଟରେ ନୂଆ ରୂପେ ବିନାଶକାରୀ ଓମିକ୍ରନ୍ ଉଭା ହୋଇଛି। କୋଭିଡ୍-୧୯ରେ ବିଶ୍ୱରେ ୫୦ ଲକ୍ଷରୁ ଅଧିକ ଲୋକଙ୍କର ମୃତ୍ୟୁ ଘଟି ସାରିଲାଣି। ସଂକ୍ରମଣ ଆସନ୍ତା ବସନ୍ତ ଋତୁ ସୁଦ୍ଧା ୨୬ କୋଟିରୁ ବୃଦ୍ଧି ପାଇ ୪୬ କୋଟିରେ ପହଞ୍ଚିବ ଓ ଏହାଯୋଗୁ ୫୦ ଲକ୍ଷରୁ ଅଧିକ ଲୋକ ମୃତ୍ୟୁବରଣ କରିପାରନ୍ତି ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଆକଳନ କରିଛି। ଏଣୁ ୱାର୍ଲ୍ଡ ହେଲ୍‌ଥ ଆସେମ୍ବ୍ଲି (ଡବ୍ଲ୍ୟୁଏଚ୍‌ଏ) ନଭେମ୍ବର ୨୯ରୁ ଆରମ୍ଭ ହୋଇଛି। କୋଭିଡ୍ ମହାମାରୀକୁ ରୋକିବା ଲାଗି ଏହି ସ୍ୱତନ୍ତ୍ର ଅଧିବେଶନରେ ସମବେତ ନେତୃବର୍ଗଙ୍କର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି। ବିଶେଷକରି ଭବିଷ୍ୟତରେ ହଠାତ ନୂଆ ସଂକ୍ରାମକ ରୋଗ ପ୍ରକାଶ ପାଇ ମହାମାରୀ ରୂପ କିଭଳି ନ ନେବ ସେଥିପାଇଁ ବିଶ୍ୱରେ ସମସ୍ତେ ମାନିବ ଭଳି ଆଇନଗତ ଚୁକ୍ତି କରାଯିବା ଦରକାର। ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟର ଉଚ୍ଚସ୍ତରୀୟ ପ୍ରତିବଦ୍ଧତା, ଦେଶଗୁଡ଼ିକ ମଧ୍ୟରେ ଭାଗୀଦାରି ଏବଂ ଏକତାକୁ ଆଧାର କରି ଏକ ନୂଆ ଚୁକ୍ତିର ଭିତ୍ତି ସ୍ଥାପନ କରିବା ଉଚିତ ବୋଲି ଡବ୍ଲ୍ୟୁଏଚ୍‌ଓର ମହାନିର୍ଦ୍ଦେଶକ ଟେଡ୍ରୋସ ଘିବ୍ରେୟିସୁସ୍ ଯୁକ୍ତି ବାଢ଼ିଛନ୍ତି। ସମସ୍ତଙ୍କୁ ବିନା ବାଧାରେ ସ୍ୱାସ୍ଥ୍ୟସେବା ମିଳିବା ଉଚିତ। ବିଶ୍ୱ ସମୁଦାୟ ଉପଲବ୍ଧ ଚିକିତ୍ସା ସଂସାଧନଗୁଡ଼ିକର ସମ ଉପଯୋଗ ଏବଂ ବଣ୍ଟନ ନିଶ୍ଚିତ କରିବା ଦରକାର। ଏହା ପାଇଁ ଏକ ପୂର୍ଣ୍ଣ କାର୍ଯ୍ୟକ୍ଷମ ବିଶ୍ୱସ୍ତରୀୟ ନିରୀକ୍ଷଣ ପଦ୍ଧତି, ଦ୍ୱରିତ ଟ୍ରାକିଂ, ଜରୁରୀ ପରିସ୍ଥିତିରେ ପାରସ୍ପରିକ ସହଯୋଗ ଏବଂ ସମ୍ଭାବ୍ୟ ଅର୍ଥ ଯୋଗାଣ ବ୍ୟବସ୍ଥା ଆବଶ୍ୟକ। ବିଶ୍ୱରେ କୋଭିଡ୍-୧୯ ଟିକାର ନ୍ୟାୟୋଚିତ ତଥା ଭାଗୀଦାରି ବଣ୍ଟନ ନିଶ୍ଚିତ କରିବାର ସଂକଳ୍ପ ରକ୍ଷାରେ ବିଶ୍ୱର ସାମଗ୍ରିକ ବିଫଳତାକୁ ଦେଖିଲେ ଏହି ଚୁକ୍ତିର ଆବଶ୍ୟକତା ଅଧିକ। ଉଚ୍ଚକୋଟୀର ବିଜ୍ଞାନ ଏବଂ ଦୃଢ଼ ମାନୁଫାକ୍‌ଚରିଂ ପ୍ରୟାସ ସୂଚିତ କରେ ଯେ, ୨୦୨୧ ଡିସେମ୍ବର ସୁଦ୍ଧା ଆମେ ୧୨ ବିଲିୟନ ଡୋଜ ଟିକା ଉତ୍ପାଦନ କରିପାରିବା। ଏହି ଡୋଜ୍ ସଂଖ୍ୟା ବିଶ୍ୱର ପ୍ରତ୍ୟେକ ବୟସ୍କଙ୍କୁ ଟିକାକରଣ କରିବା ପାଇଁ ପର୍ଯ୍ୟାପ୍ତ। କିନ୍ତୁ ନିମ୍ନ ଆୟବର୍ଗ ଦେଶଗୁଡ଼ିକରେ ଏବେସୁଦ୍ଧା ୯୫% ବୟସ୍କ ଅସୁରକ୍ଷିତ ରହିଛନ୍ତି। ଆମ ସମୟରେ ସାର୍ବଜନୀନ ନୀତିର ଏହା ସମ୍ଭବତଃ ସବୁଠୁ ବଡ଼ ବିଫଳତା।

ଡବ୍ଲ୍ୟୁଏଚ୍‌ଓ ୨୦୨୧ ଡିସେମ୍ବର ସୁଦ୍ଧା ବିଶ୍ୱରେ ସବୁ ଦେଶର ବୟସ୍କ ଲୋକଙ୍କ ମଧ୍ୟରୁ ୪୦%ଙ୍କୁ ଟିକାକରଣ କରିବାକୁ ସହମତି ପ୍ରକାଶ କରିଥିଲା। କିନ୍ତୁ ଏହା ୮୨ଟି ଦେଶରେ ହୋଇ ପାରିନାହିଁ। ସାମ୍ପ୍ରତିକ ଧାରାରେ ଯଦି ଏହା ଚାଲେ ତେବେ ଟିକାକରଣ ୪୦% ଛୁଇଁବାକୁ ଆସନ୍ତା ଏପ୍ରିଲ୍ ହୋଇଯିବ। ଏପରିକି ଅନେକ ଦେଶ ଏହାଠାରୁ ପଛରେ ରହିଯାଇପାରନ୍ତି। ଜୁନ୍‌ରେ ଅନୁଷ୍ଠିତ-୭ ସମ୍ମିଳନୀରେ ବିଶ୍ୱ ନେତାଗଣ ୨୦୨୨ ସୁଦ୍ଧା ସାରା ବିଶ୍ୱରେ କୋଭିଡ୍-୧୯କୁ ଶେଷ କରିବାର ସଂକଳ୍ପ ନେଇଥିଲେ ମଧ୍ୟ ତା' ପରଠାରୁ ଟିକା ଥିବା ଓ ଟିକା ନ ଥିବା ଦେଶଗୁଡ଼ିକ ମଧ୍ୟରେ ଅନ୍ତର ବଢ଼ିଚାଲିଛି। ନିମ୍ନ ଆୟ ବର୍ଗର ଦେଶଗୁଡ଼ିକ ଜୁନ୍‌ରୁ ୪୦%ରୁ ବୃଦ୍ଧି ପାଇ ଏବେ ୭୪%ରେ ପହଞ୍ଚିଛି। କିନ୍ତୁ ଗରିବ ଦେଶଗୁଡ଼ିକରେ ଟିକାକରଣ ଜୁନ ସୁଦ୍ଧା ୧%ରେ ଥିଲା ଓ ଏବେ ୫%ରୁ କମ୍ ରହିଛି। ବର୍ତ୍ତମାନ ଗରିବ ଦେଶଗୁଡ଼ିକରେ ସବୁ ବୟସ୍କଙ୍କୁ ଟିକା ଦେବାର ଆବଶ୍ୟକତା ଥିଲେ ମଧ୍ୟ ଧନୀଦେଶଗୁଡ଼ିକରେ ବୟସ୍କମାନେ ବୁଷ୍ଟର ଡୋଜ ନେଉଛନ୍ତି। କେବଳ ଏତିକି ନୁହେଁ, ଆଫ୍ରିକାର ୭୫% ସ୍ୱାସ୍ଥ୍ୟକର୍ମୀ ଟିକା ନେଇନାହାନ୍ତି। ଏହା ସତ ଯେ, ଏଭଳି ଅସମାନତା ବା ପକ୍ଷପାତିତା କମ୍ କରିବା ପାଇଁ ଆଞ୍ଚଳିକ ସ୍ତରରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପଗୁଡ଼ିକ ଗ୍ରହଣ କରାଯାଇଛି। ଟିକା କିଣିବା ଲାଗି ଆଫ୍ରିକୀୟ ସଂଘ ବ୍ୟବସ୍ଥା କରିଛି ଓ ଆଫ୍ରିକୀୟ ଭାକ୍ସିନ ଆକ୍ୱିଜେଶନ ଟ୍ରଷ୍ଟ ୪୦ କୋଟି ପ୍ରଥମ ଡୋଜ୍ ଟିକା ଜନ୍‌ସନ ଆଣ୍ଡ ଜନ୍‌ସନଠାରୁ କିଣିଛି। ୧୧ କୋଟି ଡୋଜ ମଡର୍ନାରୁ କିଣିଛି ଓ ଏହି କମ୍ପାନୀ ମାର୍ଚ୍ଚ ସୁଦ୍ଧା ୫ କୋଟି ଟିକା ଯୋଗାଇ ଦେବ ବୋଲି କହିଛି। ଆଫ୍ରିକାର ୧.୩ ବିଲିୟନ ଲୋକଙ୍କ ଆବଶ୍ୟକତା ପୂରଣ କରିବକୁ ଏହା ଯଥେଷ୍ଟ ନୁହେଁ।

କୋଭିଡ୍ ମୁକାବିଲା ଓ ଟିକାକରଣରେ ଏଭଳି ଅସମାନତା ସ୍ପଷ୍ଟ ହୋଇଛି। ନିକଟରେ ଏୟାରଫିନିଟର ସର୍ଭେରୁ ଜଣାପଡ଼ିଛି, ବିଶ୍ୱର ଧନୀ ଦେଶଗୁଡ଼ିକ କୋଭିଡ୍-୧୯ ଟିକାର ୮୯% କିଣିଛନ୍ତି ଓ ଆଗକୁ ଯୋଗାଇ ଦେବାକୁ ଥିବା ଟିକାର ୭୧% ଏବେ ସେମାନଙ୍କ ନିୟନ୍ତ୍ରଣରେ ରହିଛି। ଧନୀଦେଶଗୁଡ଼ିକ ଗରିବ ଦେଶଗୁଡ଼ିକୁ ଟିକା ଦାନ କରିବାର ସଂକଳ୍ପରେ ରକ୍ଷା କରିପାରିନାହାନ୍ତି। ଟିକା ଯୋଗାଇଦେବାକୁ ଆମେରିକା ଯାହା କଥା ଦେଇଥିଲା ସେଥିରୁ ମାତ୍ର ୨୫% ପଠାଇଥିବାବେଳେ ୟୁରୋପୀୟ ସଂଘ, ଇଂଲଣ୍ଡ ଏବଂ କାନାଡା ଯଥାକ୍ରମେ ୧୯%, ୧୧% ଓ ୫% ଟିକା ପଠାଇଛନ୍ତି। କୋଭିଡ୍-୧୯ ଭ୍ୟାକ୍ସିନ ଗ୍ଲୋବାଲ୍ ଆସେସ୍( କୋଭାକ୍ସ) ବ୍ୟବସ୍ଥା ଯାହା ଡିସେମ୍ବର ସୁଦ୍ଧା ୨୦୦ କୋଟି ଟିକା ବଣ୍ଟନ କରିବାର ଯୋଜନା ରଖିଥିଲା। କିନ୍ତୁ ଏବେ ସେଥିରୁ କେବଳ ତିନି ଚତୁର୍ଥାଂଶ ବଣ୍ଟନ କରିପାରିବ ବୋଲି ଆଶା କରୁଛି। ଧନୀ ଦେଶଗୁଡ଼ିକରେ ବହୁ ପରିମାଣରେ ଟିକା ଗଚ୍ଛିତ ଅଛି। ୨୦୨୧ ଶେଷ ସୁଦ୍ଧା ଜି୨୦ ଦେଶଗୁଡ଼ିକ ନିକଟରେ ଥିବା ୧୦ କୋଟି ଟିକା ନଷ୍ଟ ହୋଇଯିବ। ଏତେ ଟିକା ନଷ୍ଟ ହେବାକୁ ଯାଉଥିବାବେଳେ ସେହି ଦେଶଗୁଡ଼ିକ ଜୀବନ ରକ୍ଷାକାରୀ ଗଚ୍ଛିତ ଟିକାକୁ ଅତି ଗରିବ ଦେଶଗୁଡ଼ିକୁ ଦେବା ଲାଗି ମନା କରୁଛନ୍ତି। ମହାମାରୀ ସମୟରେ ଏଭଳି ନୈତିକ ବିହୀନ କାର୍ଯ୍ୟ ଆଦୌ ଗ୍ରହଣୀୟ ନୁହେଁ ଏବଂ ଜାଣିଶୁଣି ଟିକା ନଷ୍ଟ କରିବା ଭଳି ସାମାଜିକ ବର୍ବରତା କେବେ ବି ଭୁଲି ହେବନାହିଁ। ଏହା ସମ୍ପୂର୍ଣ୍ଣ ଅକ୍ଷମଣୀୟ।

ବିଶ୍ୱ ସ୍ତରରେ ସ୍ୱାସ୍ଥ୍ୟନୀତି ନିର୍ଦ୍ଧାରଣର ସାର୍ବଜନୀନ ସ୍ୱାସ୍ଥ୍ୟ ଢାଞ୍ଚା ବା ଯୋଜନାରେ ଅଧିକ ମୌଳିକ ପରିବର୍ତ୍ତନ ଆବଶ୍ୟକତା ରହିଛି ବୋଲି ଟିକାଯୋଗାଣ ପକ୍ଷପାତିତାରୁ ଜଣାପଡୁଛି। ତେବେ ସମସ୍ତେ ମାନବା ଭଳି ଏକ ଚୁକ୍ତି ହାସଲ କରିବା ଏତେ ସହଜ ନୁହେଁ। ମହାମାରୀକୁ ରୋକିବା ଲାଗି ପ୍ରସ୍ତୁତ ହେବାକୁ ବୈଶ୍ୱିକ ସ୍ୱାସ୍ଥ୍ୟ ସଂସ୍ଥାଗୁଡ଼ିକୁ ସକ୍ଷମ କରିବା ଲାଗି ବର୍ତ୍ତମାନ ଏକ ଅନ୍ତର୍ଜାତୀୟ ଚୁକ୍ତିର ଆବଶ୍ୟକତା ରହିଛି। ଏହି ସମୟରେ କୋଭିଡ୍-୧୯ ନୂଆ ରୂପ ପ୍ରକାଶ ପାଉଥିବାବେଳେ ଏବେ ଅନୁଷ୍ଠିତ ହେଉଥିବା ସ୍ୱତନ୍ତ୍ର ସମ୍ମିଳନୀ ଡବ୍ଲ୍ୟୁଏଚ୍‌ଓ ସମ୍ବିଧାନ ଅନୁଯାୟୀ ଏକ ଆଇନଗତ ବାଧ୍ୟତାମୂଳକ ଚୁକ୍ତି ପ୍ରକ୍ରିୟା ଆରମ୍ଭ କରିବା ଆବଶ୍ୟକ।

ଏକ ଦୃଢ଼ ଚୁକ୍ତିରେ ଅନେକ ପ୍ରମୁଖ ବିଷୟ ରହିବା ଦରକାର। ପ୍ରଥମତଃ,ସ୍ୱାସ୍ଥ୍ୟ ନିରୀକ୍ଷଣରେ ଉନ୍ନତି ଏବଂ ବିକାଶ ଲାଗି ବୈଶ୍ୱିକ ସ୍ୱାସ୍ଥ୍ୟ ନେତୃବର୍ଗମାନଙ୍କର ଅଧିକ କ୍ଷମତା ରହବା ଉଚିତ। ଦ୍ୱିତୀୟରେ ଆମକୁ କୋଭାକ୍ସ ଏବଂ ଆସେସ୍ ଟୁ କୋଭିଡ୍-୧୯ ଟୁଲ୍ସ ଆସେଲେରେଟର (ଏସିଟି-ଏ)ର କାର୍ଯ୍ୟଧାରାକୁ ସମ୍ପୂର୍ଣ୍ଣ ନୂଆ ଚିନ୍ତାଧାରା ଓ ପଦ୍ଧତିରେ ପୁନର୍ବିକାଶ କରିବାକୁ ହେବ। ପର୍ଶନାଲ ପ୍ରୋଟେକ୍ଟିଭ ଇକ୍ୱିପମେଣ୍ଟ(ପିପିଇ)ର ନ୍ୟାୟୋଚିତ ଉତ୍ପାଦନ ଓ ବଣ୍ଟନ ସହ ପରୀକ୍ଷା, ଚିକିତ୍ସା ଉପଲବ୍ଧ ନିଶ୍ଚିତ କରିବାକୁ ପଡ଼ିବ,ଯେପରି ସବୁଦେଶ ବର୍ତ୍ତମାନ ଏବଂ ଭବିଷ୍ୟତରେ ମହାମାରୀ କବଳରୁ ନିଜକୁ ରକ୍ଷା କରି ପାରିବେ। ତୃତୀୟରେ ଆମେ ଏକ ମହାମାରୀ ମୁକାବିଲାର ପ୍ରସ୍ତୁତି ଲାଗି ବୈଶ୍ୱିକ ବୋର୍ଡ ଗଠନ କରିବା ଆବଶ୍ୟକ। ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ପରିଦୃଶ୍ୟ ଅସମାନତାକୁ ସମାଧାନ କରିବାକୁ ଯଦି ନେତାମାନେ ଏକ ସ୍ଥାୟୀ ଆର୍ଥିକ ଯୋଗାଣ ପ୍ରକ୍ରିୟା ଆରମ୍ଭ କରନ୍ତେ ତେବେ ଏଭଳି ବ୍ୟବସ୍ଥାଗୁଡ଼ିକ ଠିକ୍ ଭାବେ କାର୍ଯ୍ୟ କରିପାରିବ। ହେଲେ ଆମେ କମ୍ ଅର୍ଥ ସଂଗ୍ରହ କରୁଛୁ। ମୁଖ୍ୟତଃ ମହାମାରୀ ମୁକାବିଲା ପାଇଁ ଆବଶ୍ୟକ ଅର୍ଥ ବଣ୍ଟନ ଶେୟାରିଂ ଫର୍ମୁଲାରେ ଯେଉଁ ଦେଶଗୁଡ଼ିକର ଅର୍ଥ ଦେବାକୁ ଅଧିକ ସକ୍ଷମ ସେମାନେ ଦେବା ଉଚିତ। ଏପରି କି କିର୍ତ୍ତମାନ ଡବ୍ଲ୍ୟୁଏଚ୍‌ଓର ବଜେଟର ୨୦%ରୁ କମ୍ ଏହି ଉପାୟରେ ପୂରଣ ହୋଇଛି। ୧୯୬୦ ଏବଂ ୧୯୭୦ ଦଶକରେ ବସନ୍ତ ରୋଗ ମୂଳୋତ୍ପାଟନ ବିଶେଷ କରି ଐତିହାସିକ ଥିଲା , କାରଣ ଧନୀଦେଶଗୁଡ଼ିକ ମଧ୍ୟରେ କଷ୍ଟ ଶେୟାରିଂ ଚୁକ୍ତି ଆରମ୍ଭ କରାଯିବା ଦ୍ୱାରା ଏହା ସମ୍ଭବ ହୋଇପାରିଥିଲା। ବିଶ୍ୱରେ କୋଭିଡ୍-୧୯ ଟିକାକରଣର ଲକ୍ଷ୍ୟ ପୂରଣ କରିବାରେ ବିଫଳତା ଯୋଗୁ ୨୦୨୫ ସୁଦ୍ଧା ଜିଡିପି କ୍ଷତି ୨.୩ ଟ୍ରିଲିୟନ ଡଲାର ହେବ। ଏହାକୁ ଲକ୍ଷ୍ୟ କରି ମହାମାରୀ ପ୍ରତିଷେଧକ ଓ ମୁକାବିଲା ଲଗି ପ୍ରସ୍ତୁତି ପାଇଁ ଜି୨୦ ଉଚ୍ଚସ୍ତରୀୟ ସ୍ୱତନ୍ତ୍ର କମିଟିର ବାର୍ଷିକ ୧୦ ବିଲିୟନ ଡଲାର ପ୍ରସ୍ତାବିତ ବଜେଟ ଇତିହାସରେ ବହୁ ଲାଭଦାୟକ ହୋଇପାରିବ। କିନ୍ତୁ ଆମକୁ ଚଳିତ ସପ୍ତାହରେ ଡବ୍ଲ୍ୟୁଏଚ୍‌ଏ ସମ୍ମିଳନୀରେ ହିଁ କାର୍ଯ୍ୟ ଆରମ୍ଭ କରିବାକୁ ପଡ଼ିବ ।

**ପୂର୍ବତନ ପ୍ରଧାନମନ୍ତ୍ରୀ, ଇଂଲଣ୍ଡ**

# ଆନନ୍ଦର ମନ୍ତ୍ର



ବିପିନ ବିହାରୀ ରାଉତ

ଆଜିର ମଣିଷ ଏଭଳି ପରିସ୍ଥିତିରେ ପହଞ୍ଚିଲାଣି ଯେ ନିଜର ସମ୍ପତ୍ତି ବ୍ୟତୀତ ଅନ୍ୟର ସମ୍ପତ୍ତିକୁ ବି ନିଜର ମନେକରୁଛି। ଆଉ ତାକୁ ଉପଭୋଗ କରିବାକୁ ମଧ୍ୟ କୁଣ୍ଠା କରୁନାହିଁ। ଭୋଗର ଶେଷ ପରିଣତି ଯେ ଦୁଃଖ ତାହା ମଣିଷ ସହଜରେ ବୁଝେନା। ଆବଶ୍ୟକତାଠାରୁ ବହୁଅଧିକ ସଞ୍ଚୟକରିବା, କାରବାରଠାରୁ ଅତିଅଧିକ ଜମିକୁ ଦଖଲ କରିବା, ଚଳପ୍ରଚଳ କରିବାଠାରୁ ଖୁବ୍ ବେଶି ଘର ତିଆରି କରିବା ଆଦି ମଣିଷର ଗୋଟାଏ ନିଶାରେ ପରିଣତ ହୋଇଛି। ଅନ୍ୟମାନେ ଉପଯୁକ୍ତ ରୋଜଗାର କରି ଏପରି ସୌଖୀନରେ ରହୁଛନ୍ତି ତାଙ୍କୁ ଦେଖି କମ୍ ରୋଜଗାର କରୁଥିବା ଲୋକ ବି ସେହି ପଥର ଯାତ୍ରୀ ହେଉଛି; ଯାହାଫଳରେ ସୁଖ ମିଳିବା ପରିବର୍ତ୍ତେ ଦୁଃଖ ଭୋଗ କରୁଛି। ଆହୁରି ଅନେକେ ଅଛନ୍ତି, ଯେଉଁମାନେ ନିଜ ଜିନିଷକୁ କାରବାର ବା ବ୍ୟବହାର ନ କରି ଅନ୍ୟର ଜିନିଷରେ କାମ ଚଳାଇବାକୁ ଇଚ୍ଛା କରନ୍ତି; ଯାହାଫଳରେ ସମାଜରେ ସୃଷ୍ଟିହୁଏ ଅଭାବ। ଏ କଥା ବୁଝିବାକୁ ରାଜି ହୁଅନ୍ତି ନାହିଁ ଅନେକେ। ସେମାନେ ପ୍ରକାଶ କରନ୍ତି ଯେତିକି ମିଳିଛି ତାହା ଯଥେଷ୍ଟ ନୁହେଁ, ତେଣୁ ଆହୁରି ଆବଶ୍ୟକ। ନିଜ ପାଇଁ ସଂଗ୍ରହ କରୁଛେ। ତା' ସହିତ ପରପିଢ଼ିଙ୍କ ପାଇଁ ବି ସଂଗ୍ରହ କରୁଛେ। ଥରେ ଭାବି ଦେଖିଲେ ଆମେ ଅଯଥାରେ ଯେତିକି ସଞ୍ଚୟ କରୁଛେ, ତାହା ବର୍ତ୍ତମାନ ଲୋକ ପାଇଲେ କେତେ ଆନନ୍ଦରେ ରହନ୍ତେ। ଆମେ ଭାବୁଛେ ନିଜେ କେବଳ ଆନନ୍ଦରେ ରହିଲେ ଆରାମ୍‌ରେ ରହିପାରିବା। ଏତିକି ବୁଝୁନେ ଅନ୍ୟର ଦୁଃଖ ମଧ୍ୟ ଆମ ପାଇଁ ଦୁଃଖର କାରଣ ହୋଇଯାଏ। ଥରୁଟିଏ ଉପବାସ ରହି ସେହି ଖାଦ୍ୟ କାହାକୁ ବି ଦାନ ଦେଲେ ଦେଖିବ କେତେ ଆନନ୍ଦ ମିଳିବ। ଥରୁଟିଏ ନିଜ ପାଇଁ ସାଇତି ଥିବା ଦ୍ରବ୍ୟକୁ ଅନ୍ୟକୁ ଅର୍ପଣ କରି ଦେଖ କେତେ ସୁଖ ମିଳୁଛି। ବାସ୍ତବରେ ତ୍ୟାଗ ଭିତରେ ଯେଉଁ ଆନନ୍ଦ ଥାଏ ତାହା ଭୋଗରେ ନ ଥାଏ।

ଟ୍ରେନ୍ ବା ବସ୍‌ରେ ଦୂର ଯାତ୍ରା କଲାବେଳେ ଦୁଇଜଣ ଅଚିହ୍ନା ବ୍ୟକ୍ତି ପାଖାପାଖି ବସିବାର ନଜିର ଅଛି। ଅତୀତରେ ସେପରି ବି ହେଉଥିଲା। ନିଜ ସମ୍ପର୍କୀୟ ଯେତିକି ବନ୍ଧୁବାନ୍ଧବ ଥିଲେ ଦୂର ତୀର୍ଥ ବା ଯାତ୍ରାରୁ ବହୁ ବନ୍ଧୁ ସୃଷ୍ଟି ହେଉଥିଲେ। ପରସ୍ପର ସହିତ ଭାବବିନିମୟ କରି ନୂଆ ବନ୍ଧୁଟିଏ ସୃଷ୍ଟିହେବା କଥା ଖୁବ୍ ଜଣାଶୁଣା। ଏହି ବନ୍ଧୁ ଖୁବ୍ ଆପଣାର ପାଲଟି ଯାଆନ୍ତି। ଭଲରେ ମନ୍ଦରେ ଠିଆ ହୁଅନ୍ତି। ଏମାନଙ୍କୁ କୁହାଯାଏ ସୁରୁଜବନ୍ଧୁ। ତେଣୁ ଅନେକ ପରିବାରରେ ଏବେ ବି ସୁରୁଜ ବନ୍ଧୁଙ୍କୁ ଲୋଡ଼ାଯାଏ । ଏପରି ବନ୍ଧୁ ସୃଷ୍ଟି ହେଉଥିଲା ପରସ୍ପରର ଭାବର ଆଦାନ ପ୍ରଦାନରୁ। ଏବେ କିନ୍ତୁ ଦୁଇ ଅପରିଚିତ ଏକାଠି ବସିଲେ ଦୀର୍ଘ ସମୟ ଧରି ପରସ୍ପର ସହିତ ଆଳାପ ଆଲୋଚନା ହେବାର ଦେଖାଯାଏନାହିଁ। କାହାର ଠିକଣା କେହି ରଖେନାହିଁ। ନିଜେ ନିଜେ କେବଳ ମୋବାଇଲ୍‌ରେ କଥା ହେବା, ଗେମ୍ ଖେଳିବା ବା ଅନ୍ୟ ଭାବନାରେ ମାତିଯିବାରେ ସମୟ ଅତିବାହିତ ହୋଇଯାଏ। ଯାହା ଫଳରେ ସୃଷ୍ଟିହୋଇପାରେନା ଆତ୍ମୀୟତା ଭାବ। ପରସ୍ପର ସହିତ କଥା ହେଲେ ବା ଆଳାପ ଆଲୋଚନା କଲେ ନିଜର ଭାବକୁ ଅନ୍ୟକୁ ପ୍ରଦାନ କରି ଅନ୍ୟର ଭାବକୁ ଗ୍ରହଣ କଲେ ମନ ପୂର୍ତ୍ତି ରହେ। ଚିନ୍ତାମୁକ୍ତ ହୁଏ। ହେଲେ ଆଜିର ମଣିଷ ଏମିତି ବସ୍ତୁବାଦରେ ମାତିଯାଇଛି ଯେ କାହାରି ସହିତ ଭଲରେ କଥାପଦେ ହେବାକୁ ପସନ୍ଦ କରୁନାହିଁ। ମୋବାଇଲ୍‌ରେ ବହୁ ପ୍ରକାର ସଙ୍ଗୀତ ବା କାର୍ଯ୍ୟକ୍ରମକୁ ଉପଭୋଗ କରୁଛି। ସେ ଭାବେ ଏଥିରେ ମାନସିକ ଶାନ୍ତି ମିଳେ, ହେଲେ ବାସ୍ତବରେ ଶାନ୍ତି ମିଳେନାହିଁ। ଗୀତ ସରିଗଲାପରେ ପୂର୍ବର ଚିନ୍ତା ପୁଣି ମାଡ଼ିଆସେ। ବନ୍ଧୁଟିଏ କରିଥିଲେ ତା' ସହ ହସଖୁସି ହୋଇଥିଲେ ପରବର୍ତ୍ତୀ କ୍ଷଣରେ ସେହି ବନ୍ଧୁର ଚିନ୍ତା ଆସେ ଆଉ ମନ ହାଲୁକା ହୋଇଯାଏ। କେବଳ ସେତିକି ନୁହେଁ ଦୂରଯାତ୍ରା ସମୟରେ ଅପରିଚିତ ଜଣେ ନୀରବରେ ବସିରହିଥିବା ବେଳେ ଆମେ ବିଭିନ୍ନ ଜିନିଷ କିଣି କରି ଖାଇଥାଉ। ସେ ନୀରବରେ ବସିଥାଆନ୍ତି। ଥରେ କେବେ ପାଖରେ ବସିଥିବା ଲୋକଟିକୁ ବା ବଲବଲ କରି ଚାହିଁଥିବା ନିରୀହ ପିଲାଟିକୁ ନିଜ ଭାଗରୁ କିଛି ଦାନକର। ଦେଖିବ ତୁମ ଖାଇବାରେ ଯେତିକି ଆନନ୍ଦ ପାଉଛ, ଅନ୍ୟର ଖାଇବାରେ ତା'ଠାରୁ ଅଧିକ ଆନନ୍ଦ ପାଇବ।

ବ୍ୟକ୍ତିଗତ ସ୍ୱାର୍ଥ ଅପେକ୍ଷା ବ୍ୟଷ୍ଟିଗତ ସ୍ୱାର୍ଥକୁ ଆଖିରେ ରଖିଲେ ବହୁ ଆନନ୍ଦ ମିଳେ। ବନ୍ଧୁବାନ୍ଧବ ସୃଷ୍ଟିକରିବା ଉଚିତ କିନ୍ତୁ ଲୋକ ଠିକ୍ ନା ଭୁଲ୍ ନିଜର ହୃଦୟ ଭାବକୁ ବୁଝୁଥିବା ଲୋକ ଦେଖି ବନ୍ଧୁ ବାନ୍ଧିବା ଦରକାର। ଯଦି ନିଜର ସର୍ବସ୍ୱ ଭୁଲି ବନ୍ଧୁଙ୍କ ସହିତ ସମ୍ପର୍କ ଜମେଇ ବସିଲେ ନିଜର ଜୀବନ ନଷ୍ଟ ହୋଇଯିବ। ତେବେ ଅନ୍ତତଃ ଶାନ୍ତି ଟିକିଏ ପାଇବାକୁ ଯାଇ ମଣିଷ ଅଶାନ୍ତିକୁ ଆବାହନ ନ କରୁ। ଏହା ହିଁ ଜୀବନ ଚଳଣିର ମୂଳ ମନ୍ତ୍ର।

**ଶ୍ରୀବିହାର କଲୋନୀ, କଟକ**
**ମୋ : ୯୪୩୭୬୬୬୪୫୩**

## ଏଇ ଭାରତରେ

ମାଙ୍ଗାଲୋରର ଘରୋଇ ସହାୟିକା ରଜନୀ ସେଟ୍ଟୀ ଯାହା ରୋଜଗାର କରୁଛନ୍ତି ସେଥିରେ ବୁଲା କୁକୁରଙ୍କୁ ଖାଇବାକୁ ଦେଉଛନ୍ତି। ଥରେ ବସ୍‌ରେ ଯାତ୍ରା କରିବା ସମୟରେ ଏକ ଭୋକିଲା କୁକୁରକୁ ଦେଖି ବସ୍‌ରୁ ଓହ୍ଲାଇ ତାକୁ ଖାଇବାକୁ ଦେବା ପରଠାରୁ ସେ ବୁଲା କୁକୁରଙ୍କୁ ଖାଇବାକୁ ଦେବା ଆରମ୍ଭ କରିଥିଲେ। ରଜନୀଙ୍କ ବୟସ ୪୦। ସେ ତାଙ୍କ ଦୈନନ୍ଦିନ କାର୍ଯ୍ୟରୁ ସମୟ ବାହାର କରି ଏବେ ୮୦୦ ବୁଲା କୁକୁରଙ୍କ ପାଇଁ ରୋଷେଇ କରୁଛନ୍ତି। ପ୍ରତିଦିନ ସେ ଭାତ ଓ ଚିକେନ ପ୍ରସ୍ତୁତ କରି ସେମାନଙ୍କୁ ଖାଇବାକୁ ଦେଉଛନ୍ତି। କେବଳ ଏତିକି ନୁହେଁ, ୧୫ ବର୍ଷ ମଧ୍ୟରେ ସେ ୨,୦୦୦ ପ୍ରାଣୀଙ୍କୁ ଉଦ୍ଧାର କରି ସାରିଲେଣି। ବଡ଼ କଥା ହେଉଛି, ରଜନୀ ଏକାକୀ ପ୍ରାଣୀଙ୍କୁ ଉଦ୍ଧାର କରିଥାଆନ୍ତି। କରୋନା ମହାମାରୀ ସମୟରେ ସେ ରାତି ୧୨ଟାରୁ ୩ଟା ମଧ୍ୟରେ କୁକୁରଙ୍କୁ ଖାଇବାକୁ ଦେଉଥିଲେ। କୂଅ, ଡ୍ରେନ୍ କିମ୍ବା ଅନ୍ୟ କୌଣସି ସ୍ଥାନରେ କୁକୁର ବିପଦରେ ପଡ଼ିଥିଲେ ସେ ଖବର ପାଇ ତୁରନ୍ତ ସେଠାରେ ପହଞ୍ଚି ଉଦ୍ଧାର କରୁଛନ୍ତି। ସେମାନଙ୍କ ଚିକିତ୍ସା ବି କରୁଛନ୍ତି ଓ ଏ ବାବଦ ସମସ୍ତ ଖର୍ଚ୍ଚ ନିଜେ ବହନ କରୁଛନ୍ତି। ଏଥିରେ ତାଙ୍କ ସ୍ୱାମୀ ଓ ତିନି ସନ୍ତାନଙ୍କ ସମର୍ଥନ ରହିଛି।

## ୨୫ ବର୍ଷ ତଳର ଧରିତ୍ରୀ

**୨ ଡିସେମ୍ବର ୧୯୯୬**

- ପାକିସ୍ତାନର ବହିଷ୍କୃତ ପ୍ରଧାନମନ୍ତ୍ରୀ ବେନଜିର ଭୁଟ୍ଟୋ ତାଙ୍କର ମାତା ନୁସରତ୍ ଭୁଟ୍ଟୋଙ୍କୁ ପାକିସ୍ତାନ ପିପୁଲ୍ସ ପାର୍ଟିର କାମଚଳା ମୁଖ୍ୟ ଭାବେ ନିଯୁକ୍ତି ଦେଇଛନ୍ତି।
- ଶ୍ରୀଲଙ୍କାରେ ଶାନ୍ତି ପ୍ରତିଷ୍ଠା ପାଇଁ ସରକାରଙ୍କ ଆହ୍ୱାନକୁ ଏଲ୍‌ଟିଟିଇ ନେତା ପିରଭାକରନଙ୍କ ପ୍ରତ୍ୟାଖ୍ୟାନ।
- ଇଂଲଣ୍ଡର ମାଇକ ରସେଲ ନିଜ ଦେଶର ଅନ୍ୟତମ ଖେଳାଳି ପିଟର ଗିଲ୍‌କ୍ରିଷ୍ଟଙ୍କୁ ୭.୧ ଫେମ୍‌ରେ ପରାସ୍ତ କରି ବିଶ୍ୱ ବିଲିୟାର୍ଡ୍ସ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛନ୍ତି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | 3 | | | | 2 | | | |
| | | 8 | | | 4 | | 1 | |
| | | | 5 | | | 7 | | |
| | 1 | | | | | 8 | 3 | |
| | | | 4 | | | | 2 | |
| | 8 | | | | | | | |
| | | 1 | 2 | | | | | 5 |
| | 7 | 9 | 1 | 8 | | | | |
| 8 | | 6 | | | | | | 3 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 3 | 2 | 8 | 4 | 1 | 5 | 6 | 9 |
| 8 | 1 | 9 | 2 | 5 | 6 | 4 | 7 | 3 |
| 4 | 5 | 6 | 3 | 7 | 9 | 8 | 2 | 1 |
| 3 | 9 | 7 | 6 | 8 | 4 | 1 | 5 | 2 |
| 1 | 6 | 4 | 5 | 2 | 3 | 7 | 9 | 8 |
| 5 | 2 | 8 | 9 | 1 | 7 | 3 | 4 | 6 |
| 9 | 4 | 1 | 7 | 6 | 8 | 2 | 3 | 5 |
| 2 | 8 | 3 | 4 | 9 | 5 | 6 | 1 | 7 |
| 6 | 7 | 5 | 1 | 3 | 2 | 9 | 8 | 4 |

ଗତକାଲିର ଉତ୍ତର

# ପ୍ରଦୂଷଣ କବଳରେ ଜୀବନ



ଶୁଭନାରାୟଣ ଶତପଥୀ

ମଣିଷ ଯେଉଁ ପାରିପାର୍ଶ୍ୱିକ ପରିବେଶରେ ରହୁଛି ତାହା ଦିନକୁ ଦିନ ପ୍ରଦୂଷିତ କରିବାରେ ଲାଗିଛି। ଏହି ପ୍ରଦୂଷଣ ଏବେ ଚରମ ସୀମାରେ ପହଞ୍ଚିଲାଣି। ମଣିଷ ସବୁଠାରୁ ବୁଦ୍ଧିମାନ ହେଲେ ହେଁ ପରିବେଶକୁ ସର୍ବାଧିକ ପ୍ରଦୂଷିତ କରୁଥିବା ପ୍ରାଣୀ ଭାବରେ ଗଣ୍ୟ ହୁଏ। ବିଜ୍ଞାନ, ବୈଷୟିକ ଜ୍ଞାନ ଆଧୁନିକ ସଭ୍ୟତାର ଅଗ୍ରଗତି ଘଟୁଥିଲେ ମଧ୍ୟ ପ୍ରକୃତି ଓ ପରିବେଶର କାୟାକୁ ଅକ୍ଷୁଣ୍ଣ ରଖିବାରେ ଅସମର୍ଥ ହେଉଛି ଆଜିର ମଣିଷ। ଜୀବନ ତଥା ଭୂପୃଷ୍ଠରେ ଜୈବସଂରଚନା ତିଷ୍ଠି ରହିବାକୁ ହେଲେ ପରିବେଶ ବାୟୁ, ମାଟି, ଜଳ ଆଦିର ସ୍ୱଚ୍ଛତା ଓ ଶୁଦ୍ଧତା ଜରୁରୀ। ଏହାକୁ ବଜାୟ ରଖିବା ହେଉଛି ମଣିଷର ଦାୟିତ୍ୱ। କିନ୍ତୁ ମଣିଷ ନିଜ ସ୍ୱାର୍ଥସାଧନରେ ଜଡ଼ିତ ରହି ଏକଥା ଭୁଲି ଯାଉଛି। ତେବେ ପ୍ରଦୂଷଣକୁ ନେଇ ଜାତିସଂଘ ଚରମ ସତର୍କତା ଜାରି କରିଛି। ୭୦ ଦେଶର ୨୫୦ ବୈଜ୍ଞାନିକଙ୍କ ମିଳିତ ରିପୋର୍ଟରେ କୁହାଯାଇଛି ଯେ, ବିଗୁଡୁଥିବା ପରିବେଶର ସ୍ଥିତି ହେଉଛି ବିଶ୍ୱରେ ୨୫ ଶତକଡା ରୋଗ ଓ ମୃତ୍ୟୁର କାରଣ। ଜାତିସଂଘ ପରିବେଶ କାର୍ଯ୍ୟକ୍ରମର ରିପୋର୍ଟ ମୁତାବକ ବାୟୁ ପ୍ରଦୂଷଣ ହେଉଛି ଏକ ପ୍ରମୁଖ ପାରିପାର୍ଶ୍ୱିକ ଭୟ; ଯାହା ପ୍ରତିବର୍ଷ ୭ ମିଲିୟନ ଲୋକଙ୍କ ମୃତ୍ୟୁର କାରଣ ହୋଇଥାଏ। ବିଶ୍ୱସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ସ୍ଥିରୀକୃତ ପ୍ରଦୂଷଣ ସୀମାକୁ ଅତିକ୍ରମ କରି ସାରା ବିଶ୍ୱରେ ପ୍ରତି ୧୦ ଜଣରେ ୯ଜଣ ଉଚ୍ଚ ପ୍ରଦୂଷିତ ବାୟୁ ନିଃଶ୍ୱାସପ୍ରଶ୍ୱାସ ମାଧ୍ୟମରେ ଗ୍ରହଣ କରିଥାନ୍ତି; ଯାହା ଆମର ଫୁସ୍‌ଫୁସ୍, ହୃଦୟ, ମସ୍ତିଷ୍କକୁ କ୍ଷତି ପହଞ୍ଚାଇଥାଏ। ଅଲନ୍ଧୁଠାରୁ ସଲଫେଟ ଯାଏ ୨.୫ ମାଇକ୍ରନ ବ୍ୟାସାର୍ଦ୍ଧଠାରୁ କମ୍ ସୂକ୍ଷ୍ମ କଣିକା ଏଥିରେ ଅନ୍ତର୍ଭୁକ୍ତ। ଏହାର ଜଗତୀକରଣ ମହିଳା, ଶିଶୁ ତଥା ବିକାଶଶୀଳ ଦେଶକୁ ଅଧିକ କ୍ଷତି ପହଞ୍ଚାଉଛି। ଘର ଭିତରୁ ବାହାର ଅର୍ଥାତ୍ ରୋଷେଇ, ଇଲେକ୍ଟ୍ରି, ବର୍ଜ୍ୟ, ଦହନ, ପରିବହନ, କୃଷି, ରାସାୟନିକ ସାର ବ୍ୟବହାର, ଖଣିଜ ଉତ୍ତୋଳନ, ଆଗ୍ନେୟ ଉଦ୍‌ଗିରଣ, ଧୂଳି ଆଦି ପର୍ଯ୍ୟନ୍ତ ପ୍ରଦୂଷିତ କଣିକା ଦ୍ୱାରା ମଣିଷ କବଳିତ; ଯେଉଁଥିପାଇଁ ୨୦୧୯ ରେ ସାରା ବିଶ୍ୱରେ ପାଖାପାଖି ୪ ମିଲିୟନ ଲୋକ ମୃତ୍ୟୁବରଣ କରିଥିଲେ। ଏଥିରୁ ଅଧିକାଂଶ ଲୋକ ହେଉଛନ୍ତି ଏସିଆ ଓ ପୂର୍ବ ୟୁରୋପ ମହାଦେଶର। ଆହୁରି ମଧ୍ୟ କୁହାଯାଏ ବାୟୁ ପ୍ରଦୂଷଣ ଯୋଗୁ ସାରା ବିଶ୍ୱରେ ପ୍ରତି ୯ ଜଣରେ ଜଣେ ମୃତ୍ୟୁବରଣ କରିଥାନ୍ତି।

ସେହିପରି ସାରା ବିଶ୍ୱରେ ପ୍ରାୟ ୨ ବିଲିୟନ ଟନ୍ ଆବର୍ଜନା ଜଳଉତ୍ସ ସହିତ ପ୍ରତିଦିନ ମିଶେ ; ଯାହାଫଳରେ ପ୍ରାୟ ୧.୮ ମିଲିୟନ ଲୋକ ହଇଜା ଯୋଗୁ ମୃତ୍ୟୁବରଣ କରିଥାନ୍ତି। କେବଳ ମନୁଷ୍ୟ ନୁହେଁ, ଜୀବଜନ୍ତୁ ମଧ୍ୟ ଅନେକମାତ୍ରାରେ ପ୍ରଭାବିତ ଓ କ୍ଷତିଗ୍ରସ୍ତ। ରାସାୟନିକ ସାର, କୀଟନାଶକର ବହୁଳ ବ୍ୟବହାର, ମଇଳା ପାଣିକୁ ସ୍ୱଚ୍ଛ ବା ନବୀକରଣ ନ କରି ସିଧାସଳଖ ନଦୀକୁ ଛାଡ଼ିବା ଦ୍ୱାରା ଜୈବ ସଂରଚନା ପ୍ରତି ବିପଦ ଘନାଇଛି। ବ୍ୟକ୍ତିଗତ ସଚେତନତା ଓ କୃଷି, ଶିଳ୍ପ କ୍ଷେତ୍ରରେ କଟକଣା ଦ୍ୱାରା ଜଳ ପ୍ରଦୂଷଣକୁ ଅନେକ ମାତ୍ରାରେ ରୋକାଯାଇପାରିବ।

ସ୍ୱଚ୍ଛମାଟି ବା ଜମି ଜଳ ପ୍ରବାହକୁ ନିୟନ୍ତ୍ରଣ କରିଥାଏ। ପ୍ରଦୂଷିତ ପଦାର୍ଥକୁ ଛାଣିଥାଏ। ଜୈବବିବିଧତାର ସୁରକ୍ଷା କରେ। ତେବେ କ୍ରମାଗତଭାବେ ମୃତ୍ତିକା ପ୍ରଦୂଷଣ ଜୈବ ସଂରଚନାର ସନ୍ତୁଳନ ପ୍ରତି ବାଧା ସୃଷ୍ଟି କରୁଛି। ମଣିଷର ସ୍ୱାସ୍ଥ୍ୟ ପ୍ରତି ଏହା ବିପଜ୍ଜନକ ହୋଇଥିବାରୁ ଚାଷବାସ, ଶିଳ୍ପାୟନରେ ଜମି ସୁରକ୍ଷା ସଂକ୍ରାନ୍ତ ବିଷୟକୁ ଅଧିକ ଗୁରୁତର ଭାବେ କାର୍ଯ୍ୟକାରୀ କରିବା ଆବଶ୍ୟକ। ଅପରପକ୍ଷରେ ଆକଳନରୁ ଜଣାଯାଏ ୮ ମିଲିୟନ ପ୍ଲାଷ୍ଟିକ ବର୍ଜ୍ୟ ପ୍ରତିବର୍ଷ ସମୁଦ୍ର ମଧ୍ୟକୁ ପ୍ରବେଶ କରେ। ସମୁଦ୍ର, ହ୍ରଦରେ ବେଆଇନ ପରିବହନ, ମାଛଧରା, ନିଲାମ ମଧ୍ୟ ଅନେକାଂଶରେ ସାମୁଦ୍ରିକ ଓ ହ୍ରଦ ପ୍ରଦୂଷଣ ପାଇଁ ଦାୟୀ। ଏହା ସାମୁଦ୍ରିକ ଜୀବମାନଙ୍କ ବଂଶଲୋପର କାରଣ। ତେବେ ପ୍ଲାଷ୍ଟିକର ସୂକ୍ଷ୍ମ କଣିକାକୁ ସାମୁଦ୍ରିକ ଜୀବମାନେ ଗ୍ରହଣ କରିବା ପରେ ଯେତେବେଳେ ଏହି ସାମୁଦ୍ରିକ ଜୀବମାନେ ମଣିଷର ଖାଦ୍ୟଶୃଙ୍ଖଳ ମଧ୍ୟକୁ ଚାଲି ଆସନ୍ତି ସେତେବେଳେ ମଣିଷ, ପଶୁପକ୍ଷୀ ସେ ବିଷାକ୍ତ ପଦାର୍ଥକୁ ଖାଇ ବିପଦରେ ପଡ଼ିଥାନ୍ତି। ତା' ଛଡ଼ା ସାରା ବିଶ୍ୱରେ ପ୍ରସ୍ତୁତ ଖାଦ୍ୟର ୩୦ ଶତକଡା ପ୍ରତିବର୍ଷ ନଷ୍ଟ ହୁଏ; ଯାହା ମଧ୍ୟ ପ୍ରଦୂଷଣର ଅନ୍ୟ ଏକ ବଡ଼ କାରଣ। ସେହିପରି ୨୦୧୪ରେ ୪୧.୮ମିଲିୟନ ଇଲେକ୍ଟ୍ରୋନିକ୍ସ ବର୍ଜ୍ୟ ବାହାରିଥିଲା। ଶିଳ୍ପ ଓ ଉତ୍ପାଦନକାରୀ ସଂସ୍ଥାରୁ ଅନେକ ପାରମ୍ପରିକ କ୍ଷତିକାରକ ବର୍ଜ୍ୟ ମଧ୍ୟ ଆସିଥାଏ। ଆଧୁନିକ ଯୁଗରେ ଏହା ପ୍ରଦୂଷଣର ଏକ ବଡ଼ ଅଂଶ ରୂପେ ଉଭା ହୋଇଛି।

ଦେଶର ସ୍ଥିତିକୁ ବିଚାରକୁ ନେଲେ ଜଣାଯାଏ ଯେ ଦିଲ୍ଲୀ, ମେରୁଟ, ବଥିଣ୍ଡା, ବୁଲନ୍ଦସର, ଗାଜିଆବାଦ ଆଦି ପ୍ରମୁଖ ହେଉଛନ୍ତି ଅତ୍ୟଧିକ ବାୟୁ ପ୍ରଦୂଷଣଯୁକ୍ତ ସହର ; ଯାହାର ବାୟୁ ଗୁଣାତ୍ମକ ମାନକ ୩୪୭ରୁ ୫୦୦ ମଧ୍ୟରେ ରହିଛି। ବିଶ୍ୱ ବାୟୁ ଗୁଣାତ୍ମକ ମାନକ ରିପୋର୍ଟ ୨୦୨୦ ଅନୁସାରେ ବିଶ୍ୱର ୪୦ଟି ସର୍ବାଧିକ ପ୍ରଦୂଷିତ ନଗରରୁ ୩୭ଟି ନଗର ଦକ୍ଷିଣ ଏସିଆରେ ଅଛି। ଅପରପକ୍ଷରେ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ରିପୋର୍ଟ ଅନୁସାରେ ଆବର୍ଜନା ପ୍ରକ୍ରିୟାକରଣ ଦକ୍ଷତା ଦିନକୁ ୩୧,୮୪୧ ମିଲିୟନ ଲିଟର ଥିବାବେଳେ ସହରରୁ କେବଳ ୭୩,୩୬୮ ମିଲିୟନ ଲିଟର ମଇଳା ଜଳ ନିଷ୍କାସିତ ହୋଇଥାଏ। ସେହିପରି ଦିନକୁ ୨୫,୦୦୦ଟନ୍‌ରୁ ଅଧିକ ପ୍ଲାଷ୍ଟିକ ବର୍ଜ୍ୟ ବାହାରିଥାଏ।

ଏବେ ଘରେ, ଅଫିସ, ବସ ସବୁଠାରେ ଏସି, ରେଫ୍ରିଜରେଟର ଆଦିର ବହୁଳ ବ୍ୟବହାର ଓ କୃତ୍ରିମ ଶୀତଳୀକରଣ ପ୍ରକ୍ରିୟା ଯୋଗୁ ନିର୍ଗତ କ୍ଲୋରଫ୍ଲୋରକାର୍ବନ, ହାଇଡ୍ରୋ କ୍ଲୋରଫ୍ଲୋରକାର୍ବନ, ସବୁଜଗୃହର ପ୍ରଭାବ, ବିଶ୍ୱତାପନ, ଓଜନ କ୍ଷୟ ଭଳି ମାରାତ୍ମକ ପରିବେଶ ଅବକ୍ଷୟ ପାଇଁ ଦାୟୀ, ଯାହା ଜୀବଜଗତର ସ୍ଥିତି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରେ। ଏସବୁ ମନୁଷ୍ୟକୃତ କାର୍ଯ୍ୟ ପାଇଁ ସଭିଏ ସଚେତନ ହୋଇ କାର୍ଯ୍ୟ ନ କଲେ ପୃଥିବୀରେ ଜୀବସତ୍ତା ଓ ଗୁଣାତ୍ମକ ଜୀବନଯାପନ କରିବା ଅସମ୍ଭବ। ଏପଟେ ଡିଜିଟାଲ କାର୍ଯ୍ୟକଳାପ ବିଶ୍ୱରେ ୨ଶତକଡା କାର୍ବନଡାଇଅକ୍ସାଇଡ ବିକିରଣ ପାଇଁ ଦାୟୀ। ଏହା ଏକ ନୂତନ ପ୍ରଦୂଷଣର ଅୟମାରମ୍ଭ।

ପ୍ରଦୂଷଣ ନିୟନ୍ତ୍ରଣ ଓ ଜୀବଜନ୍ତୁଙ୍କ ସୁରକ୍ଷା ପାଇଁ ଅନେକ ଆଇନ ପ୍ରଣୀତ ହୋଇଛି। ସରକାରୀଠାରୁ ବେସରକାରୀ ପର୍ଯ୍ୟନ୍ତ ଅନେକ ସଂସ୍ଥା ଏଦିଗରେ କାର୍ଯ୍ୟ କରୁଛନ୍ତି। ତଥାପି ପ୍ରଦୂଷଣ ଯୋଗୁ ପରିବେଶ ଓ ପରିସ୍ଥିତି ବିଗିଡିବାରେ ଲାଗିଛି। ମାନସିକ, ଶାରୀରିକ ସୁସ୍ଥତା ବଜାୟ ରଖିବାକୁ ହେଲେ ଏବେଠାରୁ ବୁଦ୍ଧିମାନର କାର୍ଯ୍ୟ ସ୍ୱରୂପ ପ୍ରକୃତି ଓ ପରିବେଶର ସୁରକ୍ଷା ପାଇଁ ପ୍ରଦୂଷଣ ମାତ୍ରାକୁ ଘରଠାରୁ ବାହାର ପର୍ଯ୍ୟନ୍ତ କମାଇବା ଉଚିତ। ପରିବେଶ ସୁରକ୍ଷା ପ୍ରତି ଦୁର୍ବଳତା ପ୍ରତିଟି ହୃଦୟରେ ଜନ୍ମନେବା ଜରୁରୀ। ଅତିକମ୍‌ରେ ଏବେଠାରୁ ପ୍ରତିଦିନକୁ 'ନୋ ପଲିଥିନ ଡେ' ଭାବରେ ସମସ୍ତେ ପାଳନ କଲେ ପ୍ରଦୂଷଣ ନିୟନ୍ତ୍ରଣ ଦିଗରେ ଏହା ଏକ ବଡ଼ ପଦକ୍ଷେପ ହେବ। କେବଳ ସେତିକି ନୁହେଁ, ଇ-ଗାଡି, ସୌର ଶକ୍ତିର ବ୍ୟବହାର ବୃଦ୍ଧିକଲେ ପ୍ରଦୂଷଣର ଏ ତାଣ୍ଡବଲୀଳା ସମାପ୍ତ ହେବ।

**ବିଜିପୁର, ବ୍ରହ୍ମଗିରି, ପୁରୀ**
**ମୋ-୯୪୩୮୪୩୨୦୨୩**

## ପାଠକ ଶ୍ରେଷ୍ଠ ବିଚାରକ

### ଗୁଣ୍ଡା ଆଇନର ଆବଶ୍ୟକତା

ମହାଶୟ,

ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସହରରେ ଗୁଣ୍ଡା ଶ୍ରେଣୀର ଅସାମାଜିକ ଲୋକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇ ଆତଙ୍କ ସୃଷ୍ଟି କରୁଥିବାର ଦୃଶ୍ୟ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ସଂପ୍ରତି ନ୍ୟାଶନାଲ କ୍ରାଇମ୍ ବ୍ୟୁରୋ ରିପୋର୍ଟରେ ଦେଶର ୧୦ଟି ସର୍ବାଧିକ ଅପରାଧପ୍ରବଣ ରାଜ୍ୟ ମଧ୍ୟରେ ଓଡ଼ିଶା ମଧ୍ୟ ସ୍ଥାନିତ ହୋଇଛି। ଏହାକୁ ଲକ୍ଷ୍ୟ କରି ଏବେ ଏକ ଗୁଣ୍ଡା ଆଇନ ପ୍ରଣୟନ କରିବା ଜରୁରୀ। ଦେଶରେ ପ୍ରଚଳିତ ଆଇନ୍‌ରେ ଏମାନଙ୍କୁ ଦମନ କରିବା ପାଇଁ ବ୍ୟବସ୍ଥା ଥିଲେ ମଧ୍ୟ ସେ ସବୁ ବ୍ୟବସ୍ଥା ଗୋଟିଏ ଆଇନରେ ସାମିଲ କରି କଠୋର ଦଣ୍ଡ ବ୍ୟବସ୍ଥା ରଖିଲେ ନୂତନ ଆଇନ ଅଧିକ ଫଳପ୍ରଦ ହୋଇପାରିବ। ନୂତନ ଆଇନରେ ତଦନ୍ତ ଓ ବିଚାର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରି ଦୋଷୀକୁ ଯେତେ ଶୀଘ୍ର ଦଣ୍ଡବିଧାନ କରାଯିବ, ଗୁଣ୍ଡାମାନଙ୍କୁ ଦମନ କରିବା ସେତେ ସହଜ ହେବ। ଏଥିପାଇଁ ପୋଲିସ ବିଭାଗର ମାନବ ସମ୍ବଳ ବୃଦ୍ଧି ସହ ଏହି ଆଇନ ଅଧୀନ ମାମଲାଗୁଡିକ ସ୍ୱତନ୍ତ୍ର କୋର୍ଟରେ ବିଚାର କରିବା ସହ ଅଭିଯୁକ୍ତଙ୍କୁ ଜାମିନ ନ ମିଳିବା ଓ ଶୁଣାଣି ତାରିଖକୁ ନ ଘୁଞ୍ଚାଇବାର ପ୍ରାବଧାନ ରଖାଯିବା ଆବଶ୍ୟକ। ଅତୀତରେ ମହାରାଷ୍ଟ୍ର, ଉତ୍ତରପ୍ରଦେଶ ଓ ଗୁଜରାଟ ସରକାର ଅନୁରୂପ ଆଇନ୍ ପ୍ରଣୟନ କରି କାର୍ଯ୍ୟକାରୀ କରୁଥିବାରୁ ସେମାନଙ୍କ ସହାୟତା ନିଆଯାଇପାରେ।

**-ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ସବୁଠାରୁ ବଡ଼ ସେହି ଲଢ଼େଇର ଡାକ
ରୁଷିଆ-ଭାରତ ବହୁଦେଶ ଘେରି ଉଠିଛି
ଦୁନିଆଯାକ ?
ସାମ୍ରାଜ୍ୟବାଦ ଶିଖା
ସେ ଡାକେ ପଡିଛି ଫିକା।
-(ଅଗଣିତ ଆଗୁଆନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ୟୁକୋ ବ୍ୟାଙ୍କ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ୱାକାଥନ

**ଭୁବନେଶ୍ୱର,୧।୧୨:** ୟୁକୋ ବ୍ୟାଙ୍କର ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ 'ଆଜାଦୀ କା ଅମୃତ ମହୋତ୍ସବ' ଉପଲକ୍ଷେ ନିକଟରେ ଏକ ୱାକାଥନ୍‌ର ଆୟୋଜନ କରାଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ଅରୂପାନନ୍ଦ ଜେନା ଯୋଗଦେଇ ଉକ୍ତ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ମାଷ୍ଟର କ୍ୟାଣ୍ଟିନସ୍ଥିତ ୟୁକୋ ବ୍ୟାଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କ ସମେତ ଭୁବନେଶ୍ୱର ଓ କଟକ ଶାଖାର ବହୁ କର୍ମଚାରୀ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କର ଅନ୍ୟାନ୍ୟ ଶାଖାରେ ମଧ୍ୟ ଗ୍ରାହକ ସମ୍ମିଳନୀ ସାଙ୍ଗକୁ ୱାକାଥନ୍‌ର ଆୟୋଜନ କରାଯାଇଥିଲା ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

### କ୍ରେଡାଇ ଫାଉଣ୍ଡେଶନର ସିଏସ୍‌ଆର୍ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୧।୧୨:** କ୍ରେଡାଇ ଭୁବନେଶ୍ୱର ଫାଉଣ୍ଡେଶନର ୟୁଥ୍ ୱିଙ୍ଗ୍ ଏବଂ ଆର୍ଟିସିଆନ୍ ଡଟ୍ କମ୍ ଅନ୍‌ଲାଇନ ସହ ମିଳିତ ସହଯୋଗରେ ପିଲାମାନଙ୍କ ମଧ୍ୟରେ 'ଆର୍ଟ ଟ୍ୟାଲେଣ୍ଟ କ୍ରେଷ୍ଟ' ନାମରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଉକ୍ତ ପ୍ରତିଯୋଗିତାର ବିଷୟବସ୍ତୁ 'ସ୍ମାର୍ଟ ସିଟିର ପରିକଳ୍ପନା' ରହିଥିଲା। ସଂସ୍ଥାର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) କାର୍ଯ୍ୟକ୍ରମର ଏକ ଅଂଶ ଭାବେ ଏହି ପ୍ରତିଯୋଗିତାର ଆୟୋଜନ କରାଯାଇଥିଲ। ଏହି ପରିପ୍ରେକ୍ଷୀରେ ଅଷ୍ଟମରୁ ଦଶମ ଶ୍ରେଣୀର ଛାତ୍ରୀଛାତ୍ରମାନେ ଅନ୍‌ଲାଇନ ଜରିଆରେ ଅଂଶଗ୍ରହଣ କରିଥିଲେ। ପରିଶେଷରେ ପ୍ରତିଯୋଗିତାର ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସ୍ୱୟଂମ୍ ମହାନ୍ତି ଏବଂ ଆର୍ଟିସିଆନ୍ ଡଟ୍ କମ୍‌ର ନିର୍ଦ୍ଦେଶକ ଆଶୁତୋଷ ନନ୍ଦ ପୁରସ୍କାର ବିତରଣ କରିଥିଲେ। ୟୁଥ୍ ୱିଙ୍ଗ୍‌ର ଏଭଳି ପ୍ରୟାସକୁ କ୍ରେଡାଇ ଭୁବନେଶ୍ୱର ଫାଉଣ୍ଡେଶନର ସଭାପତି କାନ୍ତିଲାଲ ପଟେଲ ଏବଂ ସମ୍ପାଦକ ଉମେଶ ପଟ୍ଟନାୟକ ଉଚ୍ଚ ପ୍ରଶଂସା କରିଥିଲେ।

# ନଭେମ୍ବରରେ ଦ୍ୱିତୀୟ ସର୍ବାଧିକ ଜିଏସ୍‌ଟି ସଂଗ୍ରହ

**ନୂଆଦିଲ୍ଲୀ, ୧।୧୨**

ଦ୍ରବ୍ୟ ଓ ସେବା ଟିକସ (ଜିଏସ୍‌ଟି) ସଂଗ୍ରହ ନଭେମ୍ବର ମାସରେ ୨୫ ପ୍ରତିଶତ ବୃଦ୍ଧି ପାଇ ୧.୩୧ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଦେଶରେ ଜିଏସ୍‌ଟି କାର୍ଯ୍ୟକାରୀ ହେବା ଦିନଠାରୁ ଏହା ଦ୍ୱିତୀୟ ସର୍ବାଧିକ ଟିକସ ସଂଗ୍ରହ। ଏହା ପୂର୍ବରୁ ଗତ ଏପ୍ରିଲ୍‌ରେ ସର୍ବାଧିକ ୧.୪୦ ଲକ୍ଷ କୋଟି ଟଙ୍କାର ଜିଏସ୍‌ଟି ସଂଗୃହୀତ ହୋଇଥିଲା।

ଅଧିକ ଜିଏସ୍‌ଟି ସଂଗ୍ରହ ହୋଇଥିବାରୁ ବ୍ୟବସାୟ କାରବାର ସ୍ୱାଭାବିକ ହେବା ସହ ଆର୍ଥିକ ସ୍ଥିତିରେ ସୁଧାର ଆସୁଥିବାର ସୂଚନା ମିଳୁଥିବା ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। କ୍ରମାଗତ ୫ ମାସ ହେଲା ଜିଏସ୍‌ଟିରୁ ରାଜସ୍ୱ ସଂଗ୍ରହ ୧ ଲକ୍ଷ କୋଟିରୁ ଅଧିକ ରହିଛି। ଦ୍ୱିତୀୟ ଥର ପାଇଁ ଜିଏସ୍‌ଟି ୧.୩୦ ଲକ୍ଷ କୋଟି ଟପିଥିବାରୁ ମହାମାରୀ ଜନିତ ଖରାପ ସ୍ଥିତିରୁ




ଅର୍ଥନୀତି ମୁକ୍ତ ହୋଇଥିବା ସ୍ପଷ୍ଟ ହୋଇଛି।

ନଭେମ୍ବରରେ ମୋଟ ୧,୩୧,୫୨୬ କୋଟି ଟଙ୍କା ଜିଏସ୍‌ଟି ରାଜସ୍ୱ ସଂଗ୍ରହ ହୋଇଛି। ସେଥିରୁ କେନ୍ଦ୍ରୀୟ ଜିଏସ୍‌ଟି (ସିଜିଏସ୍‌ଟି) ୨୩,୯୭୮ କୋଟି ହୋଇଥିବା ବେଳେ ରାଜ୍ୟ ଜିଏସ୍‌ଟି (ଏସ୍‌ଜିଏସ୍‌ଟି) ୩୧,୧୨୭ କୋଟି। ଆଇଜିଏସ୍‌ଟି ବାବଦରେ ୬୬,୮୧୫

## ଆଦାୟ ହୋଇଛି ୧.୩୧ ଲକ୍ଷ କୋଟି ଟଙ୍କା

କୋଟି ସଂଗ୍ରହ ହୋଇଥିବାବେଳେ ସେଥିରୁ ୩୨,୧୬୫ କୋଟିଟଙ୍କା ଦ୍ରବ୍ୟ ଆମଦାନୀରୁ ସଂଗୃହୀତ ହୋଇଛି। ସେହିପରି ଦ୍ରବ୍ୟ ଆମଦାନୀରୁ ୬୫୩ କୋଟିକୁ ମିଶାଇ ସେସ୍ ବାବଦରେ ୯,୬୦୬ କୋଟି ଟଙ୍କା ସଂଗ୍ରହ ହୋଇଥିବା ଜଣାପଡ଼ିଛି।

ଜିଏସ୍‌ଟି ଅନୁପାଳନରେ ଉନ୍ନତି ପାଇଁ କେତେକ ନୀତିଗତ ଓ ପ୍ରଶାସନିକ ପଦକ୍ଷେପ ନିଆଯାଇଥିବାରୁ ରାଜସ୍ୱ ସଂଗ୍ରହ ବୃଦ୍ଧି ପାଇଥିବା କୁହାଯାଇଛି। ଗତ ବର୍ଷକ ମଧ୍ୟରେ ବ୍ୟବସ୍ଥାଗତ ସାମର୍ଥ୍ୟ ବଢ଼ାଇବା, ରିଟର୍ନ ଦାଖଲର ଶେଷ ତାରିଖ ପରେ ଏହା ଫାଇଲ କରି ନ ଥିବା ଟିକସଦାତାଙ୍କୁ ତାଗିଦ କରିବା, ସ୍ୱତଃ ରିଟର୍ନ ଡାଟାବେସ୍ ପ୍ରସ୍ତୁତ ଓ ଆକଳନ, ଇ-ୱେ ବିଲ୍‌କୁ ଅଟକାଇବା ଆଦି ପଦକ୍ଷେପ ଯୋଗୁ ରାଜସ୍ୱ ସଂଗ୍ରହରେ ଫାଇଦା ମିଳିପାରିଛି। ଡିସେମ୍ବରରେ ଜିଏସ୍‌ଟି ସଂଗ୍ରହ କମିପାରେ ବୋଲି ନଭେମ୍ବରର ପ୍ରଥମ ୩ ସପ୍ତାହରେ ପ୍ରସ୍ତୁତ ହୋଇଥିବା ହାରାହାରି ଇ-ୱେବିଲ୍ ଘୋଷଣାରୁ ଜଣାପଡୁଥିବା ଆଇସିଆର୍‌ଏର ମୁଖ୍ୟ ଅର୍ଥନୀତିଜ୍ଞ ଅଦିତି ନାୟାର କହିଛନ୍ତି। ୨୦୨୨ ଆର୍ଥିକ ବର୍ଷରେ କେନ୍ଦ୍ରୀୟ ଜିଏସ୍‌ଟି ସଂଗ୍ରହ ୫.୮ ଲକ୍ଷ କୋଟି ଟଙ୍କାରେ ପହଞ୍ଚିବା ଆଶା କରାଯାଉଛି ବୋଲି ନାୟାର କହିଛନ୍ତି। ଡେଲୋଇଟ୍ ଇଣ୍ଡିଆ ପାର୍ଟନର ଏମ୍.ଏସ୍. ମଣିଙ୍କ କହିବା ଅନୁଯାୟୀ, ବୃହତ୍ ରାଜ୍ୟଗୁଡ଼ିକରେ ରାଜସ୍ୱ ସଂଗ୍ରହ ୧୮ରୁ ୩୦ ପ୍ରତିଶତ ବୃଦ୍ଧି ପାଇଛି।

# ରୋଗୀଙ୍କୁ ସଚେତନ କରାଇବ 'ନିମାଇ'




**ଭୁବନେଶ୍ୱର,୧।୧୨**

ବର୍ତ୍ତମାନର ବ୍ୟସ୍ତବହୁଳ ଜୀବନରେ ସ୍ୱାସ୍ଥ୍ୟ ପ୍ରତି ସଚେତନ ହୋଇ ନ ପାରିବାରୁ ମଧୁମେହ ସହ ଅନ୍ୟାନ୍ୟ ରୋଗ ମଧ୍ୟ ହେଉଛି। ମୁଖ୍ୟତଃ କାର୍ଯ୍ୟବ୍ୟସ୍ତତା ଯୋଗୁ ରୋଗରୁ ନିରାକରଣ ପାଇଁ ଠିକ୍ ସମୟରେ ଔଷଧ ସେବନ ନ କରିପାରିବା ଯୋଗୁ ମାସ ମାସ ଧରି ରୋଗୀ ଯନ୍ତ୍ରଣା ସହ୍ୟ କରିଥାଏ। ଏଭଳି ଏକ ଜଟିଳ ସମସ୍ୟାର ସମାଧାନ ପାଇଁ ଏକ ଅତ୍ୟାଧୁନିକ ମୋବାଇଲ ଆପ୍ 'ନିମାଇ'ର ପରିକଳ୍ପନା କରାଯାଇଛି। ଏହି ଆପ୍ ଚିକିତ୍ସା କ୍ଷେତ୍ରରେ ଆଉ ଏକ ନିଆରା ପଦକ୍ଷେପ ବୋଲି ଚିକିତ୍ସା ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି। ବିଶେଷକରି ମଧୁମେହ କିମ୍ବା ଅନ୍ୟାନ୍ୟ ରୋଗର ରୋଗୀ ମଧ୍ୟ ଏହି ଆପ୍‌ରେ ନିଜର ସ୍ୱାସ୍ଥ୍ୟଗତ ସୂଚନା ପାଇପାରିବ। ଏଭଳି ଏକ ଆପ୍‌କୁ ପ୍ରସ୍ତୁତ କରିଛନ୍ତି ବରିଷ୍ଠ ଆଇଟି ପ୍ରଫେସନାଲ ବିକ୍ରମ ରାୟ। ଏହି ପରିପ୍ରେକ୍ଷୀରେ ରାୟଙ୍କୁ ବୈଷୟିକ ସହାୟତା କରିଛନ୍ତି ବରିଷ୍ଠ ଚିକିତ୍ସକ ଡା. ଆଲୋକ କାନୁନ୍‌ଗୋ। ଏକ ସମୟରେ ୧୦୦୦ ରୋଗୀଙ୍କୁ ତଦାରଖ କରିବାରେ ଏହା ବେଶ୍ ସହାୟତା ହେବ। ଏହି ଆପ୍ ସମ୍ପୂର୍ଣ୍ଣ ମାଗଣାରେ ଲୋକଙ୍କୁ ମିଳିବ ଏବଂ ଚିକିତ୍ସା କ୍ଷେତ୍ରରେ ପ୍ରଫେସର ଡା. ନିମାନନ୍ଦ ରାୟଙ୍କ ଉଦ୍ଦେଶ୍ୟରେ ଏହାକୁ ଉତ୍ସର୍ଗୀକୃତ କରାଯାଇଛି ବୋଲି ଡା ଆଲୋକ କାନୁନ୍‌ଗୋ ମତବ୍ୟକ୍ତ କରିଛନ୍ତି।

# ପୁଣି ୧୦୩ ଟଙ୍କା ବଢ଼ିଲା ଗ୍ୟାସ୍ ଦର

**ନୂଆଦିଲ୍ଲୀ,୧।୧୨**

ଡିସେମ୍ବର ପହିଲାରେ ନୂଆ ଗ୍ୟାସ ଦର ପ୍ରକାଶ ପାଇଛି। ଦେଶର ପ୍ରମୁଖ ଗ୍ୟାସ ବିତରଣ କମ୍ପାନୀର ସୂଚନା ଅନୁସାରେ ବୁଧବାର ଭୁବନେଶ୍ୱରରେ କମର୍ସିଆଲ ଗ୍ୟାସ ସିଲିଣ୍ଡରର ମୂଲ୍ୟ ୧୦୩ ଟଙ୍କା ବୃଦ୍ଧି ପାଇଛି। ସେହିଭଳି ଘରୋଇ ଗ୍ୟାସ ସିଲିଣ୍ଡରର ଦର ପୂର୍ବପରି ସ୍ଥିର ରହିଛି। ଫଳରେ ଭୁବନେଶ୍ୱରରେ କମର୍ସିଆଲ ସିଲିଣ୍ଡର (୧୯ କେଜି) ର ଦର ୨୨୦୩ ଟଙ୍କାରେ ପହଞ୍ଚିଛି। ଅପରପକ୍ଷରେ ଘରୋଇ ଗ୍ୟାସ (୧୪.୩ କେଜି) ର ଦର ୯୨୬ ଟଙ୍କାରେ ରହିଛି। ସେହିପରି ଦିଲ୍ଲୀରେ କମର୍ସିଆଲ ଗ୍ୟାସ ସିଲିଣ୍ଡରର ଦର ୧୦୦ ଟଙ୍କା ବୃଦ୍ଧି ପାଇଥିବା ବେଳେ ଘରୋଇ ଗ୍ୟାସ ଦର ପୂର୍ବପରି ସ୍ଥିର ରହିଛି। ବର୍ତ୍ତମାନ ଦିଲ୍ଲୀରେ ୧୯ କିଲୋଗ୍ରାମ ସିଲିଣ୍ଡର ମୂଲ୍ୟ ୨୧୦୧ ଟଙ୍କାକୁ ବୃଦ୍ଧି ଘଟିଛି। ଏହା ପୂର୍ବରୁ ୧ ନଭେମ୍ବରରେ କମର୍ସିଆଲ ଏଲପିଜି ଗ୍ୟାସ ସିଲିଣ୍ଡରର ମୂଲ୍ୟ ୨୬୬ ଟଙ୍କା



ବୃଦ୍ଧି ପାଇ ସିଲିଣ୍ଡର ମୂଲ୍ୟ ୨୦୦୦.୫୦ ଟଙ୍କାରେ ରହିଥିଲା। ଅପରପକ୍ଷରେ ଘରୋଇ ଗ୍ୟାସ ସିଲିଣ୍ଡର ମୂଲ୍ୟ ପରିବର୍ତ୍ତନ ହୋଇନାହିଁ। ଅକ୍ଟୋବରରେ ଶେଷ ଥର ପାଇଁ ଏହାର ମୂଲ୍ୟ ବୃଦ୍ଧି କରାଯାଇଥିଲା। ଦିଲ୍ଲୀ ଏବଂ ମୁମ୍ବାଇରେ ଅଣ-ସବସିଡି ଯୁକ୍ତ ୧୪.୨ କିଲୋଗ୍ରାମ ଘରୋଇ ଏଲପିଜି ସିଲିଣ୍ଡରର ମୂଲ୍ୟ ବର୍ତ୍ତମାନ ୮୯୯.୫୦ ଟଙ୍କା ରହିଛି। ସେହିପରି କୋଲକାତାରେ ଘରୋଇ ଗ୍ୟାସର ମୂଲ୍ୟ ୯୨୬ ଟଙ୍କା ଥିବାବେଳେ ଚେନ୍ନାଇରେ ୧୪ କିଲୋଗ୍ରାମ ସିଲିଣ୍ଡରର ୯୧୫.୫ ଟଙ୍କା ଛୁଇଁଛି। ଡିସେମ୍ବରର ଘରୋଇ ସିଲିଣ୍ଡରର ଦର ବୃଦ୍ଧି ହୋଇନଥିଲେ ମଧ୍ୟ ପୂର୍ବାପେକ୍ଷା ଏହାର ଦରରେ ଅହେତୁକ ବୃଦ୍ଧି ସାଧାରଣ ଖାଉଟିଙ୍କୁ ଅତିରିକ୍ତ ଆର୍ଥିକ ବୋଝ ବହନ କରିବାକୁ ପଡୁଛି ବୋଲି ଖାଉଟି ମତବ୍ୟକ୍ତ କରିଛନ୍ତି।

# ଦିଲ୍ଲୀରେ ପେଟ୍ରୋଲ ୮ ଟଙ୍କା କମିଲା

**ନୂଆଦିଲ୍ଲୀ,୧।୧୨**

୨୬ ଦିନ ପରେ ଦିଲ୍ଲୀର କ୍ଷମତାସୀନ କେଜ୍‌ରିୱାଲ ସରକାର ବୁଧବାର ପେଟ୍ରୋଲ ଉପରେ ଲାଗୁ ହେଉଥିବା ଭାଟ୍‌କୁ ଏକା ଥରକେ ୮ ଟଙ୍କା ହ୍ରାସ କରିଛନ୍ତି। ଫଳରେ ପେଟ୍ରୋଲର ଲିଟର ପିଛା ଦାମ ପ୍ରାୟ ୯୬ ଟଙ୍କାରେ ପହଞ୍ଚିଛି ବୋଲି ସୂଚନା ମିଳିଛି। ବୁଧବାର ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ଅଧ୍ୟକ୍ଷତାରେ ଦିଲ୍ଲୀ ସରକାରଙ୍କ କ୍ୟାବିନେଟ ବୈଠକ ବସିଥିଲା। ଉକ୍ତ ବୈଠକରେ ଦିଲ୍ଲୀର ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ବିଶେଷକରି ତୈଳ ଦରକୁ ନେଇ ବ୍ୟାପକ ଚର୍ଚ୍ଚା ହୋଇଥିଲା। ଏହାପରେ କ୍ୟାବିନେଟ୍‌ର ନିଷ୍ପତ୍ତିକ୍ରମେ ପେଟ୍ରୋଲ ଉପରେ ଲାଗୁଥିବା ଭାଟ୍‌କୁ ସରକାର ୮ ଟଙ୍କା ହ୍ରାସ କରିଥିବା ଘୋଷଣା କରାଯାଇଥିଲା। ଏହି ଦର ହ୍ରାସ ଯୋଗୁ ଦିଲ୍ଲୀବାସୀ ଗୁରୁବାର ଠାରୁ ପ୍ରାୟ ୯୬ ଟଙ୍କାରେ ପେଟ୍ରୋଲ କ୍ରୟ କରିବେ ବୋଲି ଜଣାପଡ଼ିଛି।

# ସଞ୍ଜୀବ ଜୁନେଜାଙ୍କୁ ଉତ୍କୃଷ୍ଟ ଉଦ୍ୟୋଗୀ ପୁରସ୍କାର



**ନୂଆଦିଲ୍ଲୀ,୧।୧୨**

ସିମଲାର କୁଫ୍‌ରିରେ ରେଡିଓ ଅରେଞ୍ଜ ପକ୍ଷରୁ ଆୟୋଜିତ ବିଜନେସ୍ ଏକ୍ସିଲେନ୍ସ ଆୱାର୍ଡସ-୨୦୨୧ରେ ଏସ୍‌ବିଏସ୍ ବାୟୋଟେକର ନିର୍ଦ୍ଦେଶକ ଡା. ସଞ୍ଜୀବ ଜୁନେଜାଙ୍କୁ ଉତ୍କୃଷ୍ଟ ଉଦ୍ୟୋଗୀ ସମ୍ମାନରେ ସମ୍ମାନିତ କରାଯାଇଛି। ହିମାଚଳ ପ୍ରଦେଶର ମୁଖ୍ୟମନ୍ତ୍ରୀ ଜୟରାମ ଠାକୁରଙ୍କ ହାତରୁ ଜୁନେଜା ଏହି ସମ୍ମାନକୁ ଗ୍ରହଣ କରିଛନ୍ତି। ଏହି ଅବସରରେ ଅରେଞ୍ଜ ରେଡିଓର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଇନୁ ମଜୁମଦାର ଏବଂ ବଲିଉଡ ଅଭିନେତ୍ରୀ ନେହା ଧୂପିଆ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଜୟରାମ ଠାକୁର ନିଜର ଅଭିଭାଷଣରେ କହିଥିଲେ ଯେ କୌଣସି ରାଜ୍ୟର ବିକାଶ ପାଇଁ ସେଠାକାର ଉଦ୍ୟୋଗୀଙ୍କ ସଫଳତା ନିତାନ୍ତ ଆବଶ୍ୟକ ଅଟେ। ସମାଜକୁ ବହୁମୂଲ୍ୟ ଯୋଗଦାନ ଏବଂ ପ୍ରଶଂସନୀୟ କାର୍ଯ୍ୟ ପାଇଁ ଡା. ଜୁନେଜାଙ୍କୁ ସମ୍ମାନିତ କରାଯାଇଛି ବୋଲି ଆୟୋଜକ ମତବ୍ୟକ୍ତ କରିଛନ୍ତି।

ଫୁର୍‌ସତ୍

# ଲଟେରିରେ ଜିତିଲେ ୭ କୋଟି

**ୱାଶିଂଟନ**

ଜଣେ ବ୍ୟକ୍ତିଙ୍କ ହାର୍ଟ ସର୍ଜରୀ ପରେ ଭାଗ୍ୟ ବଦଳିଯାଇଛି। କାରଣ ତାଙ୍କ ଅଜାଣତରେ ଆକାଉଣ୍ଟକୁ ୭ କୋଟି ଟଙ୍କା ଆସିଛି। ଏହା ଜାଣିବା ପରେ ଏହି ବ୍ୟକ୍ତିଙ୍କର ଖୁସି କହିଲେ ନ ସରେ। ଆମେରିକାର ମାସାଚ୍ୟୁଟସ୍‌ରେ ରହୁଥିବା ଜଣେ ବ୍ୟକ୍ତିଙ୍କୁ ୧ ମିଲିୟନ ଡଲାର ଅର୍ଥାତ୍ ୭ କୋଟିରୁ ଅଧିକ ଟଙ୍କା ମିଳିଛି। ଏହି ବ୍ୟକ୍ତି ଜଣକ ନିଜର ଓପନ ହାର୍ଟ ସର୍ଜରୀ କରାଇ ସୁସ୍ଥ ହୋଇଥିଲେ। ତାଙ୍କର ଜଣେ ବନ୍ଧୁ ତାଙ୍କୁ ଏକ ଲଟେରି ଟିକେଟ ଦେଇଥିଲେ। କିନ୍ତୁ କେହି ଜାଣି ନ ଥିଲେ କି ଏହି ଲଟେରିରେ ତାଙ୍କୁ ଏତେ ଟଙ୍କା ମିଳିବ। ଏକ ରିପୋର୍ଟ ଅନୁଯାୟୀ, ଓପନ ହାର୍ଟ ସର୍ଜରୀ ପରେ ସୁସ୍ଥ ହୋଇଥିବା ଆଲେକ୍‌ଜାଣ୍ଡର ମ୍ୟାକ୍ସିସ ନାମକ ଜଣେ ବ୍ୟକ୍ତିଙ୍କୁ ତାଙ୍କର ଜଣେ ବନ୍ଧୁ ଉକ୍ତ ଲଟେରି ଟିକେଟ ଦେଇଥିଲେ। ଯେତେବେଳେ ସେ ଟିକେଟକୁ ସ୍କ୍ରାଚ କଲେ ସେତେବେଳେ ଏତେ ପରିମାଣର ଟଙ୍କାର ଲଟେରି ଜିତିଥିବା ଦେଖି ଖୁସି ହୋଇଯାଇଥିଲେ।

# ଜୀବନ ପାଇଁ ପ୍ରଦୂଷଣମୁକ୍ତ ପରିବେଶ

**ମ**ଣିଷ ବଞ୍ଚିରହିବା ପାଇଁ ପ୍ରଦୂଷଣମୁକ୍ତ ପରିବେଶ ଅପରିହାର୍ଯ୍ୟ। ସେହିପରି ପ୍ରଦୂଷଣ ମୁକ୍ତ ପରିବେଶ ଲାଗି ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହାକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ଡିସେମ୍ବର ୨ରେ ଜାତୀୟ ପ୍ରଦୂଷଣ ନିୟନ୍ତ୍ରଣ ଦିବସ ପାଳନ କରାଯାଇଥାଏ। ୧୯୮୪ରେ ଭୟଙ୍କର ଭୋପାଳ ଗ୍ୟାସ ଟ୍ରାଜେଡିରେ ପୀଡ଼ିତ ତଥା ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ସ୍ମୃତିରେ ପ୍ରତିବର୍ଷ ଡିସେମ୍ବର ୨ରେ ଏହି ଦିବସ ପାଳିତ ହୋଇଥାଏ। ୧୯୮୪ ଡିସେମ୍ବର ୨ ରାତିରେ ଭୋପାଳର ୟୁନିୟନ କାର୍ବାଇଡ ରାସାୟନିକ କାରଖାନାରୁ ମିଥାଇଲ ଆଇସୋସିଆନେଟ୍ ଏବଂ ଅନ୍ୟ ବିଷାକ୍ତ ଗ୍ୟାସ୍ ନିର୍ଗତ ହୋଇଥିଲା। ପାଞ୍ଚ ଲକ୍ଷରୁ ଅଧିକ ଲୋକ ବିଷାକ୍ତ ଗ୍ୟାସର ସଂସ୍ପର୍ଶରେ ଆସିଥିଲେ ଏବଂ ପରବର୍ତ୍ତୀ ଦିନରେ ଅତି କମ୍‌ରେ ୪,୦୦୦ ଲୋକଙ୍କର ମୃତ୍ୟୁ ଘଟିଥିଲା। ପରବର୍ତ୍ତୀ ବର୍ଷଗୁଡ଼ିକରେ ଗ୍ୟାସ ଲିକ୍‌ର ପ୍ରଭାବ ଯୋଗୁ ବହୁ ଲୋକଙ୍କ ମୃତ୍ୟୁ ଘଟିଥିଲା। ବଞ୍ଚିଥିବା ଲୋକଙ୍କଠାରେ




କର୍କଟ ଏବଂ ଜନ୍ମଗତ ବିଭିନ୍ନ ସମସ୍ୟା ସହିତ ରୋଗପ୍ରତିରୋଧକ ଶକ୍ତି ହ୍ରାସ ପାଇବା ସମସ୍ୟା ସୃଷ୍ଟି ହୋଇଥିଲା। ବାୟୁ ପ୍ରଦୂଷଣ ଯୋଗୁ ୨୦୧୯ ରେ ଭାରତରେ ଷ୍ଟ୍ରୋକ୍, ହୃଦ୍‌ଘାତ, ମଧୁମେହ, ଫୁସ୍‌ଫୁସ କର୍କଟ, କ୍ରନିକ ଫୁସ୍‌ଫୁସ ରୋଗରେ ବାର୍ଷିକ ୧.୬୭ ନିୟୁତରୁ ଅଧିକ ମୃତ୍ୟୁ ଘଟିଥିବା ନେଇ ଷ୍ଟେଟ୍ ଅଫ୍ ଗ୍ଲୋବାଲ ଏୟାର ୨୦୨୦ ରିପୋର୍ଟରେ ଦର୍ଶାଯାଇଛି।ଜାତୀୟ ପ୍ରଦୂଷଣ ନିୟନ୍ତ୍ରଣ ଦିବସ ପାଳନ ଅବସରରେ ବାୟୁ, ଜଳ ଏବଂ ମୃତ୍ତିକା ପ୍ରଦୂଷଣ ଦ୍ୱାରା ମାନବ ଜୀବନ ଉପରେ କିଭଳି ପ୍ରଭାବ ଅନୁଭୂତ ହେଉଛି ସେ ନେଇ ସଚେତନତା ସୃଷ୍ଟି କରାଯାଇଥାଏ।

# ସମାନତା ହିଁ ବିକାଶର ପ୍ରଥମ ପାହାଚ

**ମ**ଣିଷ ମଣିଷ ମଧ୍ୟରେ ସମାନତା ରହିଲେ ପୃଥିବୀର ସାମଗ୍ରିକ ବିକାଶ ଧାରା ସହଜ ହୋଇଥାଏ। ସମାନତା ହିଁ ବିକାଶର ପ୍ରଥମ ପାହାଚ। ଏହାକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ଡିସେମ୍ବର ୨ରେ ଅନ୍ତର୍ଜାତୀୟ ଦାସତ୍ୱ ବିଲୋପ ଦିବସ ପାଳନ କରାଯାଇଥାଏ। ଦାସତ୍ୱର ବିଲୋପ ପାଇଁ ମିଳିତ ଜାତିସଂଘର ସାଧାରଣ ସଭା ଦ୍ୱାରା ୧୯୮୬ଠାରୁ ଏହି ଦିବସ ପାଳିତ ହୋଇଆସୁଛି। ମାନବ ଚୋରା ଚାଲାଣ, ବ୍ୟଭିଚାର ଏବଂ ଶୋଷଣ ବିରୋଧରେ ୧୯୪୯ ଡିସେମ୍ବର ୨ରେ ଜାତିସଂଘର ସାଧାରଣ ସଭାରେ ଏନେଇ ଏକ ପ୍ରସ୍ତାବ ଆଗତ କରାଯାଇଥିଲା। ଦାସତ୍ୱ ବିରୋଧରେ ସଂଗ୍ରାମ ତଥା ଏହାର ବିଲୋପକୁ ସ୍ମରଣ କରିବା ପାଇଁ ଏହି ଦିବସ ପାଳନ ଲାଗି ଘୋଷଣା କରାଯାଇଥିଲା । ଅନ୍ତର୍ଜାତୀୟ ଶ୍ରମ ସଂଗଠନ (ଆଇଏଲଏ) ଅନୁଯାୟୀ



**ଅନ୍ତର୍ଜାତୀୟ ଦାସତ୍ୱ ବିଲୋପ ଦିବସ**

ବିଶ୍ୱର ୪୦ ନିୟୁତରୁ ଅଧିକ ଲୋକ ଆଧୁନିକ ଦାସତ୍ୱର ଶିକାର ହେଉଛନ୍ତି। ସେହିପରି ୧୫୦ ମିଲିୟନରୁ ଅଧିକ ଶିଶୁ ଶ୍ରମିକ ରହିଛନ୍ତି। ବିଶ୍ୱରେ ପ୍ରତି ଦଶ ପିଲାଙ୍କ ମଧ୍ୟରୁ ଜଣେ ଶିଶୁ ଶ୍ରମିକ ଭାବେ କାର୍ଯ୍ୟ କରୁଛନ୍ତି। ଏସମସ୍ତ ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ଏହି ଦିବସ ପାଳନ ଅବସରରେ ଉଦ୍ୟମ ହୋଇଥାଏ।

# ଅରୁଣାଚଳର ବ୍ରାଣ୍ଡ ଆମ୍ବାସାଡର




**ମୁମ୍ବାଇ:** ବଲିଉଡ ଅଭିନେତା ସଞ୍ଜୟ ଦତ୍ତଙ୍କୁ କିଏ ବା ନ ଜାଣେ । ସେ ତାଙ୍କର ଅଭିନୟକୁ ନେଇ ସବୁବେଳେ ଚର୍ଚ୍ଚାରେ ରୁହନ୍ତି । ନିକଟରେ ଭାଜପା ନେତୃତ୍ୱାଧୀନ ଅରୁଣାଚଳ ପ୍ରଦେଶ ସରକାର ବଲିଉଡ ଅଭିନେତା ସଞ୍ଜୟ ଦତ୍ତଙ୍କୁ ରାଜ୍ୟର ବ୍ରାଣ୍ଡ ଆମ୍ବାସାଡର ଭାବେ ନିଯୁକ୍ତ କରିଛନ୍ତି। ସଞ୍ଜୟ ଦତ୍ତଙ୍କ ବ୍ୟତୀତ ଚଳଚ୍ଚିତ୍ର ନିର୍ମାତା ତଥା ବ୍ରାଣ୍ଡିଂ ବିଶେଷଜ୍ଞ ରାହୁଲ ମିତ୍ରଙ୍କୁ ବ୍ରାଣ୍ଡ ପରାମର୍ଶଦାତା ଭାବରେ ସାଇନ କରିଛନ୍ତି । ରାଜ୍ୟର ନାମକରଣର ୫୦ ବର୍ଷ ପୂର୍ତ୍ତି ତଥା ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ସଞ୍ଜୟ ଦତ୍ତ ଏବଂ ରାହୁଲ ମିତ୍ରଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ପେମା ଖାଣ୍ଡୁ ଏବଂ ବିଧାନସଭା ବାଚସ୍ପତି ପାସଙ୍ଗ ସୋନା ଏହି ଘୋଷଣା କରିଛନ୍ତି । ସଞ୍ଜୟ ଦତ୍ତ ରାଜ୍ୟର ବ୍ରାଣ୍ଡ ଆମ୍ବାସାଡର ହୋଇଥିବାରୁ ଖୁସି ପ୍ରକାଶ କରିଛନ୍ତି। ସେ ରାହୁଲ ମିତ୍ରଙ୍କ ସହ ନିଜର ଏକ ଫଟୋ ଶେୟାର କରି ଅରୁଣାଚଳ ପ୍ରଦେଶ ସରକାର ଏବଂ ମୁଖ୍ୟମନ୍ତ୍ରୀ ପେମା ଖାଣ୍ଡୁଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସଞ୍ଜୟ ଏ ନେଇ ସୋସିଆଲ ମିଡିଆରେ ପୋଷ୍ଟ କରିବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ମିଳିଛି। ମିଡିଆ ଅଭିଯାନର ଏକ ଅଂଶ ଭାବରେ ସଞ୍ଜୟ ଦତ୍ତ ରାଜ୍ୟର ପର୍ଯ୍ୟଟନ ଉପରେ ପ୍ରମୋସନାଲ ଭିଡିଓ କରିବେ। ସ୍ଥାନୀୟ ଯୁବକମାନଙ୍କ ସହ ନିଶା ସେବନ ପ୍ରସଙ୍ଗ ଭଳି ରାଜ୍ୟର ବଡ଼ ସମସ୍ୟା ଉପରେ ଯୁବବର୍ଗଙ୍କ ସହ ମିଶି କାମ କରିବେ। ପ୍ରତିବର୍ଷ ଫିଲ୍ମ ସାଇନ୍ କରୁଥିବା ଅଭିନେତାଙ୍କ ମଧ୍ୟରେ ସଞ୍ଜୟ ଅନ୍ୟତମ। ହେଲେ ଏବେ ତାଙ୍କୁ ବହୁତ୍ କମ୍ ଫିଲ୍ମରେ ଲିଡ୍ ଚରିତ୍ରରେ ଦେଖିବାକୁ ମିଳୁଛି। ତେବେ ଅଧିକାଂଶ ଚଳଚ୍ଚିତ୍ରରେ ତାଙ୍କୁ ଭଲ ସପୋର୍ଟିଭ୍ ରୋଲ୍ ଅଫର ଦିଆଯାଉଛି। ନିକଟ ଅତୀତରେ ସେ ତୋରବାଜ, ଭୁଜ୍, ସଡ଼କ-୨, ପାନିପତ୍ ଭଳି ଫିଲ୍ମରେ ଅଭିନୟ କରିଛନ୍ତି। ଆଗାମୀ ଦିନରେ ସଞ୍ଜୟ ଦତ୍ତଙ୍କୁ ପୃଥ୍ୱୀରାଜ, ଶମଶେର, କେଜିଏଫ୍ ଚାପ୍ଟର-୨, ଦ ଗୁଡ୍ ମହାରାଜା ଆଦି ଫିଲ୍ମରେ ଦେଖିବାକୁ ମିଳିବ।

CLASSIFIED DISPLAY
ALL EDITION - B/W (Everyday)
TARIFF
MORE SPACE • SAME PRICE
GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 8637280816, 7894447167, 9338226625

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ । 2% ସୁଧ, 40% ରିହାତି । ମହିଳାଙ୍କ ପାଇଁ ବିଶେଷ ରିହାତି । ଅନ୍‌ଲାଇନ୍ ସୁବିଧା ।
Mudra Finance
Mob. 8987604637
Whatsapp: 8902923601

ଲୋନ
LOAN DHAMAKA
AADARSH FINANCE
ଆଦର୍ଶ ଫାଇନାନ୍ସ ଆପଣଙ୍କୁ ୧ଲକ୍ଷ ରୁ ୫୦ଲକ୍ଷ ପର୍ଯ୍ୟନ୍ତ ସବୁ ପ୍ରକାରର ଲୋନ୍ ଯୋଗାଇଦେଉଛି । 2%Interest, 40% Subsidy ଘରେ ବସି ONLINE ମାଧ୍ୟମରେ ସୁବିଧାରେ ଲୋନ୍‌ର ସୁବିଧା ପାଆନ୍ତୁ ।
ଯୋଗାଯୋଗ : 9432985505
: 9432985505

କେମିତି ମଦ ଛାଡ଼ିବେ
ନିଶାସକ୍ତ ବ୍ୟକ୍ତିଙ୍କୁ ନଆଣି ଓ ନଜଣାଇ ସମୟ ପୂର୍ବାହ୍ଣ ୧୦ଘଟିକାରୁ ଅପରାହ୍ଣ ୨ ଘଟିକା ପର୍ଯ୍ୟନ୍ତ ବାଲେଶ୍ୱର - ପ୍ରତ୍ୟେକ ମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ, ଭଦ୍ରକ - ୨ ଓ ୧୬, ହୋଟେଲ ବ୍ଲୁଭାଇନ, ରାଜଘାଟ ଛକ, ଯାଜପୁର- ୩ ଓ ୧୭, ହୋଟେଲ ଭିମ୍‌ସେନ ପ୍ୟାଲେସ, ଗୋପବନ୍ଧୁ ଛକ ନିକଟ, ଯାଜପୁର ରୋଡ଼, କଟକ- ୪ ଓ ୧୮, ହୋଟେଲ ରକ୍ସି, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ, ଭୁବନେଶ୍ୱର- ୫ ଓ ୧୯ , ହୋଟେଲ ଟ୍ରାଇଡେଣ୍ଟ, ଅଶୋକ ନଗର, ପୁରୀ- ୬ ଓ ୨୦, ହୋଟେଲ ପାରାଡାଇଜ, ଗ୍ରାଣ୍ଡ ରୋଡ୍, ବାରିପଦା- ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ, ସମ୍ବଲପୁର- ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍ ମାର୍ଗ, ରାଉରକେଲା- ୯ ଓ ୨୩, ହୋଟେଲ ଶ୍ୟାମ, ବିଶ୍ରାରୋଡ଼, ରେଲୱେ ଷ୍ଟେସନ ନିକଟ, ପାରାଦ୍ୱୀପ- ୮ ଓ ୨୨, ହୋଟେଲ ଆରିଷ୍ଟୋକାଟ, କେନ୍ଦ୍ରାପଡ଼ା- ୯ ଓ ୨୩, ହୋଟେଲ ଗୋଲଡେନ ପ୍ୟାଲେସ, ବସ୍‌ଷ୍ଟାଣ୍ଡ ନିକଟ, କେନ୍ଦୁଝର- ୧୦ ଓ ୨୪, ହୋଟେଲ ବରାଳ, ବସ୍‌ଷ୍ଟାଣ୍ଡ ନିକଟ, ଝାରସୁଗୁଡା- ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି.ରୋଡ, ଅନୁଗୁଳ- ୧୧ ଓ ୨୫, ହୋଟେଲ ଶାନ୍ତି ଗେଷ୍ଟ ହାଉସ, ବସ୍‌ଷ୍ଟାଣ୍ଡ ନିକଟ, ବ୍ରହ୍ମପୁର- ୧୨ ଓ ୨୬, ହୋଟେଲ ଭୁବନେଶ୍ୱରୀ ପ୍ୟାଲେସ, ସରକାରୀ ବସ୍‌ଷ୍ଟାଣ୍ଡ ନିକଟ, ଭବାନିପାଟଣା- ୧୩ ଓ ୨୭, ରବି ଲଜ୍, ଗାନ୍ଧି ଚୌକ, ବରଗଡ- ୧୪ ଓ ୨୮, ହୋଟେଲ ସାରଳା, ପ୍ରାଇଭେଟ ବସ୍‌ଷ୍ଟାଣ୍ଡ ନିକଟ, ନୟାଗଡ-୧୧, ହୋଟେଲ ତ୍ରିନାଥ, ପୂଜା ହେଲ୍‌ଥ ସେଣ୍ଟର।
ଶ୍ୱାସ, ଗଣ୍ଠିଯନ୍ତ୍ରଣା, ଅର୍ଶ, ଓଜନବୃଦ୍ଧି ପାଇଁ ଫଳପ୍ରଦ ଔଷଧ।

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ଂଚନ୍ଦ୍ରକଳା ସାହୁ
ହାବସପୁର,ଜୁନାଗଡ଼, ଜିଲ୍ଲା- କଳାହାଣ୍ଡି
ଆବିର୍ଭାବ-15.03.1929
ତିରୋଧାନ- 23.11.2021
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛୁ ।
ଶୋକସନ୍ତପ୍ତ - ସ୍ତ୍ରୀ, ପୁଅ, ବୋହୂ, ନାତି, ନାତୁଣୀ ଓ ସମସ୍ତ ପରିବାରବର୍ଗ ଏବଂ ଆତ୍ମୀୟସ୍ୱଜନ ।
ଧ-୨୨୪୪୨

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ଂଉର୍ମିଳା ନନ୍ଦ
ଘାଟିକିଆ, ଖଣ୍ଡଗିରି, ଭୁବନେଶ୍ୱର
ଆବିର୍ଭାବ: ୧୧.୦୮.୧୯୬୫
ତିରୋଧାନ: ୧୨.୧୨.୨୦୨୦
ହେ ପୁଣ୍ୟାତ୍ମା! ଆପଣଙ୍କ ଆକସ୍ମିକ ବିୟୋଗରେ ଆମେ ସପରିବାର ଅତ୍ୟନ୍ତ ମ୍ରିୟମାଣ। ଆପଣଙ୍କ ପରୋପକାର ଓ ତ୍ୟାଗ ଆମ ପାଇଁ ପଥପ୍ରଦର୍ଶକ ହେବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ସ୍ୱାମୀ, ପୁତ୍ର, ପୁତ୍ରବଧୂ, ଦିଅର, ଯାଆ, ନାତି, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
D-70980

# ବୃହତ୍ ବିଜୟରୁ ଓଡ଼ିଶାର ଅଭିଯାନ

ଭୁବନେଶ୍ୱର,୧।୧୨ (ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ସନ୍ତୋଷ ଟ୍ରଫି ପୁରୁଷ ଫୁଟବଲ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଘାଟିତ ହୋଇଛି। ଓଡ଼ିଶା ବୃହତ୍ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଓଡ଼ିଶା ତା'ର ପ୍ରଥମ ମ୍ୟାଚରେ ବିହାରକୁ ୫-୦ ଗୋଲରେ ପରାସ୍ତ କରିଛି। ଏହି ମ୍ୟାଚ୍ ଓଡ଼ିଶା ଖେଳାଳିମାନେ ଆଧିପତ୍ୟ ବିସ୍ତାର କରି ଖେଳିଥିଲେ। ଓଡ଼ିଶା ପ୍ରଥମାର୍ଦ୍ଧରେ ୨ଟି ଗୋଲ ଓ ଦ୍ୱିତୀୟାର୍ଦ୍ଧରେ ୩ଟି ଗୋଲ ସ୍କୋର କରିଥିଲା। ଦଳ ତରଫରୁ ରୁଦ୍ରପ୍ରସାଦ ପ୍ରଧାନ ୫୬ତମ ମିନିଟ୍‌ରେ ପେନାଲ୍ଟି ଜରିଆରେ ଗୋଲ ସ୍କୋର କରିଥିଲେ। ତେବେ ଚନ୍ଦ୍ର ମୁଦୁଲି ସପ୍ତମ ମିନିଟ୍‌ରେ ଗୋଲ ଦେଇ ଓଡ଼ିଶାକୁ ୧-୦ରେ ଅଗ୍ରଣୀ କରାଇଥିଲେ। ମୁଦୁଲି ୭୧ତମ ମିନିଟ୍‌ରେ ଆଉ ଗୋଟିଏ ଗୋଲ ଦେଇଥିଲେ। ମୋଟ ଉପରେ ସେ ଡବଲ୍ ଗୋଲ ସ୍କୋର କରିଥିଲେ। ସେକ୍ ଫରିଦ ୩୭ ଓ କାର୍ତ୍ତିକ ହନ୍ତାଲ ୮୫ତମ ମିନିଟ୍‌ରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ବିହାର ଗୋଟିଏ ହେଲେ ବି ଗୋଲ ଦେଇପାରି ନ ଥିଲା। ଡବଲ ଗୋଲ ସ୍କୋର କରିଥିବା ଚନ୍ଦ୍ର ମୁଦୁଲି ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ତାଙ୍କୁ ପୁରସ୍କାର ସ୍ୱରୂପ ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା (ଫାଓ) ଉପ-ସଭାପତି ବିଜୟ ଦାସ ୫,୦୦୦ ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି।


ଓଡ଼ିଶା-ବିହାର ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

**ସନ୍ତୋଷ ଟ୍ରଫି ଫୁଟବଲ**

ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ସଚିବ ତଥା କମିଶନର ଆର. ଭିନିଲ କ୍ରିଷ୍ଣା ଓ ଫାଓ ସମ୍ପାଦକ ଆଶୀର୍ବାଦ ବେହେରା ଅତିଥି ଭାବେ ଯୋଗ ଦେଇ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ ଏବଂ ମ୍ୟାଚ୍‌ରେ ଉପସ୍ଥିତି ଥିଲେ।

# ରୋହିତ, କୋହଲି, ଅଶ୍ୱିନ ଶ୍ରେଷ୍ଠ ଭାରତୀୟ

ଦୁବାଇ,୧।୧୨

ବୁଧବାର ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଟେଷ୍ଟ ଖେଳାଳି ତାଲିକା ପ୍ରକାଶିତ ହୋଇଛି। ବ୍ୟାଟିଂ ତାଲିକାରେ ରୋହିତ ଶର୍ମା ଓ ଅଧିନାୟକ ବିରାଟ କୋହଲି ଶ୍ରେଷ୍ଠ ଭାରତୀୟ ଖେଳାଳି ସାବ୍ୟସ୍ତ ହୋଇଛନ୍ତି। ସେହିପରି ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ବୋଲିଂ ତାଲିକାର ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି।

ରୋହିତ ପଞ୍ଚମ ଓ କୋହଲି ଷଷ୍ଠ ସ୍ଥାନରେ ରହିଛନ୍ତି। ଏହି ଦୁଇ ଖେଳାଳିଙ୍କ ସମେତ ଅଶ୍ୱିନ ର୍‍ୟାଙ୍କିଂରେ ନିଜର ସ୍ଥାନ ବଜାୟ ରଖିଛନ୍ତି। ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା ଗୋଟିଏ ସ୍ଥାନ ତଳକୁ ଖସି ଦଶମ ସ୍ଥାନରେ ରହିଛନ୍ତି। ଅଶ୍ୱିନଙ୍କୁ ବାଦ୍ ଦେଲେ ରୋହିତ, କୋହଲି ଓ ବୁମ୍‌ରା ପ୍ରଥମ ଟେଷ୍ଟ ଖେଳି ନ ଥିଲେ। କାନପୁର ଟେଷ୍ଟରେ ପଦାର୍ପଣ କରି ପ୍ରଥମ ଇନିଂସରେ ୧୦୫ ଓ ଦ୍ୱିତୀୟ ଇନିଂସରେ ୬୫ ରନ ସଂଗ୍ରହ କରି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିବା


ରୋହିତ ଶର୍ମା


ବିରାଟ କୋହଲି


ରବିଚନ୍ଦ୍ରନ୍ ଅଶ୍ୱିନ

**ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗ୍‌ରେ ଆୟାରଙ୍କ ଏଣ୍ଟ୍ରି**

ମିଡିଲ ଅର୍ଡର ବ୍ୟାଟ୍ସମ୍ୟାନ ଶ୍ରେୟାସ ଆୟାର ବ୍ୟାଟିଂ ତାଲିକାରେ ପ୍ରବେଶ କରି ୭୪ତମ ସ୍ଥାନରେ ରହିଛନ୍ତି। ସେହିପରି ଓପନର ଶୁବମନ ଗିଲ ୬ଟି ସ୍ଥାନ ଉପରକୁ ଉଠି ୬୬ତମ ସ୍ଥାନରେ ରହିଛନ୍ତି। ଉଇକେଟକିପର ବ୍ୟାଟର ଋଦ୍ଧିମାନ ଶାହା ୯ଟି ସ୍ଥାନ ଉପରକୁ ଉଠି ୯୯ତମ ସ୍ଥାନରେ ରହିଛନ୍ତି। ବୋଲିଂ ତାଲିକାରେ ରବୀନ୍ଦ୍ର ଜାଡେଜା ୨ଟି ସ୍ଥାନ ଉପରକୁ ଉଠି ୧୯ତମ ସ୍ଥାନରେ ରହିଛନ୍ତି। ସେହିପରି ସେ ଅଲରାଉଣ୍ଡର ତାଲିକାରେ ଗୋଟିଏ ସ୍ଥାନ ଉପରକୁ ଉଠି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଅଶ୍ୱିନ ଅଲରାଉଣ୍ଡର ତାଲିକାରେ ତୃତୀୟ ସ୍ଥାନରେ ରହିଥିବା ବେଳେ ବ୍ୟାଟିଂ ତାଲିକାରେ ସେ ୭୯ତମ ସ୍ଥାନରେ ରହିଛନ୍ତି।

ଅପରପକ୍ଷରେ ନ୍ୟୁଜିଲାଣ୍ଡର ଟମ୍ ଲାଥମ କାନପୁର ଟେଷ୍ଟରେ ୯୫ ଓ ୫୨ ରନକରି ୫ଟି ସ୍ଥାନ ଉପରକୁ ଉଠି ନବମ ସ୍ଥାନରେ ରହିଛନ୍ତି। ବୋଲିଂ ତାଲିକାରେ କାଏଲ ଜେମିସନ ନବମ ସ୍ଥାନରେ ରହିଛନ୍ତି। ସେ ଉଭୟ ଇନିଂସରେ ୩ଟି ଲେଖାଏ ଉଇକେଟ ହାସଲ କରି ୬ଟି ସ୍ଥାନ ଉପରକୁ ଉଠିଛନ୍ତି। ଟିମ ସୌଦି ଅଶ୍ୱିନଙ୍କ ପଛକୁ ରହି ତୃତୀୟ ସ୍ଥାନରେ ରହିଛନ୍ତି।

# ସୁବାଶିଷଙ୍କ ଅର୍ଦ୍ଧଶତକ, ଆୟୁଷଙ୍କୁ ୫ ଉଇକେଟ

ଭୁବନେଶ୍ୱର,୧।୧୨(ସ୍ପୋର୍ଟ୍ସ ବ୍ୟୁରୋ)

ଓଡ଼ିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ କଟକର ନିମପୁର ଗ୍ରାଉଣ୍ଡରେ ବୁଧବାରଠାରୁ ଆରମ୍ଭ ହୋଇଛି ୧୬ ବର୍ଷରୁ କମ୍ ଜୁନିୟର ବାଳକ ଆନ୍ତଃ ଜିଲା

**ଜୁନିୟର ବାଳକ ଆନ୍ତଃ ଜିଲା କ୍ରିକେଟ ଫାଇନାଲ**

କ୍ରିକେଟ ଟୁର୍ନାମେଣ୍ଟ ସୁପର ଲିଗ୍ ଫାଇନାଲ ମ୍ୟାଚ୍। ଟାଇଟଲ ପାଇଁ ଭୁବନେଶ୍ୱର ଏ ଓ ଭୁବନେଶ୍ୱର ବି ପରସ୍ପରକୁ ଭେଟିଛନ୍ତି। ଏହି ଦୁଇ ଦିନିଆ ମ୍ୟାଚ୍‌ରେ ଭୁବନେଶ୍ୱର ବି ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଛି। ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ଭୁବନେଶ୍ୱର ବି ୮୫.୩ ଓଭରରେ ୨୦୨ ରନକରି ଅଲଆଉଟ ହୋଇଛି। ଦଳ ତରଫରୁ ସୁବାଶିଷ ମଲିକ ୧୩୬ଟି ବଲର ସମ୍ମୁଖୀନ ହୋଇ ସର୍ବାଧିକ ୭୮ ରନ ସଂଗ୍ରହ କରିଥିବା ବେଳେ ସୌମ୍ୟ ରଞ୍ଜନ ମହାରଣା ୨୦୫ଟି ବଲର ସମ୍ମୁଖୀନ ହୋଇ ୩୭ ରନ ସଂଗ୍ରହ କରିଛନ୍ତି। ସେହିପରି ବିଶାଳ ପ୍ରିୟଦର୍ଶୀ ୨୯ ବଲରୁ ୧୩ ରନ ସଂଗ୍ରହ କରି ଆଉଟ ହୋଇଥିଲେ। ବୋଲିଂରେ ଭୁବନେଶ୍ୱର ଏ ତରଫରୁ ଆୟୁଷ ସୂତାର ୭.୧ ଓଭର ବୋଲିଂ କରି ୨୭ ରନ ଦେଇ ୫ ଉଇକେଟ ଅକ୍ତିଆର କରିଛନ୍ତି। ସେହିପରି ସୟଦ ଟି. ଅହମ୍ମଦ ୩ଟି ଉଇକେଟ ନେଇଛନ୍ତି। ଗୁରୁବାର ଦ୍ୱିତୀୟ ତଥା ଅନ୍ତିମ ଦିବସର ଖେଳ ଆୟୋଜନ ହେବ।


ସୁବାଶିଷ ମଲିକ


ଆୟୁଷ ସୂତାର

# ସିନ୍ଧୁ, ଶ୍ରୀକାନ୍ତଙ୍କ ବିଜୟ ଅଭିଯାନ

ବାଲି, ୧।୧୨ (ପି.ଟି.)

ସିଜନ ଶେଷ ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍ ଫାଇନାଲ୍ସରେ ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ପି.ଭି. ସିନ୍ଧୁ ଓ କିଦାମ୍ବି ଶ୍ରୀକାନ୍ତ ଯଥାକ୍ରମେ ସେମାନଙ୍କ ମହିଳା ଓ ସିଙ୍ଗଲ୍ସ ମ୍ୟାଚରେ ବିଜୟ ଲାଭ କରିଛନ୍ତି। ଗ୍ରୁପ୍ ଏ'ରେ ଏକ ଏକତରଫା ମ୍ୟାଚରେ ଦୁଇଥର ଅଲିମ୍ପିକ ପଦକ ବିଜେତା ସିନ୍ଧୁ ଡେନ୍‌ମାର୍କର ଲିନେ କ୍ରିଷ୍ଟୋଫରସେନଙ୍କ ବିପକ୍ଷରେ ୨୧-୧୪, ୨୧-୧୬ରେ ବିଜୟ ହାସଲ କରିଛନ୍ତି। ଅନ୍ୟପକ୍ଷରେ ବିଶ୍ୱର ପୂର୍ବତନ ନମ୍ବର ୱାନ ଖେଳାଳି ଶ୍ରୀକାନ୍ତ ଗ୍ରୁପ୍ ବି'ରେ ତାଙ୍କ ଓପନିଂ ମ୍ୟାଚରେ ଫ୍ରାନ୍ସର ଟୋମା ଜୁନିୟର ପୋପୋଭଙ୍କୁ ୨୧-୧୪, ୨୧-୧୬ରେ ହରାଇ ଦେଇଛନ୍ତି। ମହିଳା ସିଙ୍ଗଲ୍ସରେ ବର୍ତ୍ତମାନ ବିଶ୍ୱ ଚାମ୍ପିୟନ ସିନ୍ଧୁ ୨୦୧୮ରେ ଏକମାତ୍ର ଭାରତୀୟ ଭାବେ ସିଜନ ଶେଷ ଟୁର୍ନାମେଣ୍ଟ ଜିତିଥିଲେ। ଦ୍ୱିତୀୟ ରାଉଣ୍ଡରେ ସେ ଜର୍ମାନୀର ୟ୍ୱୋନ୍ ଲି'ଙ୍କୁ ଭେଟିବେ। ଅନ୍ୟପକ୍ଷରେ ୨୦୧୪ ସଂସ୍କରଣରେ ନକ୍‌ଆଉଟ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିବା ଶ୍ରୀକାନ୍ତ ପରବର୍ତ୍ତୀ ରାଉଣ୍ଡରେ

**ୱାର୍ଲ୍ଡ ଟୁର୍ ଫାଇନାଲ୍ସ**

୩ଥର ଜୁନିୟର ବିଶ୍ୱ ଚାମ୍ପିୟନ ଥାଇଲାଣ୍ଡର କୁନ୍‌ଲାଭଟ୍ ଭିଟିଡସରନଙ୍କ ସହ ମୁକାବିଲା କରିବେ। ଭାରତର ମହିଳା ଡବଲ୍ସ ଯୋଡ଼ି କିନ୍ତୁ ସେମାନଙ୍କ ପ୍ରଥମ ରାଉଣ୍ଡ ମ୍ୟାଚ ହାରିଯାଇଛନ୍ତି। ଗ୍ରୁପ୍ ବି'ରେ ସେମାନେ ଜାପାନିଜ୍ ଯୋଡ଼ି ନାମି ମାତ୍‌ସୁୟାମା ଓ ଚିହାରୁ ଶିଦାଙ୍କଠାରୁ ୧୪-୨୧, ୧୮-୨୧ରେ ପରାଜିତ ହୋଇଛନ୍ତି।

# କେଡିଏମ୍ କ୍ରିକେଟ୍ ଟୁର୍ନାମେଣ୍ଟର ଟ୍ରଫି ଉନ୍ମୋଚିତ


ଅତିଥିମାନେ ଟ୍ରଫି ଉନ୍ମୋଚନ କରୁଛନ୍ତି।

ଧର୍ମଶାଳା,୧।୧୨(ଡି.ଏନ.ଏ.)

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅଧୀନ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମ୍‌ଠାରେ ବୁଧବାର ସନ୍ଧ୍ୟାରେ ସପ୍ତମ ବାର୍ଷିକ କଳ୍ପତରୁ ଦାସ ମେମୋରିଆଲ (କେଡିଏମ୍) କ୍ରିକେଟ୍ ଟୁର୍ନାମେଣ୍ଟର ଟ୍ରଫି ଉନ୍ମୋଚିତ ହୋଇଯାଇଛି। ଏଥିରେ କେଡିଏମ୍ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ୪ ବ୍ଲକରୁ ୭୩ ପଞ୍ଚାୟତର ଖେଳାଳି ଓ ସେମାନଙ୍କ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଅତିଥିଭାବେ ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ, ଢେଙ୍କାନାଳ ବିଧାୟକ ସୁଧୀର ସାମଲ, ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ, ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, କଟକ-ଚୌଦ୍ୱାର ବିଧାୟକ ସୌଭିକ୍ ବିଶ୍ୱାଳ, କୋରେଇ ବିଧାୟକ ଅଶୋକ ବଳ, ବରୀ ବିଧାୟିକା ସୁନନ୍ଦା ଦାସ, ଯାଜପୁର ପୂର୍ବତନ ଏମ୍‌ପି ରୀତା ତରାଇ ଓ ପୂର୍ବତନ ବ୍ଲକ ଅଧ୍ୟକ୍ଷ ରମେଶ ଚନ୍ଦ୍ର ପରିଡ଼ା ପ୍ରମୁଖ ଯୋଗଦେଇ ଟ୍ରଫି ଉନ୍ମୋଚନ କରିଥିଲେ। ଅମିୟ ପରିଡ଼ା ଅତିଥିଙ୍କୁ ସ୍ୱାଗତ କରିଥିଲା ବେଳେ ସବ୍ୟସାଚୀ ସୁନ୍ଦରରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ଧର୍ମଶାଳା ନିର୍ବାଚନମଣ୍ଡଳୀର ୫୪ ପଞ୍ଚାୟତ, ବରୀ ନିର୍ବାଚନ ମଣ୍ଡଳୀର ୧୦ ପଞ୍ଚାୟତ ଏବଂ କୋରେଇ ନିର୍ବାଚନ ମଣ୍ଡଳୀର ୯ ପଞ୍ଚାୟତକୁ ନେଇ ୮ଟି ପଡିଆରେ ଲିଗ୍ ମ୍ୟାଚ କରାଯିବା ପାଇଁ ସ୍ଥିର କରାଯାଇଛି। କେଡିଏମ୍ ପରିବାରର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ଏହି ଟ୍ରଫି ଉନ୍ମୋଚନ ଉତ୍ସବରେ ସହଯୋଗ କରିଥିଲେ। ଏହି ଟୁର୍ନାମେଣ୍ଟ ଗୁରୁବାରଠାରୁ ଆରମ୍ଭ ହୋଇ ଜାନୁୟାରୀ ୯ରେ ଉଦ୍‌ଯାପିତ ହେବ ବୋଲି ସୂଚନା ମିଳିଛି।

# ୪ କୋଚ୍‌ଙ୍କୁ ବାଧ୍ୟତାମୂଳକ ଅବସର

**ଭୁବନେଶ୍ୱର, ୧।୧୨ (ସ୍ପୋର୍ଟ୍ସ ବ୍ୟୁରୋ):** ଅପାରଗତା ଓ କର୍ତ୍ତବ୍ୟରେ ଅବହେଳା ଯୋଗୁ ରାଜ୍ୟ ସରକାର ଓଡ଼ିଶା କାଉନ୍‌ସିଲ ଅଫ୍ ସ୍ପୋର୍ଟ୍ସ (ଓସିଏସ୍)ର ୪ ଜଣ କୋଚ୍‌ଙ୍କୁ ବୁଧବାର ବାଧ୍ୟତାମୂଳକ ଅବସର ଦେଇଛନ୍ତି। ସେମାନେ ହେଲେ ଭଲିବଲ କୋଚ୍ ପ୍ରଭାକର ତ୍ରିପାଠୀ, ବକ୍ସିଂ କୋଚ୍ ଶଙ୍କର ପ୍ରସାଦ ଅଧିକାରୀ, ହ୍ୟାଣ୍ଡବଲ୍ କୋଚ୍ ମନୋଜ କୁମାର ଦାସ ଓ ଭଲିବଲ୍ କୋଚ୍ ଜ୍ଞାନେନ୍ଦ୍ର ପ୍ରସାଦ ବଢ଼େଇ। ପୂର୍ବରୁ କ୍ରୀଡ଼ା ଓ ଯୁବସେବା ବିଭାଗ ସରକାରୀ କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା ମାପିବା ଲାଗି ଏକ ସମୀକ୍ଷା କମିଟି ଗଠନ କରାଯାଇଥିଲା। ଏହି ୪ଜଣ କୋଚ୍‌ଙ୍କ ପ୍ରଦର୍ଶନ ଅତ୍ୟନ୍ତ ଖରାପ ରହିଥିଲା। ଖେଳ ଅନୁଶାସନରେ ସେମାନଙ୍କର ମହତ୍ତ୍ୱପୂର୍ଣ୍ଣ ଅବଦାନ ନ ଥିଲା ବୋଲି କମିଟି ପକ୍ଷରୁ ଦାଖଲ କରାଯାଇଥିବା ରିପୋର୍ଟରେ ଦର୍ଶାଯାଇଥିଲା। ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ ତରଫରୁ ୨୦୧୯ରେ ଏକ ସର୍କୁଲାର ଜାରି କରାଯାଇଥିଲା। ୫୦ ବର୍ଷ ଏବଂ ତଦୂର୍ଦ୍ଧ୍ୱ ବୟସର କର୍ମଚାରୀଙ୍କ କାର୍ଯ୍ୟଦକ୍ଷତାର ସମୀକ୍ଷା କରିବା ସହ ଅପାରଗ କର୍ମଚାରୀଙ୍କୁ ଆଗୁଆ ବାଧ୍ୟତାମୂଳକ ଅବସର ଦେବା ଲାଗି ନିର୍ଦ୍ଦେଶ ଦିଆଯାଇଥିଲା।

# ବିବାହ ବନ୍ଧନରେ ଅପରାଜିତା


ଚେସ୍ ତାରକା ଅପରାଜିତା ଗୋଚ୍ଛିକାର ବୁଧବାର ପୂର୍ବତନ ଜୁନିୟର କ୍ରିକେଟ ଖେଳାଳି ସୌରଜିତ୍ ପ୍ରଧାନୀଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି।

# ଜାତୀୟ ମହିଳା ଫୁଟବଲ: ଓଡ଼ିଶାଠାରୁ ଗୁଜରାଟ ହାରିଲା

**ଭୁବନେଶ୍ୱର,୧।୧୨ (ସ୍ପୋର୍ଟ୍ସ ବ୍ୟୁରୋ):** ଜାତୀୟ ମହିଳା ଫୁଟବଲ ଚାମ୍ପିୟନଶିପ୍‌ରେ ବୁଧବାର ଓଡ଼ିଶା ଏକ ବୃହତ୍ ବିଜୟ ହାସଲ କରିଛି। କେରଳରେ ଚାଲିଥିବା ଏହି ଟୁର୍ନାମେଣ୍ଟରେ ଓଡ଼ିଶା ୭-୦ ଗୋଲରେ ଗୁଜରାଟକୁ ହରାଇଛି। କୋଝିକୋଡର କଲିକଟ୍ ମେଡିକାଲ ଗ୍ରାଉଣ୍ଡରେ ବୁଧବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଓଡ଼ିଶା ଖେଳାଳିମାନେ ସମ୍ପୂର୍ଣ୍ଣ ରୂପେ ପ୍ରଭାବ ବିସ୍ତାର କରି ଖେଳିଥିଲେ। ପ୍ରଥମାର୍ଦ୍ଧରେ ଓଡ଼ିଶା ୬ଟି ଗୋଲ ଦେଇଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ଗୋଟିଏ ଗୋଲ ଦେଇଥିଲା। ଓଡ଼ିଶା ତରଫରୁ ସତ୍ୟବତୀ ଖାଡିଆ ଓ ସୁଭଦ୍ରା ସାହୁ ୩ଟି ଲେଖାଏ ଗୋଲ ସ୍କୋର କରିଥିଲେ। ସତ୍ୟବତୀ ୨୫, ୨୮ ଓ ପ୍ରଥମାର୍ଦ୍ଧ ଇଞ୍ଜୁରି ଟାଇମର ପ୍ରଥମ ମିନିଟ୍‌ରେ ୩ଟି ଗୋଲ ସ୍କୋର କରିଥିଲେ। ସେହିପରି ସୁଭଦ୍ରା ୨୨, ୨୩ ଓ ୩୮ତମ ମିନିଟ୍‌ରେ ୩ଟି ଗୋଲ ଦେଇଥିଲେ। ସେହିପରି ସୁମନ ପ୍ରଜ୍ଞା ମହାପାତ୍ର ୪୮ତମ ମିନିଟ୍‌ରେ ଗୋଲ ଦେଇଥିଲେ।

# ବର୍ଷା ଯୋଗୁ ଖେଳ ଧୋଇଗଲା

**ଭୁବନେଶ୍ୱର, ୧।୧୨ (ସ୍ପୋର୍ଟ୍ସ ବ୍ୟୁରୋ):** ଓଡ଼ିଶା- ବିଦର୍ଭ କୁଚ ବିହାର ଟ୍ରଫି ମ୍ୟାଚ୍‌ର ତୃତୀୟ ଦିବସ ଖେଳ ବର୍ଷା ଯୋଗୁ ବାତିଲ ହୋଇଛି। ଓଡ଼ିଶା ପ୍ରଥମ ଇନିଂସରେ ଏବେ ମଧ୍ୟ ୮୧ ରନ ପଛରେ ପଡ଼ିଛି। ଚତୁର୍ଥ ଦିବସର ଖେଳ ଗୁରୁବାର ଆରମ୍ଭ ହେବ। ଟସ୍ ହାରି ବିଦର୍ଭ ପ୍ରଥମ ଇନିଂସରେ ୭୬.୨ ଓଭରରେ ୩୫୫ ରନକରି ଅଲଆଉଟ ହୋଇଥିଲା। ଜବାବରେ ପ୍ରଥମ ଇନିଂସ ଆରମ୍ଭ କରି ଓଡ଼ିଶା ମଙ୍ଗଳବାର ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ୯୫ ଓଭରରେ ୭ ଉଇକେଟ ହରାଇ ୨୭୪ ରନ ସଂଗ୍ରହ କରିଥିଲା।

# ଦ୍ୱିତୀୟ ଟେଷ୍ଟ: ୱେଷ୍ଟଇଣ୍ଡିଜ ଅଗ୍ରଣୀ

ଗାଲେ,୧।୧୨

ଏଠାରେ ଚାଲିଥିବା ଶ୍ରୀଲଙ୍କା ବିପକ୍ଷ ତୃତୀୟ ଟେଷ୍ଟ ମ୍ୟାଚ୍‌ରେ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସରେ ଅଗ୍ରଣୀ ହାସଲ କରିଛି। ଟସ୍ ଜିତି ଶ୍ରୀଲଙ୍କା ପ୍ରଥମ ଇନିଂସରେ ୬୧.୩ ଓଭରରେ ୨୦୪ ରନକରି ଅଲଆଉଟ ହୋଇଥିଲା। ଜବାବରେ ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସ ଆରମ୍ଭ କରି ୧୦୪.୨ ଓଭରରେ ୨୫୩ ରନକରି ଅଲଆଉଟ ହୋଇଛି। ଫଳରେ ୱେଷ୍ଟଇଣ୍ଡିଜ ୪୯ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଛି। ଏହାପରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଶ୍ରୀଲଙ୍କା ବୁଧବାର ତୃତୀୟ ଦିବସ ଖେଳ ଶେଷସୁଦ୍ଧା ୨୧ ଓଭରରେ ୨ ଉଇକେଟ ହରାଇ ୪୬ ରନ ସଂଗ୍ରହ କରିଛି। ଫଳରେ ଶ୍ରୀଲଙ୍କା ୮ ଉଇକେଟ ହାତରେ ରଖି ଏବେ ମୋଟ ଉପରେ ୩ ରନ ପଛରେ ପଡ଼ିଛି। ଷ୍ଟମ୍ପ ଅପସାରଣ ବେଳକୁ ପଥୁମ ନିଶାଙ୍କା ୨୧ ଓ ଚରିଥ ଅସଲଙ୍କା ୪ ରନକରି ଅପରାଜିତ ରହିଛନ୍ତି। ଅଧିନାୟକ ଦିମୁଥ କରୁଣାରତ୍ନେ ୬ ଓ ଓଶାଡା ଫର୍ନାଣ୍ଡୋ ୧୪ ରନକରି ଉଭୟ ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ ହୋଇଛନ୍ତି।

ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୬୯/୧ରୁ ୱେଷ୍ଟଇଣ୍ଡିଜ ଖେଳ ଆରମ୍ଭ କରି ବୁଧବାର ଅଲଆଉଟ ହୋଇଥିଲା। ଓଭରନାଇଟ ବ୍ୟାଟ୍ସମ୍ୟାନ କ୍ରେଗ ବ୍ରାଥୱେଟ ୨୨ ଓ ଏନ୍‌କ୍ରୁମା ବୋନର ୧ରୁ ଖେଳ ଆରମ୍ଭ କରି ଯଥାକ୍ରମେ ୭୨ ଓ ୩୫ ରନକରି ଆଉଟ ହୋଇଥିଲେ। ଜେରମାଇନ ବ୍ଲାକଉଡ ୪୪, ସାଇ ହୋପ ୨୨, ରୋଷ୍ଟୋନ ଚେଜ୍ ୧୦, ବିରାସାମୀ ପରମଲ ୧୫ ରନକରି ଆଉଟ ହୋଇଥିବା ବେଳେ କାଏଲ ମେୟର୍ସ ୩୬ ରନକରି ଅପରାଜିତ ରହିଥିଲେ। ବୋଲିଂରେ ରମେଶ ମେଣ୍ଡିସ ସର୍ବାଧିକ ୬, ସୁରଙ୍ଗା ଲାକମଲ ଓ ପ୍ରବୀଣ ଜୟବିକ୍ରମା ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।


୬ ଉଇକେଟ ହାସଲ କରିଥିବା ଶ୍ରୀଲଙ୍କା ଅଫ୍ ସ୍ପିନର ରମେଶ ମେଣ୍ଡିସ୍।

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା ପ୍ରଥମ ଇନିଂସ: ୬୧.୩ ଓଭରରେ ୨୦୪ ଅଲଆଉଟ। ୱେଷ୍ଟଇଣ୍ଡିଜ ପ୍ରଥମ ଇନଂସ: ୧୦୪.୨ ଓଭରରେ ୨୫୩ ଅଲଆଉଟ (ବ୍ରାଥୱେଟ- ୭୨, ଜେର୍ମାଇନ ବ୍ଲାକଉଡ- ୪୪, ବୋର୍ନର- ୩୫, ମେୟର୍ସ- ୩୬*, ରମେଶ ମେଣ୍ଡିସ- ୬/୭୦, ଏମ୍ବୁଲଡେନିୟା- ୨/୯୪, ଜୟବିକ୍ରମା- ୨/୫୯)। ଶ୍ରୀଲଙ୍କା ଦ୍ୱିତୀୟ ଇନିଂସ: ୨୧ ଓଭରରେ ୪୬/୨ (ପଥୁମ ନିଶାଙ୍କା- ୨୧*, ଫର୍ନାଣ୍ଡୋ- ୧୪,)।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ପୃଷ୍ଠା–୮+୮

48

# ଧରିତ୍ରୀ
DHARITRI

୪୮

ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୨/୨୦୨୧ (୮+୮=୧୬ ପୃଷ୍ଠା)

Bhubaneswar, Thursday, December 2/2021



### ୟାମୀଙ୍କ ଅଧୁରା ଆଶା
ଆଇଏଏସ ଅଫିସର କି ଓକିଲ ହେବାକୁ ଦେଖିଥିବା ସ୍ୱପ୍ନ ଅଧୁରା ରହିଗଲା ବୋଲି କହିଛନ୍ତି ବଲିଉଡ୍ ଅଭିନେତ୍ରୀ ୟାମୀ ଗୌତମ।

୦୭

୦୮

### ଟିମୋଥିଙ୍କ ହ୍ୟାଟ୍ରିକ
ମାଲେସିଆ ବିପକ୍ଷ ଜୁନିୟର ହକି ବିଶ୍ୱକପ୍ ମ୍ୟାଚରେ ଫ୍ରାନ୍ସର ହ୍ୟାଟ୍ରିକ୍ ଗୋଲ ସ୍କୋରର ଟିମୋଥି କ୍ଲିମେଣ୍ଟ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଛନ୍ତି।





କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜୁନିୟର ହକି ବିଶ୍ୱକପ୍‌ରେ ବୁଧବାର ବେଲଜିୟମ ବିପକ୍ଷ କ୍ୱାର୍ଟରଫାଇନାଲ ମ୍ୟାଚ ଜିତିବା ପରେ ଉଲ୍ଲସିତ ଭାରତୀୟ ଖେଳାଳିମାନେ।

## ଜୁନିୟର ହକି ବିଶ୍ୱକପ୍
# ସେମିଫାଇନାଲରେ ଭାରତ

**ଭୁବନେଶ୍ୱର,୧।୧୨(କ୍ରୀଡ଼ା ପ୍ରତିନିଧି)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫଆଇଏଚ୍ ଓଡ଼ିଶା ହକି ପୁରୁଷ ଜୁନିୟର ବିଶ୍ୱକପର ସେମିଫାଇନାଲରେ ଭାରତ ପ୍ରବେଶ କରିଛି। ଘରୋଇ ଦଳ ବୁଧବାର ଅନୁଷ୍ଠିତ ଅନ୍ତିମ କ୍ୱାର୍ଟର ଫାଇନାଲରେ ବେଲଜିୟମକୁ ୧–୦ ଗୋଲରେ ପରାସ୍ତ କରିଛି। ମ୍ୟାଚର ୨୧ତମ ମିନିଟରେ ସର୍ଦ୍ଦାନନ୍ଦ ତିୱାରୀ ସ୍କୋର କରିଥିବା ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା। ଉତ୍ତମ ପ୍ରଦର୍ଶନ ପାଇଁ ବିଷ୍ଣୁକାନ୍ତ ସିଂ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଡିସେମ୍ବର ୩ରେ ଭାରତ ସେମିଫାଇନାଲରେ ଟୁର୍ନାମେଣ୍ଟର ସବୁଠାରୁ ସଫଳ ଦଳ ଜର୍ମାନୀକୁ ଭେଟିବ। ଅନ୍ୟ ସେମିଫାଇନାଲରେ ☞ପୃଷ୍ଠା–୬

# ଆଜି ସ୍ପଷ୍ଟ ହେବ ବାତ୍ୟା ଗତିପଥ

## ୪ ଜିଲାକୁ ରେଡ୍ ୱାର୍ନିଂ

**ଭୁବନେଶ୍ୱର, ୧।୧୨(ବ୍ୟୁରୋ)**

ଆଣ୍ଡାମାନ ସାଗର ନିକଟରେ ସୃଷ୍ଟି ହୋଇଥିବା ଲଘୁଚାପ କ୍ଷେତ୍ର ଗୁରୁବାର ଅବପାତରେ ପରିଣତ ହେବ। ପଶ୍ଚିମ ଉତ୍ତର–ପଶ୍ଚିମ ଦିଗରେ ଗତି କରି ଗୁରୁବାର ଅବପାତର ରୂପ ନେବ। ଅବପାତରେ ପରିଣତ ହେଲା ପରେ ବାତ୍ୟା କେଉଁଠି ମାଡ଼ ହେବ ତାହା ସ୍ପଷ୍ଟ ହେବ ବୋଲି ବୁଧବାର ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି, ସମ୍ଭାବ୍ୟ ବାତ୍ୟା କେଉଁ ସ୍ଥାନରେ ଉପକୂଳ ଅତିକ୍ରମ କରିବ, ଏହାର ତୀବ୍ରତା କେତେ ରହିବ ଗୁରୁବାର ସ୍ପଷ୍ଟ ହେବାର ଥିଲେ ସୁଦ୍ଧା ୪ତାରିଖ ସକାଳେ ଉତ୍ତର ଆନ୍ଧ୍ର, ଓଡ଼ିଶା ଉପକୂଳରେ ପହଞ୍ଚିବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ୩ତାରିଖଠାରୁ ଓଡ଼ିଶା ଉପକୂଳରେ ବର୍ଷା ଆରମ୍ଭ ହୋଇଯିବ। ୪ତାରିଖରେ ବର୍ଷାର ପରିମାଣ ବୃଦ୍ଧି ପାଇବ। ଏହା ପ୍ରଭାବରେ ପବନ ମଧ୍ୟ ବହିବ। ସେ ଆହୁରି ମଧ୍ୟ କହିଛନ୍ତି, ୪ରେ ବାତ୍ୟା ☞ପୃଷ୍ଠା–୬



## ଆଶ୍ରୟସ୍ଥଳୀ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୧।୧୨(ବ୍ୟୁରୋ)**

ସମ୍ଭାବ୍ୟ ବାତ୍ୟା 'ଜୱାଦ' ମୁକାବିଲା ଲାଗି ଆଶ୍ରୟସ୍ଥଳୀଗୁଡ଼ିକୁ ପ୍ରସ୍ତୁତ ରଖିବାକୁ ମୁଖ୍ୟ ଶାସନ ସଚିବ ବୁଧବାର ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ବାତ୍ୟା ଯୋଗୁ ପ୍ରଭାବିତ ହେବାକୁ ଥିବା ଜିଲାଗୁଡ଼ିକର ତଳିଆ ଅଞ୍ଚଳର ଲୋକଙ୍କୁ ଆବଶ୍ୟକତା ଦେଖି ସ୍ଥାନାନ୍ତରିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଅଗ୍ନିଶମ ବିଭାଗ, ଓଡ୍ରାଫ୍, ଏନ୍‌ଡିଆର୍‌ଏଫ୍‌କୁ ସଜାଗ ରଖିବାକୁ କୁହାଯାଇଛି।

ରାଜ୍ୟ ଲୋକସେବା ଭବନରୁ ଭିଡିଓ କନ୍‌ଫରେନ୍ସରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତା କରିଥିଲେ।

### ମୁଖ୍ୟ ଶାସନ ସଚିବ କଲେ ସମୀକ୍ଷା

- ୧୦୮ ଓଡ୍ରାଫ୍ ଓ ଏନ୍‌ଡିଆରଏଫ୍, ୨୦୦ ଫାୟାର ସର୍ଭିସ୍ ଟିମ୍ ପ୍ରସ୍ତୁତ
- ୮ ସୂତ୍ରୀ ଚେକ୍ ଲିଷ୍ଟ ଅନୁସାରେ ପୂର୍ଣ୍ଣ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ

ଯାଜପୁର, ଢେଙ୍କାନାଳ, ଗଜପତି, କଟକ, ଭଦ୍ରକ, ବାଲେଶ୍ୱର, ଗଞ୍ଜାମ, ନୟାଗଡ଼, କେନ୍ଦ୍ରାପଡ଼ା, ପୁରୀ, ଖୋର୍ଦ୍ଧା, ଜଗତ୍‌ସିଂହପୁର, ମୟୂରଭଞ୍ଜ ଆଦି ଜିଲାର ଜିଲାପାଳଙ୍କ ସହ ମୁଖ୍ୟ ଶାସନ ସଚିବ ସିଧା ସଳଖ କଥା ହୋଇଥିଲେ। ବାତ୍ୟାର ଗତିପଥ ଜଣାପଡ଼ିବାପରେ ତଳୁଆ ଏବଂ କଚ୍ଚାଘରେ ରହୁଥିବା ଲୋକମାନଙ୍କୁ ନିରାପଦ ସ୍ଥାନକୁ ଆଣିବା, ସମସ୍ତ ବହୁମୁଖୀ ବନ୍ୟା–ବାତ୍ୟା ଆଶ୍ରୟସ୍ଥଳୀଗୁଡ଼ିକୁ ପୂର୍ଣ୍ଣ ପ୍ରସ୍ତୁତ କରିବା, ଆଶ୍ରୟସ୍ଥଳ ପରିଚାଳନା ଟିମ୍‌କୁ ପୂର୍ବରୁ କାର୍ଯ୍ୟରେ ନିୟୋଜିତ କରିବା, ଶୁଖିଲା ଖାଦ୍ୟ ଏବଂ ରିଲିଫ୍ ପଦାର୍ଥର ଉପଲବ୍ଧି ବିଷୟରେ ସଜାଗ ରହିବା, ମାଇକ୍ ପ୍ରଚାର ☞ପୃଷ୍ଠା–୬

# କଲେଜ ଯିବାବେଳେ ଛାତ୍ରୀଙ୍କୁ ଅପହରଣ

## ଉତ୍ତେଜନା, ଛାତ୍ରୀଛାତ୍ରଙ୍କ ରାସ୍ତା ଅବରୋଧ

**ଗଣିଆ,୧।୧୨(ଡି.ଏନ.ଏ.)**

କଲେଜକୁ ଆସୁଥିବା ବେଳେ ଜଣେ ଛାତ୍ରୀଙ୍କୁ କେତେଜଣ ଦୁର୍ବୃତ୍ତ ଅପହରଣ କରି ନେଇଛନ୍ତି। ଏ କଥା ଜଣାପଡ଼ିବା ପରେ ଉତ୍ତେଜନା ପ୍ରକାଶ ପାଇଛି। ସ୍ଥାନୀୟ ରଘୁନାଥଜୀଉ ଡିଗ୍ରୀ କଲେଜର ଛାତ୍ରୀଛାତ୍ରମାନେ କଲେଜ ସମ୍ମୁଖ ଗଣିଆ–ଦଶପଲ୍ଲା ରାସ୍ତାକୁ ଅବରୋଧ କରିବା ସହିତ ତୁରନ୍ତ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ବୋଲି ଦାବି କରିଥିଲେ। ଛାତ୍ରୀଛାତ୍ରମାନେ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ଗୋଟାଏ ପର୍ଯ୍ୟନ୍ତ କଲେଜ ଫାଟକ ସମ୍ମୁଖ ରାସ୍ତାରେ ଟାୟାର ଜାଳି ବସି ରହିଥିଲେ। ଖବର ପାଇ ଗଣିଆ ତହସିଲଦାର କିଶୋର କୁମାର ପଣ୍ଡା, ଥାନା ଅଧିକାରୀ ବିମଳ କୁମାର ମଲ୍ଲିକ ଆନ୍ଦୋଳନକାରୀ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ। କଲେଜ ସମ୍ମୁଖରେ ସିସିଟିଭି କ୍ୟାମେରା ଲଗାଇବା, ପୋଲିସ ମୁତୟନ ସହିତ ଖୁବ୍‌ଶୀଘ୍ର ଅପହୃତା ଛାତ୍ରୀଙ୍କୁ ଉଦ୍ଧାର କରିବା ଓ ଅପହରଣକାରୀମାନଙ୍କୁ ଗିରଫ କରାଯିବା ପାଇଁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଅପହୃତା ଛାତ୍ରୀଙ୍କ ମା' ଏ ସଂକ୍ରାନ୍ତରେ ଗଣିଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ସେହି ଅଭିଯୋଗକୁ ଭିତ୍ତି କରି ତଦନ୍ତ ଆରମ୍ଭ କରିଛି ବୋଲି ଥାନା ଅଧିକାରୀ କହିଛନ୍ତି।

ସୂଚନା ଅନୁଯାୟୀ ବୁଧବାର ପୂର୍ବାହ୍ନ ୧୦ଟା ସମୟରେ ସମ୍ପୃକ୍ତା ଛାତ୍ରୀ ନିଜ ସାଙ୍ଗମାନଙ୍କ ସହିତ ଗଣିଆ ବଜାର ଦେଇ ସ୍ଥାନୀୟ ଶ୍ରୀରଘୁନାଥଜୀଉ ଡିଗ୍ରୀ ମହାବିଦ୍ୟାଳୟକୁ ଆସୁଥିଲେ। ହେଲେ ଗଣିଆ ବଜାର ପଟୁ ଆସୁଥିବା ଏକ ନମ୍ବର ବିହୀନ କାର ହଠାତ୍ ଛାତ୍ରୀଙ୍କ ପାଖରେ ଅଟକି ଥିଲା। କେତେଜଣ ଦୁର୍ବୃତ୍ତ ଓହ୍ଲାଇ ଛାତ୍ରୀଜଣଙ୍କୁ ବଳପୂର୍ବକ କାର ଭିତରକୁ ଉଠାଇ ନେଇଥିଲେ। ଛାତ୍ରୀଙ୍କ ସାଙ୍ଗମାନେ ଏହାର ପ୍ରତିବାଦ କରିବା ☞ପୃଷ୍ଠା–୬

# କୃଷି ଆଇନ ରଦ୍ଦ ବିଲ୍‌କୁ ରାଷ୍ଟ୍ରପତିଙ୍କ ମଞ୍ଜୁରୀ

**ନୂଆଦିଲ୍ଲୀ, ୧।୧୨**

କୃଷି ଆଇନ ରଦ୍ଦ ବିଲ୍‌କୁ ବୁଧବାର ରାଷ୍ଟ୍ରପତି ରାମନାଥ କୋବିନ୍ଦ ମଞ୍ଜୁରୀ ପ୍ରଦାନ କରିଛନ୍ତି। ସୋମବାର ଶୀତ ଅଧିବେଶନର ପ୍ରଥମ ଦିନରେ ଉକ୍ତ ବିଲ୍ ପାର୍ଲାମେଣ୍ଟର ଉଭୟ ଗୃହରେ ବିନା ଆଲୋଚନାରେ ଧ୍ୱନି ମତରେ ଗୃହୀତ ହୋଇଥିଲା। ଆଲୋଚନା ନିମନ୍ତେ ବିରୋଧୀ ଦଳଗୁଡ଼ିକର ଦାବିକୁ ସରକାର ଗ୍ରହଣ କରି ନ ଥିଲେ। ଲୋକ ସଭାରେ ମାତ୍ର ୪ ମିନିଟରେ ବିଲ୍ ଗୃହୀତ ହୋଇଥିବା ବେଳେ ରାଜ୍ୟ ସଭାରେ ସଂକ୍ଷିପ୍ତ ଆଲୋଚନା ପରେ ଏହା ପାରିତ ହୋଇଥିଲା।

୩ ବିବାଦୀୟ କୃଷି ଆଇନ ପ୍ରତ୍ୟାହାର କରିନେବା ଲାଗି ବର୍ଷେରୁ ଊର୍ଦ୍ଧ୍ୱ ସମୟ ହେଲା ବିଭିନ୍ନ କୃଷକ ସଂଗଠନ ପକ୍ଷରୁ ଆନ୍ଦୋଳନ ଜାରି ରହିଥିଲା। ଏଥିରେ ପଞ୍ଜାବ, ହରିୟାଣା, ଉତ୍ତରପ୍ରଦେଶ ଓ ରାଜସ୍ଥାନରୁ ହଜାର ହଜାର ଚାଷୀ ଯୋଗ ଦେଇଥିଲେ। କଳା ଆଇନ ପ୍ରତ୍ୟାହାର ଦାବିରେ ସେମାନେ ଗତବର୍ଷ ☞ପୃଷ୍ଠା–୬

## ଚାଷୀଙ୍କ ମୃତ୍ୟୁ ରେକର୍ଡ ନାହିଁ, ମିଳିବନି ଆର୍ଥିକ ସହାୟତା: ତୋମାର



**ନୂଆଦିଲ୍ଲୀ, ୧।୧୨**

ବିବାଦୀୟ କୃଷି ଆଇନକୁ ବିରୋଧ କରି ଦିଲ୍ଲୀ ସୀମାରେ ବର୍ଷେରୁ ଊର୍ଦ୍ଧ୍ୱ ସମୟ ହେଲା ଆନ୍ଦୋଳନ ଚଳାଇଥିବା ଚାଷୀଙ୍କ ମୃତ୍ୟୁ ସମ୍ପର୍କରେ ସରକାରଙ୍କ ପାଖରେ କୌଣସି ରେକର୍ଡ ନାହିଁ। ତେଣୁ ସେମାନଙ୍କ ପରିବାରକୁ ଆର୍ଥିକ ସହାୟତା ଦିଆଯିବାର ପ୍ରଶ୍ନ ଉଠୁନାହିଁ ବୋଲି ବୁଧବାର କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ପାର୍ଲାମେଣ୍ଟରେ ଏକ ଲିଖିତ ପ୍ରଶ୍ନର ଉତ୍ତରରେ କହିଛନ୍ତି। ଆନ୍ଦୋଳନରେ ପ୍ରାଣ ହରାଇଥିବା ଚାଷୀଙ୍କ ପରିବାରକୁ ସରକାର ଆର୍ଥିକ ସହାୟତା ଯୋଗାଇଦେବେ କି ବୋଲି ଏକ ପ୍ରଶ୍ନର ଉତ୍ତରରେ ତୋମାର ଏହା କହିଥିଲେ।

କେନ୍ଦ୍ର ସରକାରଙ୍କ ୩ ବିବାଦୀୟ କୃଷି ଆଇନ ପ୍ରତ୍ୟାହାର ଦାବିରେ ଚାଷୀମାନେ ୨୦୨୦ ନଭେମ୍ବର ୨୬ରୁ ଦିଲ୍ଲୀର ସିଙ୍ଘୁ, ଟିକ୍ରି ଏବଂ ଗାଜିପୁର ସୀମାରେ ଆନ୍ଦୋଳନ ଚଳାଇଆସୁଛନ୍ତି। ଏହି ଆନ୍ଦୋଳନବେଳେ ୭୦୦ରୁ ଊର୍ଦ୍ଧ୍ୱ ଚାଷୀଙ୍କ ଜୀବନ ଯାଇଥିବା କୃଷକ ସଂଗଠନ ପକ୍ଷରୁ ଅଭିଯୋଗ କରାଯିବା ସହ ସେମାନଙ୍କ ☞ପୃଷ୍ଠା–୬

# ୪ ପୋଲିସ ଅଧିକାରୀଙ୍କ ନାଁରେ ହତ୍ୟା ମାମଲା

## ଆକାଶ ମହୁରିଆ ହାଜତ ମୃତ୍ୟୁ ଘଟଣା



ଅଭିଯୁକ୍ତ ପୋଲିସ ଅଧିକାରୀମାନେ।

**ଜୟପୁର,୧।୧୨(ନି.ପ୍ର.)**

ଜୟପୁର ଟାଉନ ଥାନାରେ ୨୦୧୭ରେ ଆକାଶ ମହୁରିଆ ନାମକ ଯୁବକଙ୍କ ହାଜତ ମୃତ୍ୟୁ ଘଟିଥିଲା। ଏହି ମାମଲାରେ ୪ ପୋଲିସ ଅଧିକାରୀଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରିଛି କ୍ରାଇମବ୍ରାଞ୍ଚ। ମାମଲାରେ ସମ୍ପୃକ୍ତ ପୋଲିସ ଅଧିକାରୀମାନଙ୍କ ସମ୍ପୃକ୍ତି ରହିଛି କି ନାହିଁ ତା'ର ଖୋଳତାଡ଼ ହେବ। ମାମଲାର ଗମ୍ଭୀରତାକୁ ନେଇ କ୍ରାଇମବ୍ରାଞ୍ଚ ନିଜ ଆଡୁ ୪ ପୋଲିସ ଅଧିକାରୀଙ୍କ ବିରୋଧରେ ଆଇପିସି ଦଫା ୩୦୨ ଲଗାଇଛି। ଏହି ଅଧିକାରୀମାନେ ହେଲେ ଜୟପୁର ଟାଉନ ଥାନାର ପୂର୍ବତନ ଥାନା ଅଧିକାରୀ ତପନ ନାରାୟଣ ରଥ, ପୂର୍ବତନ ଏସ୍‌ଆଇ ଶିବଶଙ୍କର ସାହୁ, ରାଜେଶ ବଳିଆର ସିଂ ଏବଂ ତତ୍କାଳୀନ ଏସ୍‌ଡିପିଓ ରାଜେନ୍ଦ୍ର ପ୍ରସାଦ ସେନାପତି। କ୍ରାଇମବ୍ରାଞ୍ଚର ଏହି ପଦକ୍ଷେପ ଯୋଗୁ ୪ବର୍ଷ ଧରି ନ୍ୟାୟ ଅପେକ୍ଷାରେ ଥିବା ଆକାଶଙ୍କ ପରିବାରକୁ କିଛିଟା ଆଶ୍ୱସ୍ତି ମିଳିଛି।

ଖବରରୁ ଜଣାପଡ଼ିଛି କୌଣସି ଏକ ମାମଲାରେ ୩୦।୧।୨୦୧୭ରେ ଆକାଶଙ୍କୁ ଟାଉନ ଥାନା ପୋଲିସ ଗିରଫ କରିଥିଲା। ଦିନତମାମ ☞ପୃଷ୍ଠା–୬

# ମମତା କହିଲେ ଉପା ନାହିଁ

**ମୁମ୍ବାଇ/ନୂଆଦିଲ୍ଲୀ,୧।୧୨**

୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ କେନ୍ଦ୍ରରେ କ୍ଷମତାସୀନ ଭାଜପାକୁ ଟକ୍କର ଦେବା ପାଇଁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏକ ନୂଆ ମେଣ୍ଟ ଗଠନ ପାଇଁ ଉଦ୍ୟମ ଚଳାଇଛନ୍ତି। ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋଙ୍କ ସମ୍ଭାବ୍ୟ ବିରୋଧୀ ମେଣ୍ଟରେ କଂଗ୍ରେସ ରହିବ ନାହିଁ। ତେଣୁ ସବୁଠୁ ବଡ଼ ବିରୋଧୀ ଦଳର ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ନେଇ ମମତା ଲଗାତର ଟାର୍ଗେଟ କରିବାରେ ଲାଗିଛନ୍ତି। ଏହି କ୍ରମରେ ସେ କହିଛନ୍ତି, ଉପା କ'ଣ? ଉପା ଆଉ ନାହିଁ। ମୁମ୍ବାଇରେ ବୁଧବାର ଅପରାହ୍ନରେ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ମୁଖ୍ୟ ଶରଦ ପାୱାରଙ୍କୁ ଭେଟିବା ପରେ ମମତା ଦେଇଥିବା ଏହି ମନ୍ତବ୍ୟକୁ ଜାତୀୟ ରାଜନୀତିରେ ଏକ ଭିନ୍ନ ସମୀକରଣ ସୃଷ୍ଟିର ସଙ୍କେତ ଭାବେ ଦେଖାଯାଉଛି। ତେବେ ମହାରାଷ୍ଟ୍ରର ଚାଣକ୍ୟ ପାୱାର ସମ୍ଭବତଃ ମମତାଙ୍କ ଆଭିମୁଖ୍ୟକୁ ଗ୍ରହଣ କରିପାରିନାହାନ୍ତି। ପାୱାରଙ୍କ ମତରେ ଭାଜପାକୁ କ୍ଷମତାଚ୍ୟୁତ କରିବାକୁ ହେଲେ ସମସ୍ତ ବିରୋଧୀ ଦଳଙ୍କୁ ଏକାଠି ହେବାକୁ ପଡ଼ିବ। ସେପଟେ କଂଗ୍ରେସ ମମତାଙ୍କ ମନ୍ତବ୍ୟକୁ ନେଇ କଡ଼ା ଜବାବ ଦେଇଛି। କଂଗ୍ରେସକୁ ବାଦ୍ ଦେଇ ଭାଜପାକୁ ହରାଇବା ଏକ ସ୍ୱପ୍ନ ବୋଲି ଏଆଇସିସି ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ରୋକ୍‌ଠୋକ୍ ଶୁଣାଇଛନ୍ତି।

ଭାରତୀୟ ଜାତୀୟ କଂଗ୍ରେସରେ ୨୬ ବର୍ଷ ରହିବା ପରେ ୧୯୯୮ ଜାନୁୟାରୀ ୧ରେ ଅଲଗା ହୋଇ ତୃଣମୂଳ କଂଗ୍ରେସ ନାମରେ ନୂଆ ଦଳ ଗଠନ କରିଥିଲେ ପଶ୍ଚିମବଙ୍ଗର ଅଗ୍ନିବର୍ଷୀ ନେତ୍ରୀ ମମତା ବାନାର୍ଜୀ। ସେବେଠୁ ଏଯାଏ ଉଭୟ ରାଜ୍ୟ ଓ ଜାତୀୟ ରାଜନୀତିର ☞ପୃଷ୍ଠା–୬

## କଂଗ୍ରେସ ବିନା ଭାଜପାକୁ ହରାଇବା ସ୍ୱପ୍ନ: ବେଣୁଗୋପାଳ



ମୁମ୍ବାଇରେ ଏନ୍‌ସିପି ମୁଖ୍ୟ ଶରଦ ପାୱାରଙ୍କ ସହ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ।



# ମନ୍ନୁ ଭଣ୍ଡାରୀ: ଲେଖାରେ ଯା'ର 'ନବ ମାନବୀ'ର ପା'ଚାରି

ଗତ ୧୫ ନଭେମ୍ବର ୨୦୨୧ରେ ଦେହାନ୍ତ ହେଲା ମନ୍ନୁ ଭଣ୍ଡାରୀଙ୍କର। ମନ୍ନୁ କେବଳ ହିନ୍ଦୀ ସାହିତ୍ୟର ସଶକ୍ତ ସ୍ତମ୍ଭ ନ ଥିଲେ, ଥିଲେ ଭାରତୀୟ ମୂଲ୍ୟବୋଧର ପ୍ରତିଭୂ। ଯେଉଁ ଦୁଇଟି ଉପନ୍ୟାସ ତାଙ୍କୁ ଖ୍ୟାତିର ଶିଖରରେ ଉପନୀତ କରାଇଥିଲା, ସେ ଦୁଇଟି ହେଲା– 'ଆପ୍‌କା ବଣ୍ଟି' ଓ 'ମହାଭୋଜ'। ହିନ୍ଦୀ 'ନୟୀ କହାନୀ' କଥା ଆନ୍ଦୋଳନର ସେ ଥିଲେ ଅନ୍ୟତମ ସ୍ଥାପୟିତ୍ରୀ। ନିର୍ମଳ ବର୍ମା, ରାଜେନ୍ଦ୍ର ଯାଦବ, ଭୀଷ୍ମ ସାହନୀ ଓ କମଲେଶ୍ୱରଙ୍କ ସହଯାତ୍ରୀ ଥାଇ ହିନ୍ଦୀର ନୂଆ କାହାଣୀଧାରାକୁ ସେ ନିଜର ବିରଳ ସୃଷ୍ଟି ଦ୍ୱାରା ମହିମାମଣ୍ଡିତ କରିଥିଲେ। ୧୯୫୦ରେ, ସ୍ୱାଧୀନତାର ଧ୍ୱଜା ଉଡୁଥାଏ ଆକାଶରେ, ନୂଆ ଉନ୍ମାଦନାରେ ମାତି ଉଠିଥାଏ ଭାରତବର୍ଷ ସାମ୍ପ୍ରଦାୟିକତାର ବିଷ କ୍ଷତର ଜ୍ୱାଳା ସତ୍ତ୍ୱେ। ଗାଉଁଲି ଗାଉଁଲି ସହରରେ ଲାଗି ଆସୁଥାଏ ନୂଆ ରଙ୍ଗ, କଳକାରଖାନାର ଭେରୀନାଦରେ ଜାଗ୍ରତ ହୋଇ ଉଠୁଥାଏ ଉଦାସ ମଜ୍‌ଦୁର୍। ଠିକ୍ ଏହି ସମୟରେ ମଣିଷର ନୂଆ ଗପ ଲେଖିବାରେ ଯେଉଁ କେତେଜଣ ଝୁଙ୍କ୍ ଲଗେଇ ଦେଇଥିଲେ, ସେମାନଙ୍କ ଭିତରେ ମନ୍ନୁ ଭଣ୍ଡାରୀ ଥିଲେ ହାତରେ ଗଣି ହେଲାପରି କଥାଶିଳ୍ପୀଟିଏ। ଗପର ପ୍ରସଙ୍ଗ ଥାଏ ଲିଙ୍ଗଗତ ବିଭେଦ, ନାରୀ ପୁରୁଷର ଅସମତା, ଗଢ଼ି ଉଠିଥିବା ନୂଆ ଶ୍ରମିକ ଶ୍ରେଣୀର ସାମ୍ୟଭାବନା, ନାରୀ ହାତରୁ ଚଟୁ ଛଡ଼ାଇ କଲମ ଧରାଇବା ଆଦି ମାଳମାଳ ବିଷୟ।

ମନ୍ନୁ ତାଙ୍କ ପାଞ୍ଚ ଭାଇଭଉଣୀଙ୍କ ମଧ୍ୟରେ ଥିଲେ ସବା ସାନ ସନ୍ତାନ ଓ ଛାତ୍ରୀ ଜୀବନରେ ମାତ୍ର ୧୫ ବର୍ଷ ବୟସରେ ୧୯୪୬ରେ ଏକ ଆନ୍ଦୋଳନର ସମିଧ ହୋଇ ଉଠିଥିଲେ, ଯେଉଁ ଆନ୍ଦୋଳନର ସୂତ୍ରଧର ଥିଲେ ତାଙ୍କର ଜଣେ ଶିକ୍ଷୟିତ୍ରୀ ଶିଳା ଅଗ୍ରୱାଲ୍। ସୁଭାଷ ବୋଷ୍‌ଙ୍କ ଦ୍ୱାରା ଗଠିତ ଭାରତୀୟ ଜାତୀୟ ସେନା (ଆଇ.ଏନ୍.ଏ.) ସହ ତାଙ୍କ ସମ୍ପୃକ୍ତି ବି ଚର୍ଚ୍ଚିତ ଥିଲା, ସେଦିନର ସ୍ୱାଧୀନତା ଅଭିମୁଖୀ ଉତ୍ତପ୍ତ ବାତାବରଣରେ। ମନ୍ନୁ ଉତ୍ତର–ସ୍ୱାଧୀନ ସମୟଖଣ୍ଡର ଏପରି ଜଣେ କଥାଶିଳ୍ପୀ ଥିଲେ, ଯାହାଙ୍କ ଲେଖାରେ ନାରୀ ଜୀବନର ରୂପରେଖ ନୂଆ ଆଲୋକରେ ଉଜ୍ଜ୍ୱଳି ଉଠିଥିଲା। ତାଙ୍କ ରଚନାରେ ନାରୀ ଥିଲା ସ୍ୱାଧୀନ ଓ ବୌଦ୍ଧିକ। ଭାରତୀୟ ନାରୀ ତା'ର ଦୈନନ୍ଦିନ ଜୀବନରେ ଭୋଗୁଥିବା ଦୈନ୍ୟ ଓ ସାମ୍ନା କରୁଥିବା ଝଡ଼ଜଞ୍ଜାର ନିଚ୍ଛକ ଚିତ୍ର ଯେପରି ଫୁଟି ଉଠୁଥିଲା ଏଇ ଲେଖିକାଙ୍କ ଲେଖନୀରେ, ତା'ର କ୍ୱଚିତ୍ ବିକଳ୍ପ ଉପଲବ୍ଧ ଥିଲା ତାଙ୍କର ସମକାଳରେ। ଆବେଗିକ, ମାନସିକ, ଆର୍ଥିକ ଓ ଯୌନ ଶୋଷଣ ଯେଉଁ ସମୟରେ ନାରୀକୁ ସମାଜର ସବୁଠୁଁ ଦୁର୍ବଳତମ ପ୍ରତିମା ଭାବେ ଉଭା କରାଇଥିଲା, ସେହି ସମୟରେ ନାରୀର ନିଃସର୍ତ୍ତ ପକ୍ଷଧର ହୋଇ ଉଠିଥିଲେ ମନ୍ନୁ। ତାଙ୍କ ଗପରେ ଯେଉଁ ନାରୀକୁ ପାଠକ ଭେଟେ, ସେ ନାରୀ ଥିଲା ଶକ୍ତିମୟୀ, ସ୍ୱାଧୀନା, ବ୍ୟକ୍ତିତ୍ୱ ସମ୍ପନ୍ନା। ନାରୀର ଅଭ୍ୟସ୍ତ ଆଦତ୍‌ର ଖୋଳପା ଭାଙ୍ଗି ତାଙ୍କ ଗଳ୍ପରେ ମନ୍ନୁ ଗଢ଼ିଥିଲେ ଏକ 'ନବ ମାନବୀ'ର ତୁଳନାହୀନ ପ୍ରତିମା। ଏହା ହିଁ ଥିଲା ସମକାଳର ହିନ୍ଦୀ କଥାଜଗତରେ ତାଙ୍କର ବ୍ୟତିକ୍ରମୀ ପରିଚୟ।

୧୯୫୭ରେ ପ୍ରକାଶ ପାଇଥିଲା ମନ୍ନୁଙ୍କର ପ୍ରଥମ ଗଳ୍ପ 'ମେଁ ହାର ଗୟୀ' (ମୁଁ ହାରିଗଲି) ଏବଂ ତାଙ୍କ ଦ୍ୱିତୀୟ ଲେଖାଟି ଥିଲା ଏକ ଉପନ୍ୟାସ, ଯାହାର ଶୀର୍ଷକ ସେ ରଖିଥିଲେ 'ଆପ୍ କା ବଣ୍ଟି' (ତୁମର ବଣ୍ଟି)। ବଣ୍ଟି ନାମକ ଗୋଟିଏ ଶିଶୁର ଆଖିରେ ଭାଙ୍ଗି ଯାଉଥିବା ଏକ ବିବାହର ଚିତ୍ର ଥିଲା ଏହି ଉପନ୍ୟାସର ପ୍ରସଙ୍ଗ। ବାପା ମାଆଙ୍କର ବାହାଘର ଭାଙ୍ଗିଯାଉଛି ଓ ଦୁହେଁ ଦୁଇ ଅଲଗା ଲୋକଙ୍କୁ ବାହା ହେଇଯାଉଛନ୍ତି। ହିନ୍ଦୀ ସାହିତ୍ୟରେ ଏହି ଉପନ୍ୟାସ ଥିଲା ଏକ ମାଇଲ ସ୍ତମ୍ଭ ଓ ହିନ୍ଦୀ ସାହିତ୍ୟର ମୋଡ଼ ବଦଳ। ଉପନ୍ୟାସଟି ବହୁ ଭାଷାରେ ଅନୂଦିତ, ଯହିଁରେ ଅନ୍ତର୍ଭୁକ୍ତ ଫରାସୀ, ବଙ୍ଗଳା ଓ ଇଂଲିଶ୍। 'ଆପ୍‌କା ବଣ୍ଟି' ଉପନ୍ୟାସ ଆଧାରରେ ରଚିତ ନାଟକ ନୂଆଦିଲ୍ଲୀର 'ଭାରତ ରଙ୍ଗ ମହୋତ୍ସବ' ସମେତ ସାରା ଦେଶରେ ଅଭିନୀତ ହୋଇ ପ୍ରଚୁର ପ୍ରଶଂସା ଗୋଟାଇଥିଲା। 'ୟହି ସଚ୍ ହୈ' ('ଏହା ହିଁ ସତ୍ୟ')ର ବିଷୟବସ୍ତୁ ଥିଲା– ଅତୀତ ଓ ବର୍ତ୍ତମାନର ଦୁଇ ପ୍ରେମୀପୁରୁଷଙ୍କ ଭିତରୁ ଜଣଙ୍କୁ ବାଛିବାର ଉଦ୍ୟମରେ ଲଟକିଥିବା ଜଣେ ନାରୀର ଜୀବନକଥା। ୧୯୭୯ରେ ପ୍ରକାଶ ପାଇଥିଲା ମନ୍ନୁଙ୍କର ଅନ୍ୟତମ ପ୍ରସିଦ୍ଧ ଉପନ୍ୟାସ 'ମହାଭୋଜ', ଯାହାର ବିଷୟ ଥିଲା ଅମଲାତାନ୍ତ୍ରିକ ଭାରତର ଦୁର୍ନୀତିରେ ପୀଡ଼ିତ ଜଣେ ସାଧାରଣ ମଣିଷର ଜୀବନ ସଂଗ୍ରାମ। ତାଙ୍କର ଅନ୍ୟ କୃତିଗୁଡ଼ିକ ମଧ୍ୟରୁ କେତୋଟି ଉଲ୍ଲେଖନୀୟ ହେଉଛି 'ଏକ୍ ପ୍ଲେଟ୍ ସୈଲାବ୍' (୧୯୬୨), 'ତିନ୍ ନିଗାହୋଁ କୀ ଏକ୍ ତସ୍‌ବୀର୍', 'ତ୍ରିଶଙ୍କୁ' ଓ 'ଆଁଖୋଁ ଦେଖା ଝୁଟ୍' ଇତ୍ୟାଦି। ସ୍ୱାମୀ ରାଜେନ୍ଦ୍ର ଯାଦବ ଓ କ୍ରିଷ୍ଣା ସୋବତିଙ୍କ ପରି ମନ୍ନୁଙ୍କ କଥା ବିଭବ ଥିଲା ଧରାବନ୍ଧା ରୋମାଣ୍ଟିକ୍ ଭାବ ବଳୟର ପ୍ରତିପକ୍ଷରେ ଗତିଶୀଳ ମଣିଷର ବାସ୍ତବ ଜୀବନ ବୃତ୍ତାନ୍ତରେ ବିଭବବନ୍ତ।

ବିଶିଷ୍ଟ ସମାଲୋଚକ ଆର୍.ଏସ୍. ସିଂହ ମନ୍ନୁଙ୍କ କଥା–ସାହିତ୍ୟ ଉପରେ ମନ୍ତବ୍ୟ ରଖି କହିଥିଲେ: ''ମନ୍ନୁଙ୍କ ଗଳ୍ପ ଓ ଉପନ୍ୟାସରେ ପରିଦୃଷ୍ଟ ନାରୀ ସାମାଜିକ ଓ ନୈତିକ ରକ୍ଷଣଶୀଳତାରୁ ନିଜକୁ ମୁକୁଳାଇ ପୁରୁଷ ସହ ପାଦକୁ ପାଦ ମିଳାଇ ଚାଲିବା ଓ ନିଜର ଅସ୍ତିତ୍ୱକୁ ଅର୍ଥପୂର୍ଣ୍ଣ କରି ଗଢ଼ିତୋଳିବା ଦିଗରେ ନିରନ୍ତର ଗତିଶୀଳ।'' ନିଜ କୃତିର ଆଧାରରେ ନିଜ ଦ୍ୱାରା ପ୍ରସ୍ତୁତ ଦୁଇଟି ଚଳଚ୍ଚିତ୍ର 'ରଜନୀଗନ୍ଧା' ଓ 'ଜୀନା ୟହାଁ' ('ୟହି ସଚ୍ ହୈ'ର ନାଟ୍ୟରୂପ) ବିପୁଳ ଜନାଦୃତି ଲାଭ କରିଥିଲା। ଶରତ ଚନ୍ଦ୍ରଙ୍କର ଏକ ଉପନ୍ୟାସ ଭିତ୍ତିରେ ସେ 'ସ୍ୱାମୀ' ଚଳଚ୍ଚିତ୍ରର ଚିତ୍ରନାଟ୍ୟ ମଧ୍ୟ ପ୍ରସ୍ତୁତ କରିଥିଲେ, ଯାହା ଅନେକ ଦର୍ଶକଙ୍କ ସ୍ମୃତିରେ ଏବେ ବି ଅଭୁଲା। ହିନ୍ଦୀ ସାହିତ୍ୟକୁ ବିରଳ ଅବଦାନ ପାଇଁ ମନ୍ନୁଙ୍କୁ ମିଳିଛି 'ଉତ୍ତରପ୍ରଦେଶ ହିନ୍ଦୀ ସଂସ୍ଥାନ' ପୁରସ୍କାର ୧୯୮୧ରେ ('ମହାଭୋଜ' ଉପନ୍ୟାସ ପାଇଁ), 'ଭାରତୀୟ ଭାଷା ପରିଷଦ ସମ୍ମାନ' (୧୯୮୨), 'ବିହାର ରାଜ୍ୟ ଭାଷା ପରିଷଦ ସମ୍ମାନ' (୧୯୯୧), 'ରାଜସ୍ଥାନ ସଙ୍ଗୀତ ଏକାଡେମୀ ସମ୍ମାନ' (୨୦୦୨), 'ମହାରାଷ୍ଟ୍ର ରାଜ୍ୟ ହିନ୍ଦୀ ସାହିତ୍ୟ ଏକାଡେମୀ' ସମ୍ମାନ (୨୦୦୪), ମଧ୍ୟପ୍ରଦେଶର 'ଭବଭୂତି ଅଳଙ୍କରଣ ସମ୍ମାନ' (୨୦୦୭) ଓ 'ବ୍ୟାସ ସମ୍ମାନ' ('ଏକ କହାନୀ ୟହ ଭୀ' ଆତ୍ମଜୀବନୀମୂଳକ ଉପନ୍ୟାସ ପାଇଁ)। ଯୁଗରୂପା ଲେଖିକା ମନ୍ନୁଙ୍କ ଅବର୍ତ୍ତମାନରେ 'ଧରିତ୍ରୀ'ର ଏ ଶ୍ରଦ୍ଧାଞ୍ଜଳି କେବଳ ତାଙ୍କୁ ଆଉ ଥରେ ପାଠିକାପାଠକଙ୍କ ସ୍ମୃତିରେ ଉଜାଗର କରିବା ପାଇଁ।

ପ୍ରସ୍ତୁତି: ଡ. ହୃଷୀକେଶ ମଲ୍ଲିକ
ମୋ: ୯୮୫୩୨୮୭୭୫୫

**ଭାରତ-ଭାରତୀ**


ମନ୍ନୁ ଭଣ୍ଡାରୀ

*ମନ୍ନୁ ଭଣ୍ଡାରୀଙ୍କ ଜନ୍ମ ଭାନପୁରାରେ, ବ୍ରିଟିଶ୍ ଭାରତର ଇନ୍ଦୋର ରାଜ୍ୟରେ, ୩ ଏପ୍ରିଲ ୧୯୩୧ରେ। ତାଙ୍କର ବିବାହ ସମ୍ପନ୍ନ ହୋଇଥିଲା ବିଶିଷ୍ଟ ହିନ୍ଦୀ ଲେଖକ ରାଜେନ୍ଦ୍ର ଯାଦବଙ୍କ ସହ। ସେ ବଡ଼ ହେଇଥିଲେ ରାଜସ୍ଥାନର ଆଜ୍‌ମେରରେ। ତାଙ୍କ ବାପା ସୁଖ୍‌ସଂପତ୍ ରାୟ ଭଣ୍ଡାରୀ ଥିଲେ ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ, ସମାଜ ସଂସ୍କାରକ ଏବଂ ହିନ୍ଦୀ ଭାଷାରେ ପ୍ରଥମ ପ୍ରକାଶିତ ଇଂଲିଶ୍–ହିନ୍ଦୀ ତଥା ଇଂଲିଶ–ମରାଠୀ ଅଭିଧାନର ପ୍ରକାଶକ। କଲିକତା ବିଶ୍ୱବିଦ୍ୟାଳୟରୁ ହିନ୍ଦୀରେ ସ୍ନାତକ ପାଶ୍ ପରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରୁ ସେ ହିନ୍ଦୀରେ କରିଥିଲେ ସ୍ନାତକୋତ୍ତର। ହିନ୍ଦୀ ଭାଷାରେ ଅଧ୍ୟାପନାରୁ ବୃତ୍ତି ଜୀବନ ଆରମ୍ଭ କରି ଉଜ୍ଜୟିନୀ ବିକ୍ରମ ବିଶ୍ୱବିଦ୍ୟାଳୟର 'ପ୍ରେମଚାନ୍ଦ ସୃଜନପୀଠ'ରେ ନିର୍ଦ୍ଦେଶକ ଭାବେ ପଦସ୍ଥ ହୋଇଥିଲେ। ହିନ୍ଦୀ ସାହିତ୍ୟକୁ ନିଜର ଅମୂଲ୍ୟ ଅବଦାନ ପାଇଁ ସେ ବହୁ ଜାତୀୟ ସମ୍ମାନରେ ସମ୍ମାନିତା, ଯହିଁରେ ସାମିଲ କେ. କେ. ବିରଳା ଫାଉଣ୍ଡେଶନର ମର୍ଯ୍ୟାଦାଜନକ 'ବ୍ୟାସ ସମ୍ମାନ'। ଆତ୍ମଜୀବନୀ 'ଏକ୍ କହାନୀ ୟହ ଭି' ପାଇଁ ମିଳିଥିଲା ତାଙ୍କୁ ଏହି ସମ୍ମାନ। ଏହି ମହତୀ ଲେଖିକାଙ୍କର ପରଲୋକ ହୋଇଥିଲା ୧୫ ନଭେମ୍ବର ୨୦୨୧ରେ, ଗୁରୁଗାଓଁରେ।*







## କବିତା

### ପ୍ରେମାବର୍ତ୍ତନ
**ରିଙ୍କି ପଧାନ**

ସେ ପ୍ରେମରେ ସାରା ଆକାଶ ନ ଥିଲା
ଥିଲା ଦୁଇମୁଠା ମାଟି,
ସେ ମୁହୂର୍ତ୍ତରେ କଳଙ୍କ ନ ଥିଲା
ଥିଲା ଟିକେ ରଙ୍ଗ।

ସେ ପ୍ରେମରେ ପାଇବାର
ଆଶା ନ ଥିଲା
ଥିଲା ଟିକେ ହରେଇବାର କୋହ,
ସେ ଚାହାଣିରେ ଜ୍ୱାଳା ନ ଥିଲା
ଥିଲା ଟିକେ ନିରେଖିବାର ଆନନ୍ଦ।

ସବୁ ଥିବା ନ ଥିବା ଭିତରେ କିନ୍ତୁ
କିଛି ତ' ଥିଲା, ଖୁବ୍ ନିଜର...
ଆକର୍ଷଣ–ଆଶା–ଆକାଂକ୍ଷା–ଆଶ୍ୱାସନା
ଏ ଊର୍ଦ୍ଧ୍ୱରେ ସେ ଖସିଯାଏ
ବିଜୁଳି ହୋଇ
ତାକୁ ଟେକି ଧରିବାର ନା ଥିଲା ସାହସ
ନା ସମୟ, ମୁଁ ଜାଣେ
ମୋର ଖାପ୍‌ଛଡ଼ା ଜୀବନ ଭିତରେ
ସେ କିନ୍ତୁ ମୁକ୍ତ, ଥିବ ଆଜୀବନ।

ନା ବୟସ, ନା ଜନ୍ମ, ନା ବନ୍ଧନ
ଏ ସବୁ ଖୁବ୍ ମୂଲ୍ୟହୀନ ଥିଲା ତା' ଓ
ମୋ' ଭିତରେ
କିଛି ଯଦି ଖାସ୍ ଥିଲା, ତା' ହେଉଛି
ଫାଳେ ଜହ୍ନ ହୋଇ ହସିଦେଇ
ଲୁଚିଯିବା ଝରକା ଫାଙ୍କେ।

ମୂଲ୍ୟବାନ୍ ପ୍ରାପ୍ତିଠାରୁ ତା' ହସର
ଦାମ୍ ଥିଲା ଅଗଣନ
ଆଖିର ଭାଷା ମନର ଉଚ୍ଛ୍ୱାସ
ଟିକେ ସ୍ନେହ
ଲାଗୁଥିଲା ଦୂର ଦିଗ୍‌ବଳୟରେ
ମୁଁ ଓ ସେ
ଠିକ୍ ମାଟି ଓ ଆକାଶ।

ମନ ଓ ବିବେକର ଦ୍ୱନ୍ଦ୍ୱଯୁଦ୍ଧ ଭିତରେ
ସେ ହୃଦୟରେ ରହିଗଲା
କାଣିଚାଏ ଜାଗା ବାଛିନେଲା ନିଜ ପାଇଁ,
ତା' ଜୀବନରେ କେତେ ଆସିଥିବେ
ମୋ' ଜୀବନରେ କେତେ ଆସିବେ
ଲୁହ–ଲହୁ କୋହ–ମୋହ ହୋଇ
ସେ କିନ୍ତୁ ରହିଥିବ ଅଲିଭା ହସଟେ ହୋଇ।

ସେ ଠିକ୍ ଜାଣିଥିବ
ମୁଁ ଫେରୁଥିବି କେତେ ମୁହୂର୍ତ୍ତରେ
ଅଦିନିଆ ତିଥିବାର ଦେଇ
ତା' ମନ ଅଗଣାରେ
ଫାଳେ ପ୍ରେମ ହୋଇ...

ଅଧ୍ୟାପିକା, ଓଡ଼ିଆ ବିଭାଗ
କଳାହାଣ୍ଡି ବିଶ୍ୱବିଦ୍ୟାଳୟ,
ଭବାନୀପାଟଣା

### ପ୍ରେମ–ଖୋଜା
**ଅଜିତ ଦାଶ ମହାପାତ୍ର**

ଗୁଳି, ବୋମା, ବାରୁଦ ଓ ଧୂଆଁରେ
ପୃଥିବୀ ଆଜି ଆଚ୍ଛନ୍ନ।
ସବୁଠି ଝଗଡ଼ା,
ନିନ୍ଦା ଓ ଈର୍ଷାର ମିଳିତ ରାଜତ୍ୱ। ଏଠି
ପ୍ରତାରଣା ଓ ପ୍ରବଞ୍ଚନାର
ଚାହିଦା ବେଶୀ।
ମଣିଷ ଇ ମଣିଷର ଶତ୍ରୁ।

ଏଠି ସ୍ନେହ ନାହିଁ, ମମତା ନାହିଁ,
ହସ ନାହିଁ, ଭଲପାଇବା ନାହିଁ,
ଭାଇଚାରା ନାହିଁ, ଜୀବନରେ
ଶାନ୍ତି ନାହିଁ
କି ଦେଶରେ ମୈତ୍ରୀ ନାହିଁ। ପୃଥିବୀ
ଅପେକ୍ଷା କରିଛି ଧ୍ୱଂସର
ବିଭୀଷିକାକୁ।

ପ୍ରେମ ଆଜି ଆତ୍ମହତ୍ୟା କରେ
ପାପ, ଛଳନା ଓ ଅବିଶ୍ୱାସର
ତ୍ରିବେଣୀ ସଙ୍ଗମରେ। ପ୍ରେମ
ଆଜି ଲୁହ ହୋଇ ଝରେ
ବୁଭୁକ୍ଷୁ ମଣିଷର କ୍ଷୁଧାରେ।
ପ୍ରେମ ଆଜି
ଲୁଚିଯାଏ ଗୁଳି ଆଉ ବାରୁଦ ଗନ୍ଧରେ।
ପ୍ରେମ ଆଜି ମୂକ,
ଦୁର୍ଘଟଣାରେ ରାମ ସାହୁ ବାକ୍‌ଶକ୍ତି
ହରାଇବା ପରି। ପ୍ରେମ
ଆଜି ହଜିଯାଇଛି ଆତଙ୍କବାଦର
ସ୍ୱର୍ଦ୍ଧିତ ରାଜତ୍ୱରେ।

ଏମିତି ଦୟନୀୟ ସ୍ଥିତିରେ
ପୃଥିବୀ ଉଦ୍ଧାର ପାଇଁ, ଆସ!
ପ୍ରେମର ଜୟଗାନ କରିବା।
ପ୍ରେମର ଗଙ୍ଗା ଜଳରେ
ହୃଦୟକୁ ଧୋଇ, ଜୀବନକୁ
ସୁନ୍ଦର କରିବା। ଦେଖ!
ପ୍ରେମଜ ଭାବନାରେ
କେମିତି ଉଜ୍ଜ୍ୱଳତର ଦେଖାଯାଉଛି
ମୋ' ମୁହଁ।

ମୋ: ୯୮୬୧୨୯୬୨୭୫

**ଗୀତି–କବିତା**

### ପତ୍ନୀ
**ଧନଞ୍ଜୟ ସ୍ୱାଇଁ**

ଅଜଣା ଅତିଥି ପାଇଁ ମାଣକର
ଚାଉଳ ସେ ଚୁଲି ପରେ
ନିଜକୁ ଚନ୍ଦନକାଠ ପରି ଘୋରି
ସୁବାସ ବାଣ୍ଟଇ ଘରେ ॥୦॥

ଫୁଲଠୁଁ କଅଁଳ ପକ୍ଷୀଠୁଁ ନିରୀହ
ପତ୍ନୀ ଯାହାର ନାମ
ନିଦଠୁଁ ନରମ ନଦୀଠୁଁ ଗଭୀର
ତାଆରି ପଣତେ ପ୍ରେମ
କେବେ ତା' ଓଠରେ ଲୁହ
ଲୋରି ହୋଇ
ଉକୁଟଇ ହସ ଧାରେ
ସୁବାସ ବାଣ୍ଟଇ ଘରେ... ॥୧॥

ଚଇତର ଆମ୍ବଡାଳିଆରେ ସିଏ
ହଳଦୀବସନ୍ତ ପରି
ହସ ବାଣ୍ଟି ବାଣ୍ଟି ଡେଇଁ ବୁଲୁଥାଏ
ନିଦାଘ–ନିଆଁରେ ଜଳି
ଲୁହ ଲୁଚେଇ ସେ ବାଟ ଚାଲେ ସିନା
କଣ୍ଟାରେ ପାଦକୁ ଚିରେ
ସୁବାସ ବାଣ୍ଟଇ ଘରେ... ॥୨॥

ଶକ୍ତି ବିଭାଗ
ଖାରବେଳ ଭବନ, ଭୁବନେଶ୍ୱର
ମୋ: ୯୪୩୭୦୦୦୬୩୬

## ପୁସ୍ତକ ପରିଚୟ

### ନବଲିପି



**ସମ୍ପାଦକ:** ଦେବବ୍ରତ ମଦନରାୟ
**ସାଇଜ୍:** ଏ–୪, **ପୃ:** ୧୯୨, **ମୂଲ୍ୟ:** ଟ.୧୦୦/–
ଏଥରର ଶାରଦୀୟ ବିଶେଷାଙ୍କରେ ରହିଛି ନୃସିଂହ ତ୍ରିପାଠୀଙ୍କ ଉପନିଷଦ କଥା। ଡୋଙ୍ଗରେ ମହାରାଜଙ୍କ ଭାଗବତ କଥା, ଯାହାର ଅନୁବାଦ ବି କରିଛନ୍ତି ଶ୍ରୀ ତ୍ରିପାଠୀ। ବିଶେଷକଥାରେ ମନୋଜ ଦାସଙ୍କ 'ଅସୁନ୍ଦର ଓ ମନ୍ଦର ନିରସନ'। 'କଥାକାର ଓ କଥା'ରେ ବୀଣାପାଣି ମହାନ୍ତିଙ୍କ 'ପୁନଶ୍ଚ ଫାଲ୍‌ଗୁନ'। ଏତଦ୍ ବ୍ୟତୀତ ଗଳ୍ପ ଲେଖିଛନ୍ତି ପ୍ରତିଭା ରାୟ, ତରୁଣକାନ୍ତି ମିଶ୍ର, ବନଜ ଦେବୀ, ଆଦିକନ୍ଦ ସାହୁ, ବିଜୟାନନ୍ଦ ସିଂହ, ବିଜୟ ନାୟକ ଓ ତରୁଣ କୁମାର ସାହୁ ପ୍ରମୁଖ। ଜୀବନ କଥାରେ ଅଛନ୍ତି ପ୍ରସନ୍ନ କୁମାର ହୋତା ଓ କବିତାରେ ବଂଶୀଧର ଷଡ଼ଙ୍ଗୀ, ହରିହର ମିଶ୍ର, ସୌଭାଗ୍ୟ କୁମାର ମିଶ୍ର, ରାଜେନ୍ଦ୍ର କିଶୋର ପଣ୍ଡା, ପ୍ରତିଭା ଶତପଥୀ, ମମତା ଦାଶ ଓ ହୃଷୀକେଶ ମଲ୍ଲିକ ପ୍ରମୁଖ ବହୁ ପ୍ରବୀଣ ଓ ନୂତନ କବି। ପ୍ରଚ୍ଛଦରେ ରହିଛି କଳ୍ପନାର ଅନନ୍ୟତା।

### ଅମୃତାୟନ



**ସମ୍ପାଦିକା:** ଗୀତା ହୋତା
**ସାଇଜ୍:** ଏ–୪, **ପୃ:** ୧୮୦, **ମୂଲ୍ୟ:** ଟ.୮୦/–
ଏହି ପାରିବାରିକ ପତ୍ରିକାରେ ରହିଛି ଆଧ୍ୟାତ୍ମିକ ସାହିତ୍ୟ, ଯହିଁରେ ଅନ୍ତର୍ଭୁକ୍ତ ଶ୍ରୀଅରବିନ୍ଦଙ୍କ ଦୁର୍ଗାସ୍ତୋତ୍ର, ବେଦ ପ୍ରବଚନ, ଦିବ୍ୟଜୀବନ ପ୍ରସଙ୍ଗ। ଚର୍ଚ୍ଚାରେ ସ୍ଥାନିତ ବିଜୟା ମିଶ୍ରଙ୍କ ଶାରଦୀୟ ଅନୁଭବ। ମାନସମନ୍ଥନରେ ଅନ୍ତର୍ଯ୍ୟାମୀ ମିଶ୍ର, ଇନ୍ଦୁଲତା ଦାସ, ଶରତ ଚନ୍ଦ୍ର ରଥ; ନବପର୍ବରେ ଶିଶିର ନାୟକ, ସୁରେଶ କୁମାର ନାୟକ ଓ ପଞ୍ଚାନନ ମିଶ୍ରଙ୍କ କବିତା ସ୍ଥାନିତ। ଗଳ୍ପରେ ଶାନ୍ତନୁ କୁମାର ଆଚାର୍ଯ୍ୟ, ବିଭୂତି ପଟ୍ଟନାୟକ, ଗୌରହରି ଦାସ, ଦେବ ପ୍ରସାଦ ଦାଶ, ଅଧ୍ୟାପକ ବିଶ୍ୱରଂଜନଙ୍କ ସାଙ୍ଗକୁ କବିତାରେ ଅଛନ୍ତି ରମାକାନ୍ତ, ସୀତାକାନ୍ତ, ହର, ହରିହର, ଗାୟତ୍ରୀବାଳା, ହୃଷୀକେଶ ଓ ଜୟନ୍ତିକା ପ୍ରମୁଖ ବହୁ ବିଶିଷ୍ଟ ଓ ନବୀନ କବି। ରହିଛି ଧାରାବାହିକ ଉପନ୍ୟାସ ଓ ଅନୁବାଦ ଗଳ୍ପ।

### କାବ୍ୟଲୋକ




**ସମ୍ପାଦକ:** ଭିକାରୀ ଧଳ
**ସାଇଜ୍:** ୧/୮ ଡିମାଇ, **ପୃ:** ୩୯୦, **ମୂଲ୍ୟ:** ଟ.୨୦୦/–
କାବ୍ୟଲୋକ ସମୟର ଶଙ୍ଖନାଦର ପ୍ରଚ୍ଛଦଟି ସୃଜନଶୀଳ ଓ ପାଠକଙ୍କୁ ଭାବିତ କରାଏ। 'ସୃଜନ କ୍ରିୟା ଓ ସଂପାଦନା' ଶୀର୍ଷକରେ ସଂପାଦକୀୟ ସାଂଗକୁ କାବ୍ୟଚିନ୍ତନରେ ଅଭିରାମ ଦାସଙ୍କ 'କବିତାର ଜୀବନ: କେତେ ମନନ କେତେ ଦହନ', ଯେଉଁଥିରେ ପଙ୍‌କ୍ତିଭୁକ୍ତା ପାଞ୍ଚଜଣ ନାରୀ କବି ସଂଘମିତ୍ରା ମିଶ୍ର, ମନୋରମା ମହାପାତ୍ର ବିଶ୍ୱାଳ, ପ୍ରବାସିନୀ ମହାକୁଡ଼, ଅପର୍ଣ୍ଣା ମହାନ୍ତି ଓ ରୁନୁ ମହାନ୍ତି। କାବ୍ୟ–ଆଲୋଚନାରେ ପ୍ରିୟଙ୍କା ସ୍ୱାଇଁ, ଦୀପ୍ତିମୟୀ ସାହୁ, ପ୍ରେମାନନ୍ଦ ମହାପାତ୍ର, ରଞ୍ଜିତା ପାତ୍ର। ଏଥିସହ କାବ୍ୟଚର୍ଚ୍ଚାରେ ବିଶ୍ୱରଂଜନ ଦାସ, କ୍ଷୀରୋଦ ଚନ୍ଦ୍ର ନାଏକ ଓ ରଂଜିତ ପ୍ରଧାନ। ବିମୁଗ୍ଧ ବାଙ୍ମୟତା ସେ ଦେଶର କବି, କାବ୍ୟ ବ୍ୟକ୍ତିତ୍ୱ, ଗୀତି–କବିତା, କାବ୍ୟଜୀବନ ଭଳି ବିଭାଗ ପତ୍ରିକାଟିର ବିବିଧ ଦୃଷ୍ଟିକୋଣକୁ ଚିହ୍ନାଇଥାଏ।

## କାଳକାଳକୁ

**''ଗୋଟିଏ ହୃଦୟକୁ ଯଦି ମୁଁ ଭାଙ୍ଗିଯିବାରୁ ନିବର୍ତ୍ତାଇ ପାରିବି, ତେବେ ମୋ' ଜୀବନଧାରଣ କଦାପି ନିରର୍ଥକ ନୁହେଁ।''**
**– ଏମିଲି ଡିକିନ୍‌ସନ୍**



**ଏମିଲି ଡିକିନ୍‌ସନ୍**ଙ୍କ ଜନ୍ମ ୧୦ ଡିସେମ୍ବର ୧୮୩୦ରେ, ଆମେରିକା ମାସାଚୁସେଟ୍‌ସର ଆମହର୍ଷ୍ଟରେ। 'ହୋପ୍ ଇଜ୍ ଦ' ଥିଙ୍ଗ୍ ଉଇଥ୍ ଫିଦର୍ସ', 'ବିକଜ୍ ଆଇ କୁଡ୍ ନଟ୍ ଷ୍ଟପ୍ ଫର୍ ଡେଥ୍' ଓ 'ଆଇ ଆମ୍ ନୋ ବଡି! ହୁ ଆର୍ ୟୁ?' ହେଉଛି ତାଙ୍କର ଉଲ୍ଲେଖନୀୟ କାବ୍ୟଗ୍ରନ୍ଥ ମଧ୍ୟରୁ କେଇଟି। ଏମିଲି କହନ୍ତି: ''ଯଦି ମୁଁ ବହିଟିଏ ପଢ଼େ ଓ ତାହା ମୋର ସାରା ଦେହକୁ ଏମିତି ଶୀତଳ କରିଦିଏ ଯେ କେଉଁ ନିଆଁ ବି ମୋତେ ତତାଇ ପାରିବ ନାହିଁ, ତେବେ ସେ ବହିଟି ନିଶ୍ଚୟ କବିତା ବହି।'' ଆମେରିକୀୟ କବିତାରେ ଅତି ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥିବା ଏହି ଲେଖିକାଙ୍କର ଦେହାନ୍ତ ହୁଏ ସେଇ ଆମହର୍ଷ୍ଟରେ, ୧୫ ମେ ୧୮୮୬ରେ।

## ବାବୁ ଆଇଲ
**ଡ. ଭବାନୀ ଶଙ୍କର ଦାଶ**

ସେହି ବାଟ ଦେଇ ଗଲାଅଇଲା ଲୋକେ ଦଣ୍ଡେ ରହିଯାଉଥିଲେ। ସେ ବୁଢ଼ାଲୋକର ବାହୁନା କାନ୍ଦମିଶା କଥା ଶୁଣି ପାଗଳଟେ ଭାବି ଚାଲିଯାଉଥିଲେ। ରାତି ବଢ଼ି ଚାଲିଥିଲା। ମଝିରେ ମଝିରେ ସାଇକେଲର ଖଡ଼ଖଡ଼ ଶୁଣିଲେ ବୁଢ଼ା ଡାକ ପକଉଥିଲା– 'ବାବୁ ଆଇଲ'। ଅନ୍ଧାର ଭିତରୁ ଖଣ୍ଡେ ଦୂରରୁ ବୁଢ଼ାର ବାହୁନା ଶୁଣାଯାଉଥିଲା। ରାସ୍ତା କଡ଼ର ବୁଦାଳିଆ ଅନ୍ଧାର ଭିତରେ ବସି କାନ୍ଦୁଥିଲା ବୁଢ଼ା। ଦି' ଚକିଆ ଯାନବାଲାଏ ଅଟକି ରହି ଆଲୁଅ ପକେଇ ଦେଖୁଥିଲେ ବୁଢ଼ାକୁ। ପଚାରି ଚାଲିଥିଲେ କାହିଁକି କାନ୍ଦୁଛ ବୋଲି! ବୁଢ଼ା କିଛି ଉତ୍ତର ଦେଉ ନ ଥିଲା। କାଳେ ଧକ୍କା ହୋଇଥିବ ଭାବି ଖଣ୍ଡିଆ ଜାଗା ଦେହରୁ ଖୋଜୁଥିଲେ। ପ୍ରତିବାଦ କରୁ ନ ଥିଲା ବୁଢ଼ା। କେତେଜଣଙ୍କୁ କେତେ ବା ଉତ୍ତର ଦେବ। ନିଜ ବାଗରେ କିନ୍ତୁ ବାହୁନି କହୁଥିଲା– 'ମାଉସୀ ରାଗିବ। ମାଛ ଟଙ୍ଗା ହୋଇଥିଲା ହାଣ୍ଡେଲରେ। ଲୁଣି ମାଛ ଶଢ଼ି ଆସିବଣି ଇତ୍ୟାଦି ଇତ୍ୟାଦି।' ଏତିକିବେଳେ ସାଇକେଲର ଖଡ଼ଖଡ଼ ଶୁଣିଲେ ଚମକି ପଚାରୁଥିଲା– 'ବାବୁ ଆଇଲ'? ରାତି ଅନ୍ଧାରରେ କଡ଼ା କଣ୍ଠରେ ଏଇ ବାବୁ ଆଇଲଟା ପରିଷ୍କାର ଶୁଭୁଥିଲା। ବେଳେବେଳେ ବୁଢ଼ା କହୁଥିଲା– ବାବୁ ଆଇଲ। ମୁଁ ଏଇଠି ବଇଚି। କୋଉ ବାବୁ? କାହିଁ? କେହି ଆସୁ ନ ଥିଲେ। ତଥାପି ବୁଢ଼ାର ଧୈର୍ଯ୍ୟ ତୁଟୁ ନ ଥିଲା। କାନ୍ଦିଲା କଣ୍ଠରେ କହି ଚାଲୁଥିଲା ହାଇରେ ଧର୍ମ। ସାହାଯ୍ୟ କଲେ କ'ଣ ଏହି ଫଳ ମିଳେ! ଆଉ କ'ଣ ବାବୁ ମୋତେ ବାଉଳାରେ ଛାଡ଼ି ପଳେଇଲେ? ଜାଣି ପାରିଲେନି ମୁଁ ଏଇଠି ବଇଚି ବୋଲି!

ରାତି କ୍ରମେ ବଢ଼ି ଚାଲିଥିଲା। ପଥଚାରୀଙ୍କ ଯାତାୟାତ ବି କାଁ ଭାଁ। ଗାଡ଼ିମୋଟର ଗଲାବେଳେ ଆଲୁଅ ପଡ଼ିଲେ ବୁଢ଼ା ଅଣ୍ଟା ସଳଖି ଛିଡ଼ା ହେଉଥିଲା। ହାତ ଦେଖାଉଥିଲା। ହେଲେ କେହି ଜଣେ ବି ବୁଢ଼ାର ଆକୁଳ ନିବେଦନ ଶୁଣିପାରୁ ନ ଥିଲେ। ଶୀତର ପ୍ରକୋପ ବଢ଼ିଲା। ଅଣ୍ଟାରୁ ଗାମୁଛା ଖୋଲି ମୁଣ୍ଡରେ ବାନ୍ଧିଥିଲା। ଏବେ ବୁଢ଼ା ଗାମୁଛାଟା ମୁଣ୍ଡରୁ ଖୋଲି ପିନ୍ଧିଲା ଓ ପିନ୍ଧିଲା ଚିରା ଧୋତି ଖଣ୍ଡକ ଘୋଡ଼ି ହୋଇପଡ଼ିଲା। ମନେମନେ ଗୁଣୁଗୁଣୁ ହୋଇ କହୁଥିଲା– ଏଗୁଡ଼ାକ କି ଅନ୍ୟାୟ କଥା! ଏ ବୁଢ଼ାଟାକୁ ଏତେ କଷ୍ଟ ଦେଲୁ! କି ଧର୍ମ ଅର୍ଜିବୁ? ତା'ପରେ ପାଳି ଧରିଲା ଭଳି କହିଚାଲିଥିଲା– 'ବାବୁ ଆଇଲ'। ବୁଢ଼ାର ଡାକ ଶୀତ ରାତିର କୁହୁଡ଼ି ଭିତରେ ହଜି ଯାଉଥିଲା। ଏଥର ବୁଢ଼ା ଚାଲିବା ଆରମ୍ଭ କଲା। କେତେ ରାତିଯାଏ ବା ଅପେକ୍ଷା କରିପାରନ୍ତା! ଅନ୍ଧାରକଣା ରୋଗ ହେଲା ଦିନଠୁ ବୁଢ଼ା ସଞ୍ଜ ହେଲେ ଏକାଠାଏ ବସେ। ଏବେ ଘର ତ ମାଇଲିଏ ଦୂର। ହଠାତ୍ ବୁଢ଼ା ମୁହଁ ରାସ୍ତାକଡ଼ ଗଛର ଡାଳରେ ପିଟି ହେଇଗଲା। ସେଇ ଡାଳକୁ ଧରି ଭାଙ୍ଗିଲା ବୁଢ଼ା। ସାଇକେଲ ନେଇକି ଆସିଥିଲା। ଏଣୁ ହାତବାଡ଼ି ଆଣିପାରି ନ ଥିଲା। ହାତବାଡ଼ି ଥିଲେ ଦରାଣ୍ଡି ହୋଇ ଚାଲିଯାଇ ପାରିଥାନ୍ତା। ଏବେ ସେଇ ଗଛଡାଳ ହେଲା ହାତବାଡ଼ି। ବୁଢ଼ା ଚାଲିଲା। ଧର୍ମକୁ ସୁମରଣା କରି କାନ୍ଦି ପକାଇବାକୁ ଇଚ୍ଛା ହେଉଥିଲା ତା'ର। ଘରେ ପହଞ୍ଚିଲେ ବୁଢ଼ୀକୁ କି ଉତ୍ତର ଦେବ। ଘରେ ସଉଦାପତ୍ର କିଛି ବୋଲି କିଛି ନ ଥିଲା। ହାଟକୁ ଆସିଲାବେଳେ ବୁଢ଼ୀ ପଚାଶ ଟଙ୍କା ଦେଇଥିଲା। ତେଲ, ହଳଦୀ, ଲୁଣ, ଡାଲି, ଫୁଟଣ, କିରାସିନି ଓ କିଛି ପରିବା ସହିତ ଲୁଣିମାଛ କିଣିଥିଲା ବୁଢ଼ା। ଘରେ କିଛି ନ ଥିଲା ବୋଲି ଦି'ପ୍ରାଣୀ ତୋରାଣି ପିଇ ସକାଳବେଳା ଚଳିଯାଇଥିଲେ। ଏବେ ହବ କ'ଣ?

ବୁଢ଼ା କିଛି କୁଳକିନାରା ପାଉ ନ ଥିଲା। ହାଟସାରି ଫେରୁଥିଲା ବୁଢ଼ା। ଲୋକ ଗହଳି ଥିଲା ବୋଲି ହାଟଠୁ ଖଣ୍ଡେ ଦୂରଯାଏ ସାଇକେଲ ଗଡ଼େଇ ଗଡ଼େଇ ଯାଉଥିଲା। ସାଇକେଲ ହାଣ୍ଡେଲରେ ମାଛ ଟଙ୍ଗା ହୋଇଥିଲା। କାହିଁ ଆସିଲା ଟୋକାଟେ। ପଚାରିଲା– ମଉସା କୁଆଡ଼େ ଯିବ? ବୁଢ଼ା ଓ ସେ ଟୋକାର ଗାଁ ଏକା ଦିଗରେ ଥିଲା। କିଛି ବାଟ ବୁଢ଼ା ସହିତ କଥା ହୋଇହୋଇ ସେ ଟୋକା ଚାଲିଲା। ତା'ପରେ ଟୋକା କହିଲା– ମଉସା ସାଇକେଲ ଦିଅ ମୁଁ ଚଲେଇବି, ତୁମେ ବସିବ। ସାଥି ହୋଇ ଚାଲିଯିବା। ତୁମ ଗାଁଠୁ ମୁଁ ଚାଲିକି ପଳେଇବି। ବୁଢ଼ାର ସାଇକେଲ ଅବସ୍ଥା ଭଲ ନ ଥିଲା। ମାତ୍ର ଦୟାପରବଶ ହୋଇ ହଁ କଲା। ଟୋକା ସାଇକେଲ ଚଲେଇଲା ଓ ବୁଢ଼ା ବସିଲା। କିଛି ଦୂର ଯିବାପରେ ଟୋକା କହିଲା– ମଉସା, ମୁଁ ହାଟରେ ସଉଦା କିଣି ଦୋକାନୀଠୁ ପଇସା ନ ଆଣି ଛାଡ଼ିଆସିଲି। ତୁମେ ସାଇକେଲ ନେଇକି ଚାଲ, ମୁଁ ପଇସା ଆଣି ଫେରିବି। ଦୟାଳୁ ବୁଢ଼ା କହିଲା– ଫେରିବା ଡେରି ହେବ କାଳେ ତୁମେ ସାଇକେଲ ନେଇକି ଯାଅ। ମୁଁ ଏଇଠି ବସିଛି। ଜଲ୍‌ଦି ଆସିଲେ ଯିବା। ସେତିକିବେଳୁ ଯାଇଛି ସାଇକେଲ ନେଇକି। ଏଯାଏ ଫେରିନାହିଁ। ଘରେ ପହଞ୍ଚିଲେ ଏଇଲେ ମହାଭାରତଟେ ହୋଇଯିବ। କ'ଣ କରିବି। ଶେଷ ସମ୍ବଳ ସାଇକେଲଟା ବି ଗଲା। ତଥାପି ବୁଢ଼ା ଆଶା ନ ହରେଇ ଉଚ୍ଚ ସ୍ୱରରେ କହୁଥିଲା– 'ବାବୁ ଆଇଲ'!

ମୋ: ୮୯୧୭୬୨୪୩୮୬



**ବିଧାୟକଙ୍କୁ ହତ୍ୟା କରିବାକୁ କହୁଥିବା କଂଗ୍ରେସ ନେତାଙ୍କ ଭିଡିଓ ଭାଇରାଲ**

କର୍ନାଟକର କଂଗ୍ରେସ ନେତା ଗୋପାଳକୃଷ୍ଣ ଜଣେ ଭାଜପା ବିଧାୟକଙ୍କୁ ହତ୍ୟା କରିବା ଲାଗି ଅନ୍ୟ ଜଣଙ୍କ ସହ କଥା ହେଉଥିବାର ଭିଡିଓ କ୍ଲିପ୍ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ବେଙ୍ଗାଲୁରୁର ୟେଲହଙ୍କା ଆସନରୁ ବିଧାୟକ ଥିବା ଏସ୍.ଆର୍. ବିଶ୍ୱନାଥଙ୍କୁ ହତ୍ୟା କରିବା ଲାଗି ଗୋପାଳକୃଷ୍ଣ ଯୋଜନା ପ୍ରସ୍ତୁତ କରୁଥିବା ଉକ୍ତ ୩ ମିନିଟ୍ର ଭିଡିଓରୁ ସ୍ପଷ୍ଟ ହୋଇଛି। ରାଜ୍ୟ ପୋଲିସ ମାମଲାକୁ ଗୁରୁତ୍ୱର ସହ ନେଇଥିବା କର୍ନାଟକ ଗୃହମନ୍ତ୍ରୀ ଅରାଗ ଜ୍ଞାନେନ୍ଦ୍ର କହିଛନ୍ତି।

# ସପ୍ତାହରେ ସଂକ୍ରମଣ ୪୦୩% ବୃଦ୍ଧି

■ ୨୫ରୁ ଊର୍ଦ୍ଧ୍ୱ ଦେଶକୁ ବ୍ୟାପିଲାଣି ଓମିକ୍ରନ୍

■ ଦକ୍ଷିଣ କୋରିଆରେ ୫ ସଂକ୍ରମିତ

## ଦକ୍ଷିଣ ଆଫ୍ରିକାରେ ସ୍ଥିତି ଚିନ୍ତାଜନକ



ଜୋହାନ୍ସବର୍ଗ, ୧।୧୨

ଦକ୍ଷିଣ ଆଫ୍ରିକାରେ କରୋନା ଭୂତାଣୁର ଓମିକ୍ରନ୍ ଭାରିଆଣ୍ଟ ପ୍ରଥମ ଚିହ୍ନଟ ହେବା ପରଠାରୁ ସଂକ୍ରମଣ ସ୍ଥିତି ଚିନ୍ତାଜନକ ରହିଛି। ସପ୍ତାହକ ମଧ୍ୟରେ ସେଠାରେ କୋଭିଡ୍ ପଜିଟିଭ୍ ମାମଲା ୪୦୩ ପ୍ରତିଶତ ବୃଦ୍ଧି ପାଇଛି। ମଙ୍ଗଳବାର ୪,୪୭୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି, ଯାହା କି ଗତ ସପ୍ତାହ ମଙ୍ଗଳବାର ଆକ୍ରାନ୍ତଙ୍କ ସଂଖ୍ୟାଠାରୁ ୮୬୮ ଅଧିକ। ଗତ ସୋମବାର ସେଠାରେ ୨,୨୭୩ ସଂକ୍ରମିତ ଚିହ୍ନଟ ହୋଇଥିଲେ। ୨୪ ଘଣ୍ଟାରେ ୪୨ ହଜାର ଲୋକଙ୍କ ନମୁନା ପରୀକ୍ଷା କରାଯାଇଥିବାବେଳେ ସେଥିରୁ ୧୦%ରୁ ଅଧିକ ଜଣ ପଜିଟିଭ ବାହାରିଛନ୍ତି। ପଜିଟିଭ୍ ରେଟ୍ ୧୦.୨ ପ୍ରତିଶତ ଉପରେ ରହିବା ଭୟଙ୍କର ବୋଲି ସେଣ୍ଟର ଫର୍ ଏପିଡେମିକ ରେସ୍‌ପନ୍ସ ଆଣ୍ଡ ଇନୋଭେଶନ ନିର୍ଦ୍ଦେଶକ ପ୍ରଫେସର ଟୁଲିଓ ଡେ ଓଲିଭେଇରା କହିଛନ୍ତି। ଲୋକେ ମାସ୍କ ପିନ୍ଧିବା ଏବଂ ତୁରନ୍ତ ଟିକା ନେବା ଜରୁରୀ ବୋଲି ସେ ପ୍ରକାଶ କରିଛନ୍ତି। ଟିକା ନେଇ ନ ଥିବା ବ୍ୟକ୍ତି ଓମିକ୍ରନ ଭୂତାଣୁରେ ସଂକ୍ରମିତ ହେଲେ ସେମାନେ ସୁସ୍ଥ ହେବା ସମ୍ଭାବନା କମ୍ ବୋଲି ଡାକ୍ତର ବୈଜ୍ଞାନିକମାନେ ଚେତାବନୀ ଦେଇଛନ୍ତି। ୨ ବର୍ଷରୁ କମ୍ ବୟସର ଶିଶୁ ମଧ୍ୟ କରୋନାରେ ଆକ୍ରାନ୍ତ ହେଉଛନ୍ତି। ଏ ପର୍ଯ୍ୟନ୍ତ ଦକ୍ଷିଣ ଆଫ୍ରିକାରେ ୮୯,୮୪୩ ଜଣଙ୍କ କରୋନାରେ ମୃତ୍ୟୁ ଘଟିସାରିଲାଣି।

ଅନ୍ୟପକ୍ଷରେ ଦକ୍ଷିଣ କୋରିଆରେ ପ୍ରଥମ କରି ୫ ଜଣ ଓମିକ୍ରନ ଭାରିଆଣ୍ଟରେ ସଂକ୍ରମିତ ହୋଇଥିବା ବୁଧବାର ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଟିକାର ସମସ୍ତ ଡୋଜ୍ ନେଇଥିବା ଏକ ଦମ୍ପତି ରହିଛନ୍ତି। ଗତ ସପ୍ତାହରେ ସେମାନେ ନାଇଜେରିଆରୁ ଫେରିଥିଲେ। ଦମ୍ପତିଙ୍କ ୨ ପରିବାର ସଦସ୍ୟ ଓ ଜଣେ ସାଙ୍ଗ ଓମିକ୍ରନ୍‌ରେ ସଂକ୍ରମିତ ହୋଇଛନ୍ତି। ଏ ପର୍ଯ୍ୟନ୍ତ ଅଷ୍ଟ୍ରେଲିଆ, ଅଷ୍ଟ୍ରିଆ, ବେଲ୍‌ଜିୟମ, ବୋଟ୍‌ସୱାନା, ବ୍ରାଜିଲ, କାନାଡା, ଚେକ୍ ରିପବ୍ଲିକ୍, ଡେନମାର୍କ, ଫ୍ରାନ୍ସ, ଜର୍ମାନୀ, ହଂକଂ, ଇସ୍ରାଏଲ, ଇଟାଲୀ, ଜାପାନ, ନେଦରଲାଣ୍ଡସ, ନାଇଜେରିଆ, ନରୱେ, ପର୍ତ୍ତୁଗାଲ, ସାଉଦି ଆରବ, ସ୍ପେନ୍, ସୁଇଡେନ୍, ବ୍ରିଟେନରେ ଓମିକ୍ରନ ଭାରିଆଣ୍ଟ ଚିହ୍ନଟ ହୋଇସାରିଛି।

## ଆଫ୍ରିକା ପୂର୍ବରୁ ୟୁରୋପରେ ଥିଲା ଓମିକ୍ରନ୍

**ବ୍ରୁସେଲ୍ସ, ୧।୧୨:** ଦକ୍ଷିଣ ଆଫ୍ରିକାରେ ପ୍ରଥମେ ଓମିକ୍ରନ ଚିହ୍ନଟ ହେବା ପୂର୍ବରୁ ୟୁରୋପୀୟ ଦେଶଗୁଡ଼ିକରେ ଏହି ସୁପରମ୍ୟୁଟାଣ୍ଟ ରହିଥିଲା ବୋଲି ରିପୋର୍ଟ ପ୍ରକାଶ ପାଇଛି। ବେଲ୍‌ଜିୟମ, ଜର୍ମାନୀ, ନେଦରଲାଣ୍ଡସ ଆଦି ଦେଶରେ ଓମିକ୍ରନ ଭାରିଆଣ୍ଟ ପୂର୍ବରୁ ରହିଥିଲା। ନଭେମ୍ବର ୨୪ରେ ଦକ୍ଷିଣ ଆଫ୍ରିକା ୩୨ ମ୍ୟୁଟେଶନ ଥିବା ଓମିକ୍ରନ ଭାରିଆଣ୍ଟ ସମ୍ପର୍କରେ ପ୍ରଥମେ ବିଶ୍ୱକୁ ଜଣାଇଥିଲା। ହେଲେ ବେଲ୍‌ଜିୟମ ଏବଂ ଜର୍ମାନୀରେ ନମୁନା ପରୀକ୍ଷଣ ପରେ ନଭେମ୍ବର ୨୪ ପୂର୍ବରୁ ସେଠାରେ ଏହି ଭାରିଆଣ୍ଟ ଥିବା ସ୍ପଷ୍ଟ ହୋଇଛି। ବେଲ୍‌ଜିୟମରେ ଚିହ୍ନଟ ଓମିକ୍ରନ ସଂକ୍ରମିତ ପୂର୍ବରୁ ଇଜିପ୍ଟ ଭ୍ରମଣ କରିଥିଲେ। ସେ ନଭେମ୍ବର ୧୧ରେ ଇଜିପ୍ଟରୁ ଫେରିବା ପରେ ତାଙ୍କଠାରେ ଲକ୍ଷଣ ଦେଖାଦେଇଥିଲା ବୋଲି ବେଲ୍‌ଜିୟମ ଡାକ୍ତର ମାର୍କ ଭ୍ୟାନ୍ ରାନ୍‌ଷ୍ଟ ଟୁଇଟ୍ କରିଛନ୍ତି। ସେହିପରି ନଭେମ୍ବର ୧୯ରୁ ୨୩ ମଧ୍ୟରେ ପଶ୍ଚିମ ୟୁରୋପରେ ଓମିକ୍ରନ ଭାରିଆଣ୍ଟ ମିଳିଥିଲା ବୋଲି ଡଚ୍ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ କହିଛନ୍ତି।

# ସ୍କୁଲରେ ଛାତ୍ରଙ୍କ ଗୁଳି: ୩ ମୃତ

**ୱାଶିଂଟନ୍, ୧।୧୨:** ଆମେରିକାର ମିଶିଗାନ୍ ସ୍ଥିତ ଅକ୍ସଫୋର୍ଡ ହାଇସ୍କୁଲରେ ଜଣେ ୧୫ ବର୍ଷୀୟ ଛାତ୍ର ମଙ୍ଗଳବାର ହଠାତ୍ ଗୁଳିଚାଳନା କରିବାରୁ ୩ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଜଣେ ୧୬ ବର୍ଷୀୟ ବାଳକ ଏବଂ ୧୪ ଓ ୧୭ ବର୍ଷୀୟା ବାଳିକା ରହିଛନ୍ତି। ଜଣେ ଶିକ୍ଷକଙ୍କ ସମେତ ୮ ଜଣ ଆହତ ହୋଇଛନ୍ତି। ଘଟଣା ପରେ ଗୁଳିକାଣ୍ଡ କରିଥିବା ଛାତ୍ରଙ୍କୁ ପୋଲିସ ଗିରଫ କରିବା ସହ ତାଙ୍କ ନିକଟରୁ ଏକ ସେମି-ଅଟୋମେଟିକ୍ ହ୍ୟାଣ୍ଡଗନ୍ ଜବତ କରିଛି। ତେବେ ଛାତ୍ର ଜଣକ କାହିଁକି ଗୁଳି ଚଳାଇଥିଲେ ତାହା ଜଣାପଡ଼ିନାହିଁ। ସେ ପ୍ରାୟ ୫ ମିନିଟ୍ ପର୍ଯ୍ୟନ୍ତ ୧୫ରୁ ୨୦ ଥର ଗୁଳି ଚଳାଇଥିଲେ। ଏହା ପୂର୍ବରୁ ଆମେରିକାରେ ଚଳିତ ବର୍ଷ ବିଭିନ୍ନ ସ୍କୁଲରେ ୧୩୮ ଥର ଗୁଳିକାଣ୍ଡ ଘଟିଲାଣି। ବନ୍ଧୁକ ତଥା ଅସ୍ତ୍ରଶସ୍ତ୍ର ବ୍ୟବହାର ଉପରେ କଡ଼ା ନିୟନ୍ତ୍ରଣ ରଖିବା ଜରୁରୀ ବୋଲି ମମ୍‌ସ ଡିମାଣ୍ଡ ଆକ୍ସନ ଗ୍ରୁପ୍‌ର ପ୍ରତିଷ୍ଠାତା ଶାନ୍‌ନୋନ୍ ୱାଟ୍‌ସ କହିଛନ୍ତି। ଦେଶବାସୀଙ୍କ ନିକଟରେ ୪୦ କୋଟିରୁ ଊର୍ଦ୍ଧ୍ୱ ବନ୍ଧୁକ ରହିଥିବା ସେ ସୂଚନା ଦେଇଛନ୍ତି।

# ସୁଧା ଭରଦ୍ୱାଜଙ୍କୁ ଜାମିନ

## ଭୀମା-କୋରେଗାଁଓ ମାମଲା



**ମୁମ୍ବାଇ, ୧।୧୨:** ଭୀମା-କୋରେଗାଁଓ ମାମଲାରେ ଆଇନଜୀବୀ ତଥା ସାମାଜିକ କର୍ମୀ ସୁଧା ଭରଦ୍ୱାଜଙ୍କୁ ବୁଧବାର ବମ୍ବେ ହାଇକୋର୍ଟ ଜାମିନ ମଞ୍ଜୁର କରିଛନ୍ତି। ଆସନ୍ତା ବୁଧବାର ତାଙ୍କୁ ସ୍ୱତନ୍ତ୍ର ଏନ୍‌ଆଇଏ କୋର୍ଟରେ ହାଜର କରିବା ଲାଗି ଜଷ୍ଟିସ୍ ଏସ୍.ଏସ୍. ସିନ୍ଧେ ଏବଂ ଏନ୍.ଜେ. ଜମାଦାରଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଏନ୍‌ଆଇଏ କୋର୍ଟ ଜାମିନ ସର୍ତ୍ତ ଧାର୍ଯ୍ୟ କରିବା ସହ ତାଙ୍କୁ ଜେଲ୍‌ରୁ ଛାଡ଼ିବା ବ୍ୟବସ୍ଥା କରିବେ ବୋଲି ଖଣ୍ଡପୀଠ କହିଛନ୍ତି। ପୁଣେ ପୋଲିସ ୨୦୧୮ ଅଗଷ୍ଟରେ ସୁଧାଙ୍କୁ ନୂଆଦିଲ୍ଲୀରୁ ଗିରଫ କରିଥିଲା। ସେବେଠାରୁ ଏହି ସେ ଜେଲ୍‌ରେ ଅଛନ୍ତି। ଆଦିବାସୀ ଅଧିକାର ପାଇଁ କାର୍ଯ୍ୟ କରୁଥିବା ସୁଧା ନ୍ୟାଶନାଲ ଲ’ ୟୁନିଭର୍ସିଟିରେ ଶିକ୍ଷାଦାନ କରୁଥିବାବେଳେ ଗିରଫ ହୋଇଥିଲେ।

# ମହାରାଷ୍ଟ୍ର ଗାଇଡ୍‌ଲାଇନକୁ କେନ୍ଦ୍ରର ବିରୋଧ

ନୂଆଦିଲ୍ଲୀ, ୧।୧୨(ପି.ଟି.)

ଓମିକ୍ରନ୍ ଭାରିଆଣ୍ଟ ସଂକ୍ରମଣ ଆଶଙ୍କାରେ ମହାରାଷ୍ଟ୍ର ସରକାର ମୁମ୍ବାଇ ଆସୁଥିବା ସମସ୍ତ ଅନ୍ତର୍ଜାତୀୟ ଯାତ୍ରୀଙ୍କ ପାଇଁ ଆର୍‌ଟି-ପିସିଆର୍ ପରୀକ୍ଷା ଓ କ୍ୱାରାଣ୍ଟାଇନ ବାଧ୍ୟତାମୂଳକ କରିଥିବାବେଳେ କେନ୍ଦ୍ର ସରକାର ଏହାକୁ ବିରୋଧ କରିଛନ୍ତି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଏସ୍‌ଓପି (ଷ୍ଟାଣ୍ଡାର୍ଡ ଅପରେଶନ ପ୍ରୋସିଜ୍ୟୁର)ରେ ଦିଆଯାଇଥିବା ନିର୍ଦ୍ଦେଶନାମା ସହ ସମାନ ଗାଇଡ୍‌ଲାଇନ କାର୍ଯ୍ୟକାରୀ କରିବା ଲାଗି ବୁଧବାର କେନ୍ଦ୍ର ସରକାର ମହାରାଷ୍ଟ୍ରକୁ କହିଛନ୍ତି। ଓମିକ୍ରନ ସଂକ୍ରମଣ ହୋଇଥିବା ଦେଶରୁ ଆସୁଥିବା ଯାତ୍ରୀଙ୍କ ଲାଗି ମହାରାଷ୍ଟ୍ର ସରକାର ୭ ଦିନ କ୍ୱାରାଣ୍ଟାଇନ୍‌କୁ ବାଧ୍ୟତାମୂଳକ କରିଛନ୍ତି। କୋଭିଡ୍ ପଜିଟିଭ୍ ଜଣାପଡ଼ିଲେ ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯିବ। ରିପୋର୍ଟ ନେଗେଟିଭ୍ ଆସିଲେ ସେମାନଙ୍କୁ ୭ ଦିନ କ୍ୱାରାଣ୍ଟାଇନରେ ରହିବାକୁ ପଡ଼ିବ ବୋଲି କୁହାଯାଇଛି। ରାଜ୍ୟ ସରକାରଙ୍କ ଗାଇଡ୍‌ଲାଇନ କେନ୍ଦ୍ରର ଏସ୍‌ଓପି ଏବଂ ଗାଇଡ୍‌ଲାଇନଠାରୁ ଭିନ୍ନ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ ରାଜ୍ୟ ସରକାରଙ୍କୁ ପତ୍ର ଲେଖି ଜଣାଇଛନ୍ତି ଏବଂ କେନ୍ଦ୍ର ଏସ୍‌ଓପି ଅନୁରୂପ ଗାଇଡ୍‌ଲାଇନ କାର୍ଯ୍ୟକାରୀ କରିବାକୁ ଅନୁରୋଧ କରିଛନ୍ତି।

# ଦେବାଳିଆ ହୋଇପାରେ ସ୍ପେସ୍‌ଏକ୍ସ

ସାନ୍‌ଫ୍ରାନ୍ସିସ୍କୋ, ୧।୧୨



ସପ୍ତାହାନ୍ତରେ କାମ କରିବାକୁ ମସ୍କଙ୍କ ପରାମର୍ଶ

ବୈଶ୍ୱିକ ମାନ୍ଦାବସ୍ଥା ଯୋଗୁ ଆମେରିକୀୟ କମ୍ପାନୀ ସ୍ପେସ୍‌ଏକ୍ସ ଦେବାଳିଆ ହୋଇପାରେ ବୋଲି ଏହାର ସିଇଓ ଏଲନ ମସ୍କ କହିଛନ୍ତି। ତେଣୁ ଜରୁରୀ କାମ ନ ଥିଲେ କର୍ମଚାରୀମାନେ ସପ୍ତାହାନ୍ତରେ ମଧ୍ୟ କାମ କରି ଉତ୍ପାଦ ବଢ଼ାଇବାକୁ ମସ୍କ ସେମାନଙ୍କୁ ମେଲ୍ କରିଛନ୍ତି। ଆସନ୍ତା ବର୍ଷ ହେବାକୁ ଥିବା କମ୍ପାନୀର ନୂଆ ଷ୍ଟାରଶିପ୍ ରକେଟର ଫ୍ଲାଇଟ ଖର୍ଚ୍ଚକୁ ଦୃଷ୍ଟିରେ ରଖି ଉତ୍ପାଦନ ହ୍ରାସ ପାଇଲେ କମ୍ପାନୀ କ୍ଷତିରେ ପଡ଼ିବ ବୋଲି ସେ ଆଶଙ୍କା କରିଛନ୍ତି। ସାଟେଲାଇଟ୍ ଇଣ୍ଟରନେଟ୍ କମ୍ପାନୀ ଷ୍ଟାରଲିଙ୍କ୍ ଏବଂ ଷ୍ଟାରଶିପ୍ ପ୍ରୋଗ୍ରାମରେ ସ୍ପେସ୍‌ଏକ୍ସ ବିଲିୟନ ଡଲାର ଖର୍ଚ୍ଚ କରୁଥିବାରୁ ଏଥିରେ କ୍ଷତି ମଧ୍ୟ ସହିବାକୁ ପଡୁଛି। ଚନ୍ଦ୍ର ଏବଂ ମଙ୍ଗଳକୁ ଷ୍ଟାରଶିପ୍ ଯୋଗେ ଲୋକଙ୍କୁ ବୁଲାଇନେବାକୁ ମସ୍କଙ୍କ ଯୋଜନା ରହିଛି। ତେବେ ଷ୍ଟାରଶିପ୍‌ର ପ୍ରମୁଖ ଅଂଶ ରାପ୍ଟର ଇଞ୍ଜିନ୍ ଉତ୍ପାଦନରେ ସ୍ପେସ୍‌ଏକ୍ସକୁ ସମସ୍ୟାର ସାମ୍ନା କରିବାକୁ ପଡୁଛି। ଯଦି ଆବଶ୍ୟକ ପରିମାଣରେ ଭରସାଯୋଗ୍ୟ ରାପ୍ଟର ଇଞ୍ଜିନ ନିର୍ମାଣ ନ ହୁଏ ତେବେ ଷ୍ଟାରଲିଙ୍କ୍ ସାଟେଲାଇଟ୍ ଭି୨ର ଉଡ଼ାଣ ହୋଇପାରିବନି ବୋଲି ମସ୍କ କହିଛନ୍ତି। ଆସନ୍ତା ଜାନୁୟାରୀରେ ଷ୍ଟାରଶିପ୍‌କୁ ପୃଥିବୀ କକ୍ଷପଥରେ ସ୍ଥାନିତ କରାଯିବ ବୋଲି ସେ କିଛି ଦିନ ପୂର୍ବରୁ ଘୋଷଣା କରିଥିଲେ।

# ଛାତ୍ର ନେତାଙ୍କୁ ପିଟି ହତ୍ୟା

## ଦୁର୍ଘଟଣାରେ ମୁଖ୍ୟ ଅଭିଯୁକ୍ତ ମୃତ

**ଗୁଆହାଟୀ, ୧।୧୨:** ଅଲ୍ ଆସାମ ଷ୍ଟୁଡେଣ୍ଟ ୟୁନିୟନ ନେତା ଅନିମେଶ ଭୂୟାଁଙ୍କୁ ସୋମବାର ଜୋରହାଟ ସହରର ଏକ ଗହଳି ରାସ୍ତାରେ ପିଟି ହତ୍ୟା କରାଯାଇଥିଲା। ଏହି ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତ ନିରଜ ଦାସ, ତାଙ୍କ ବାପାଙ୍କ ସମେତ ୧୩ ଜଣଙ୍କୁ ଗିରଫ କରିଥିଲା। ନିରଜ ଖସି ପଳାଇଯିବାକୁ ଉଦ୍ୟମ କରୁଥିବାବେଳେ ସଡ଼କ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ଘଟିଛି। ଜୋରହାଟ ଏସ୍‌ପିଙ୍କ ସୂଚନା ଅନୁଯାୟୀ, ନିଶା ଚୋରା କାରବାର ସମ୍ପର୍କରେ ନିରଜ ପୋଲିସକୁ ସୂଚନା ଦେଇଥିଲେ। ମଙ୍ଗଳବାର ରାତି ୧ଟା ୩୦ରେ ପୋଲିସ ତାଙ୍କୁ ନିଶାଦ୍ରବ୍ୟ ଗଚ୍ଛିତ ଥିବା ସ୍ଥାନକୁ ନେଉଥିବାବେଳେ ସେ ଗାଡ଼ିରୁ ଡେଇଁପଡ଼ି ଖସିଯିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ପଛରେ ଥିବା ଏସ୍କର୍ଟ ଗାଡ଼ି ତାଙ୍କ ଉପରେ ମାଡ଼ିଯାଇଥିଲା। ଉକ୍ତ ଗାଡ଼ି ନିୟନ୍ତ୍ରଣ ହରାଇ ଏକ କାନ୍ଥକୁ ଧକ୍କା ଦେବାରୁ ୩ ଜଣ ପୋଲିସ ଆହତ ହୋଇଛନ୍ତି। ଗିରଫ ୧୨ଜଣଙ୍କ ମଧ୍ୟରୁ ପୋଲିସ ୭ ଜଣଙ୍କୁ ରିମାଣ୍ଡରେ ନେଇଥିବାବେଳେ ଅନ୍ୟ ୫ ଜଣଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ତେଲ୍ ଆବିଭ ସବୁଠୁ ମହଙ୍ଗା ସହର

ଲଣ୍ଡନ, ୧।୧୨



ମୁଦ୍ରାସ୍ଫୀତି ବୃଦ୍ଧି ଯୋଗୁ ସିଙ୍ଗାପୁର, ଲଣ୍ଡନ ଏବଂ ହଂକଂ ପରି ସହରଗୁଡ଼ିକୁ ପଛରେ ଇସ୍ରାଏଲର ତେଲ୍ ଆବିଭ ସହର ଦୁନିଆର ମହଙ୍ଗା ସହର ତାଲିକାର ଶୀର୍ଷରେ ରହିଛି। ଇକୋନୋମିକ୍ ଇଣ୍ଟେଲିଜେନ୍ସ ୟୁନିଟ୍ (ଇଆଇୟୁ) ପକ୍ଷରୁ ବୁଧବାର ପ୍ରକାଶିତ ଏକ ଗ୍ଲୋବାଲ୍ ସର୍ଭେରେ ପ୍ରଥମ ଥର ପାଇଁ ତେଲ୍ ଆବିଭ ଦୁନିଆର ସବୁଠୁ ମହଙ୍ଗା ସହର ହୋଇଛି। ଟପ୍ ୧୦ ସହର ମଧ୍ୟରେ ଭାରତର କୌଣସି ସହର ସ୍ଥାନିତ ହୋଇନାହିଁ। ୧୭୩ଟି ସହରରେ ସାମଗ୍ରୀ ଏବଂ ସେବାର ମୂଲ୍ୟ ଆମେରିକୀୟ ଡଲାରରେ ମପାଯାଇ ୱାର୍ଲ୍ଡୱାଇଡ୍ କଷ୍ଟ ଅଫ୍ ଲିଭିଂ ଇଣ୍ଡେକ୍ସ ପ୍ରସ୍ତୁତ କରାଯାଇଥାଏ।

ତାଲିକାରେ ପ୍ୟାରିସ୍ ଏବଂ ସିଙ୍ଗାପୁର ଯୁଗ୍ମ ଭାବେ ଦ୍ୱିତୀୟରେ ରହିଛନ୍ତି। ଏହା ତଳକୁ ଜୁରିଚ୍ ଓ ହଂକଂ ରହିଛି। ନ୍ୟୁୟର୍କ ୬ଷ୍ଠରେ, ଜେନେଭା ୭ମରେ, ୮ମରେ କୋପେନହାଗେନ୍, ୯ମରେ ଲସ୍ ଆଞ୍ଜେଲ୍‌ସ ଏବଂ ଓସାକା ୧୦ମ ସ୍ଥାନରେ ରହିଛି। ଗତ ସର୍ଭେରେ ପ୍ୟାରିସ୍, ଜୁରିଚ୍ ଏବଂ ହଂକଂ ସହର ଏକାଠି ପ୍ରଥମ ସ୍ଥାନରେ ରହିଥିଲେ। ମାଲ ପରିବହନ ଓ ଦ୍ରବ୍ୟଗୁଡ଼ିକର ଦରଦାମ ବୃଦ୍ଧି ଯୋଗୁ ଚଳିତ ବର୍ଷ ଅଗଷ୍ଟ ଏବଂ ସେପ୍ଟେମ୍ବରରେ ଡାଟା ସଂଗ୍ରହ କରାଯାଇଥିଲା। ବିଭିନ୍ନ ସହରରେ ସ୍ଥାନୀୟ ମୁଦ୍ରାରେ ଦରଦାମ୍ ହାରାହାରି ୩.୫ ପ୍ରତିଶତ ବୃଦ୍ଧିପାଇଥିବା ଜଣାଯାଇଛି। ତେବେ ଡାମାସ୍କସ୍ ବସବାସ ପାଇଁ ସବୁଠୁ ଶସ୍ତା ସହର ବୋଲି ସର୍ଭେରୁ ଜଣାପଡ଼ିଛି।
























ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨ ଡିସେମ୍ବର, ୨୦୨୧

## ସଡ଼କ ଦୁର୍ଘଣାରେ ଶ୍ରମିକଙ୍କ ମୃତ୍ୟୁ

**ବାଲିଚନ୍ଦ୍ରପୁର,(ସ୍ୱ.ପ୍ର.):** ବାଲିଚନ୍ଦ୍ରପୁର ଥାନା ଅଧୀନ ବାଲିପଡ଼ିଆ ପଞ୍ଚାୟତ ତିଗିରିଆ ଗ୍ରାମର ଶ୍ରମିକ ମଥୁରି ମଳିକ(୪୯)ଙ୍କ ସଡ଼କ ଦୁର୍ଘଣାରେ ମୃତ୍ୟୁ ଘଟିଛି। ବୁଧବାର ସେ କାମ ସାରି ବାଇକ୍ ଯୋଗେ ୫୩ ନଂ. ରାଜପଥରେ ନିଜ ଗ୍ରାମକୁ ଫେରୁଥିଲେ। ଅଳବାଙ୍କ ଛକଠାରେ ତାଙ୍କ ପଛରୁ ଦ୍ରୁତଗତିରେ ଆସୁଥିବା ଏକ ବୋଲେରୋ ତାଙ୍କୁ ଧକ୍କା ଦେବା ସହ ପ୍ରାୟ ୫୦ ଫୁଟ୍ ପର୍ଯ୍ୟନ୍ତ ଘୋଷାରି ନେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। କେନ୍ଦ୍ରାପଡ଼ା ସଦର ପୋଲିସ ପହଞ୍ଚି ବୋଲେରୋ ଜବତ କରିବା ସହ ମୃତ ବ୍ୟକ୍ତିଙ୍କୁ କେନ୍ଦ୍ରାପଡ଼ା ମେଡିକାଲକୁ ପଠାଇଥିଲା। ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।



# ବିଲରୁ ଚାଷୀ ଧାନ ଉଠାଇ ପାରୁନାହାନ୍ତି

**ସମ୍ଭାବ୍ୟ ବାତ୍ୟା ଜୱାଦକୁ ନେଇ ଚିନ୍ତା**

- ୮୪ ହଜାର ହେକ୍ଟର ଧାନ, ୭୭ ହେକ୍ଟର ଡାଲି ଓ ପରିବା କ୍ଷତିଗ୍ରସ୍ତ ଆଶଙ୍କା
- ଗତବର୍ଷାରେ ୩୧,୦୦୦ ହେକ୍ଟର ପ୍ରଭାବିତ

ଜଗତ୍‌ସିଂହପୁର ଅଫିସ, ୧।୧୨

ଜଗତ୍‌ସିଂହପୁର ଜିଲାର ଚାଷୀକୁଳ ସମ୍ଭାବ୍ୟ ବାତ୍ୟା ଜୱାଦକୁ ନେଇ ଚିନ୍ତାରେ ପଡିଛନ୍ତି। ସରକାରଙ୍କ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦିଆଯାଉଛି। ଗୁରୁବାର ମାଣବସା ଥିବାରୁ ବିଲରୁ ଧାନ ଉଠିବା ସମ୍ଭବ ନୁହେଁ। ଶୁକ୍ରବାରଠାରୁ ବର୍ଷା ଆରମ୍ଭ ହେବ। ଏ ପରିସ୍ଥିତିରେ ଚାଷୀ କେବଳ ଭାଗ୍ୟକୁ ଆଦରି ରହିଛନ୍ତି। ବାତ୍ୟା ହେଲେ ଜିଲାର ପାଖାପାଖି ୧,୩୦,୦୦୦ ଚାଷୀଙ୍କ ୮୪ ହଜାର ହେକ୍ଟର ଧାନ, ୭୭ ହେକ୍ଟର ଡାଲି ଜାତୀୟ ଓ ପନିପରିବା ଫସଲ ପ୍ରଭାବିତ ହେବା ଆଶଙ୍କା କରାଯାଉଛି।

ଜଗତ୍‌ସିଂହପୁର ଏକ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଜିଲା ଭାବେ ଜଣାଶୁଣା। ଅକ୍ଟୋବର ଓ ନଭେମ୍ବରରେ ବର୍ଷା ଯୋଗୁ ଜିଲାର ଅଧିକାଂଶ ଅଞ୍ଚଳର କ୍ଷେତରେ ପାଣି ଜମି ରହିଥିଲା। ଏଥିଯୋଗୁ ପାଖାପାଖି ୩୧ ହଜାର ହେକ୍ଟର ଧାନ ଫସଲ ପ୍ରଭାବିତ ହୋଇଥିଲା। ବର୍ଷା ପରେ ଚାଷୀମାନଙ୍କ ଉଦ୍ୟମ ଯୋଗୁ ଧାନ ଫସଲକୁ ସୁରକ୍ଷା ଦିଆଯାଇ ପାରିଥିଲା। ଏବେ ବି ଜିଲାର ଏରସମା, କୁଜଙ୍ଗ, ବାଲିକୁଦା, ତିର୍ତ୍ତୋଲ, ନାଉଗାଁ, ବିରିଡି, ରଘୁନାଥପୁର ଓ ଜଗତ୍‌ସିଂହପୁର ବ୍ଲକ ଅନ୍ତର୍ଗତ କେତେକ ଅଞ୍ଚଳର ବିଲରେ ପାଣି ଅଛି। ଅଧିକାଂଶ ସ୍ଥାନରେ ପାଣି ନ ଥିଲେ ବି ମାଟି ଓଦାଳିଆ ରହିଛି। ଯେଉଁମାନଙ୍କ ଧାନ କ୍ଷତିଗ୍ରସ୍ତ ହୋଇନାହିଁ ତାହା ଭଲ ହୋଇଛି। ଏସ୍‌ଆର୍‌ସି ଓ ପାଣିପାଗ ବିଭାଗ ପକ୍ଷରୁ ଗଣମାଧ୍ୟମରେ ଯେଉଁ ସୂଚନା ଦିଆଯାଉଛି ତାହା ଚାଷୀଙ୍କୁ ଆଶ୍ୱସ୍ତ କରିପାରୁନାହିଁ। କାରଣ ଯେଉଁ ଧାନ ୮୫ ପ୍ରତିଶତ ପାଚି ଯାଇଥିବ ତାହା କଟାଯିବା ଯୋଗ୍ୟ ବୋଲି କୁହାଯାଉଛି। ଏତେ କମ ସମୟ ଭିତରେ ଧାନ କାଟିବା ପରେ କେଉଁଠି ସୁରକ୍ଷିତ ଭାବେ ରଖିହେବ ସେ ସମ୍ପର୍କରେ ଚାଷୀ ନିଷ୍ପତ୍ତି ନେଇ ପାରୁନାହାନ୍ତି। ଖଳା, ଭାଡି ପ୍ରସ୍ତୁତ କରିବା, ତମ୍ବୁ, ଜରି ଆଦି ଯୋଗାଡ କରିବା ପ୍ରତ୍ୟେକଙ୍କ ପକ୍ଷରେ ସମ୍ଭବ ହେଉନି। ଧାନ କାଟିବା ପାଇଁ ମଧ୍ୟ ମେଶିନ କି ମୂଲିଆ ମିଳୁନାହାନ୍ତି। ଅନେକ ଚାଷୀ ମଧ୍ୟ କିଛି ନ ବୁଝି ଅଧା ପାଚିଲା ଧାନ କାଟି ପକାଉଛନ୍ତି, ଯାହାକି ପରବର୍ତ୍ତି ସମୟରେ ନଷ୍ଟ ହେବା ନିଶ୍ଚିତ। ଏ ପରିସ୍ଥିତିରେ ପ୍ରଶାସନ କେବଳ ସରକାରଙ୍କ ନିର୍ଦ୍ଦେଶ ମୁତାବକ ଉପରଠାଉରିଆ ସଚେତନତା ବାର୍ତ୍ତା ଦେଇ ଦାୟିତ୍ୱ ଶେଷ କରି ଦେବାକୁ ବସିଛି। ଜିଲା କୃଷି ବିଭାଗ ଚାଷୀଙ୍କୁ ଉପଯୁକ୍ତ ପରାମର୍ଶ ଦେବାରେ ବିଫଳ ହେଉଥିବା କେତେଜଣ ଚାଷୀ କହିଛନ୍ତି। ଜଗତ୍‌ସିଂହପୁର ଜିଲାରେ ଡ୍ରେନେଜ୍ ସମସ୍ୟା ଜଟିଳ। କୃଷି ବିଭାଗ ଓ ଡ୍ରେନେଜ୍ ବିଭାଗ ମଧ୍ୟରେ ସମନ୍ୱୟ ରହିପାରିଲେ ସମ୍ଭାବ୍ୟ ପରିସ୍ଥିତିକୁ କେତେକାଂଶରେ ଏଡାଇ ଦିଆଯାଇ ପାରିବ ବୋଲି ମତପ୍ରକାଶ ପାଉଛି। ଏ ସମ୍ପର୍କରେ ଜିଲା ମୁଖ୍ୟ କୃଷି ଅଧିକାରୀ ରାଜକିଶୋର ଦାସ କହିଛନ୍ତି, ଖରିଫରେ ହରଡ ୨ ହେକ୍ଟର, ବିରି ୪୨ ହେକ୍ଟର ସହ ଅନ୍ୟାନ୍ୟ ମିଶି ମୋଟ ୭୭ ହେକ୍ଟର ଡାଲି ଜାତୀୟ ଫସଲ ଚାଷ ହୋଇଛି। ଆସନ୍ତା ୨ରୁ ୫ ତାରିଖ ପର୍ଯ୍ୟନ୍ତ ଜିଲାରେ ବର୍ଷା, ପବନ ହେବ ବୋଲି ପୂର୍ବାନୁମାନ କରାଯାଇଛି। ଏହା ହେଲେ ଜିଲାରେ ହୋଇଥିବା ସମସ୍ତ ଧାନ, ଡାଲି ଜାତୀୟ ଫସଲ ଉଜୁଡିଯିବା ଆଶଙ୍କା କରାଯାଉଛି।


ଜମିରେ ଧାନ ଫସଲ ରହିଛି। ଚାଷୀ କାଟି ଆଣି ପାରୁନାହାନ୍ତି।

## ସଂକ୍ଷେପରେ

### ପୌର କର୍ମଚାରୀଙ୍କ କାର୍ଯ୍ୟକାଳକୁ ନେଇ ଆପତ୍ତି ଉଠିଲା

**କେନ୍ଦ୍ରାପଡ଼ା ଅଫିସ,୧।୧୨:** କେନ୍ଦ୍ରାପଡ଼ା ପୌର ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହା ପୂର୍ବରୁ ଦୀର୍ଘ ବର୍ଷ ଧରି କାମ କରୁଥିବା କର୍ମଚାରୀଙ୍କ କାର୍ଯ୍ୟକାଳକୁ ନେଇ ମାର୍ଶାଘାଇ ବ୍ଲକ ତାଲସଙ୍ଗା ଗ୍ରାମର ପ୍ରତାପ ଚନ୍ଦ୍ର ମହାନ୍ତି ରାଜ୍ୟ ନିର୍ବାଚନ କମିଶନଙ୍କ ନିକଟରେ ମଙ୍ଗଳବାର ଲିଖିତ ପତ୍ର ଦାଖଲ କରି ପ୍ରଶ୍ନ ଉଠାଇଛନ୍ତି। ଏସମ୍ପର୍କରେ ସେ କହିଛନ୍ତି, ଏହି କାର୍ଯ୍ୟାଳୟରେ କର୍ମଚାରୀମାନେ ୫ରୁ ୩୦ ବର୍ଷ ଧରି ଏକକାଳୀନ କାର୍ଯ୍ୟ କରି ଆସୁଛନ୍ତି। ଯାହା ପୌରାଞ୍ଚଳରେ ଦୁର୍ନିତୀକୁ ବଢ଼ାଇ ଦେଇଛି। ଏନେଇ ତଦନ୍ତ କରି ସମ୍ପୃକ୍ତ କର୍ମଚାରୀଙ୍କ ବଦଳି ପାଇଁ ଦାବି କରାଯାଇଥିବା ଅଭିଯୋଗକାରୀ ମହାନ୍ତି ସୂଚନା ଦେଇଛନ୍ତି।

### ଜମିରୁ ଶୁଖିନି ବର୍ଷା ଜଳ, ଆସୁଛି ବାତ୍ୟା



**ଆଳି,୧।୧୨(ଡି.ଏନ.ଏ.):** କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ଅଞ୍ଚଳର ଅଧିକାଂଶ ଲୋକ ଚାଷ ଉପରେ ନିର୍ଭର କରିଥାନ୍ତି। ହେଲେ ଚଳିତ ବର୍ଷ ଗୋଟିଏ ପରେ ଗୋଟିଏ ପ୍ରାକୃତିକ ବିପର୍ଯ୍ୟୟ ଚାଷୀଙ୍କ ମେରୁଦଣ୍ଡକୁ ଦୋହଲାଇ ଦେଲାଣି। ଗତ କିଛିଦିନ ତଳେ ହୋଇଥିବା ଲଗାଣ ବର୍ଷାରେ ପାଚିଲା ଧାନ କ୍ଷେତ ଜଳମଗ୍ନ ହୋଇଥିଲା। ସେହି ବର୍ଷା ଜଳ ଆଜି ପର୍ଯ୍ୟନ୍ତ ଶୁଖି ନ ଥିବା ବେଳେ ଆସନ୍ତା ୩ ତାରିଖରୁ ଆଉ ଏକ ବାତ୍ୟା ଆସୁଛି। ଏହି ଖବର ଜଣାପଡିବା ପରେ ଚାଷୀମାନେ ଚିନ୍ତାରେ ଅଛନ୍ତି। ବର୍ଷାମାଡ଼ରେ ଜମିରେ ଶୋଇପଡିଥିବା ପାଚିଲା ଧାନକୁ ଚାଷୀମାନେ ଏବେ କାଟିବା ଆରମ୍ଭ କରିଛନ୍ତି। ଏତେଶୀଘ୍ର ସବୁ ଧାନ କାଟି ଖଳାକୁ ଆଣିବା ସମ୍ଭବ ନୁହେଁ ବୋଲି ଚାଷୀମାନେ କହିଛନ୍ତି। ଆଳି ଭେଡା, ଲୁଣି ଭେଡା ଭିତରକୁ ଚାଷୀମାନେ ଏ ପର୍ଯ୍ୟନ୍ତ ପଶି ପାରି ନାହାନ୍ତି। କେବଳ ଧାନ ଚାଷ ନୁହେଁ ବିରି ଚାଷ ଉପରେ ମଧ ଏହି ବାତ୍ୟା ଗଭୀର ପ୍ରଭାବ ପକାଇବ। ଆଳି ଧୋଆଞ୍ଚଳର ଅଧିକାଂଶ ଜମିରେ ବିରି ଚାଷ କରାଯାଇଥାଏ। ଚଳିତ ବର୍ଷ ବିରି ବିହନ ବୁଣି ଚାଷ ଆରମ୍ଭ ବେଳକୁ ଲଘୁଚାପ ଜନିତ ବର୍ଷା ହେଲା। ବିରି ଧୋଇ ଗଲା। ପୁଣି ଚାଷୀ ବିରି ବିହନ କିଣି ଚାଷ କରିଛି। ଯଦି ପ୍ରବଳ ବର୍ଷା ହୁଏ ସେହି ଫସଲ ନଷ୍ଟ ହେବାର ସମ୍ଭାବନା ରହିଛି। ସେହିପରି କେତେଜଣ ଚାଷୀ ଆଳୁ, ପିଆଜ ଓ ଅନ୍ୟାନ୍ୟ ପରିବା ଚାଷ କରିଛନ୍ତି। ଯଦି ବାତ୍ୟା ଆସେ ଚାଷୀକୁଳ ପାଇଁ ଏହା ଚରମ ବିପର୍ଯ୍ୟୟ ଆଣିବ ବୋଲି ଅଞ୍ଚଳର ଚାଷୀମାନେ କହିଛନ୍ତି।

### ଶଙ୍ଖେଶ୍ୱରରେ ମାଗଣା ଚକ୍ଷୁ ଚିକିତ୍ସା ଶିବିର

**ତିର୍ତ୍ତୋଲ,୧।୧୨(ଡି.ଏନ.ଏ.):** ତିର୍ତ୍ତୋଲ ବ୍ଲକ ଗୋପାଳପୁର(ଶ) ପଞ୍ଚାୟତ ଶଙ୍ଖେଶ୍ୱରସ୍ଥିତ ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ବୁଧବାର ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ପଞ୍ଚାୟତ ମହିଳା ବିଜେଡି ସଭାନେତ୍ରୀ ଆରତି ମାଝି ଉଦ୍‌ଘାଟନ କରିଥିଲେ। ଶିବିରରେ ୩୦୦ରୁ ଅଧିକ ବ୍ୟକ୍ତି ଉପସ୍ଥିତ ରହି ସେମାନଙ୍କ ଚକ୍ଷୁ ପରୀକ୍ଷା କରାଇଥିଲେ। ମୋତିଆ ବିନ୍ଦୁ ଚିହ୍ନଟ ବ୍ୟକ୍ତିଙ୍କ ଅସ୍ତ୍ରୋପଚାର ସହ ଅନ୍ୟ ସହାୟତା ପ୍ରଦାନ କରାଯିବା ଲାଗି ଘୋଷଣା କରାଯାଇଥିଲା। ଏହାକୁ ସାମାଜିକ କର୍ମୀ ରଶ୍ମିତା ଦାସ, ପ୍ରଭାସ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

### ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଯୋଜନାରେ କୃଷକଙ୍କୁ ସଚେତନତା

**ବିରିଡି:୧।୧୨(ଡି.ଏନ.ଏ.):** ମୃତ୍ତିକା ପରୀକ୍ଷା କରାଇ ଅନୁମୋଦିତ ହାରରେ ସାର ପ୍ରୟୋଗ କରିବା, ମୃତ୍ତିକାର ସ୍ୱାସ୍ଥ୍ୟ, କୃଷି ଓ କୃଷକର ଆର୍ଥିକ ମାନଦଣ୍ଡ ବୃଦ୍ଧି ଲକ୍ଷ୍ୟରେ ବିରିଡି କୃଷି ବିଭାଗ ପକ୍ଷରୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଯୋଜନାରେ କୃଷକମାନଙ୍କୁ ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଶଢେଇ ଓ ବାରଡିଆ ପଞ୍ଚାୟତର ୩୦ ଜଣ କୃଷକଙ୍କୁ ଏଥିରେ ସାମିଲ କରାଯାଇଛି। ଜଗତ୍‌ସିଂହପୁର ଜିଲା କୃଷି ବିଭାଗ କାର୍ଯ୍ୟାଳୟର ସହକାରୀ କୃଷି ଅଧିକାରୀ ଜନାର୍ଦ୍ଦନ ବଳ ଓ ବିରିଡି ବ୍ଲକ ସହକାରୀ କୃଷି ଅଧିକାରିଣୀ ମାନସୀ ମଧୁଭାସିନି ପଶାୟତ ଯୋଗଦେଇଥିଲେ। ସେମାନେ କୃଷକମାନେ କିପରି ମାଟି ପରୀକ୍ଷା କାର୍ଡରୁ ତଥ୍ୟ ଜାଣି ସାର ପ୍ରୟୋଗ କରିବେ ସେ ସମ୍ବନ୍ଧରେ ସଚେତନ କରାଇଥିଲେ। ଜୈବିକ ସାର ପ୍ରୟୋଗ ଓ ସମସ୍ୟା ବହୁଳ ମୃତ୍ତିକାର ସୁପରିଚାଳନା, ରାସାୟନିକ ସାରର ପ୍ରୟୋଗ କିଭଳି କରାଯିବ ସେ ସମ୍ବନ୍ଧରେ ସଚେତନ କରାଯାଇଥିଲା। ବ୍ଲକର ୧୨ଟି ପଞ୍ଚାୟତର ୩୬୦ କୃଷକଙ୍କୁ ଏଥିରେ ସାମିଲ କରାଯିବ ବୋଲି ବ୍ଲକ ସହକାରୀ କୃଷି ଅଧିକାରିଣୀ ପଶାୟତ ସୂଚନା ଦେଇଛନ୍ତି।

# ସ୍କୁଲ ଚକ ଚକିଆ: ୧୦ ଶିକ୍ଷକ ପଦବୀ ଖାଲି

- ସ୍ମାର୍ଟ ସ୍କୁଲ ଭାବେ ଅଲଣାହାଟ ହାଇସ୍କୁଲ ଉଦ୍‌ଘାଟିତ
- ୨ କିରାଣି, ୪ ପିଅନ ପଦବୀ ଫାଙ୍କା

ନାଉଗାଁ,୧।୧୨(ସ୍ୱ.ପ୍ର.)

ରାଜ୍ୟରେ ସ୍କୁଲ ରୂପାନ୍ତରୀକରଣ ଯୋଜନା କାମ ଜୋରସୋର୍ ଚାଲିଛି। ସ୍କୁଲଗୁଡିକର କାୟା ବଦଳି ଯାଇଛି। ସବୁ ଚକାଚକ୍ ସ୍ମାର୍ଟ କ୍ଲାସରୁମ ଏବଂ ସ୍କୁଲ ପରିସର ଝଲସୁଛି। ଶିକ୍ଷା ବ୍ୟବସ୍ଥାରେ ଏହି ଯୋଜନା ଏକ ବୈପ୍ଲବିକ ପରିବର୍ତ୍ତନ ଆଣିବ ବୋଲି ଆକଳନ କରାଯାଉଛି। ହେଲେ ଆଶ୍ଚର୍ଯ୍ୟର କଥା ଭିତ୍ତିଭୂମି ସଜଡା ଯାଉଛି କିନ୍ତୁ ଶିକ୍ଷାଦାନକୁ ଅଣଦେଖା କରାଯାଇଛି। ଯାହାର ଉଦାହରଣ ଜଗତ୍‌ସିଂହପୁର ଜିଲା ସର୍ବ ପୁରାତନ ନାଉଗାଁ ବ୍ଲକସ୍ଥିତ ଅଲଣାହାଟ ହାଇସ୍କୁଲ କ୍ଷେତ୍ରରେ ଦେଖିବାକୁ ମିଳିଛି। ଏଠାରେ ଆବଶ୍ୟକ ଶିକ୍ଷକ ସମେତ କିରାଣି ଓ ପିଅନ ପଦବୀ ଫାଙ୍କା ପଡିଥିବା ଅଭିଯୋଗ ହେଉଛି।

ପ୍ରଥମ ପର୍ଯ୍ୟାୟରେ ନାଉଗାଁ ବ୍ଲକର ୨ଟି ସ୍କୁଲକୁ ରୂପାନ୍ତରିତ କରାଯିବାକୁ ସରକାରୀ ନିର୍ଦ୍ଦେଶ ରହିଥିଲା। ହେଲେ ଏକମାତ୍ର ସ୍କୁଲ ଭାବେ ଗତ ୨୦ ତାରିଖରେ ଅଲଣାହାଟ ହାଇସ୍କୁଲ ରୂପାନ୍ତରିତ ହୋଇ ଉଦ୍‌ଘାଟନ ହୋଇଛି। କିନ୍ତୁ ରୂପାନ୍ତରିତ ହୋଇଥିବା ଏହି ସ୍କୁଲରେ ପ୍ରଧାନ ଶିକ୍ଷକ ଓ ଅନ୍ୟ ବର୍ଗର ଶିକ୍ଷକ ପଦବୀ ଫାଙ୍କା ପଡିଛି। ସ୍କୁଲରେ ବର୍ତ୍ତମାନ ୪ ଶହରୁ ଉର୍ଦ୍ଧ୍ୱ ପିଲା ପଢୁଛନ୍ତି। ଏଠାରେ ମୋଟ ଶିକ୍ଷକଙ୍କ ପଦବୀ ସଂଖ୍ୟା ୨୪ ରହିଥିବା ବେଳେ ମାତ୍ର ୧୪ଜଣ ଶିକ୍ଷକ ରହିଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଅଲଣାହାଟ ହାଇସ୍କୁଲରେ ସ୍ଥାୟୀ ପ୍ରଧାନ ଶିକ୍ଷକ ନାହାନ୍ତି। ଅଙ୍ଗେଶ୍ୱରପଡା ସ୍କୁଲର ପ୍ରଧାନ ଶିକ୍ଷକ ଏହାର ଦାୟିତ୍ୱରେ ରହିଛନ୍ତି। ବର୍ତ୍ତମାନ ଏହି ସ୍ମାର୍ଟ ସ୍କୁଲରେ ଯଦି ମୁଖିଆ ନ ରହିବେ, ତେବେ ବ୍ୟବସ୍ଥା କେମିତି ଆଗେଇବ ଓ କିଏ ଏହାର ନେତୃତ୍ୱ ନେବେ ବୋଲି ସବୁଠି ଚର୍ଚ୍ଚା ହେଉଛି। ଏତଦ୍ ବ୍ୟତିତ ହିନ୍ଦି ଶିକ୍ଷକ, ସଂସ୍କୃତ ଶିକ୍ଷକ, ଖେଳ ଶିକ୍ଷକ, କଳା ଶିକ୍ଷକ ପଦବୀ ଖାଲିପଡିଛି। ଖାଲି ପଡିଥିବା ପଦବୀକୁ ପୂରଣ ନ କରି ସ୍କୁଲଗୁଡିକୁ ସ୍ମାର୍ଟ କରି ରାଜ୍ୟ ସରକାର କି ପ୍ରକାର ବାର୍ତ୍ତା ଦେବାକୁ ପ୍ରୟାସ କରିଛନ୍ତି, ତାହା ବୁଝି ପଡୁନାହିଁ ବୋଲି ଲୋକେ କହୁଛନ୍ତି। ସେହିପରି ଏହି ସ୍କୁଲରେ ୫ ଜଣ ପିଅନ ରହିବା ପାଇଁ ମଞ୍ଜୁର କରାଯାଇଥିବା ବେଳେ ମାତ୍ର ଜଣେ ଓ ୩ ଜଣ କିରାଣି ଆବଶ୍ୟକ ରହିଥିବା ବେଳେ ଜଣେ ମାତ୍ର କିରାଣିକୁ ନେଇ ସ୍କୁଲ ଚାଲିଛି। ଗୋଟିଏ ପଟରେ ସ୍କୁଲକୁ ପିଲାଙ୍କୁ ଆଣିବାକୁ ରୂପାନ୍ତରୀକରଣ ଯୋଜନା କରାଯାଉଛି। ଅନ୍ୟପକ୍ଷରେ ଶିକ୍ଷକ ଅଭାବରୁ ଶିକ୍ଷାଦାନ ବ୍ୟବସ୍ଥା ପାଣିଚିଆ ହେଉଛି। ତେଣୁ ସ୍କୁଲଗୁଡିକର ଅତ୍ୟାଧୁନିକରଣ ସହ ଶିକ୍ଷକ ନିଯୁକ୍ତି ଉପରେ ଗୁରୁତ୍ୱ ଦେବା ଦରକାର। ଏଥିପ୍ରତି ଜିଲା ଶିକ୍ଷା ବିଭାଗ ହୁଅନ୍ତୁ ଅବା ରାଜ୍ୟ ସରକାର ଦୃଷ୍ଟି ଦେବାକୁ ସାମାଜିକ କର୍ମୀ ପ୍ରଦୋଷ ମହାନ୍ତି, ବଂଶୀଧର ବେହେରା, ନିରଞ୍ଜନ ସାହୁ, ନବକିଶୋର ମହାନ୍ତି ସମେତ ସ୍ଥାନୀୟ ବୁଦ୍ଧିଜୀବି ମହଲରେ ଦାବି ହୋଇଛି।



ଅଲଣାହାଟ ହାଇସ୍କୁଲ।

# କଲେଜ ଫାଟକ ସମ୍ମୁଖରେ ପ୍ରାକ୍ତନ ଅଧ୍ୟକ୍ଷଙ୍କ ଆମରଣ ଅନଶନ

ବାଲିକୁଦା, ୧।୧୨(ସ୍ୱ.ପ୍ର.)

ବାଲିକୁଦା ବ୍ଲକ ବାସୁଦେବ ମହାପାତ୍ର ସ୍ମାରକୀ ମହାବିଦ୍ୟାଳୟ ଫାଟକ ସମ୍ମୁଖରେ ବୁଧବାର କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଗୋପୀନାଥ ନାୟକ ଆମରଣ ଅନଶନରେ ବସିଛନ୍ତି। ଅଧ୍ୟକ୍ଷ ପଦବୀରେ ଜାଲ ନିଯୁକ୍ତି, ପରିଚାଳନା କମିଟିର ବେଆଇନ କାର୍ଯ୍ୟଧାରା, ଅଧ୍ୟକ୍ଷଙ୍କ ଠିକାଦାରୀ ମନୋଭାବ ଓ ଉନ୍ନୟନ କାର୍ଯ୍ୟ ନାଁରେ କଲେଜର ଅର୍ଥ ହରିଲୁଟ ପ୍ରତିବାଦରେ ନାୟକ ଆମରଣ ଅନଶନ ବସି ରହିଛନ୍ତି। ତାଙ୍କର ସମସ୍ତ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ସେ ଅନଶନରେ ବସି ରହିବେ ବୋଲି କହିଛନ୍ତି। ଅଭିଯୋଗ ମୁତାବକ, ସେ ଏହି କଲେଜରେ ୧୯୯୧/୯୨ଠାରୁ ଅଧ୍ୟକ୍ଷ ପଦବୀରେ ରହି କାର୍ଯ୍ୟ ତୁଲାଇ ଆସୁଥିଲେ। ସେ ଏହି ସମୟରେ କଲେଜ ଆକାଉଣ୍ଟରେ ୧୪ ଲକ୍ଷରୁ ବେଶୀ ଟଙ୍କା ରଖିଥିଲେ। ଯାହାକୁ ଏବେ ଅଯଥାରେ ଖର୍ଚ୍ଚ କରାଯାଉଛି। ସେହିପରି ନାୟକ ୨୦୧୫ରେ ଅବସର ନେଇଥିଲେ। ପରେ ପରିଚାଳନା ପରିଷଦ ସୁପାରିଶକ୍ରମେ ଅଧ୍ୟକ୍ଷ ଦାୟିତ୍ୱରେ ରହିବାକୁ ପରାମର୍ଶ ଦିଆଯାଇଥିଲା। ଯାହା ରେଜୁଲେଶନ ମାଧ୍ୟମରେ କରାଯାଇଥିଲା। ମାତ୍ର ଏହାର ଠିକ୍ ଗୋଟିଏ ସପ୍ତାହ ପରେ ମାତ୍ର ୬ ଜଣ ସଦସ୍ୟଙ୍କ ଦସ୍ତଖତ ଥାଇ ଏକ ରଜୁଲେଶନ କରାଯାଇ ବିନା ନୋଟିସ୍‌ରେ ତାଙ୍କୁ ବିଦା କରି ଦିଆଯାଇଥିଲା। ତାଙ୍କ ସ୍ଥାନରେ ଜଣେ କନିଷ୍ଠ ଅଧ୍ୟାପକଙ୍କୁ ଅଧ୍ୟକ୍ଷ ପଦରେ ଅବସ୍ଥାପିତ କରି ଦିଆଗଲା। ପୂର୍ବରୁ ୨୦୦୮ରେ କଲେଜ ଅଧ୍ୟକ୍ଷ ପାଇବା ସକାଶେ ଭେରିଫିକେଶନ ପାଇଁ ସରକାରଙ୍କ ପକ୍ଷରୁ ଡାକରା ଆସିଥିଲା। ହେଲେ ପରିଡାଙ୍କ ପୋଷ୍ଟ ଆପ୍ରୁଭ ୨୦୧୪ରେ ହୋଇଥିଲା। ସେହି କାରଣରୁ ସେ ରାତାରାତି କଲେଜ ତାଲା ଭାଙ୍ଗି ଆଲମିରାରେ ଥିବା ରେକର୍ଡ ପତ୍ର ନେଇ ଯାଇଥିଲେ। ନୂଆ ରେଜୁଲେଶନ କରି ଦେଇଥିବା ନାୟକ ଅଭିଯୋଗରେ ଦର୍ଶାଇଛନ୍ତି। ଏମିତି କି ପରିଡାଙ୍କ ଜଏନିଂ ୩ ଥର ଭିନ୍ନ ଭିନ୍ନ ମସିହାରେ ହୋଇଛି। ସେହିପରି ନାୟକଙ୍କ ଝିଅ କ୍ଷେତ୍ରରେ ମଧ୍ୟ ଅବିଚାର କରାଯାଇଛି। ତାଙ୍କ ଝିଅ ଏହି କଲେଜର ଏଜୁକେଶନ ଡେମୋନ୍ ଷ୍ଟ୍ରେଟର ଭାବେ ନିଯୁକ୍ତି ପାଇଥିଲେ। ୪ ମାସ କ୍ଲାସ କରିଥିଲେ ମଧ୍ୟ ତାଙ୍କୁ ହଇରାଣ କରାଗଲା। ଫଳରେ ସେ ଚାକିରି ଛାଡ଼ି ଯିବାକୁ ବାଧ୍ୟ ହୋଇଥିଲେ ବୋଲି ଅନଶନକାରୀ ପୂର୍ବତନ ଅଧ୍ୟକ୍ଷ କହିଛନ୍ତି। ଏ ସମ୍ପର୍କରେ ଅଧ୍ୟକ୍ଷ ପରିଡାଙ୍କୁ ପଚାରିବାରେ ଅନଶନରେ ବସିଥିବା ପୂର୍ବତନ ଅଧ୍ୟକ୍ଷ ନାୟକ ଆଣିଥିବା ସମସ୍ତ ଅଭିଯୋଗ ମିଥ୍ୟା ଓ କପୋଳକଳ୍ପିତ। ଯାହାକିଛି କାମ ହେଉଛି ସବୁ କଲେଜ ମ୍ୟାନେଜିଂ କମିଟି ମାଧ୍ୟମରେ କରାଯାଉଛି। ମୋର ସେଥିରେ କିଛି ଭୂମିକା ନାହିଁ।

## ଛାତ୍ରୀଙ୍କୁ ଅସଦାଚରଣ: ୨ ଗିରଫ

ପାରାଦୀପ,୧।୧୨(ସ୍ୱ.ପ୍ର.)

ପାରାଦୀପ ଆଦର୍ଶ ଥାନା ଅଞ୍ଚଳରେ ଜଣେ ସ୍କୁଲ ଛାତ୍ରୀଙ୍କୁ ଦୁଇଜଣ ଯୁବକ ବାରମ୍ବାର ଅସଦାଚରଣ କରୁଥିଲେ। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ସେମାନଙ୍କୁ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ଲକପଡା ବସ୍ତିର ଅସିତ ରାୟ ଓ ରଞ୍ଜନ ଦାସ। ଦୁଇଜଣ ନାବାଳିକା ଛାତ୍ରୀଙ୍କୁ ସ୍କୁଲ ଯିବା ରାସ୍ତାରେ ଆଶାଳୀନ ବ୍ୟବହାର କରୁଥିଲେ ବୋଲି ତାଙ୍କ ପରିବାର ଲୋକେ ଅଭିଯୋଗ କରିଥିଲେ। ଏପରିକି ଗତ ସୋମବାର ଜବରଦସ୍ତ ଅପହରଣ ଉଦ୍ୟମ କରିଥିଲେ। ଏହି ଘଟଣାରେ ପୋଲିସ ନଂ. ୨୬୬/୨୧ରେ ମାମଲା ରୁଜୁ କରିଛି।

## ଅମରେଶଙ୍କୁ ରାଜ୍ୟପାଳଙ୍କ ସମ୍ମାନ



ପାରାଦୀପ,୧।୧୨(ସ୍ୱ.ପ୍ର.)

ପାରାଦୀପ ବନ୍ଦର ଯନ୍ତ୍ରୀ ତଥା ପରିବେଶବିତ୍ ଅମରେଶ ନରେଶ ସାମନ୍ତଙ୍କୁ ରାଜ୍ୟପାଳ ସ୍ୱତନ୍ତ୍ର ସମ୍ମାନରେ ସମ୍ମାନିତ କରିଛନ୍ତି। ରାଜଭବନଠାରେ ରାଜ୍ୟପାଳ ଗଣେଶୀ ଲାଲ ଅମରେଶଙ୍କୁ ଡକାଇ ଆଲୋଚନା କରିଥିଲେ। କାରଣ ଅମରେଶଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ମନ କି ବାତରେ ଆଲୋଚନା କରିବା ସହ ପ୍ରଶଂସା କରିଥିଲେ। ସୂଚନାଯୋଗ୍ୟ ଅମରେଶ ସରକାରୀ ଚାକିରି କରିବା ସହ ପରିବେଶ ସୁରକ୍ଷା ପାଇଁ ଦୁଇ ଦଶନ୍ଧି ହେଲା କାମ କରି ଆସୁଛନ୍ତି। ଏପରି କି ଏ ପର୍ଯ୍ୟନ୍ତ ସେ ୩୦ ରୁ ଅଧିକ ଗ୍ରାମ୍ୟ ଜଙ୍ଗଲ ସୃଷ୍ଟି କଲେଣି। ଏକାଧିକ ସଙ୍ଗଠନ କରି ସେଥିରେ ଯୁବପିଢିଙ୍କୁ ସାମିଲ କରି ଏହି କାମ ଚଳାଇଛନ୍ତି। ପ୍ରକୃତି ମିତ୍ର, ପ୍ରକୃତି ବନ୍ଧୁ ସମେତ ମୁଖ୍ୟମନ୍ତ୍ରୀ, ରାଷ୍ଟ୍ରପତିଙ୍କଠାରୁ ସମ୍ମାନ ମିଳିଛି।

## ବିଶ୍ୱ ଏଡ୍‌ସ ଦିବସ ପାଳିତ



ପାରାଦୀପ,୧।୧୨(ସ୍ୱ.ପ୍ର.)

ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ବୁଧବାର ବିଶ୍ୱ ଏଡ୍‌ସ୍ ଦିବସ ପାଳିତ ହୋଇଛି। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ହୋଇଥିଲା। ବନ୍ଦର ଅଧ୍ୟକ୍ଷ ପି. ଏଲ. ହାରାନ୍ଧ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷ ଏ.. କେ. ବୋଷ, ଲେଡିଜ୍ କ୍ଲବ ସଭାପତି ପି. ଗିରିଜା ସୁନ୍ଦରୀ, ସୁଚିସ୍ମିତା ବୋଷ, ସିଏମ୍‌ଓ ଡା. ପି. ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ମେଡିକାଲ କର୍ମଚାରୀ, ସାକ୍ଷରତା ସମିତି ସଦସ୍ୟା, ସିଆଇଏସ୍‌ଏଫ୍ କର୍ମଚାରୀ ଓ ଅନ୍ୟମାନେ ଏଥିରେ ସାମିଲ ହୋଇଥିଲେ। ପରେ ବନ୍ଦର ୩ ନଂ. ଗେଟ ପାଖରେ ୫୬ ଜଣଙ୍କ ଏଚ୍‌ଆଇଭି ଟେଷ୍ଟ କରାଯାଇଥିଲା।

# ୫ ପାନୀୟ ଜଳ ପ୍ରକଳ୍ପ ଲୋକାର୍ପିତ

ପଟ୍ଟାମୁଣ୍ଡାଇ,୧।୧୨(ସ୍ୱ.ପ୍ର.)

ରାଜନଗର ନିର୍ବାଚନମଣ୍ଡଳୀ ଅଧୀନ ପଟ୍ଟାମୁଣ୍ଡାଇ ବ୍ଲକର ବିଭିନ୍ନ ପଞ୍ଚାୟତରେ ବୁଧବାର ୧୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ୫ଟି ପାନୀୟଜଳ ପ୍ରକଳ୍ପକୁ ବିଧାୟକ ଧ୍ରୁବ ସାହୁ ଲୋକାର୍ପିତ କରିଛନ୍ତି। ପୂର୍ବାହ୍ନରେ ବିଧାୟକ ସାହୁ ଏକ ଶୋଭାଯାତ୍ରାରେ ବକ୍ତାରପୁର ବିଜେଡି କାର୍ଯ୍ୟାଳୟରୁ ବାହାରି ପ୍ରଥମେ ଖଡ଼ିଅଣ୍ଟା ପଞ୍ଚାୟତ ପାନୀୟଜଳ ପ୍ରକଳ୍ପ,ଜିଗରଣ ପାନୀୟଜଳ ପ୍ରକଳ୍ପ, କଖାରୁଣୀ ପଞ୍ଚାୟତ ଓସଙ୍ଗରା ପାନୀୟଜଳ ପ୍ରକଳ୍ପ,ଖଣତା ପଞ୍ଚାୟତ ଖଣତା ପାନୀୟ ଜଳ ପ୍ରକଳ୍ପ ଓ ଚନ୍ଦନନଗର ପଞ୍ଚାୟତ ବନ୍ତପାଟଣା ପାନୀୟ ଜଳପ୍ରକଳ୍ପ ଲୋକାର୍ପଣ କରିଥିଲେ। ଏହାପରେ ଓଉପଡ଼ା ପଞ୍ଚାୟତ କଜଳବନ୍ଧଠାରେ ଏକ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଏଥିସହିତ ଓସଙ୍ଗରା ଓ ବନ୍ତୋ ପ୍ରାଥମିକ ଏବଂ ଉଚ୍ଚପ୍ରାଥମିକ ସ୍କୁଲ ରୂପାନ୍ତରିକରଣ କାର୍ଯ୍ୟର ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟକଙ୍କ ସହିତ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ସ୍ୱପ୍ନରନ ବେହେରା,ଗ୍ରାମ୍ୟଜଳଯୋଗାଣ ଓ ପରିମଳ ବିଭାଗ ନିର୍ବାହୀଯନ୍ତ୍ରୀ ବସନ୍ତ ପତି, ସହନିର୍ବାହୀଯନ୍ତ୍ରୀ ଦିଲ୍ଲୀପ ସାମନ୍ତରାୟ, ପଟ୍ଟାମୁଣ୍ଡାଇ ବିଡ଼ିଓ ଭରତ ପରିଡା, ସହ ସହକାରୀଯନ୍ତ୍ରୀ ବିଶ୍ୱଜିତ ମିଶ୍ର,ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ସାମନ୍ତରାୟ,ବ୍ଲକ ବିଜେଡି ସଭାପତି କିଶୋର ସାହୁ, ଉପସଭାପତି ସର୍ବେଶ୍ୱର ମହାନ୍ତି, ଯୁବବିଜେଡି ସଭାପତି ରଞ୍ଜନ ବିଶ୍ୱାଳ, ନଗର ଯୁବବିଜେଡି ସଭାପତି ମନୋଜ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଇଫ୍‌କୋକୁ ପ୍ରଦୂଷଣ ପ୍ରୋଟେକଶନ ଆୱାର୍ଡ

ପାରାଦୀପ,୧।୧୨(ସ୍ୱ.ପ୍ର.)



ପାରାଦୀପରେ ଥିବା ଇଫ୍‌କୋ ସାର କାରଖାନାକୁ ବୁଧବାର ଦିଲ୍ଲୀଠାରେ ପ୍ରଦୂଷଣ ପ୍ରୋଟେକଶନ ଆୱାର୍ଡ ମିଳିଛି। ଫାଇ (ଫର୍ଟିଲାଇଜର ଆସୋସିଏଶନ ଇଣ୍ଡିଆ) ପକ୍ଷରୁ ଆୟୋଜିତ ବାର୍ଷିକ ଉତ୍ସବରେ ଇଫ୍‌କୋ ପାରାଦୀପ ୟୁନିଟକୁ ପ୍ରଥମ ପୁରସ୍କାର ମିଳିଛି। କେନ୍ଦ୍ର ସାର ଓ ରସାୟନ ମନ୍ତ୍ରୀ ମନସୁଖଲାଲ ମାଣ୍ଡଭିୟଙ୍କଠାରୁ କମ୍ପାନୀର ବରିଷ୍ଠ ଅଧିକାରୀ ଏମ୍. କେ. ପାଣ୍ଡେ ପୁରସ୍କାର ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫାଇର ଅଧ୍ୟକ୍ଷ କେ. ଏସ. ରାଜୁ ପ୍ରମୁଖ ଉପସ୍ଥିତ ଥିଲେ।

## ଇଫ୍‌କୋ ନାନୋ ପ୍ଲାଣ୍ଟର ଭିତ୍ତିପ୍ରସ୍ତର କଲେ ମୁଖ୍ୟମନ୍ତ୍ରୀ

ପାରାଦୀପ,୧।୧୨(ସ୍ୱ.ପ୍ର.)

ଇଫ୍‌କୋର ବହୁ ପ୍ରତିକ୍ଷିତ ନାନୋ ପ୍ଲାଣ୍ଟର ଭିତ୍ତିପ୍ରସ୍ତର ମଙ୍ଗଳବାର କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିସି ଯୋଗେ ଏହି ପ୍ଲାଣ୍ଟର ଶିଳାନ୍ୟାସ କରିଥିଲେ। ଉକ୍ତ ନାନୋ ପ୍ଲାଣ୍ଟ ପାଇଁ କମ୍ପାନୀ ୨୨୫ କୋଟି ଟଙ୍କା ଖର୍ଚ୍ଚ କରିବ। ଏହା ୨୦୨୩ ସୁଦ୍ଧା ଉତ୍ପାଦନ କରିବ ବୋଲି ସୂଚନା ମିଳିଛି। ନାନୋ ସାରର ବିଶେଷତ୍ୱ ହେଲା ଏହା ୧ ଲିଟର ବିଶିଷ୍ଟ ତରଳ ସାର ବୋତଲରେ ଉପଲବ୍ଧ ହେବ। ଯାହା ଏକ ଏକର ଜମି ପାଇଁ କାମରେ ଲାଗିବ। ଅପେକ୍ଷାକୃତ ଭାବେ ଏହା ପରିବେଶ ଅନୁକୂଳ ଓ ସହଜ ପରିଚାଳନା ହୋଇପାରିବ। ଏହି ନାନୋ ସାର ଆଗାମୀ ଦିନରେ ଦେଶର କୃଷକଙ୍କ ପାଇଁ ବେଶ୍ ଉପାଦେୟ ହେବ ବୋଲି ଇଫ୍‌କୋର ମ୍ୟାନେଜିଂ ଡାଇରେକ୍ଟର ଉଦୟ ଶଙ୍କର ଅଗସ୍ତି ସୂଚନା ଦେଇଛନ୍ତି। ଶିଳାନ୍ୟାସ ସ୍ଥଳରେ ପାରାଦୀପ ୟୁନିଟ୍ ମୁଖ୍ୟ କେ. ଜେ. ପଟେଲ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ମୌଳିକତା ହରାଇଛି ମୌଳିକ ବିଦ୍ୟାଳୟ

- ସରକାରୀ ଉଚ୍ଚ ମୌଳିକ ବିଦ୍ୟାଳୟରେ ଅବ୍ୟବସ୍ଥା
- ପିଲାଙ୍କୁ ମିଳୁନି ଧନ୍ଦାମୂଳକ ଶିକ୍ଷା, ପ୍ରଶିକ୍ଷଣ
- ସ୍କୁଲରେ ପଡିରହିଛି ସ୍ୱାଧିନତା ସଂଗ୍ରାମୀଙ୍କ ଅରଟ, ତନ୍ତ

କେନ୍ଦ୍ରାପଡ଼ା ଅଫିସ, ୧।୧୨

ମାଧ୍ୟମିକସ୍ତରରେ ଗୁଣାତ୍ମକ ଶିକ୍ଷାର ବିକାଶ ଓ ଡ୍ରପ ଆଉଟ ରୋକିବାକୁ ରାଜ୍ୟର ସମସ୍ତ ସ୍କୁଲରେ ଧନ୍ଦାମୂଳକ ଶିକ୍ଷା ପ୍ରଚଳନ କରାଯିବ ବୋଲି ୨୦୧୬ରେ ଗଣଶିକ୍ଷା ମନ୍ତ୍ରୀ ଘୋଷଣା କରିଥିଲେ। ଇତିମଧ୍ୟରେ ୫ ବର୍ଷ ବିତିଛି। ହେଲେ ଆଜି ପର୍ଯ୍ୟନ୍ତ ସେହି ଘୋଷଣା କେବଳ କାଗଜକଲମରେ ଅଟକି ରହିଛି। ଏହି ପରିପ୍ରେକ୍ଷୀରେ ଆଜକୁ ୮୦ ବର୍ଷ ତଳେ ଧନ୍ଦାମୂଳକ ଶିକ୍ଷା ପ୍ରତିଷ୍ଠାନ ଭାବେ ପରିଚିତ କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ କୁଶିଆପାଳର ସରକାରୀ ଉଚ୍ଚ ମୌଳିକ ବିଦ୍ୟାଳୟକୁ ଏଠାରେ ଉଦାହରଣ ଭାବେ ନିଆଯାଇଛି। ଏହି ସ୍କୁଲ ସରକାରୀ ଉଦାସୀନତା କାରଣରୁ ତାର ମୌଳିକତା ହରାଇ ସାରିଛି। ଉକ୍ତ ସ୍କୁଲରେ ଏବେ ବି ସ୍ୱାଧୀନତା ସଂଗ୍ରାମୀଙ୍କ ଅରଟ ଓ ତନ୍ତ ପଡି ରହିଛି। ହେଲେ ତାହା କୌଣସି କାମରେ ଲାଗୁନାହିଁ। ଉକ୍ତ ସ୍କୁଲରେ ପୁର୍ନବାର ଧନ୍ଦାମୂଳକ ଶିକ୍ଷା ବ୍ୟବସ୍ଥା ପ୍ରଚଳନ ପାଇଁ ସ୍ଥାନୀୟ ଅଞ୍ଚଳରେ ଦାବି ଉଠିଛି।

ଏହି ମୌଳିକ ସ୍କୁଲ ସମ୍ପର୍କରେ ଅବସରପ୍ରାପ୍ତ ଶିକ୍ଷକ ବାବାଜୀ ଚରଣ ସାହୁ କୁହନ୍ତି, ୧୯୩୬ରେ ସ୍କୁଲ ପ୍ରତିଷ୍ଠା ସମୟରେ ଅରଟରୁ ସୂତା କାଟିବା, ତନ୍ତରେ ଲୁଗା ବୁଣିବା ସହ ବିଭିନ୍ନ ଧନ୍ଦାମୂଳକ ଶିକ୍ଷା ପ୍ରଦାନ କରାଯାଉଥିଲା। ଦେଶ ସ୍ୱାଧୀନତା ସମୟରେ ସ୍ଥାନୀୟ ଅଞ୍ଚଳର ଯଦୁମଣି ମଙ୍ଗରାଜ, ପୁରୁଷୋତ୍ତମ ନାୟକ, ମାୟାଧର ସାହୁ, କୁଳମଣି ନାୟକଙ୍କ ସହିତ ବହୁ ସ୍ୱାଧୀନତା ସଂଗ୍ରାମୀ ସେଠାରେ ମେଳି କରି ଗାନ୍ଧୀ, ଗୋପବନ୍ଧୁଙ୍କ ବାର୍ତ୍ତା ପ୍ରଚାର କରୁଥିଲେ। ୧୯୪୬ରେ ଏହି ପ୍ରତିଷ୍ଠାନ ସରକାରୀକରଣ ହେବା ସହ ମୌଳିକ ଶିକ୍ଷାନୁଷ୍ଠାନର ମାନ୍ୟତା ପାଇଥିଲା। ଏକଦା ପୂର୍ବତନ ରାଜ୍ୟପାଳ ଅଯୋଦ୍ଧାନାଥ ଖୋସଲା ଏହି ବିଦ୍ୟାଳୟକୁ ଆସି ଏତେ ଖୁସି ଅନୁଭବ କଲେ ଯେ, ପୁରସ୍କାର ସ୍ୱରୂପ ଏକ ରେଡିଓ ପ୍ରଦାନ କରିଥିଲେ। ତେବେ ସରକାରୀକରଣ ପରେ ସ୍କୁଲରେ ସାଧାରଣ ପାଠ୍ୟକ୍ରମ ଚାଲିଥିବାରୁ ସେ କ୍ଷୋଭ ପ୍ରକାଶ କରିଛନ୍ତି। ଗ୍ରାମର ଆଇନଜୀବୀ ଶ୍ରୀକାନ୍ତ ସାହୁ କହିଛନ୍ତି, ୧୯୮୮ରେ ରାଜ୍ୟର ୨୩୧ ଉଚ୍ଚ ବିଦ୍ୟାଳୟରେ ଧନ୍ଦାମୂଳକ ଶିକ୍ଷା ବ୍ୟବସ୍ଥା ରାଜ୍ୟ ସରକାର ପ୍ରଚଳନ କଲେ। ତେବେ ଏହି ମୌଳିକ ସ୍କୁଲ ଏଥିରୁ ବଞ୍ଚିତ ହୋଇଛି। ସାମ୍ପ୍ରତିକ ସମୟରେ ଲୋକ ସମ୍ବଳ ବିନିଯୋଗ ଏକ ଆହ୍ୱାନ ହୋଇଛି। ସରକାରୀ ଚାକିରି ପଛରେ ଶିକ୍ଷିତ ଯୁବବର୍ଗ ଧାଇଁ ନିରାଶ ହେଉଛନ୍ତ। ଧନ୍ଦାମୂଳକ ଶିକ୍ଷା ମିଳି ନ ଥିବାରୁ ନିଶ୍ଚିତ କର୍ମନିଯୁକ୍ତି ଏବେ ପ୍ରଶ୍ନବାଚୀ ହୋଇଛି। ଶିକ୍ଷା ବ୍ୟବସ୍ଥାରେ ଅନ୍ୟୁନ୍ୟ ଚତୁର୍ଥ ଶ୍ରେଣୀରୁ ଧନ୍ଦାମୂଳକ ଶିକ୍ଷାକୁ ବାଧ୍ୟ କରାଯାଉ ବୋଲି ସେ ମତ ଦେଇଛନ୍ତି। ଗ୍ରାମର ପ୍ରଫୁଲ ସ୍ୱାଇଁ ଓ ମାଧବ ସ୍ୱାଇଁ କହିଛନ୍ତି, ୨୦୦୨ରେ ଏହି ଅନୁଷ୍ଠାନ ନିମ୍ନ ମୌଳିକ ସ୍କୁଲ ଥିଲା। ଗ୍ରାମବାସୀ ଓ ସରକାରୀ ଉଦ୍ୟମରେ ୨୦୧୦ରେ ଉଚ୍ଚ ବିଦ୍ୟାଳୟକୁ ଉନ୍ନିତ କରାଯାଇଛି। ଯେହେତୁ ଏହା ଏକ ମୌଳିକ ବିଦ୍ୟାଳୟ, ଏଠାରେ ଧନ୍ଦାମୂଳକ ଶିକ୍ଷା ବ୍ୟବସ୍ଥା ପ୍ରଚଳନ ହେଉ ବୋଲି ସେମାନେ ଦାବି କରିଛନ୍ତି। ସ୍ଥାନୀୟ ଅଞ୍ଚଳବାସୀଙ୍କ ଦାବି ସମ୍ପର୍କରେ ଜିଲାପାଳ ଅମୃତ ରତୁରାଜ କହିଛନ୍ତି, ଜିଲା ଶିକ୍ଷା ବିଭାଗର ତଦନ୍ତ ପରେ ଏଦିଗରେ ପଦକ୍ଷେପ ନେବା ପାଇଁ ସୁପାରିଶ କରାଯିବ।


ଡେରାବିଶ ବ୍ଲକ କୁଶିଆପାଳଠାରେ ଥିବା ସରକାରୀ ଉଚ୍ଚ ମୌଳିକ ବିଦ୍ୟାଳୟ।



ସୁଜିତ୍–ସୁସ୍ମିତା

# ତୋ ପ୍ରେମରେ..

ଓଡ଼ିଆ ମ୍ୟୁଜିକ ଆଲବମ୍ 'ତୋ ପ୍ରେମରେ'କୁ ନେଇ ଚର୍ଚ୍ଚା। ଜିତ୍ ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ନିର୍ମିତ ଏହି ବ୍ୟୟବହୁଳ ମ୍ୟୁଜିକ୍ ଭିଡିଓ ନଭେମ୍ବର ଶେଷ ସପ୍ତାହରେ ୟୁଟ୍ୟୁବ୍ ମାଧ୍ୟମରେ ରିଲିଜ୍ ହୋଇ ସାଉଁଟିଛି ଅନେକ ପ୍ରଶଂସା। ଏହାର ଭିଜୁଆଲରେ ଅଭିନୟ କରିଛନ୍ତି ଆକ୍ଟର–କମ୍–ଆଙ୍କରର୍ ସୁଜିତ ପାଇକରାୟ ଏବଂ ନିକଟରେ ରିଲିଜ ହୋଇଥିବା ଓଡ଼ିଆ ସିନେମା 'କଟକ ୱେଡ୍‌ସ ସମ୍ବଲପୁର' ନାୟିକା ସୁସ୍ମିତା ପ୍ରଧାନ। ନବାଗତ ପ୍ରଭାତ ମାର୍ଥା ଏହି ମ୍ୟୁଜିକ୍ ଭିଡିଓର ପ୍ରଯୋଜନା କରିଛନ୍ତି। ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି ସୋମେଶ ଶତପଥୀ। ଏହାପୂର୍ବରୁ ସେ 'ଗୁପଚୁପ୍' ଓ 'ତାଣ୍ଡବ' ଭଳି ଫିଲ୍ମରେ ନିର୍ଦ୍ଦେଶନା ଦେଇସାରିଛନ୍ତି। ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ସୋମେଶ ଶତପଥୀ । ଏଥିରେ ସଂଯୋଜିତ ଗୀତଗୁଡ଼ିକ ପାଇଁ କଣ୍ଠଦାନ କରିଛନ୍ତି ସ୍ୱୟଂ ପ୍ରକାଶ ପାଢ଼ୀ ଓ ଅନ୍ତରା ଚକ୍ରବର୍ତ୍ତୀ । କ୍ୟାମେରା ପରିଚାଳନା ଅକ୍ଷୟ କୁମାର ନାୟକ କରିଥିବା ବେଳେ ସମ୍ପାଦନା ଭାର ତୁଲାଇଛନ୍ତି ମାନସ ସାହୁ । ରାକେଶ ଦାସ ଗୀତ ରଚନା କରିଥିବା ବେଳେ କ୍ରିଏଟିଭ୍ ହେଡ୍ ଅଛନ୍ତି ପ୍ରଣୟ ଜେଠୀ। ଏହି ମ୍ୟୁଜିକ ଆଲବମ୍‌ର ଶୁଟିଂ ସୁଦୂର ଲେହ ଏବଂ ଲଦାଖରେ କରାଯାଇଛି।

# ଏବେ ପରିଣୀତି କରୁଛନ୍ତି କ'ଣ

ପରିଣୀତି ଚୋପ୍ରାଙ୍କ ମୁଣ୍ଡକୁ ଏକ ନୂଆ ଆଇଡିଆ ଜୁଟିଛି। ଏଣିକି ସେ ଗାର୍ଡେନିଂ ପ୍ରତି କୁଆଡେ ମନୋନିବେଶ କରିବେ। କେବଳ ସେତିକି ନୁହେଁ, ପରିବେଶ ସୁରକ୍ଷା କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିବେ। ଏ ନେଇ ପରିଣୀତି କହନ୍ତି, 'ପିଲାଟି ଦିନରୁ ମୋର ଗାର୍ଡେନିଂ ପ୍ରତି ସଉକ ଥିଲା। କିନ୍ତୁ ପାଠପଢ଼ା ଲାଗି ଅଧିକ ସମୟ ଦେବାକୁ ପଡୁଥିଲା। ହେଲେ ଏଣିକି ଗାର୍ଡେନିଂ ପାଇଁ ସମୟ ଦେବି। ସେ ନେଇ ମୁଁ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିନେଇଛି। ମୁଁ ଇନ୍‌ଡୋର୍ ପ୍ଲାଣ୍ଟେଶନ କରିବା ସହ ଘର ସାମ୍ନାରେ ଥିବା ବଗିଚାରେ ନୂଆ ଫୁଲ ଗଛ ଲଗାଇଛି। ତା'ସହ ପୁରୁଣା ଗଛର ଯତ୍ନ ନେଉଛି। କେବଳ ସେତିକି ନୁହେଁ, ସୋସିଆଲ ୱାର୍କରେ ସାମିଲ ହୋଇ ନିଜେ ବୃକ୍ଷରୋପଣ କରିବା ସହ ଅନ୍ୟମାନଙ୍କୁ ଏ ନେଇ ଉତ୍ସାହିତ କରିବି।' ଇଏ ତ ଗଲା ତାଙ୍କର ବ୍ୟକ୍ତିଗତ ଜୀବନ କଥା। ଏବେ ପରିଣୀତିଙ୍କ ହାତରେ କେତେଗୁଡ଼ିଏ ଅଫର ରହିଛି। ସେ ଏଗୁଡ଼ିକୁ ଭଲ ଭାବରେ ତର୍ଜମା କରିବା ପରେ ସେନେଇ ନିଷ୍ପତ୍ତି ନେବେ ବୋଲି ସୂଚନା ଦେଇଛନ୍ତି।



ପରିଣୀତି

ନୂଆ ସିନେମା

# ତୋ ନା ରେ ମୋର ହଁ

ଚଳିତ ବର୍ଷର ନୂଆ ଓଡ଼ିଆ ସିନେମା ତାଲିକାରେ ଆଉ ଏକ ଟାଇଟଲ ସାମିଲ ହୋଇଛି। ତାହା ହେଲା 'ତୋ ନା ରେ ମୋର ହଁ'। ଜୋକର ପ୍ଲସ ଏଣ୍ଟରଟେନମେଣ୍ଟ ବ୍ୟାନରରେ ଏହାର ମହୁରତ ନିକଟରେ ଅନୁଷ୍ଠିତ ହେବା ସହ ଶୁଟିଂ ମଧ୍ୟ ଆରମ୍ଭ ହୋଇଯାଇଛି। ଚିତ୍ରଟିର ପ୍ରଯୋଜନା କରିଛନ୍ତି ଅମୂଲ୍ୟ କୁମାର ଦାସ ଏବଂ ବୃନ୍ଦାବନ ଗୁରୁ। ଏହାର ଚିତ୍ରନାଟ୍ୟ ରଚନା କରିବା ସହ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଉଛନ୍ତି ଆଗଧାଡ଼ିର ନିର୍ଦ୍ଦେଶକ ସୁଧାଂଶୁ ସାହୁ। ସୁଜାତା ଦାସଙ୍କ କାହାଣୀକୁ ଆଧାର କରି ସଂଳାପ ରଚନା କରିଛନ୍ତି ଡ. ଦୀପକ ଜେନା। ଗୀତଗୁଡ଼ିକୁ ସ୍ୱରରେ ସଜାଇଛନ୍ତି ଅଭିଜିତ ମଜୁମଦାର। ଏକ ତ୍ରିକୋଣୀୟ ପ୍ରେମ କାହାଣୀକୁ ଆଧାର କରି ଫିଲ୍ମଟି ନିର୍ମିତ ହେଉଛି। ଉକ୍ତ ସିନେମାର ନାୟକ ସାଜିଛନ୍ତି ସମ୍ମିତ ଏବଂ ତାଙ୍କ ଅପୋଜିଟ୍‌ରେ ଅଛନ୍ତି ରିୟା ଏବଂ କାବ୍ୟା କିରଣ। ଏମାନଙ୍କ ବ୍ୟତୀତ ମହାଶ୍ୱେତା ରାୟ, ପ୍ରଦ୍ୟୁମ୍ନ ଲେଙ୍କା, ପିଣ୍ଟୁ ନନ୍ଦ, ଅସୀତ ପତି, ସୋମା ଭୌମିକ, ଅମର ମହାପାତ୍ର, ଅନୁପ ସାହା, ଶୀଲା ତ୍ରିପାଠୀ ଏବଂ ଜ୍ଞାନ ପ୍ରମୁଖ କଳକାରଙ୍କୁ ଦେଖିବାକୁ ମିଳିବ।



କାବ୍ୟା– ସମ୍ମିତ୍–ରିୟା

# ପ୍ରେମ ପାଇଁ...

ପ୍ରେମରେ ନିଜର ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ବେଳେବେଳେ ବାଧାବିଘ୍ନର ସାମ୍ନା କରିବାକୁ ପଡ଼ିଥାଏ। ଏକ ସତ ଘଟଣା ଉପରେ ଆଧାରିତ ପ୍ରେମ କାହାଣୀ, ଯେଉଁଥିରେ କେବଳ ଲଭ୍ ନୁହେଁ, ପ୍ରତିଶୋଧ ଏବଂ ଭାବପ୍ରବଣତା ମଧ୍ୟ ରହିଛି। ଏହାକୁ ନେଇ ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା 'ଲଭ୍ ୟୁ ଜାନୁ'। ତନ୍ମୟ ପ୍ରଡକ୍ସନ ବ୍ୟାନରରେ ପ୍ରସ୍ତୁତ ହୋଇଥିବା ଏହି ପ୍ରଥମ ସିନେମାଟିର ପ୍ରଯୋଜନା କରିଛନ୍ତି ନବାଗତ ଜିତେନ୍ଦ୍ର ଓଝା। ଲିପୁନ୍‌ଙ୍କ ସହ ପ୍ରଯୋଜନାରେ ଚିତ୍ରଟିର ସଂଳାପ ରଚନା କରିଛନ୍ତି ବୈଜୟନ୍ତୀ ମିଶ୍ର। ତା'ସହ ପ୍ରଥମ ଥର ପାଇଁ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଦିବ୍ୟଜ୍ୟୋତି ପାତ୍ର ଓରଫ ଦୀପୁ। ଚଳଚ୍ଚିତ୍ରରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଆଗଧାଡ଼ିର ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମଦାର। ଖାସ୍ କଥା ହେଲା, ନବାଗତ କିଶୋର କୁମାର ଏହି ଫିଲ୍ମରୁ ତାଙ୍କର ଓଲିଉଡ୍ କ୍ୟାରିୟର ଆରମ୍ଭ କରିବାକୁ ଯାଉଛନ୍ତି। ତାଙ୍କ ସହ ନାୟିକା ଭାବରେ ସ୍କ୍ରିନ୍ ଶେୟାର କରୁଛନ୍ତି ପୁନମ୍ ମିଶ୍ର। କିଶୋର–ପୁନମ୍‌ଙ୍କ ବ୍ୟତୀତ ପ୍ରଦ୍ୟୁମ୍ନ ଲେଙ୍କା, ପ୍ରିୟଙ୍କା ମହାପାତ୍ର, ମନୀଷା ମିଶ୍ର, ଜୟପ୍ରକାଶ ଦାସ, ଜିତୁ, ଭକ୍ତି, ସୀମା, ଜ୍ଞାନ, ମୋନାଲିସା, ମହିମା ଏହି ଫିଲ୍ମରେ ଅଭିନୟ କରିଛନ୍ତି।



କିଶୋର–ପୁନମ୍



ଯାମି

# ଅଧୁରା ରହିଲା ଆଶା

ବେଳେବେଳେ ଏ ମନ ଯାହା ଚାହେଁ ତାହା ପୂରଣ ହୋଇ ନ ଥାଏ। ଠିକ୍ ସେମିତି ପାଠ ପଢ଼ିବା ସମୟରେ ୟାମି ଗୌତମ ଭବଷ୍ୟତରେ କ'ଣ କରିବାକୁ ଲକ୍ଷ୍ୟ ରଖିଥିଲେ ଜାଣନ୍ତି ? ଓକିଲାତି ପଢ଼ିବାକୁ ତାଙ୍କର ଆଶା ଥିଲା। କିନ୍ତୁ ତାହା ପୂରଣ ହୋଇପାରି ନ ଥିଲା। ଏ ନେଇ ୟାମି କହନ୍ତି, 'ଏବେ ମୁଁ ଅଭିନୟ ମାୟାରେ ପଡ଼ିଯାଇଛି। ହେଲେ ଯେତେବେଳେ ପାଠ ପଢୁଥିଲି ମୋର ଆଶା ଥିଲା ପାଠ ଶେଷ ହେବା ପରେ ଓକିଲାତି ପଢ଼ି ଓକିଲ ହେବି। ହେଲେ ତାହା ସମ୍ଭବ ହୋଇପାରି ନ ଥିଲା। ଏପରି କି ଆଇଏଏସ ପାଇଁ ଚେଷ୍ଟା କରିଥିଲି। ତାହା ମଧ୍ୟ ପୂରଣ ହୋଇ ନ ଥିଲା। କିନ୍ତୁ ଏବେ ମୁଁ ଆକ୍ଟିଂ ପ୍ରତି ଅଧିକ ଗୁରୁତ୍ୱ ଦେଉଛି। ଯାହା ଆଶା ଥିଲା ତାହା ତ ପୂରଣ ହେଲା ନାହିଁ, ହେଲେ ଆକ୍ଟିଂରେ ନିଜକୁ ଜଣେ ନାମୀ ଅଭିନେତ୍ରୀ ଭାବରେ ପରିଚିତ କରାଇବାକୁ ଲକ୍ଷ୍ୟ ରଖିଛି।' ବଲିଉଡ୍‌ରେ ସେ ଗୋଟିଏ ଦଶନ୍ଧି ପୂରଣ କରିବାକୁ ଯାଉଛନ୍ତି। କନ୍ନଡ ଫିଲ୍ମ 'ଉଲ୍ଲାସ ଉତ୍ସାହ'ରେ ତାଙ୍କୁ ପ୍ରଥମେ ବ୍ରେକ୍ ମିଳିଥିଲା। ତା'ପରେ ସେ ବଲିଉଡ୍‌ମୁହାଁ ହୋଇଥିଲେ। ୟାମିଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'ଭିକି ଡୋନର'। ଅବସର ମିଳିଲେ ୟାମି କ'ଣ କରନ୍ତି ଜାଣନ୍ତି ? ଏହି ସମୟରେ ସେ ମନ ପସନ୍ଦର ଗୀତ ଶୁଣିଥାଆନ୍ତି।

# ଅଡୁଆ କରିଛି ବୋଲ୍ଡ ଶଟ୍

ମହେଶ ତନୟା ଆଲିୟା ଭଟ୍ଟ ଦୋଛକିରେ ପଡ଼ିଯାଇଛନ୍ତି। କାରଣ କ'ଣ ଜାଣନ୍ତି ? ନିକଟରେ ତାଙ୍କୁ ଏକ ନୂଆ ସିନେମା ଅଫର ମିଳିଛି। ପୁଣି ଏହି ଫିଲ୍ମ ପାଇଁ ତାଙ୍କୁ ଅଧିକ ପାରିଶ୍ରମିକ ମିଳିବ ବୋଲି ଶୁଣାଯାଉଛି। ହେଲେ ଏଥିରେ ଗୋଟିଏ କେଁ ରହିଯାଇଛି। ଏ ସମ୍ପର୍କରେ ଆଲିୟା କହନ୍ତି, 'ଏଥିରେ କେତୋଟି ବୋଲ୍ଡ ଶଟ୍ ରହିଛି, ଯାହା ମୋ ପାଇଁ ମୁଣ୍ଡ ବିନ୍ଧାର କାରଣ ସାଜିଛି। କାହାଣୀଟି ମୋତେ ବେଶ୍ ପ୍ରଭାବିତ କରିଛି ସତ। ହେଲେ ଏପରି ଶଟ୍ ପାଇଁ ମୁଁ ଦୋଛକିରେ ପଡ଼ିଯାଇଛି। ତା'ସହ ପ୍ରଯୋଜକଙ୍କୁ ଏପରି ଶଟ୍‌କୁ କାହାଣୀରୁ ବାଦ୍ ଦେବା ପାଇଁ କହିଛି। ତେବେ ଏ ନେଇ ସେ କି ନିଷ୍ପତ୍ତି ନେଉଛନ୍ତି ତାହା ଉପରେ ସବୁ ନିର୍ଭର କରେ। ବର୍ତ୍ତମାନ ମୋର କେତୋଟି ସିନେମା–'ବ୍ରହ୍ମାସ୍ତ୍ର', 'ଗାଙ୍ଗୁବାଈ କାଠିଆୱାଡି' ଏବଂ 'ଆର୍‌ଆର୍‌ଆର୍' ରିଲିଜ ଅପେକ୍ଷାରେ ରହିଛି।' ସେପଟେ ଏବେ ମାଇଣ୍ଡ ଫ୍ରେସ କରିବାକୁ ମାଳଦ୍ୱୀପରେ ଡେରା ପକାଇଛନ୍ତି।



ଆଲିୟା

# ଅଭିନେତ୍ରୀ ହୋଇ ନ ଥିଲେ..



କ୍ରିତି

ଅଭିନୟ କରିବା ପୂର୍ବରୁ ଅନେକ କଳାକାର ଅନ୍ୟ ବିଷୟରେ ନିଜକୁ ପରିଚିତ କରାଇ ସାରିଥାଆନ୍ତି। କ୍ରିତି ସାନନ୍ ବା ସେଥିରୁ ବାଦ୍ ପଡ଼ନ୍ତେ କିପରି ? ପାଠପଢ଼ିବା ସମୟରେ ସେ ବକ୍ସିଂ ସହ ଜଡ଼ିତ ଥିଲେ। ଏପରି କି ରାଜ୍ୟସ୍ତରୀୟ ବକ୍ସିଂ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ସେ ଚାମ୍ପିୟନ ମଧ୍ୟ ହୋଇଛନ୍ତି। ଏବେ ବି ସମୟ ମିଳିଲେ ସେ ବକ୍ସିଂ ପ୍ରାକ୍ଟିସ କରିଥାଆନ୍ତି। ଏ ନେଇ କ୍ରିତି କହନ୍ତି, 'ଯଦି ମୁଁ ଆକ୍ଟିଂ କରି ନ ଥାନ୍ତି, ତେବେ ଜଣେ ବକ୍ସର ଭାବରେ ନିଜ କ୍ୟାରିୟରକୁ ଆଗେଇ ନେଇଥାଆନ୍ତି। ଏବେ ତ ଆଉ ପ୍ରାକ୍ଟିସ କରିବାକୁ ସମୟ ମିଳୁନି। ତଥାପି ସମୟ ମିଳିଲେ ମୁଁ ବେଳେବେଳେ ଅଭ୍ୟାସ କରିଥାଏ। ବକ୍ସିଂ ଉପରେ କୌଣସି ବାୟୋପିକ୍ ନିର୍ମାଣ ହେଲେ ଯଦି ସେଥିରେ ଅଭିନୟ କରିବାକୁ ଅଫର ମିଳେ ତେବେ ମନା କରିବି ନାହିଁ।' କ୍ରିତିଙ୍କୁ ବଲିଉଡ୍‌ର ସବୁଠାରୁ ଡେଙ୍ଗା ଅଭିନେତ୍ରୀ ଭାବରେ ଗଣନା କରାଯାଇଥାଏ। ତାଙ୍କର ଉଚ୍ଚତା ହେଉଛି ପାଞ୍ଚ ଫୁଟ୍ ଆଠ ଇଞ୍ଚ।

# ଡାଲଚିନି

ଏକଦା ଜଣେ ବ୍ୟାଙ୍କର ଭୁବନେଶ୍ୱରରୁ କୋଣାର୍କ ବୁଲିବାକୁ ବାହାରିଛି। ସାଙ୍ଗରେ ଅଛି ଜଣେ ଝିଅ। ବାଟରେ ଦୁହିଁଙ୍କ ଭିତରେ କ'ଣ ଘଟୁଛି, ସେମାନେ କି କି ପରିସ୍ଥିତିର ସାମ୍ନା କରି ସେଠାରୁ ଫେରୁଛନ୍ତି ଆଉ ଏପରି ଯାତ୍ରାର ମଧୁର ପରିସମାପ୍ତି ହେଉଛି କି ନାହିଁ–ଏପରି କଥାବସ୍ତୁକୁ ଆଧାର କରି ନିର୍ମିତ ହୋଇଛି ଓଡ଼ିଆ ସିନେମା 'ଡାଲଚିନି'। ଖାସ୍ କଥା ହେଲା ଏହି ଫିଲ୍ମଟି ନିକଟରେ ଶିମ୍‌ଲା ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ଶ୍ରେଷ୍ଠ ଫିଚର ଫିଲ୍ମ ଭାବରେ ପୁରସ୍କୃତ ହୋଇଛି। ଏହାର ପ୍ରଯୋଜନା କରିଛନ୍ତି ପୂର୍ବରୁ 'ମୁଁ ରାଜା ତୁ ରାଣୀ' ଏବଂ 'ଭଉଁରୀ' ଭଳି ଓଡ଼ିଆ ଚଳଚ୍ଚିତ୍ରର ପ୍ରଯୋଜନା କରିଥିବା ଅତୀଶ କୁମାର ରାଉତ। ଋତୁପ୍ରିୟା ପ୍ରଡକ୍ସନ ପ୍ରା.ଲିଃ. ବ୍ୟାନରରେ ଏହାର ସହ–ପ୍ରଯୋଜନା ଦାୟିତ୍ୱ ତୁଲାଇଛନ୍ତି ସୁପ୍ରିୟା ରାଉତ। ଅନ୍ୟପକ୍ଷରେ କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପ ରଚନା କରିଛନ୍ତି ଜିତେନ୍ଦ୍ରିୟ ପ୍ରଧାନ। ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଶିଶିର ସାହୁ ଏବଂ ପିନାକୀ ସିଂ। ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଜେରି ସିଲଭରେଷ୍ଟ ଭିନ୍‌ସେଣ୍ଟ। ଏହାର ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ପାର୍ଥସାରଥୀ ରାୟ ଏବଂ ସୂର୍ଯ୍ୟମୟୀ। ଏପରି ସଫଳତା ସମ୍ପର୍କରେ ଅତୀଶ କହନ୍ତି, 'ଏହା ଏକ କମର୍ସିଆଲ ଫିଲ୍ମ ହେଲେ ମଧ୍ୟ ତାହା ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲରେ ପୁରସ୍କାର ପାଇବ ବୋଲି ମୋର ଦୃଢ଼ ବିଶ୍ୱାସ ଥିଲା। ତାହା ସଫଳ ହୋଇଛି। ଏଣିକି ଏପରି ସିନେମା ନିର୍ମାଣ କରିବାକୁ ମୋତେ 'ଡାଲଚିନି' ଯଥେଷ୍ଟ ପ୍ରେରଣା ଯୋଗାଇଛି ବୋଲି କହିବି।'



ସୂର୍ଯ୍ୟମୟୀ–ପାର୍ଥ

# ଜର୍ମାନୀ, ଆର୍ଜେଣ୍ଟିନା, ଫ୍ରାନ୍ସ ସେମିରେ

ଭୁବନେଶ୍ୱର,୧।୧୨
(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍‌ଆଇଏଚ୍ ଓଡ଼ିଶା ହକି ପୁରୁଷ ଜୁନିୟର ବିଶ୍ୱକପ୍‌ର ସେମିଫାଇନାଲରେ ଜର୍ମାନୀ, ଆର୍ଜେଣ୍ଟିନା ଓ ଫ୍ରାନ୍ସ ପ୍ରବେଶ କରିଛନ୍ତି। ପ୍ରଥମ କ୍ୱାର୍ଟର ଫାଇନାଲରେ ଶୁଟ୍ ଆଉଟ ୩-୧ ଗୋଲରେ ସ୍ପେନ୍‌କୁ ଜର୍ମାନୀ, ଦ୍ୱିତୀୟ କ୍ୱାର୍ଟରରେ ଆର୍ଜେଣ୍ଟିନା ୨-୧ ଗୋଲରେ ନେଦରଲାଣ୍ଡ୍ସ ଏବଂ ତୃତୀୟ କ୍ୱାର୍ଟରରେ ଫ୍ରାନ୍ସ ୪-୦ ଗୋଲରେ ମାଲେସିଆକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ଡିସେମ୍ବର ୩ରେ ପ୍ରଥମ ସେମିଫାଇନାଲରେ ଫ୍ରାନ୍ସ ଓ ଆର୍ଜେଣ୍ଟିନା ମଧ୍ୟରେ ମୁକାବିଲା ହେବ। ଟୁର୍ନାମେଣ୍ଟରେ ଡାର୍କହର୍ସ ବିବେଚିତ ହେଉଥିବା ଫ୍ରାନ୍ସ ଲିଗ୍ ପର୍ଯ୍ୟାୟର ପ୍ରଥମ ମ୍ୟାଚରେ ଭାରତକୁ ୫-୪ ଗୋଲରେ ହରାଇ ନିଜର ଆଭିମୁଖ୍ୟ ସ୍ପଷ୍ଟ କରି ଦେଇଥିଲା। ପରେ ଏହି ଦଳ ପୋଲାଣ୍ଡକୁ ୭-୧ ଏବଂ କାନାଡ଼ାକୁ ୧୧-୧ ଗୋଲରେ ହରାଇ ଅପରାଜେୟ ଭାବେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। କ୍ୱାର୍ଟର ଫାଇନାଲରେ ଦଳ ସମ୍ପୂର୍ଣ୍ଣ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ମ୍ୟାଚର ୧୪ ଓ ୨୪ତମ ମିନିଟରେ ଅଧିନାୟକ ଟିମୋଥି କ୍ଲିମେଣ୍ଟ ପେନାଲ୍ଟି କର୍ନରରୁ ଗୋଲ ଦେଇ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଫ୍ରାନ୍ସକୁ ୨-୦ରେ ଅଗ୍ରଣୀ କରାଇଥିଲେ। ଦ୍ୱିତୀୟାର୍ଦ୍ଧ ଆରମ୍ଭରେ ଅର୍ଥାତ୍ ୩୧ତମ ମିନିଟରେ ମାଥିସ କ୍ଲିମେଣ୍ଟ ପେନାଲ୍ଟି କର୍ନରରୁ ଗୋଟିଏ ଗୋଲ ଦେଇଥିଲେ। ମ୍ୟାଚ ଶେଷ ହେବାର ଶେଷ ମୁହୂର୍ତ୍ତରେ ୬୦ତମ ମିନିଟରେ କ୍ଲିମେଣ୍ଟ ବ୍ୟକ୍ତିଗତ ୩ୟ ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିଲେ। ମାଲେସିଆ ୫ଟି ପେନାଲ୍ଟି କର୍ନର ପାଇଥିଲେ ହେଁ ତାହାକୁ ଗୋଲରେ ପରିଣତ କରିପାରି ନ ଥିଲା। ହ୍ୟାଟ୍ରିକ ଗୋଲ ସ୍କୋରର ଟିମୋଥି କ୍ଲିମେଣ୍ଟ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଫ୍ରାନ୍ସ ପୂର୍ବରୁ ଥରେ ୨୦୧୩ରେ ଫାଇନାଲରେ ପ୍ରବେଶ କରିଥିଲା। ମାତ୍ର ଜର୍ମାନୀଠାରୁ ହାରି ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। ଏହା ଏପର୍ଯ୍ୟନ୍ତ ଦଳର ଶ୍ରେଷ୍ଠ ପ୍ରଦର୍ଶନ ହୋଇ ରହିଛି।


କ୍ୱାର୍ଟର ଫାଇନାଲ ମ୍ୟାଚ ଜିତିବା ପରେ ଉଲ୍ଲସିତ ଫ୍ରାନ୍ସ ଦଳ।



ଭାରତ ଓ ବେଲଜିୟମ କ୍ୱାର୍ଟର ଫାଇନାଲ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ଶୁଟ୍‌ଆଉଟରେ ଜିତିଲା ଜର୍ମାନୀ

ଭୁବନେଶ୍ୱର,୧।୧୨
(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍‌ଆଇଏଚ୍ ହକି ପୁରୁଷ ଜୁନିୟର ବିଶ୍ୱକପ୍‌ର ସେମିଫାଇନାଲରେ ପ୍ରବେଶ କରିଛି ଟୁର୍ନାମେଣ୍ଟର ସବୁଠାରୁ ସଫଳ ଦଳ ଜର୍ମାନୀ। ବୁଧବାର ଅନୁଷ୍ଠିତ ପ୍ରଥମ କ୍ୱାର୍ଟର ଫାଇନାଲରେ ଏହି ଦଳ ଶୁଟ୍‌ଆଉଟ୍ ୩-୧ ଗୋଲରେ ସ୍ପେନ୍‌କୁ ପରାସ୍ତ କରିଛି। ଫଳରେ ସ୍ପେନର ଅଭିଯାନ ଏହିଠାରୁ ଶେଷ ହୋଇଛି। ମ୍ୟାଚ ଆରମ୍ଭରେ ଓଡ଼ିଶା ମାଇନିଂ କର୍ପୋରେଶନ ଏମ୍‌ଡି ବଲୱନ୍ତ ସିଂ ଏବଂ ଶେଷରେ ଟୁରିଜମ୍ ଡାଇରେକ୍ଟର ସଚିନ ରାମଚନ୍ଦ୍ର ଯାଦବ ଅତିଥିଭାବେ ଯୋଗ ଦେଇଥିଲେ। ଶୁଟ୍ ଆଉଟ ପର୍ଯ୍ୟାୟରେ ଚମତ୍କାର ସେଭ୍ ପାଇଁ ଜର୍ମାନୀ ଗୋଲକିପର ଜନ୍ ଡେନ୍‌ବର୍ଗ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ। ଜର୍ମାନୀ-ସ୍ପେନ ମ୍ୟାଚ ଆରମ୍ଭରୁ ରୋମାଞ୍ଚକ ହୋଇଥିଲା। ମ୍ୟାଚର ୫ମ ମିନିଟରେ ଜର୍ମାନୀକୁ ପେନାଲ୍ଟି କର୍ନର ମିଳିଥିଲା। ମାତ୍ର ସ୍ପେନ ଖେଳାଳିଙ୍କ ବିପଜ୍ଜନକ ଖେଳ ଯୋଗୁ ଜର୍ମାନୀକୁ ପେନାଲ୍ଟି ଷ୍ଟ୍ରୋକ୍ ସୁଯୋଗ ଦିଆଯାଇଥିଲା। ଖ୍ରିଷ୍ଟୋଫର କୁଟର ଏହାକୁ ଗୋଲରେ ପରିଣତ କରି ଜର୍ମାନୀକୁ ଅଗ୍ରଣୀ ଦେଇଥିଲେ। ସ୍ପେନ ଆକ୍ରମଣକୁ ଜୋରଦାର କରି ୧୧ତମ ମିନିଟରେ ପେନାଲ୍‌ଟି କର୍ନର ସୁଯୋଗ ସୃଷ୍ଟି କରିଥିଲା। ଇଗ୍ନାସିଓ ଆବାଜୋ ଏଥିରୁ ଗୋଲ ଦେଇ ମ୍ୟାଚକୁ ସମାନ ସ୍ତରକୁ ନେଇ ଆସିଥିଲେ। ପ୍ରଥମ କ୍ୱାର୍ଟରରେ ଦୁଇଟି ଯାକ ଗୋଲ ହୋଇଥିଲା। ଦ୍ୱିତୀୟ କ୍ୱାର୍ଟର ଓ ତୃତୀୟ କ୍ୱାର୍ଟରରେ ଉଭୟ ଦଳ ସୁଯୋଗ ପାଇଥିଲେ ହେଁ ତାହାକୁ ଗୋଲରେ କନଭର୍ଟ କରିପାରି ନ ଥିଲେ। ମ୍ୟାଚ ୧-୧ ସ୍ଥିତିରେ ଶେଷ ହେବାକୁ ଯାଉଥିବାବେଳେ ୫୯ତମ ମିନିଟରେ ସ୍ପେନର ଏଡୁଆର୍ଡୋ ଡି ଇଗ୍ନାସିଓ-ସିମୋ ଏକ ଫିଲ୍ଡ ଗୋଲ ଦେଇ ମ୍ୟାଚରେ ଉଷ୍ମତା ଭରିଥିଲେ। ମାତ୍ର ଜର୍ମାନୀ ସହଜେ ହାର ମାନିବାକୁ ପ୍ରସ୍ତୁତ ନ ଥିଲା। ଗୋଲ ବରଣର ଅଳ୍ପ କିଛି ସେକେଣ୍ଡ ମଧ୍ୟରେ ସ୍ପେନ ଗୋଲପୋଷ୍ଟର ଡି' ଏରିଆ ମଧ୍ୟକୁ ବଲ୍ ନେଇ ପେନାଲ୍ଟି ପର୍ନର ସୁଯୋଗ ସୃଷ୍ଟି କରିଥିଲା। ମାସି ପଫଣ୍ଟ ଏହାକୁ ଗୋଲରେ ପରିଣତ କରି ସ୍ପେନ ବିଜୟ ଆଶାରେ ପାଣି ଭରି ଦେଇଥିଲେ। ନିର୍ଦ୍ଧାରିତ ସମୟରେ ମ୍ୟାଚ ୨-୨ ଗୋଲରେ ଶେଷ ହୋଇଥିଲା। ଫଳାଫଳ ନିର୍ଣ୍ଣୟ ପାଇଁ ଶୁଟ୍ ଆଉଟର ସହାୟତା ନିଆଯାଇଥିଲା। ଏହି ପର୍ଯ୍ୟାୟରେ ଜର୍ମାନୀର ମାଇକେଲ ଷ୍ଟ୍ରୁଥୋଫ, ହାନେସ୍ ମୁଲେର ଓ ପଲ୍ ସ୍ମିଥ୍ ଗୋଲ ଦେଇଥିବାବେଳେ ମାଟେଓ ପୋଲଜାରିକ ମିସ୍ କରିଥିଲେ। ସ୍ପେନ ପକ୍ଷରୁ ଏକମାତ୍ର ଗେରାର୍ଡ କ୍ଲାପେସ୍ ଗୋଲ ଦେବାରେ ସକ୍ଷମ ହୋଇଥିବାବେଳେ ଏଡୁଆର୍ଡ ଡି ଇଗ୍ନାସିଓ-ସିମୋ, ଇଗ୍ନାସିଓ ଆବାଜୋ ଓ ଗୁଲେଇର୍ମୋ ଫର୍ଟୁନୋ ପ୍ରତିପକ୍ଷ ଗୋଲକିପର ଡେନ୍‌ବର୍ଗଙ୍କୁ ଅତିକ୍ରମ କରିବାରେ ଅସଫଳ ରହିଥିଲେ। ପୂର୍ବରୁ ୧୯୮୨, ୧୯୮୫, ୧୯୮୯, ୧୯୯୫, ୨୦୦୯ ଓ ୨୦୧୩ରେ ଚାମ୍ପିୟନ ଜର୍ମାନୀ ଏଥର ମଧ୍ୟ ସେମିଫାଇନାଲରେ ପ୍ରବେଶ କରି ଟାଇଟଲ ଦାବିଦାର ହୋଇଯାଇଛି। ଅନ୍ୟପକ୍ଷରେ ୨୦୦୫ ବ୍ରୋଞ୍ଜ ପଦକ ବିଜେତା ସ୍ପେନ ୬ଷ୍ଠରୁ ୮ମ ସ୍ଥାନ ପାଇଁ କ୍ଲାସିଫିକେଶନ ମ୍ୟାଚ ଖେଳିବାକୁ ବାଧ୍ୟ ହୋଇଛି।



ପ୍ଲେୟର ଅଫ୍ ଦି ମ୍ୟାଚ ଜର୍ମାନୀର ଜନ୍ ଡେନ୍‌ବର୍ଗ ।

## ଭାରତ ମ୍ୟାଚ ବେଳକୁ ଦର୍ଶକଙ୍କ ସମାଗମ

**ଭୁବନେଶ୍ୱର, ୧।୧୨ (କ୍ରୀଡ଼ା ପ୍ରତିନିଧି):** କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜୁନିୟର ହକି ବିଶ୍ୱକପ ପାଇଁ ସାଧାରଣ ଦର୍ଶକଙ୍କୁ ଅନୁମତି ନାହିଁ। କୋଭିଡ କଟକଣା ଯୋଗୁ ଏପରି ନିଷ୍ପତ୍ତି ନିଆ ଯାଇଛି। ଓଡ଼ିଶାର ହକିପ୍ରେମୀମାନେ ଘରେ ବସି ମ୍ୟାଚ ଖବର ବୁଝୁଛନ୍ତି। ମାତ୍ର ଭାରତ ମ୍ୟାଚ ବେଳକୁ ଷ୍ଟାଡିୟମର ୱେଷ୍ଟ ଗ୍ୟାଲେରୀରେ ହଠାତ୍ ପ୍ରଶଂସକଙ୍କ ସଂଖ୍ୟା ବୃଦ୍ଧି ଘଟୁଥିବା ଦେଖିବାକୁ ମିଳୁଛି। କ୍ରୀଡ଼ା ଛାତ୍ରାବାସ ଅନ୍ତେବାସୀ ଏବଂ ହାଇପରଫର୍ମାନ୍ସ ସେଣ୍ଟରର ଖେଳାଳିଙ୍କ ସହିତ ଆହୁରି ଅନେକଙ୍କୁ ଦେଖିବାକୁ ମିଳୁଛି। ସେମାନଙ୍କ କୋଳାହଳରେ ଭାରତୀୟ ଖେଳାଳି ଉତ୍ସାହିତ ହେଉଛନ୍ତି ସତ, ମାତ୍ର ସାମାଜିକ ଦୂରତା ରକ୍ଷା ହେଉ ନ ଥିବା ସ୍ପଷ୍ଟ ପରିଲକ୍ଷିତ ହୋଇଛି। ଫଳରେ ପୁଣି ସଂକ୍ରମଣକୁ ନେଇ ଭୟ ମଧ୍ୟ ରହିଛି। ଇଷ୍ଟ ଷ୍ଟାଣ୍ଡରେ କିଟ୍ ଓ କିସ୍‌ର ଛାତ୍ରୀଛାତ୍ରଙ୍କୁ ଖେଳ ଉପଭୋଗ କରିବାର ସୁଯୋଗ ମିଳିଥିଲା। ସେମାନେ କିନ୍ତୁ ସାମାଜିକ ଦୂରତ୍ୱ ରକ୍ଷା କରିଥିବା ଦେଖା ଯାଇଥିଲା।

# ଆର୍ଜେଣ୍ଟିନାକୁ ଜିତାଇଲେ ଫ୍ରାଙ୍କୋ

ଭୁବନେଶ୍ୱର,୧।୧୨(କ୍ରୀଡ଼ା ପ୍ରତିନିଧି)

ଲିଗ୍ ପର୍ଯ୍ୟାୟରେ ସର୍ବାଧିକ ଗୋଲ ଦେଇ ଅପରାଜେୟ ରହିଥିବା ନେଦରଲାଣ୍ଡ୍ସର ଅଭିଯାନ ଚଳିତ ଜୁନିୟର ହକି ବିଶ୍ୱକପ୍‌ର କ୍ୱାର୍ଟର ଫାଇନାଲରୁ ଶେଷ ହୋଇଛି। କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ପ୍ରତିଯୋଗିତାର ବୁଧବାର ଅନୁଷ୍ଠିତ ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ପୂର୍ବତନ ଚାମ୍ପିୟନ ଆର୍ଜେଣ୍ଟିନା ୨-୧ ଗୋଲରେ ନେଦରଲାଣ୍ଡ୍ସକୁ ପରାସ୍ତ କରିଛି। ୫୮ ମିନିଟ ପର୍ଯ୍ୟନ୍ତ ମ୍ୟାଚ ୧-୧ ସ୍ଥିତିରେ ଥିବାବେଳେ ୫୯ତମ ମିନିଟରେ ଫ୍ରାଙ୍କୋ ଅଗଷ୍ଟିନିଙ୍କ ଫିଲ୍ଡ ଗୋଲ ନିର୍ଣ୍ଣାୟକ ହୋଇଥିଲା। ଫଳରେ ଶୁଟ୍ ଆଉଟ ଆଡ଼କୁ ମୁହାଁଉଥିବା ମ୍ୟାଚ ନିର୍ଦ୍ଧାରିତ ସମୟରେ ଶେଷ ହୋଇ ଯାଇଥିଲା। ଆର୍ଜେଣ୍ଟିନାର ଟାଡେଓ ମାର୍କୁକି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଦୁଇ ସମକକ୍ଷ ଦଳ ମଧ୍ୟରେ ମ୍ୟାଚ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ୨୪ତମ ମିନିଟରେ ଜୋଆକ୍ୱିନ କୁଗେର ଏକ ଫିଲ୍ଡ ଗୋଲ ଜରିଆରେ ଆର୍ଜେଣ୍ଟିନାକୁ ଅଗ୍ରଣୀ କରାଇଥିଲେ। ମାତ୍ର ଏହାର ୧ ମିନିଟ ପରେ ନେଦରଲାଣ୍ଡ୍ସକୁ ମିଳିଥିବା ପେନାଲ୍ଟି କର୍ନରକୁ ମାଇଲ୍ସ ବୁକେନ୍ସ ଗୋଲରେ ପରିଣତ କରିଥିଲେ। ଫଳରେ ମ୍ୟାଚ ୧-୧ ସ୍ଥିତିକୁ ଚାଲି ଆସିଥିଲା। ମାତ୍ର ଶେଷ ମୁହୂର୍ତ୍ତରେ ଫ୍ରାଙ୍କୋଙ୍କ ଗୋଲ ନେଦରଲାଣ୍ଡ୍ସ ଆଶାକୁ ଧୂଳିସାତ କରିଥିଲା। ପୂର୍ବରୁ ନେଦରଲାଣ୍ଡ୍ସ ୧୯୮୫ ଓ ୨୦୦୯ରେ ରନର୍ସଅପ୍ ହୋଇଥିବାବେଳେ ୧୯୮୯ ଓ ୨୦୧୩ରେ ବ୍ରୋଞ୍ଜ ପଦକ ହାସଲ କରିଥିଲା। ମାତ୍ର ଏଥର ଦଳକୁ ୫ମରୁ ୮ମ ସ୍ଥାନ ପାଇଁ କ୍ଲାସିଫିକେଶନ ମ୍ୟାଚ ଖେଳିବାକୁ ପଡ଼ିବ। ଲିଗ୍ ପର୍ଯ୍ୟାୟରେ ନେଦରଲାଣ୍ଡ୍ସ ଦକ୍ଷିଣ କୋରିଆକୁ ୧୨-୫, ସ୍ପେନ୍‌କୁ ୩-୨ ଓ ଆମେରିକାକୁ ୧୪-୦ ଗୋଲରେ ପରାସ୍ତ କରି ଅପରାଜେୟ ରହିଥିଲା। ଅନ୍ୟ ସବୁ ଦଳ ଅପେକ୍ଷା ନେଦରଲାଣ୍ଡ୍ସ ସବୁଠାରୁ ଅଧିକ ଗୋଲ ମଧ୍ୟ ସ୍କୋର କରିଥିଲା। ମାତ୍ର କ୍ୱାର୍ଟର ଫାଇନାଲରେ ପରାଜୟ ସହ ସେ ସବୁ ଫିକା ପଡ଼ିଛି। ଅନ୍ୟପକ୍ଷରେ ବିଜୟ ସହ ଆର୍ଜେଣ୍ଟିନା ଅନ୍ୟତମ ଟାଇଟଲ ଦାବିଦାର ହୋଇଯାଇଛି।


ଖୁସି ମୁହୂର୍ତ୍ତରେ ଆର୍ଜେଣ୍ଟିନା ଖେଳାଳି।

## ପାକିସ୍ତାନ-ଦକ୍ଷିଣ ଆଫ୍ରିକା ମ୍ୟାଚ ଆଜି

ଭୁବନେଶ୍ୱର, ୧।୧୨(କ୍ରୀଡ଼ା ପ୍ରତିନିଧି)

**କ୍ଲାସିଫିକେଶନ କ୍ରସ୍ ଓଭର**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜୁନିୟର ହକି ବିଶ୍ୱକପ୍‌ରେ ଗୁରୁବାର ୪ଟି କ୍ଲାସିଫିକେଶନ କ୍ରସ୍ ଓଭର ମ୍ୟାଚ ହେବ। ୯ରୁ ୧୨ତମ ସ୍ଥାନ ପାଇଁ ହେବାକୁଥିବା କ୍ରସ୍ ଓଭର ମ୍ୟାଚରେ ପାକିସ୍ତାନ-ଦକ୍ଷିଣ ଆଫ୍ରିକା ଅପରାହ୍ନ ୪ଟା ୩୦ରେ ପରସ୍ପରକୁ ଭେଟିବେ। ସେହିପରି ପୋଲାଣ୍ଡ ଓ ଦକ୍ଷିଣ କୋରିଆ ମ୍ୟାଚ ରାତି ୭ଟା ୩୦ରେ ଅନୁଷ୍ଠିତ ହେବ। ୧୩ରୁ ୧୬ତମ ସ୍ଥାନ ପାଇଁ ହେବାକୁଥିବା କ୍ରସ୍ ଓଭରରେ କାନାଡ଼ା ଓ ଆମେରିକା ପୂର୍ବାହ୍ନ ୧୦ଟା ୩୦ରେ ପରସ୍ପରକୁ ଭେଟିବେ। ଚିଲି ଓ ଇଜିପ୍ଟ ମଧ୍ୟରେ ମ୍ୟାଚ ଅପରାହ୍ନ ୧ଟା ୩୦ରେ ଅନୁଷ୍ଠିତ ହେବ।

## ମ୍ୟାଚର ମଜା ନେଲେ ଜର୍ମାନୀ ସମର୍ଥକ

ଭୁବନେଶ୍ୱର,୧।୧୨
(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍‌ଆଇଏଚ୍ ଓଡ଼ିଶା ହକି ପୁରୁଷ ଜୁନିୟର ବିଶ୍ୱକପ୍‌ର ଜର୍ମାନୀ-ସ୍ପେନ ପ୍ରଥମ କ୍ୱାର୍ଟର ଫାଇନାଲ ଅବସରରେ ୱେଷ୍ଟଷ୍ଟାଣ୍ଡରେ ଉପସ୍ଥିତ ଥିବା ଜର୍ମାନୀ ସମର୍ଥକ ମ୍ୟାଚର ମଜା ନେଇଥିଲେ। କୋଭିଡ୍ କଟକଣା ଯୋଗୁ ଷ୍ଟାଡିୟମକୁ ଦର୍ଶକ ପ୍ରବେଶ ଉପରେ କଟକଣା ଲଗାଯାଇଥିଲେ ହେଁ ଖେଳାଳିଙ୍କ ପରିବାରଙ୍କୁ ଅନୁମତି ରହିଛି। ଏହାର ସଦୁପଯୋଗ କରି ଜର୍ମାନୀ, ଆର୍ଜେଣ୍ଟିନା, କାନାଡ଼ା ଆଦି ମ୍ୟାଚ ସମୟରେ ୱେଷ୍ଟଷ୍ଟାଣ୍ଡରେ ସେମାନଙ୍କ ପରିବାରବର୍ଗ ରହି ଖେଳାଳିଙ୍କୁ ଉତ୍ସାହିତ କରି ଆସୁଛନ୍ତି। ଜର୍ମାନୀ-ସ୍ପେନ ମ୍ୟାଚ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ମ୍ୟାଚର ନିର୍ଦ୍ଧାରିତ ସମୟରେ ଫଳାଫଳ ନ ମିଳିବାରୁ ଶୁଟ୍ ଆଉଟର ସହାୟତା ନିଆଯାଇଥିଲା। ଏଥିରେ ଜର୍ମାନୀ ବିଜୟୀ ହୋଇଥିଲା। ଏଥିରେ ଉଲ୍ଲସିତ ଜର୍ମାନୀ ସମର୍ଥକ ଜାତୀୟ ପତାକା ଉଡ଼ାଇବା ସହ ପରସ୍ପରକୁ ଆଲିଙ୍ଗନ କରି ଖୁସି ମନାଉଥିବା ଦେଖିବାକୁ ମିଳିଥିଲା। ସ୍ପେନକୁ ହରାଇ ଜର୍ମାନୀ ସେମିଫାଇନାଲରେ ପ୍ରବେଶ କରିଥିଲା।



ବେଲଜିୟମ ବିପକ୍ଷ କ୍ୱାର୍ଟର ଫାଇନାଲ ଅବସରରେ କଳିଙ୍ଗ ଷ୍ଟାଡିୟମର ୱେଷ୍ଟଷ୍ଟାଣ୍ଡରେ ଦର୍ଶକ ମ୍ୟାଚର ମଜା ନେଉଛନ୍ତି।


ଜର୍ମାନୀ ସମର୍ଥକମାନେ ନିଜ ଜାତୀୟ ଦଳକୁ ଉତ୍ସାହିତ କରୁଛନ୍ତି।

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ଧାନ ବିଲରୁ ନରକଙ୍କାଳ ଠାବ

**କବିସୂର୍ଯ୍ୟନଗର,୧।୧୨(ଡି.ଏନ.ଏ.):** କବିସୂର୍ଯ୍ୟନଗର ଥାନା ସାଇବବଗଡ଼ ମାଧିଆପଲ୍ଲୀ ରାସ୍ତାର ଏକ ଧାନ ବିଲରୁ ବୁଧବାର ପୋଲିସ ଏକ ନରକଙ୍କାଳ ଠାବ କରିଛି। ଏହି ନରକଙ୍କାଳର ପରିଚୟ ମିଳିନଥିବା ବେଳେ ଭେଟନଇ ଗ୍ରାମର ୮୦ ବର୍ଷୀୟ ବୃଦ୍ଧ ହରି ଗୌଡ଼ ଦୁଇ ମାସ ତଳୁ ନିଖୋଜ ହୋଇଥିବାରୁ ତାଙ୍କର ହୋଇଥିବା ପରିବାର ଆଶଙ୍କା କରିଥିଲେ। ଖବର ପାଇ ପୁଅ ଦୀପକ ପହଞ୍ଚି ଖପୁରି, ହାଡ଼, ଶାର୍ଟ, ଚପଲ, ବାଡ଼ି ଦେଖି ନିଜ ବାପା ବୋଲି ଚିହ୍ନଟ କରିଥିଲେ। ନରକଙ୍କାଳ ଆସିକା ଭେଟନଇ ଅଞ୍ଚଳର ଏ. ବରିଡା ଗ୍ରାମର ନାରାୟଣ ସାହୁଙ୍କ ବୋଲି ଜଣାପଡିଛି। ପୁଅଙ୍କ ଅଭିଯୋଗ ପ୍ରକାରେ ପୋଲିସ ଏକ ଅପମୃତ୍ୟୁ ମାମଲା ନଂ. ୨୩/୨୧ ରୁଜୁ କରିଛି। କଙ୍କାଳର ଅଂଶ ବିଶେଷକୁ ପରୀକ୍ଷାଗାରକୁ ପଠାଯାଇଥିବା ଫାଣ୍ଡି ଅଧିକାରୀ ଉମାଚରଣ ପ୍ରହରାଜ କହିଛନ୍ତି। ଗତ ଅକ୍ଟୋବର ୫ରେ ହରି ଗୌଡ଼ ନିଖୋଜ ଥିବା ନେଇ ତାଙ୍କ ପୁଅ ଥାନାରେ ଅଭିଯୋଗ କରିଥିଲେ।

### ଗଳିତ ମୃତଦେହ ଜବତ

**ବୁଗୁଡ଼ା,୧।୧୨(ଡି.ଏନ.ଏ.):** ବୁଗୁଡା ଥାନା ଅନ୍ତର୍ଗତ ବାଦୁଆ ନିକଟ ଏକ ପରିତ୍ୟକ୍ତ ପମ୍ପ ହାଉସରୁ ବୁଧବାର ସ୍ଥାନୀୟ ପୋଲିସ ଜଣେ ଅପରିଚିତ ବ୍ୟକ୍ତିଙ୍କ ଗଳିତ ମୃତଦେହ ଜବତ କରିଛି।ଏ ନେଇ ନଂ.୧୬/୨୧ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ପ୍ରାୟ ୭ ରୁ ୮ ଦିନ ତଳେ ଉକ୍ତ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ମୁହଁକୁ ପଥରରେ ଛେଚି ହତ୍ୟା ପରେ ଦୁର୍ବୃତ୍ତ ମାନେ ମୃତଦେହ ଉପରେ ଅଖା ଘୋଡାଇ ଦେଇଥିବା ସନ୍ଦେହ କରାଯାଉଛି। କୌଣସି କାମରେ କିଛି ଯୁବକ ପମ୍ପ ହାଉସ ଭିତରକୁ ଯାଇ ଏକ ପରିତ୍ୟକ୍ତ ମୃତଦେହ ପଡ଼ିଥିବା ଦେଖିବା ପରେ ପୋଲିସକୁ ଖବର ଦେଇଥିଲେ। ତେବେ ମୃତଦେହଟି ଯୁବକ ନା ଯୁବତୀର ସେ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଥିବା ବେଳେ ତାହା କୌଣସି ଏକ ପାଗଳର ହୋଇଥିବା ପୋଲିସ୍ ସନ୍ଦେହ କରୁଛି। ମୃତଦେହ ବ୍ୟବଚ୍ଛେଦ ପରେ ଏହାର ସଠିକ୍ ଆକଳନ ହୋଇପାରିବ ବୋଲି ମତପ୍ରକାଶ ପାଉଛି। ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

### ରକ୍ଷକ ତାଲିମ କାର୍ଯ୍ୟକ୍ରମ

**ଖଜୁରିପଡ଼ା,୧।୧୨(ଡି.ଏନ.ଏ.):** ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ସୁଦ୍ରୁକୁମ୍ପା ପଞ୍ଚାୟତ ସ୍ଥାନୀୟ ବନବିଭାଗ ବନାଞ୍ଚଳର ବିଟ ହାଉସ୍ ଠାରେ କନ୍ଧମାଳ ଜିଲା ପରିବହନ ବିଭାଗ ତରଫରୁ ରକ୍ଷକ ତାଲିମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅଙ୍କୁର କୁମାର ଶର୍ମା ସିନିୟର ରୋଡ ଟ୍ରାନ୍ସପୋର୍ଟ ଅଫିସର ଦିଲ୍ଲୀ ଯୋଗ ଦେଇଥିଲେ। ଦିଲୀପ କୁମାର ପ୍ରଧାନ ଷ୍ଟେଟ୍ ରୋଡ଼ ରିସର୍ଚ୍ଚ ପର୍ସନ, ଜିଲା ପରିବହ ଅଧିକାରୀ ଗତିକୃଷ୍ଣ ସାମନ୍ତରାୟ, ସୁଦ୍ରୁକୁମ୍ପା ବନଖଣ୍ଡ ଫରେଷ୍ଟର ସରୋଜ କୁମାର ସାହୁ, କୈଳାଶ ପ୍ରଧାନ ଇନିସପେକ୍ଟର ଫିଜିକାଲ ଯାଞ୍ଚ କନ୍ଧମାଳ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ୨୭ ସଂଖ୍ୟକ ଯୁବକଙ୍କୁ ସଡ଼କ ଦୁର୍ଘଟଣା ସମୟରେ ସେମାନେ କିପରି ରକ୍ଷକ ଭୂମିକା ନେଇପାରିବେ ସେ ସମ୍ପର୍କରେ ତାଲିମ୍ ଦିଆଯାଇଥିଲା।

### ବିଜେଡିରେ ଯୋଗ ଦେବେ କଂଗ୍ରେସ ନେତା ଧର୍ମରାଜ

**ଗୋପାଳପୁର,୧।୧୨ (ଡି.ଏନ.ଏ.):** ଗୋପାଳପୁର ନିର୍ବାଚନ ମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ଏସ.ଧର୍ମରାଜ ରେଡ୍ଡୀ ଦଳରୁ ଇସ୍ତଫା ଦେଇଥିବା ନେଇ କରାପଲ୍ଲୀ ଠାରେ ଆୟୋଜିତ ଖବରଦାତା ସମ୍ମିଳନୀର ସୂଚନା ଦେଇଛନ୍ତି। ଶୀଘ୍ର ସେ ଓ ତାଙ୍କର ଶତାଧିକ ସମର୍ଥକ ବିଧିବଦ୍ଧ ଭାବେ ବିଜେଡିରେ ଯୋଗଦାନ କରିବେ ବୋଲି ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଆକର୍ଷିତ ହୋଇ ସେ ବିଜେଡିରେ ଯୋଗ ଦେବେ ବୋଲି ଧର୍ମରାଜ କହିଛନ୍ତି। ବିଜେଡି ପକ୍ଷରୁ ଅନୁଷ୍ଠିତ ହେବାକୁ ଥିବା ଏକ ଦଳୀୟ ସମାବେଶରେ ସେ ଏବଂ ଅଞ୍ଚଳର ୫ ସରପଞ୍ଚ , ୩ ସମିତିସଭ୍ୟଙ୍କ ସମେତ ହଜାର ହଜାର ସମର୍ଥକ ବିଜେଡିରେ ଯୋଗ ଦେବେ ବୋଲି ଧର୍ମରାଜ ଗଣମାଧମକୁ ସୂଚନା ଦେଇଛନ୍ତି। ସମ୍ମିଳନୀରେ ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ସୁନୀଲ କୁମାର ସାହୁ, ଗୋପାଳପୁର ନଗର କଂଗ୍ରେସ ସଭାପତି ଏମ୍ ଚନ୍ଦ୍ରଶେଖର, ପୂର୍ବତନ ଯୁବ କଂଗ୍ରେସ ସଭାପତି ଏମ୍ ମଧୁ, ଗୋପାଳପୁର ମତ୍ସ୍ୟଜୀବୀ ସମ୍ପ୍ରଦାୟ ସଭାପତି ବି ଦାନେୟାଙ୍କ ସମେତ ଶତାଧିକ ପୂର୍ବତନ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

# ବନରକ୍ଷୀ ବିଦ୍ୟାଳୟ ଏବେ ଭୂତକୋଠି

■ ବନରକ୍ଷୀଙ୍କ ତାଲିମ ପାଇଁ ଖୋଲିଥିଲା ଏହି ବିଦ୍ୟାଳୟ

■ ୧୯୯୦ ପରେ ଉକ୍ତ ବିଦ୍ୟାଳୟ ପ୍ରତି ଅଣଦେଖା

**ଦଶପଲ୍ଲା,୧।୧୨ (ଡି.ଏନ.ଏ.)**

୧୯୮୮ ମସିହାରେ ତତ୍କାଳୀନ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଡମ୍ବରୁଧର ଉଲାକା ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ଅଧୀନ କୁଆଁରିଆଠାରେ ବନରକ୍ଷୀ ବିଦ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ବନରକ୍ଷୀମାନଙ୍କୁ ଆବାସିକ ତାଲିମ୍ ପ୍ରଦାନ ପାଇଁ ଏହି ସ୍କୁଲ ଖୋଲିଥିଲା । ପୂର୍ବରୁ ଚାକିରୀ କରିଥିବା ଓ ନୂତନ ନିଯୁକ୍ତି ପାଇବାକୁ ଥିବା ବନରକ୍ଷୀମାନଙ୍କୁ ଉକ୍ତ ସ୍କୁଲରେ ପ୍ରଶିକ୍ଷଣ ଦିଆଯିବାର ବ୍ୟବସ୍ଥା କରାଯାଇଥିଲା। ୧୯୯୦ରୁ ରୀତିମତ ଉକ୍ତ ସ୍କୁଲରେ ତାଲିମ୍ କାର୍ଯ୍ୟକ୍ରମ ଜାରି ରହିଥିଲା । କେବଳ ନୟାଗଡ଼ ଜିଲା ନୁହଁ ଅନ୍ୟାନ୍ୟ ଜିଲାରେ ନିଯୁକ୍ତି ପାଇଥିବା ବନରକ୍ଷୀ, ବନପାଳମାନେ ଉକ୍ତ ସ୍କୁଲକୁ ଆସି ତାଲିମ ନେଉଥିଲେ । ଏଥିସହିତ ଜଙ୍ଗଲରେ ଥିବା ମୃଗବିହାର, ସୂର୍ଯ୍ୟ ଉଦୟ ଓ ସୂର୍ଯ୍ୟାସ୍ତ ସମୟରେ କୁଆଁରିଆ ନଦୀର ଅପୂର୍ବ ଶୋଭା ସେମାନେ ଉପଭୋଗ କରୁଥିଲେ।

ଶିକ୍ଷାର୍ଥୀମାନେ ଜଙ୍ଗଲକୁ ଯାଇ ପ୍ରାକ୍ଟିକାଲ ଜ୍ଞାନ ବି ଆହରଣ କରୁଥିଲେ। ଏପରି କି ହରିହର କରଣ ଜଙ୍ଗଲ ମନ୍ତ୍ରଣାଳୟର ମନ୍ତ୍ରୀ ଥିବା ପର୍ଯ୍ୟନ୍ତ ଏହି ବିଦ୍ୟାଳୟ ଠିକ୍ ଭାବେ କାମ କରୁଥିଲା। ହେଲେ ପରବର୍ତ୍ତୀ ସମୟରେ ଉକ୍ତ ସ୍କୁଲ ସରକାରୀ ଦୃଷ୍ଟି ଆଢୁଆଳରେ ରହିଯାଇଥିଲା। ସେଠାରେ ଆଉ ତାଲିମ ବ୍ୟବସ୍ଥା କରାଗଲା ନାହିଁ । ଫଳରେ ଏବେ ସେହି ସ୍କୁଲ ଭୁତକୋଠିରେ ପରିଣତ ହୋଇଛି । ଦୀଘଦିନ ହେବ ଉକ୍ତ ବିଦ୍ୟାଳୟ ଖାଲି ପଡିବା ଯୋଗୁ ସେଠାରେ ଅପରାଧୀମାନେ ଆଡ୍ଡା ଜମାଇ ଆସିଛନ୍ତି। ଅଧିକାଂଶ ସମୟରେ ସେଠାରେ ମଦ ଆସର ଜମୁଛି । କେତେଜଣ ବ୍ୟକ୍ତି ଏହି ସୁଯୋଗରେ ସ୍କୁଲର କବାଟ ଝରକା ତାଡି ନେଇଛନ୍ତି। ସ୍କୁଲ ପରିସରରେ ଥିବା ଶାଗୁଆନ ଗଛକୁ ଲୋକମାନେ କାଟି ନେଇଛନ୍ତି। ଏ ସଂକ୍ରାନ୍ତରେ ବିଭାଗୀୟ ଅଧିକାରୀମାନେ ମୁହଁ ଖୋଲୁ ନ ଥିବାରୁ ଦୀର୍ଘବର୍ଷର ଏହି ଅନୁଷ୍ଠାନ ନିଜର ସତ୍ତା ହରାଇ ବସିଥିବା ସ୍ଥାନୀୟ ଲୋକମାନେ କହିଛନ୍ତି ।



ଅବହେଳିତ ଅବସ୍ଥାରେ ଥିବା ବନରକ୍ଷୀ ବିଦ୍ୟାଳୟ ।

## ପୋଷ୍ୟ ସନ୍ତାନ ଗ୍ରହଣ କଲେ ଚେନ୍ନାଇ ଦମ୍ପତି

**ନୟାଗଡ଼ ଅଫିସ,୧।୧୨**

ପୋଷ୍ୟ ସନ୍ତାନ ଗ୍ରହଣ ମାସର ଶେଷ ଦିବସ ନଭେମ୍ବର ୩୦ ତାରିଖରେ ଚେନ୍ନାଇର ଏକ ଦମ୍ପତି ୬ମାସର ଶିଶୁକନ୍ୟାଙ୍କୁ ଗ୍ରହଣ କରି ନିଜ ଘରକୁ ନେଇଛନ୍ତି । ସଦ୍‌ଭାବନା ସଭା କକ୍ଷରେ ଅନୁଷ୍ଠିତ ପୋଷ୍ୟ ସନ୍ତାନ ଗ୍ରହଣ ମାସ ଉପରେ ଅନୁଷ୍ଠିତ ସଚେତନତା ସଭାରେ ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ, ଅତିରିକ୍ତ ଏସ୍‌ପି ଯୋଗ ଦେଇଥିଲେ। ଏଥିରେ କେଶପାନିଆ, ରଣପୁରର ଦୁଇ ଶିଶୁ କନ୍ୟାଙ୍କ ସୂଚନାକାରୀଙ୍କୁ ସମ୍ମାନିତ କରାଯାଇଛି । ସେହିପରି ରାଜ୍ୟ ପ୍ରୋଗ୍ରାମ ଅଫିସର ସୁଜାତା ମହାନ୍ତି, ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ଅଧିକାରୀ ଉପେନ୍ଦ୍ର ନାଥ ବଡଜେନା, ସୁରକ୍ଷା ଅଧିକାରୀ (ଆନୁଷ୍ଠାନିକ ଯତ୍ନ) ସତ୍ୟ ଦାସ , ସୁରକ୍ଷା ଅଧିକାରୀ (ଅଣ ଆନୁଷ୍ଠାନିକ ଯତ୍ନ) ଶୈଳବାଳା ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

## ଦଶପଲ୍ଲାରେ କୃଷକ ସମାବେଶ



ସମାବେଶରେ ଯୋଗଦେଇଥିବା କୃଷକମାନେ ।

**ଦଶପଲ୍ଲା,୧।୧୨ (ଡି.ଏନ.ଏ.)**

ଦଶପଲ୍ଲା ବ୍ଲକ ଖଇରା ପଙ୍କଳସାହି ଗ୍ରାମରେ ଏକ କୃଷକ ସମାବେଶ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସମାବେଶରେ ଇଷ୍ଟ ୱେଷ୍ଟ ସିଡସ କମ୍ପାନୀର ଆଞ୍ଚଳିକ ପରିଚାଳକ ମାନସ ରଞ୍ଜନ ମହପାତ୍ର, ଟେରୀଟୋରି ମ୍ୟାନେଜର ଜିତେନ୍ଦ୍ର କୁମାର ପ୍ରଧାନ, ମାର୍କେଟ ଡେଭଲପମେଣ୍ଟ ଅଫିସର ଗିରିଜା ଶଙ୍କର ଦାସ, ସୁରଥ କୁମାର କବି ଓ କୃଷକନେତା ପୀତାମ୍ବର ପଣ୍ଡା ପ୍ରମୁଖ ଯୋଗଦେଇ କମ୍ପାନୀର ସମସ୍ତ ପ୍ରକାର ବିହନର ଗୁଣବତ୍ତା ସମ୍ପର୍କରେ ବୁଝାଇଥିଲେ। ଏହି ଅବସରରେ ୪ଜଣ ଅଗ୍ରଣୀ ଚାଷୀଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ସମ୍ମାନିତ ହୋଇଥିବା ଚାଷୀମାନେ ହେଲେ ଭରତ ବିଶ୍ୱାଳ, ସୁଦର୍ଶନ ପ୍ରଧାନ, ଦୀପକ ପ୍ରଧାନ, ଓ ବୁଲୁ ପ୍ରଧାନ । ଏହାପରେ ହ୍ୱାଇଟ ଆଞ୍ଜେଲ ଫୁଲକୋବିର କ୍ଷେତ୍ର ପ୍ରଦର୍ଶନୀ କରାଯାଇଥିଲା । କୃଷକ ନେତା ପିତାମ୍ବର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଓଡ଼ଗାଁରେ ଜବରଦଖଲ ବଢୁଛି

■ କଂକ୍ରିଟ ରାସ୍ତା ପାର୍ଶ୍ୱ ଖାଲି ଜାଗାକୁ ଦଖଲ

■ ନିର୍ବାହୀ ଅଧିକାରୀ କହିଲେ ଜବରଦଖଲ ହଟିବ

**ଓଡ଼ଗାଁ, ୧।୧୨ (ସ୍ୱ.ପ୍ର.)**

ନୟାଗଡ଼ ଜିଲାର ଓଡ଼ଗାଁ ଏନ୍‌ଏସି ଅଞ୍ଚଳର ବହୁ ପ୍ରଭାବଶାଳୀ ବ୍ୟକ୍ତି ସରକାରୀ ଜମିକୁ ଜବରଦଖଲ କରିଛନ୍ତି। କାଁଭାଁ ଜବରଦଖଲ ହଟାଇବାକୁ ଏନ୍‌ଏସି ଓ ତହସିଲ କର୍ତ୍ତୃପକ୍ଷ ଉଦ୍ୟମ କରୁଛନ୍ତି। ହେଲେ ଏହି ଉଦ୍ୟମକୁ ସ୍ଥାନୀୟ ଲୋକମାନେ ସହଜରେ ଗ୍ରହଣ କରିପାରି ନାହାନ୍ତି । ସାଧାରଣ ଲୋକଙ୍କୁ ଭୁଆଁ ବୁଲାଇବାକୁ ଏପରି କରାଯାଇଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି ।

ସରକାରୀ ଜାଗାରୁ ଜବରଦଖଲ ହଟିବା ପରେ ବିଭିନ୍ନ ସାହିରେ ନିର୍ମାଣ ସରିଥିବା କଂକ୍ରିଟ ରାସ୍ତାର ଉଭୟ ପାର୍ଶ୍ୱରେ ଜବରଦଖଲ ବଢ଼ିଛ । ଲୋକମାନେ ସେଠାରେ ଘର ତିଆରି କରି ରହୁଛନ୍ତି । ଘର ସମ୍ମୁଖରେ ତଥା କଂକ୍ରିଟ ରାସ୍ତା ପାର୍ଶ୍ୱ ଖାଲି ଜାଗା ସୁଗମ ଗମନା ଗମନ ନିମନ୍ତେ ରହିଛି । ହେଲେ କେତେଜଣ ବ୍ୟକ୍ତି ସେଠାରେ ବି ଜବରଦଖଲ କରିଛନ୍ତି । ଫଳରେ ସାହି ରାସ୍ତା ଦେଇ ଦୁଇଚକିଆ ଯାନ ଯିବାଆସିବା କରିବା କଷ୍ଟସାଧ ହେଲାଣି । ଲୋକେ ଏସବୁ ଜାଗା ଜବରଦଖଲ କରି ଗୁହାଳ, ଗ୍ୟାରେଜ, ପୋର୍ଟିକୋ, ପାଚେରୀ ଆଦି ନିର୍ମାଣ କରିଛନ୍ତି । ଯାହା ଅନ୍ୟମାନଙ୍କ ପାଇଁ ଅସୁବିଧାର କାରଣ ସାଜିଛି । ଏନଏସି ଘୋଷଣା ଓ କାର୍ଯ୍ୟକାରୀ ହେବା ପରେ ଯେକୌଣସି ସିଭିଲ ୱାର୍କ ବା ଗୃହ ନିର୍ମାଣ, ସମ୍ପ୍ରସାରଣ କରିବାକୁ ହେଲେ ଏନଏସି ଦ୍ୱାରା ଅନୁମୋଦନ ହେବା ଆବଶ୍ୟକ ରହିଛି । କିନ୍ତୁ ଓଡ଼ଗାଁରେ ସେପରି କିଛି ହେଉନି କିମ୍ବା ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଉନାହିଁ। ଏନେଇ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱାତୀ ମିଶ୍ର କହିଛନ୍ତି ଏନେଇ ଖୁବ ଶୀଘ୍ର ସର୍ଭେ ଆରମ୍ଭ ହେବ । ଯେଉଁମାନେ ଜବରଦଖଲ କରିଛନ୍ତି ସେମାନଙ୍କୁ ହଟାଇବାକୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

## ପୋର୍ଟ ପକ୍ଷରୁ ପ୍ରାଥମିକ ସ୍ୱାସ୍ଥ୍ୟଯାଞ୍ଚ କେନ୍ଦ୍ର ଉଦ୍‌ଘାଟିତ

**ଛତ୍ରପୁର,୧।୧୨(ଡି.ଏନ.ଏ.)**

ଗୋପାଳପୁର ବନ୍ଦର ପକ୍ଷରୁ କଣମଣା ପଞ୍ଚାୟତ ଟାକିରିଆ ବ୍ରହ୍ମପୁର ଗ୍ରାମ ନିକଟରେ ଏକ ନୂତନ ପ୍ରାଥମିକ ସ୍ୱାସ୍ଥ୍ୟ ଯାଞ୍ଚ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ଜିପିଏଲ୍ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ କ୍ୟାପଟେନ ସନ୍ଦୀପ ଅଗ୍ରୱାଲଙ୍କ ଉପସ୍ଥିତିରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏହାକୁ ଉଦ୍‌ଘାଟନ କରିଛନ୍ତି । ନିକଟସ୍ଥ ଗ୍ରାମଗୁଡିକର ସମସ୍ତ ବୟସ ବର୍ଗର ଲୋକେ ଏହି ସ୍ୱାସ୍ଥ୍ୟ ଯାଞ୍ଚ କେନ୍ଦ୍ରରୁ ଉପକୃତ ହେବେ ବୋଲି ଜିଲାପାଳ କହିଛନ୍ତି। ସେହିପରି ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଗ୍ରୱାଲ ସିଏସଆର ପ୍ଲାଟଫର୍ମ ଅଧୀନରେ ସମ୍ପ୍ରଦାୟକୁ ଯୋଗଦାନ କରି ଆମେ ଖୁସିବୋଲି କହିଥିଲେ। ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଗୋପାଳପୁର ବନ୍ଦର କଣମଣା ଓ ଆର୍ଯ୍ୟପଲ୍ଲୀ ପଞ୍ଚାୟତ ଅଧୀନ ଗ୍ରାମଗୁଡିକର ୧୦,୦୦୦ରୁ ଉର୍ଦ୍ଧ୍ୱ ପରିବାରକୁ ସେବା ଯୋଗାଇବ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଣମଣା ସରପଞ୍ଚ ଏସ. ଚକ୍ରପାଣି ରେଡ୍ଡି, ସମିତି ସଭ୍ୟା ରଶ୍ମିତା ବେହେରା, ବନ୍ଦର ମେଡିକାଲ ଅଧିକାରୀ ଡାକ୍ତର ସୁବାସ ଚନ୍ଦ୍ର ସାହୁଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ଓ ବନ୍ଦରର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଏଡ୍‌ସ ଦିବସ ପାଳିତ




ମହିଳା କଲେଜ ପକ୍ଷରୁ ବାହାରିଥିବା ସଚେତନତା ଶୋଭାଯାତ୍ରା ।

**ଦଶପଲ୍ଲା,୧।୧୨ (ଡି.ଏନ୍.ଏ.)**

ଦଶପଲ୍ଲାର କୃଷ୍ଣପ୍ରିୟା ଦେବୀ ମହିଳା ମହାବିଦ୍ୟାଳୟ ରେଡ୍ ରିବନ କ୍ଲବ୍ ଦ୍ୱାରା ଆୟୋଜିତ ତଥା ୟୁଥ୍ ରେଡକ୍ରସ, ଏନ୍‌ଏସ୍‌ଏସ୍ ଛାତ୍ରୀମାନଙ୍କୁ ନେଇ ବିଶ୍ୱ ଏଡସ୍ ଦିବସ ବୁଧବାର ପାଳିତ ହୋଇଯାଇଛି । ପୂର୍ବାହ୍ନରେ ଛାତ୍ରୀମାନେ ଏକ ସଚେତନତା ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରିଥିଲେ । ପରେ କଲେଜ ପରିସରରେ ଏକ ସଭାର ଆୟୋଜନ କରାଯାଇଥିଲା । ଏଥିରେ ଉଭୟ +୨ ଅଧକ୍ଷା ପୂର୍ଣ୍ଣମାସୀ ଦେବୀ ଏବଂ+୩ ଅଧକ୍ଷା ଦୁର୍ଗାବତୀ ଆଚାର୍ଯ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଡା. ବାସୁଦେବ ଦାସ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଏଡସ୍‌ର କାରଣ,ଜୀବନ ଉପରେ ତାର ପ୍ରଭାବ ସଂକ୍ରାନ୍ତରେ ବୁଝାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ନମିତା ପଣ୍ଡା, ସନ୍ଧ୍ୟାରାଣୀ ମିଶ୍ର, ଅଧ୍ୟାପକ ଧିରେନ୍ଦ୍ର ମହାରଣା ଉକ୍ତ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

## ଭିନ୍ନକ୍ଷମ ନାବାଳିକାଙ୍କୁ ବଳାତ୍କାର ମାମଲା
## ବଳାତ୍କାରୀଙ୍କୁ ୧୦ ବର୍ଷ ଜେଲଦଣ୍ଡ

**ନୟାଗଡ଼ ଅଫିସ,୧।୧୨**

ଭିନ୍ନକ୍ଷମ ନାବାଳିକାଙ୍କୁ ବଳାତ୍କାର ମାମଲାର ରାୟ ନୟାଗଡ ଫାଷ୍ଟଟ୍ରାକ୍ ପୋକ୍‌ସୋ କୋର୍ଟରେ ମଙ୍ଗଳବାର ପ୍ରକାଶ ପାଇଛି। ଏହି ବଳାତ୍କାର ମାମଲାର ବିଚାର କରି ଫାଷ୍ଟଟ୍ରାକ୍ ପୋକ୍‌ସୋ କୋର୍ଟର ସ୍ୱତନ୍ତ୍ର ବିଚାରପତି ଦୋଷୀସାବ୍ୟସ୍ତ ହୋଇଥିବା ବ୍ରଜରାଜ ସାହୁ ଓରଫ ଉଲା(୪୦)ଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସେହିପରି ୨୦ ହଜାର ଟଙ୍କା ଜରିମାନା ଦେବାକୁ କୋର୍ଟ କହିଛନ୍ତି । ଜରିମାନା ଅନାଦେୟ ଅଧିକ ୬ମାସ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି । ସରକାରୀ ଓକିଲ ଅମୀୟ ପଟ୍ଟନାୟକଙ୍କ ସୂଚନା ଅନୁଯାୟୀ, ଇଟାମାଟି ଥାନା ଗଦାଧର ପ୍ରସାଦ ଗାଁର ବ୍ରଜରାଜ ସାହୁ ଗତ ୨୦୧୮ ମେ ୮ରେ ଜଣେ ୧୭ ବର୍ଷିୟା ନାବାଳିକାଙ୍କୁ ବଳତ୍କାର କରିଥିଲେ। ଘରେ ତାଙ୍କ ମା'ବାପା ନ ଥିବା ସୁଯୋଗ ନେଇ ବ୍ରଜରାଜ ତାର ଫାଇଦା ଉଠାଇଥିଲେ। ଏନେଇ ଅଭିଯୋଗ ପରେ ପୋଲିସ ୪୧/୧୮ରେ ମାମଲା ରୁଜୁ କରି ତଦନ୍ତ କରିଥିଲା । ପରେ ବଳତ୍କାରୀଙ୍କୁ ଗିରଫ କରି ଜେଲ ପଠାଇଥିଲା । ବ୍ରଜରାଜ ସେଦିନଠାରୁ ଜେଲରେ ଅଛନ୍ତି ।

## ଥାନା ପରିସରରୁ ଚନ୍ଦନ ଗଛ କାଟିନେଲେ ଦୁର୍ବୃତ୍ତ

**ରାୟଗଡ଼(ଗଜପତି),୧।୧୨**

ରାୟଗଡ଼ ଥାନାରେ ଥାନା ପରିସର ମଧ୍ୟରେ ଥିବା ଏକ ଚନ୍ଦନ ଗଛକୁ ମଙ୍ଗଳବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ କାଟି ନେଇଯାଇଛନ୍ତି। ଥାନା ପରିସର ସମ୍ପୂର୍ଣ୍ଣ ଲୁହା ତାରରେ ବାଡ ମଧ୍ୟରେ ରହିଥିବା ବେଳେ ଥାନାଧିକାରୀ ଓ ଏସ୍‌ଆଇ ଛୁଟିରେ ରହିଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ରାତିରେ ଥାନା ଭିତରେ ପଶି ଚନ୍ଦନ ଗଛକୁ କାଟି ନେଇଥିଲେ। ରାତ୍ର ଗୃହରକ୍ଷୀମାନେ ଡିୟୁଟିରେ ଥିବା ବେଳେ ଏଭଳି ଏକ ମୂଲ୍ୟବାନ ଗଛକୁ ଦୁର୍ବୃତ୍ତମାନେ କାଟି ନେଇଯାଇଥିବା ବେଳେ କେମିତି କେହି ଜାଣିପାରିଲେ ନାହିଁ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଦୃବର୍ତ୍ତମାନଙ୍କୁ ତୁରନ୍ତ ଗିରଫ କରିବାକୁ ସାଧାରଣରେ ଦାବି ହେଉଛି।

## ରାଜୀବ ମାର୍କେଟରେ ପାର୍କିଂ, ଶୌଚାଳୟ ସୁବିଧା ନାହିଁ

### ବ୍ୟବସାୟୀମାନଙ୍କ ରାସ୍ତାରୋକୋ

**ନୟାଗଡ଼ ଅଫିସ,୧।୧୨**

ନୟାଗଡ଼ ମ୍ୟୁନିସିପାଲିଟି ପକ୍ଷରୁ ନିର୍ମାଣ ହୋଇଥିବା ରାଜୀବ ମାର୍କେଟରେ ପାର୍କିଂ ଓ ଶୌଚାଳୟ ସୁବିଧା ନାହିଁ। ଏ ସଂକ୍ରାନ୍ତରେ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅବଗତ କଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ । ଏ ନେଇ ସ୍ଥାନୀୟ ବ୍ୟବସାୟୀମାନେ ବୁଧବାର ମଧ୍ୟାହ୍ନରେ ରାସ୍ତାରୋକୋ କରିଥିଲେ। ଖବର ପାଇ ନୟାଗଡ଼ ଟାଉନ ଥାନା ପୋଲିସ ଓ ପୌର କର୍ମଚାରୀମାନେ ଆନ୍ଦୋଳନରତ ବ୍ୟବସାୟୀମାନଙ୍କୁ ବୁଝାସୁଝା କରିବା ପରେ ଓଡ଼ଗାଁ–ନୟାଗଡ଼ ରାସ୍ତାରୁ ଧାରଣା ପ୍ରତ୍ୟାହୃତ ହୋଇଥିଲା । ବ୍ୟବସାୟୀମାନେ କହିଛନ୍ତି, ମ୍ୟୁନିସିପାଲିଟି ପକ୍ଷରୁ ରାଜୀବ ମାର୍କେଟ ସ୍ଥାପନ କରାଗଲା । ହେଲେ ପାର୍କିଂ ଓ ଶୌଚାଳୟ ସୁବିଧା କରାଯାଇ ନ ଥିବାରୁ ବ୍ୟବସାୟୀ,ଗ୍ରାହକମାନେ ହଇରାଣ ହେଉଛନ୍ତି । ଗ୍ରାହକମାନେ ମାର୍କେଟକୁ ଆସି ରାସ୍ତା ଉପରେ ଯାନବାହନ ରଖୁଛନ୍ତି । ସେପଟେ ଟ୍ରାଫିକ ଜାମ୍ ଦର୍ଶାଇ ପୋଲିସ ପକ୍ଷରୁ ଫାଇନ ଆଦାୟ କରାଯାଉଛି । ପାର୍କିଂ ଓ ଶୌଚାଳୟ ବ୍ୟବସ୍ଥା କରିବା ପାଇଁ ବିଭିନ୍ନ ସମୟରେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ ।

## ଶୃଙ୍ଖଳିତ ଜୀବନଚର୍ଯ୍ୟା ପାଇଁ ପରାମର୍ଶ

### ଏଡ୍‌ସ ସଚେତନତା ଶୋଭାଯାତ୍ରା

**ଓଡ଼ଗାଁ,୧।୧୨ (ସ୍ୱ.ପ୍ର.)**

ନୟାଗଡ଼ ଜିଲା ଓଡ଼ଗାଁରେ ପ୍ରଥମ ଏଡସ୍ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିଲା। ଏହାସହିତ ପଡୋଶୀ ଗ୍ରାମରେ ସୁରତ ଫେରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇଥିଲା । ଏହି କାରଣରୁ ଉଭୟ ଜିଲା ସୀମାନ୍ତରେ ଥିବା କୁରାଳ ଦଧିବାମନଜୀଉ ସଂସ୍କୃତ ମହାବିଦ୍ୟାଳୟ ୟୁନିଟ ଦ୍ୱାରା ଏଡସ୍ ସଚେତନତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବୁଧବାର ବିଶ୍ୱ ଏଡସ୍ ଦିବସ ଅବସରରେ ଉକ୍ତ କଲେଜ ଜାତୀୟ ସେବା ଯୋଜନା ଆନୁକୁଲ୍ୟରେ ଏକ ସଚେତନତା ଶୋଭାଯାତ୍ରା, ପଥପ୍ରାନ୍ତ ସଭା ଆୟୋଜନ କରାଯାଇଥିଲା । ଜାତୀୟ ସେବା ଯୋଜନା ଅଧିକାରିଣୀ ସୁଷମା ମଞ୍ଜରୀ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ମହାବିଦ୍ୟାଳୟର ଛାତ୍ରୀଛାତ୍ର କଲେଜରୁ ଶୋଭାଯାତ୍ରାରେ ବାହାରି ନାଥିଆପଲ୍ଲି ଓ ଟାଙ୍ଗିସାହି ଗ୍ରାମ ପରିକ୍ରମା କରିବା ସହିତ ଏଡସ୍ ସଚେତନତା ବାର୍ତ୍ତା ପ୍ରଚାର କରିଥିଲେ। କଲେଜ ପରିସରରେ ଆୟୋଜିତ ସଭାରେ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ଶୃଙ୍ଖଳିତ ଜୀବନଚର୍ଯ୍ୟା ମଧ୍ୟରେ ରହିବାକୁ ପରାମର୍ଶ ଦେଇଥିଲେ । ଅଧ୍ୟାପକ କୃଷ୍ଣ ଚନ୍ଦ୍ର ସାହୁ, ବିଜୟାନନ୍ଦ ଶତପଥୀ ଓ ଭାବଗ୍ରାହୀ କର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ମାଙ୍କଡ଼ା ଖଣି ଉପରେ ଚଢ଼ାଉ

### ଜେସିବି, ଟ୍ରକ, ମିନିଟ୍ରକ ଓ ଟ୍ରାକ୍ଟର ଜବତ

**ଓଡ଼ଗାଁ,୧।୧୨ (ସ୍ୱ.ପ୍ର.)**

ବହୁବର୍ଷ ଧରି ଏକାଧିକ ବ୍ୟକ୍ତିଗତ ଜମିରେ ବେଆଇନ ଭାବେ ମାଙ୍କଡା ପଥର ଖଣି ଚାଲିଛି। ହେଲେ ବୁଧବାର ମଧ୍ୟାହ୍ନରେ ଏପରି ଏକ ଖଣି ଉପରେ ରାଜସ୍ୱ ବିଭାଗ ଚଡାଉ କରିଛି । ସ୍ଥାନୀୟ ତହସିଲଦାର ବିଜୟିତା ସାମନ୍ତସିଂହାରଙ୍କ ନିର୍ଦ୍ଦେଶ କ୍ରମେ ଓଡ଼ଗାଁର ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କ କୋମଣ୍ଡସ୍ଥିତ ଖଣି ଉପରେ ରାଜସ୍ୱ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଚଡାଉ କରିଥିଲେ । ଚଡାଉ ବେଳେ ଖଣିରେ କାମ କରୁଥିବା ଶ୍ରମିକ ଓ ଉପସ୍ଥିତ ଥିବା ମାଲିକ ଛତ୍ରଭଙ୍ଗ ଦେଇଥିଲେ। ବିଭାଗୀୟ ଅଧିକାରୀମାନେ ଘଟଣାସ୍ଥଳରୁ ଓଡି ୨୫ଇ ୧୨୧୫ ନମ୍ବର ବିଶିଷ୍ଟ ଜେସିବି, ଓଆର୦୪ଇ ୫୨୮୪ ନମ୍ବର ବିଶିଷ୍ଟ ଟ୍ରକ, ଓଡି୦୨ବିଏଫ୍ ୨୯୮୪ ନମ୍ବର ବିଶିଷ୍ଟ ମିନିଟ୍ରକ(୪୦୭) ଏବଂ ଓଡି୨୫ଏଚ୍ ୭୦୬୦ ନମ୍ବର ବିଶିଷ୍ଟ ଟ୍ରାକ୍ଟର ଜବତ କରିଛନ୍ତି ।



ସେହି ଗାଡ଼ିଗୁଡ଼ିକୁ ସ୍ଥାନୀୟ ପୋଲିସ ସହାୟତାରେ ଆଦର୍ଶ ଥାନାକୁ ହସ୍ତାନ୍ତର କରାଯାଇଛି । ଅତିରିକ୍ତ ତହସିଲଦାର ଭଗବାନ ନାୟକ, କୋମଣ୍ଡ ଆରଆଇ ସୁଧୀର କୁମାର ପରିଡ଼ା ଓ ଓଡ଼ଗାଁ ଆରଆଇ ବଳରାମ ସାହୁ ଏହି ଚଡାଉରେ ସାମିଲ ହୋଇଥିଲେ। ଅନ୍ୟପକ୍ଷେ ସମ୍ପୃକ୍ତ ଖଣି ମାଲିକ ନିଜକୁ କେନ୍ଦ୍ରୀୟ ଗୁଇନ୍ଦା ସଂସ୍ଥାର ଅଧିକାରୀ ତଥା ସ୍ଥାନୀୟ ରାଜନେତାଙ୍କ ଅତ୍ୟନ୍ତ ପାଖ ଲୋକ ବୋଲି ପରିଚୟ ଦେଇ ଏଭଳି ବେଆଇନ କାମ ଚଳାଇଥିବା ଖବର ମିଳିଛି ।

